ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୨/୨୦୨୨ (୧୮ ପୃଷ୍ଠା) | Bhubaneswar, Tuesday, November 22/2022 | Page 18 | ₹ 7.00 | ★★★★★★
୪୮ଶ ଭାଗ ୩୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 356 | ମୂଲ୍ୟ₹୭/-



**ସୁସ୍ଥ ଅଛନ୍ତି ମୁନ୍‌ମୁନ୍**

ଜର୍ମାନୀରେ ଦୁର୍ଘଟଣାର ଶିକାର ହେବା ପରେ ହିନ୍ଦୀ ସିରିଏଲ୍ ଅଭିନେତ୍ରୀ ମୁନ୍‌ମୁନ୍ ଦତ୍ତା ସୁସ୍ଥ ଥିବା ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଶେୟାର କରି କହିଛନ୍ତି।

୧୪

୧୮

**ଜଗଦୀଶାନଙ୍କ ବିଶ୍ୱରେକର୍ଡ**

ଅରୁଣାଚଳ ପ୍ରଦେଶ ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚରେ ବ୍ୟକ୍ତିଗତ ସର୍ବାଧିକ ୨୭୭ ରନ କରି ତାମିଲନାଡୁର ନାରାୟଣ ଜଗଦୀଶାନ ବିଶ୍ୱରେକର୍ଡ କରିଛନ୍ତି।



# ପ୍ଲାଟଫର୍ମକୁ ଚଢ଼ିଗଲା ମାଲ୍‌ବାହୀ ଟ୍ରେନ୍

## କୋରେଇ ଷ୍ଟେଶନରେ ଦୁର୍ଘଟଣା

- ୩ ମହିଳା ଯାତ୍ରୀ ମୃତ, ୪ ଗୁରୁତର
- ମୃତକଙ୍କ ପରିବାରକୁ ୭ଲକ୍ଷ ଲେଖାଏ କ୍ଷତିପୂରଣ
- ଘଟଣାର ସିଆର୍‌ଏସ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ

**ଯାଜପୁର ଅଫିସ/କୋରେଇ(ସ୍ୱ.ପ୍ର.),୨୧।୧୧**

ପୂର୍ବତଟ ରେଳପଥର ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲା କୋରେଇ ଷ୍ଟେଶନରେ ସୋମବାର ସକାଳେ ଝାଡ଼ଖଣ୍ଡର ଡାଙ୍ଗୋଆପୋଷିରୁ ଗଞ୍ଜାମ ଜିଲା ଛତ୍ରପୁର ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ୫୯ବଗି ବିଶିଷ୍ଟ ଏହି ଟ୍ରେନ୍‌ର ୧୪ଟି ବଗି ଲାଇନଚ୍ୟୁତ ହେବା ସହ ୮ଟି ପ୍ଲାଟଫର୍ମ ଉପରକୁ ଚଢ଼ିଯାଇଛି। ଫଳରେ ଉକ୍ତ ପ୍ଲାଟ୍‌ଫର୍ମରେ ଥିବା ଯାତ୍ରୀ ବିଶ୍ରାମାଗାରରେ ଡିଏମ୍‌ୟୁ ଟ୍ରେନକୁ ଅପେକ୍ଷାରତ ୩ଜଣ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପାଣିକୋଇଲି ଥାନା ଉଚିଣ୍ଡା ଗ୍ରାମର ଶାଶୁବୋହୂ ପାର୍ବତୀ ବିନ୍ଧାଣୀ(୫୦) ଓ କଣ୍ଢେଇ ବିନ୍ଧାଣୀ(୨୭) ଏବଂ କୋରେଇ ଥାନା ଫାଜଲପୁର ଗ୍ରାମର ଅବଜୁଲ ବିବି(୩୭)। ଅନ୍ୟପକ୍ଷେ ଏହି ଦୁର୍ଘଟଣାରୁ କଣ୍ଢେଇଙ୍କ ଅଢେଇ ବର୍ଷର ଶିଶୁପୁତ୍ର ବର୍ତ୍ତିଯାଇଥିବାବେଳେ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୋରେଇ ଥାନା ଧନେଶ୍ୱର ଗ୍ରାମର ମାଧବାନନ୍ଦ ବାରିକ(୫୭), ରମେଶ ଜେନା(୩୫), ବିଶ୍ୱଜିତ୍ ବିନ୍ଧାଣୀ(ଅଢେଇ ବର୍ଷ) ଓ ସେକ ସଚିନ(୩୨)। ଆହତଙ୍କୁ ପ୍ରଥମେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଉକ୍ତ ଲାଇନ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଟ୍ରେନ୍ ଲାଇନ୍‌ଚ୍ୟୁତ ଯୋଗୁ କୋରେଇ ପ୍ଲାଟଫର୍ମର ଗୋଟିଏ ପାର୍ଶ୍ୱ ଚୂରମାର ହୋଇଯାଇଛି।



ଖବର ଲେଖାହେବା ପର୍ଯ୍ୟନ୍ତ କୋରେଇ, ଯାଜପୁର ରୋଡ୍ ଓ ପାଣିକୋଇଲି ଥାନା ପୋଲିସ ଏବଂ ବରୁଣ୍ଡେଇ, ଯାଜପୁରରୋଡ ଓ ସୁକିନ୍ଦା ଅଗ୍ନିଶମ, ଓଡ୍ରାଫ୍, ଆର୍‌ପିଏଫ୍ ଏବଂ ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଦୁର୍ଘଟଣା ପରେ ରେଳ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ସହାୟତା ରାଶି ଘୋଷଣା କରାଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ମନ୍ତ୍ରଣାଳୟ ପକ୍ଷରୁ ଗୁରୁତର ଆହତଙ୍କ ଚିକିତ୍ସା ପାଇଁ ୧ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୨୫ହଜାର ସହାୟତା ଘୋଷଣା କରାଯାଇଛି। ଦୁର୍ଘଟଣା ପରେ ଏହି ରୁଟ୍‌ରେ ଯିବାକୁ ଥିବା ୧୫ଟି ଟ୍ରେନ୍‌ର ଚଳାଚଳ ବାତିଲ ☞ପୃଷ୍ଠା-୪

## ବଟି ଆଦାୟ ଭିଡିଓ ଭାଇରାଲ, ବଦଳିଲେ ଥାନାଧିକାରୀ

**ବାଲିଯାତ୍ରା ପାର୍କିଂ ଟେଣ୍ଡର ନେଇଥିବା ବ୍ୟକ୍ତିଙ୍କଠାରୁ ୫୦ ହଜାର ଦାବି**

**କଟକ ଅଫିସ,୨୧।୧୧**

କଟକ ବାଲିଯାତ୍ରାରେ ପାର୍କିଂ ଟେଣ୍ଡର ନେଇଥିବା ଜଣେ ବ୍ୟକ୍ତିଙ୍କଠାରୁ ବଟି ଦାବି କରିବା ଏବଂ ନ ଦେଲେ ମିଥ୍ୟା କେସ୍‌ରେ ଫସାଇ ଦେବାକୁ ମଧ୍ୟ ଧମକ ଦେଉଥିଲେ ଥାନାଧିକାରୀ। ଏହାର ଭିଡିଓ ଭାଇରାଲ ହେବା ପରେ କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ୟାଣ୍ଟନମେଣ୍ଟ ଥାନାଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ଡିସିପିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଏଥିସହ ଦରଘାବଜାର ଥାନାଧିକାରୀ ପ୍ରଦୀପ ପ୍ରଧାନଙ୍କୁ ଅତିରିକ୍ତ ଭାବେ କ୍ୟାଣ୍ଟନମେଣ୍ଟ ଥାନାର ଆଇଆଇସି ଦାୟିତ୍ୱରେ ରଖାଯାଇଥିବା ଅତିରିକ୍ତ ଡିସିପି ଅନିଲ ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ଭାଜପା ପକ୍ଷରୁ ଡିଜିପିଙ୍କ ☞ପୃଷ୍ଠା-୪




# ଜାଭାରେ ଭୂକମ୍ପ: ୧୬୨ ମୃତ

**ସିଆଞ୍ଜୁର(ଇଣ୍ଡୋନେସିଆ),୨୧।୧୧**

ଇଣ୍ଡୋନେସିଆର ଜାଭା ଦ୍ୱୀପରେ ସୋମବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୧୬୨ ଜଣ ପ୍ରାଣ ହରାଇଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଜରୁରୀ ଡାକ୍ତରୀ ଟିମ୍ ଆହତମାନଙ୍କୁ ମୁଖ୍ୟ ହସ୍ପିଟାଲ ବାହାରେ, ଛାତ ଉପରେ ଓ ପାର୍କିଂ ସ୍ଥାନରେ ଚିକିତ୍ସା କରୁଥିବା ଦେଖାଯାଇଛି। ପିଲାଙ୍କ ସମେତ ଅଧିକାଂଶ ଆହତଙ୍କୁ ଅକ୍ସିଜେନ୍ ମାସ୍କ ଏବଂ ଆଇଭି ଲାଇନ ଯୋଗାଇ ଦିଆଯାଇଛି। ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଭୂକମ୍ପରେ ବହୁ ଘରଦ୍ୱାର ଭାଙ୍ଗିଥିବାବେଳେ ଜୀବନ ବଞ୍ଚାଇବା ପାଇଁ ଲୋକେ ରାସ୍ତାକୁ ଚାଲିଆସିଥିଲେ। ରାଜଧାନୀ ଜାକର୍ତ୍ତାଠାରୁ ୭୫ କି.ମି. ଦକ୍ଷିଣପୂର୍ବରେ ଅବସ୍ଥିତ ପଶ୍ଚିମ ଜାଭା ପ୍ରଦେଶ ସିଆଞ୍ଜୁର ଅଞ୍ଚଳର ୧୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ। ୫.୬ ତୀବ୍ରତାର କମ୍ପନ ଅନୁଭୂତ ହୋଇଥିବା ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଭୂକମ୍ପରେ ୧୬୨ ଜଣଙ୍କ ମୃତ୍ୟୁ ହେବା ସହ ୩୨୬ ଜଣ ଆହତ ହୋଇଥିବା ପଶ୍ଚିମ ଜାଭା ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

**କୋରେଇ ଦୁର୍ଘଟଣା**

## ୨୦୩୦ ପୂର୍ବରୁ ଚନ୍ଦ୍ରରେ ବାସ କରିବ ମଣିଷ

**ୱାଶିଂଟନ୍, ୨୧।୧୧**

ଚନ୍ଦ୍ରରେ ଜୀବଜଗତ ତିଷ୍ଠିବା ସମ୍ଭାବନା ନେଇ ବୈଜ୍ଞାନିକମାନଙ୍କ ଅଧ୍ୟୟନ ଜାରି ରହିଛି। ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ସମ୍ବନ୍ଧରେ ବହୁ ତଥ୍ୟ ବିଶେଷଜ୍ଞଙ୍କ ହସ୍ତଗତ ହୋଇଥିଲେ ହେଁ ଅନେକ କଥା ଏ ପର୍ଯ୍ୟନ୍ତ ଅଜଣା ରହିଛି। ଏ ଦିଗରେ ବୈଜ୍ଞାନିକମାନେ ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି। ମଣିଷ ଚନ୍ଦ୍ରରେ ବାସ କରିବା ଲାଗି ଯେଉଁ ସ୍ୱର୍ଣ୍ଣିମ ମୁହୂର୍ତ୍ତକୁ ଅପେକ୍ଷା କରିଛି, ତାହା ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି। ୨୦୩୦ ପୂର୍ବରୁ ମଣିଷ ଚନ୍ଦ୍ରରେ ବାସ କରିବ ବୋଲି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) କହିଛି। ଖାଲି ମଣିଷ ନୁହେଁ, ବିଭିନ୍ନ ପ୍ରକାର ଜୀବଜନ୍ତୁ ଓ ଉଦ୍ଭିଦ ଚନ୍ଦ୍ର ପୃଷ୍ଠରେ ବିକଶିତ ହେବେ।

ଆମେରିକୀୟ ଏଜେନ୍ସି ଓରିଓନ୍ ଲୁନାର ସ୍ପେସ୍‌କ୍ରାଫ୍ଟ ପ୍ରୋଗ୍ରାମର ମୁଖ୍ୟ ହୋୱାର୍ଡ ହୁ କହିଛନ୍ତି ଯେ, ଆସନ୍ତା ୧୦ ବର୍ଷରୁ କମ୍ ସମୟ ମଧ୍ୟରେ ମଣିଷ ଚନ୍ଦ୍ରରେ ବାସ କରିବ। ଜୀବଜନ୍ତୁଙ୍କ ଜୀବନଯାପନ ମଧ୍ୟ ସମ୍ଭବପର ହେବ, ଯେଉଁମାନଙ୍କୁ ମଣିଷ ନିଜ କାର୍ଯ୍ୟରେ ସହଯୋଗୀ ଭାବେ ବ୍ୟବହାର କରିବେ। ଆଗାମୀ ଦିନରେ ଚନ୍ଦ୍ର ☞ପୃଷ୍ଠା-୪




1585-2022



ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ସୋମବାର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମାରୋହ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ସମ୍ପାଦକ ତଥାଗତ ସତପଥୀ।




ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚାସୀନ ଅଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ତଥା ଧରିତ୍ରୀ ସାହିତ୍ୟାୟନ ସମ୍ପାଦନା ଦାୟିତ୍ୱରେ ଥିବା ଡ. ହୃଷୀକେଶ ମଲ୍ଲିକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।





ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମବେତ ହୋଇଥିବା ଧରିତ୍ରୀ ପରିବାରର ସଦସ୍ୟ ଏବଂ ଖବରଦାତାମାନେ।

## ଧରିତ୍ରୀ ପରିବାର ସଦସ୍ୟଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ









ସମାରୋହରେ ଉଦ୍‌ବୋଧନ ଦେଉଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ




























# ବଦଳିବ ଭଗବତୀ, ଉଗ୍ରତାରା ପୀଠ ରୂପରେଖ

**ଖୋର୍ଦ୍ଧା ଅଫିସ/ବାଣପୁର/ଗମ୍ଭାରୀମୁଣ୍ଡା/ନିରାକାରପୁର,୨୧।୧୧(ଡି.ଏନ୍.ଏ)**

■ ପ୍ରସ୍ତାବିତ ପ୍ରକଳ୍ପ ଅନୁଧ୍ୟାନ କଲେ ୫-ଟି ସଚିବ
■ ମାଷ୍ଟର ପ୍ଲାନ ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ


୫–ଟି ସଚିବ ଭି.କେ. ପାଣ୍ଡିଆନ ସେବାୟତଙ୍କ ସହ ଆଲୋଚନା କରୁଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫–ଟି ସଚିବ ଭି.କେ.ପାଣ୍ଡିଆନ ସୋମବାର ଖୋର୍ଦ୍ଧା ଗସ୍ତରେ ଆସି ବାଣପୁରସ୍ଥିତ ମା'ଭଗବତୀ ଓ ଟାଙ୍ଗୀ ଭୂଷଣ୍ଡପୁରସ୍ଥିତ ଉଗ୍ରତାରା ପୀଠ ପରିଦର୍ଶନ କରିଛନ୍ତି। ମା'ଙ୍କ ନିକଟରେ ସେ ପୂଜାର୍ଚ୍ଚନା ସହ ଏହି ଦୁଇଟି ପୀଠର ଭିତ୍ତିଭୂମି ବିକାଶ, ଅତ୍ୟାଧୁନିକ ସେବା ଯୋଗାଇଦେବା ଲାଗି ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ ନିମନ୍ତେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସକାଳ ୬ଟା ୧୦ରେ ୫–ଟି ସଚିବ ଭଗବତୀ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା, ଜିଲାପାଳ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ୫–ଟି ସଚିବ ଭଗବତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ବେଢ଼ା ବୁଲିବା ସହ ସେବାୟତଙ୍କ ସହିତ ଆଲୋଚନା କରିଥିଲେ। ପରେ ମନ୍ଦିରର ଉନ୍ନତି ଲାଗି ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ପ୍ରମୁଖ ଉନ୍ନୟନ ପ୍ରକଳ୍ପଗୁଡିକ ମଧ୍ୟରେ ମନ୍ଦିର ଜମିର ସୀମା ନିର୍ଦ୍ଧାରଣ, ଜବରଦଖଲକାରୀଙ୍କୁ ଉଚ୍ଛେଦ, ମନ୍ଦିର ପଛପଟ ପାଚେରି ସମ୍ପ୍ରସାରଣ, ବସଷ୍ଟାଣ୍ଡ ନିର୍ମାଣ ଓ ପାର୍କିଂ ବ୍ୟବସ୍ଥା, ଦୋଳବେଦି ଛକରୁ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ୧୦ ମିଟର ପ୍ରଶସ୍ତୀକରଣ, ଯାତ୍ରୀ ନିବାସ, କଲ୍ୟାଣ ମଣ୍ଡପ, ମୁଖ୍ୟ ମନ୍ଦିରର ପୁନରୁଦ୍ଧାର, ସର୍ବସାଧାରଣ ପ୍ରସାଦ ସେବନ ଗୃହ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ନିଯୋଗୀ ବୈଠକ ଗୃହ ନିର୍ମାଣ ସହ ଐତିହାସିକ ଦକ୍ଷେଶ୍ୱର ମନ୍ଦିରର ପୁନରୁଦ୍ଧାର ରହିଛି। ଉକ୍ତ ପ୍ରକଳ୍ପଗୁଡ଼ିକ ପାଇଁ ୫–ଟି ସଚିବ ମନ୍ଦିର ପ୍ରଶାସନ, ବାଣପୁର ଜନସାଧାରଣ ଏବଂ ସେବାୟତଙ୍କ ସହ ଆଲୋଚନା କରି ତୁରନ୍ତ ପ୍ଲାନ ଏଷ୍ଟିମେଟ ପଠାଇବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ଦିର ପରିସରରେ ୧୫ମିନିଟ୍ ଅତିବାହିତ କରିଥିଲେ।

ଏହାପରେ ୫–ଟି ସଚିବ ମା'ଉଗ୍ରତାରାଙ୍କ ପୀଠରେ ପହଞ୍ଚିଥିଲେ। ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ମନ୍ଦିର ଚାରିପଟ ବୁଲି ଦେଖିଥିଲେ। ମନ୍ଦିର ସୌନ୍ଦର୍ଯ୍ୟକରଣ ନିମନ୍ତେ ଜିଲାପାଳ, ମନ୍ଦିର ଟ୍ରଷ୍ଟ ସଦସ୍ୟ, ପୂଜକଙ୍କ ସହ ଆଲୋଚନା କରିଥିଲେ। ଜାତୀୟ ରାଜପଥଠାରୁ ମନ୍ଦିର ପର୍ଯ୍ୟନ୍ତ ଆଲୋକୀକରଣ, ଯାତ୍ରୀନିବାସ ଓ କଲ୍ୟାଣ ମଣ୍ଡପ ଗୃହ ନିର୍ମାଣ ପାଇଁ ସେବାୟତ ଓ ଜନପ୍ରତିନିଧି ପ୍ରସ୍ତାବ ଦେଇଥିଲେ। ମନ୍ଦିରର ଉନ୍ନତି ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ ଭୁବନେଶ୍ୱର ଫେରିଯାଇଥିଲେ। ୫–ଟି ସଚିବଙ୍କ ଗସ୍ତ ସମୟରେ ଭଗବତୀ ପୀଠରେ ଜିଲାପାଳ ଏବଂ ଏସ୍‌ପିଙ୍କ ସମେତ ଅତିରିକ୍ତ ଜିଲାପାଳ, ବାଲୁଗାଁ ଏସଡିପିଓ, ବାଣପୁର ଆଇଆଇସି, ତହସିଲଦାର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, ଏନ୍‌ଏସି ଅଧ୍ୟକ୍ଷ, ଜିଲା ପରିଷଦ ଉପାଧ୍ୟକ୍ଷା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉଗ୍ରତାରାଙ୍କ ପୀଠରେ ଟାଙ୍ଗୀ ତହସିଲଦାର, ବ୍ଲକ ଅଧ୍ୟକ୍ଷା, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକନାଥ ମନ୍ଦିର ଲାଗି ୨୮, ଅଲାରନାଥ ପୀଠ ଲାଗି ୮ କୋଟି

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

**ମାଷ୍ଟରପ୍ଲାନ ଅନୁମୋଦନ**
■ ବର୍ଷକ ଭିତରେ ସରିବ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ
■ ଓଡ଼ିଶା ବ୍ରିଜ କନଷ୍ଟ୍ରକଶନ କର୍ପୋରେଶନ ଦ୍ୱାରା ହେବ କାମ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପୁରୀର ଲୋକନାଥ ମନ୍ଦିର ଓ ବ୍ରହ୍ମଗିରିର ଅଲାରନାଥ ପୀଠର ଉନ୍ନତି ପାଇଁ ପ୍ରସ୍ତାବିତ ମାଷ୍ଟରପ୍ଲାନ ଅନୁମୋଦନ କରିଛନ୍ତି। ଲୋକନାଥ ମନ୍ଦିରର ବିକାଶ ପାଇଁ ୨୮ କୋଟି ଏବଂ ଅଲାରନାଥ ମନ୍ଦିର ଲାଗି ୮ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଉଭୟ ମନ୍ଦିରର ପୁନଃ–ଉନ୍ନୟନ କାର୍ଯ୍ୟ ବର୍ଷକ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି।

ଲୋକନାଥ ମନ୍ଦିରର ମାଷ୍ଟରପ୍ଲାନ ଅନୁଯାୟୀ ମନ୍ଦିର ଭିତର, ବାହାର ବେଢ଼ାର ଉନ୍ନତୀକରଣ ହେବା ସହିତ ସେବାୟତ ଓ ଭକ୍ତମାନଙ୍କ ପାଇଁ ବିଭିନ୍ନ ସୁବିଧା କରାଯିବ। ଏହାବ୍ୟତୀତ ପାର୍କିଂ, ଆଧୁନିକ ଧାଡି ପରିଚାଳନା ବ୍ୟବସ୍ଥା, ଆପ୍ରୋଚ ରୋଡର ଉନ୍ନତୀକରଣ ଏବଂ ପଶ୍ଚିମ ଦ୍ୱାରରେ ସେବାୟତଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ରହିବ। ଭିତର ବେଢ଼ାରେ ପୁରୁଣା ମାର୍ବଲ ପଥର ସବୁ କାଢ଼ି ଖଣ୍ଡେଲାଇଟ୍ସ ପଥର ଲାଗିବ। ମନ୍ଦିର ବଗିଚାର ଉନ୍ନତୀକରଣ କରାଯାଇ ଲ୍ୟାଣ୍ଡ ସ୍କେପିଂ କରାଯିବ। ଏହାଛଡା ମନ୍ଦିର ପାଚେରିର ମରାମତି ସହିତ ଆଲୋକୀକରଣର ବ୍ୟବସ୍ଥା ମଧ୍ୟ ହେବ। ବାହାର ବେଢ଼ାକୁ ସମ୍ପ୍ରସାରିତ କରାଯିବା ସହିତ ଭାଙ୍ଗିଯାଇଥିବା ସ୍ଥାନଗୁଡ଼ିକର ମରାମତି, ନୂତନ ରାସ୍ତା, ଲ୍ୟାଣ୍ଡ ସ୍କେପିଂ, ଆଲୋକୀକରଣ, ବସାଉଠା ପାଇଁ ସ୍ଥାନ ଓ ୨ଟି ମୁଣ୍ଡନ ମଣ୍ଡପର ବିକାଶ କରାଯିବ। ଡ୍ରେନେଜ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ମନ୍ଦିର ଭିତର ଏବଂ ବାହାର ଉଭୟ ପାର୍ଶ୍ୱରେଏହି ବ୍ୟବସ୍ଥାକୁ ସୁଦୃଢ କରାଯିବ। ସେହିପରି ବ୍ରହ୍ମଗିରିର ପ୍ରସିଦ୍ଧ ଅଲାରନାଥ ମନ୍ଦିରର ବିକାଶ ମଧ୍ୟ କରାଯିବ। ପୁରୀଠାରୁ ୨୪ କି.ମି. ଓ ସାତପଡାଠାରୁ ୨୫ କି.ମି. ଦୂରରେ ଥିବା ଏହି ପୀଠ ପଞ୍ଚଦଶ ଓ ଷୋଡଶ ଶତାବ୍ଦୀରେ ନିର୍ମିତ ହୋଇଥିବା ବିଶ୍ୱାସ କରାଯାଏ। ମାଷ୍ଟରପ୍ଲାନ ଅନୁଯାୟୀ ଏହାର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ, ସ୍ଥାନୀୟ ଭିତର ରାସ୍ତା, ଅରୁଣ ସ୍ତମ୍ଭ, ଚନ୍ଦନ ପୋଖରୀ ଆଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ ସହିତ ପୂରା ଅଞ୍ଚଳକୁ ବିକଶିତ କରାଯାଇ ଏକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯିବ। ଏହାର ପ୍ରବେଶ ଦ୍ୱାରକୁ ପ୍ରଶସ୍ତ କରାଯାଇ ୪୦ ଫୁଟ ଚଉଡା ଓ ୧୮ ଫୁଟ ଉଚ୍ଚ କରାଯିବ। ଏଥିରେ ଖଣ୍ଡେଲାଇଟସ ପଥର ଲଗିବ। ମନ୍ଦିରକୁ ଯାଇଥିବା ରାସ୍ତାକୁ ୪୦ ଫୁଟ ଚଉଡା କରାଯାଇ ଏଥିରେ ପେଭର ବ୍ଲକ ଲଗାଯିବ। ଦୁଇପଟେ ଡ୍ରେନର ବ୍ୟବସ୍ଥା ରହିବ। ଏହାସହିତ ୨ ଓ ୪ ଚକିଆ ଗାଡି ପାଇଁ ପାର୍କିଂ ବ୍ୟବସ୍ଥା ହେବ। ଓଡ଼ିଶା ବ୍ରିଜ କନଷ୍ଟ୍ରକଶନ କର୍ପୋରେଶନ ଦ୍ୱାରା ଉଭୟ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟର କାର୍ଯ୍ୟାନ୍ୱୟନ କରାଯିବ।

# ଶାରଳା ରିଅଲକନ୍‌ର ୧୩.୯୭ କୋଟିର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

**ନିଲାମ କରି ଜମାକାରୀଙ୍କୁ ଟଙ୍କା ଫେରାଅ: ଓପିଆଇଡି କୋର୍ଟ**

ବାସୋପଯୋଗୀ ଜମି ଦେବା ଆଳରେ ଶାରଳା ରିଅଲକନ୍ ପ୍ରାଇଭେଟ୍ ଲିଃ ଜମାକାରୀଙ୍କ ୧୭ କୋଟି ଟଙ୍କା ଠକିବା ମାମଲା କଟକ ଓପିଆଇଡି କୋର୍ଟରେ ବିଚାରାଧୀନ ରହିଛି। ସୋମବାର ଏହାର ଶୁଣାଣି କରି କୋର୍ଟ ଜବତ ୧୩.୯୭ କୋଟିରୁ ଉର୍ଦ୍ଧ୍ୱ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରିବାକୁ କଟକ ଏଡିଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ପତ୍ତିରେ ରହିଛି ୧୩.୮୧ କୋଟିର ୯୫ ଏକର ଜମି, ୧୩.୧୦ ଲକ୍ଷର ଫ୍ରିଜ୍ ବ୍ୟାଙ୍କ ଜମା, ୩.୨୫ କୋଟିର ନଗଦ ଟଙ୍କା ଏବଂ ୪ଟି ଚାରିଚକିଆ ଗାଡ଼ି। ତେବେ ଅସ୍ଥାବର ସମ୍ପତ୍ତିକୁ ନିଲାମ କରି ବିକ୍ରି ଟଙ୍କା ସହ ବ୍ୟାଙ୍କ ଜମାକୁ ମିଶାଇ ମୋଟ ଟଙ୍କାକୁ ଜମାକାରୀଙ୍କୁ ଫେରାଇବାକୁ କୋର୍ଟ କହିଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱର ଓ ଏହାର ଆଖପାଖରେ ଜମି ଦେବାକୁ କହି ୨୦୧୦ରୁ ୨୦୧୩ ମସିହା ମଧ୍ୟରେ ୨୩୮ଜଣ ଜମାକାରୀଙ୍କଠାରୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ତଥା ଅଭିଯୁକ୍ତ ଗୟାଧର ଜେନା ଏବଂ ନିର୍ଦ୍ଦେଶକମାନେ ପ୍ରାୟ ୧୭ କୋଟି ଟଙ୍କା ଠକି ନେଇଥିଲେ। ଉକ୍ତ ଟଙ୍କାରେ ସେମାନେ ବିପୁଳ ସମ୍ପତ୍ତି ଠୁଳ କରିଥିଲେ। ଏନେଇ ଅଭିଯୋଗ ହେବା ପରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ୨୦୧୫ ମାର୍ଚ୍ଚ ୧୫ରେ ଏକ ମାମଲା (ନଂ.୯/୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ବର୍ଷ ଇଓଡବ୍ଲ୍ୟୁ ଗୟାଧର ଓ ୨ ନିର୍ଦ୍ଦେଶକଙ୍କୁ ଗିରଫ କରିଥିଲା। ଏପରିକି ନିର୍ଦ୍ଦେଶକ ଥିବା ଗୟାଧରଙ୍କ ସ୍ତ୍ରୀ ପଙ୍କଜିନୀ ମଧ୍ୟ ଗିରଫ ହୋଇଥିଲେ। ଇଓଡବ୍ଲ୍ୟୁ ତଦନ୍ତ କରି ଚାର୍ଜଶିଟ୍ ଦାଖଲ କରିବା ସହ ଠକେଇ ଟଙ୍କାରେ ହୋଇଥିବା ସମସ୍ତ ସମ୍ପତ୍ତିକୁ ଚିହ୍ନଟ କରିବା ପରେ ତାହାକୁ ବାଜ୍ୟାପ୍ତି କରିବାକୁ ପ୍ରସ୍ତାବ ଦେଇଥିଲା। ଅର୍ଥ ବିଭାଗ ୨୦୧୬ ଅକ୍ଟୋବରରେ ଏହାକୁ ବାଜ୍ୟାପ୍ତି କରିବାକୁ ଏକ ଅର୍ଡର ଦେଇଥିଲା। ଏଥିସହ କଟକ ଓପିଆଇଡି କୋର୍ଟରେ ମାମଲାର ବିଚାର ଚାଲିଥିଲା।

# ଯୁକ୍ତ ୨ ଦ୍ୱିତୀୟ ବର୍ଷର ୯ ଛାତ୍ରଙ୍କୁ କ୍ୟାମ୍ପସ ମନା

**ବ୍ରହ୍ମପୁର ଅଫିସ,୨୧।୧୧**

**ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ରାଗିଂ ଘଟଣା**

ଗଞ୍ଜାମ ଜିଲା ଖଲ୍ଲିକୋଟ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ସହ ରାଗିଂ ନେଇ ଅଭିଯୋଗ ହୋଇଥିଲା। ସୋମବାର ଶିକ୍ଷାନୁଷ୍ଠାନ ପକ୍ଷରୁ ଏହି ଘଟଣାରେ ସମ୍ପୃକ୍ତ ଥିବା ମହାବିଦ୍ୟାଳୟର ଯୁକ୍ତ ୨ କଳା ଦ୍ୱିତୀୟ ବର୍ଷର ୯ ଜଣ ଛାତ୍ରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ କ୍ୟାମ୍ପସ ଭିତରକୁ ପ୍ରବେଶ ବାରଣ କରାଯାଇଛି। ଅଧ୍ୟକ୍ଷ ରାଧାକାନ୍ତ ନାୟକ କହିଛନ୍ତି, ଏହି ଛାତ୍ରମାନେ ପୂର୍ବରୁ ମଧ୍ୟ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ନେଇ ବ୍ରହ୍ମପୁର ଏସ୍‌ପି ଓ ଟାଉନ ଥାନା ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ରାଗିଂ ଘଟଣାରେ ମଧ୍ୟ ଏମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଏଣୁ ମହାବିଦ୍ୟାଳୟ ଆଣ୍ଟି ରାଗିଂ ସେଲ୍ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଉକ୍ତ ଘଟଣାର ତଦନ୍ତକୁ ନେଇ ଆଗାମୀ ନୋଟିସ ଜାରି ନ ହେବା ପର୍ଯ୍ୟନ୍ତ ଏହି ଛାତ୍ରମାନେ କ୍ୟାମ୍ପସ ପରିସରକୁ ପଶିପାରିବେ ନାହିଁ। ଆଣ୍ଟି ରାଗିଂ ସେଲ୍ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କନ୍‌ଭେନର ଡ. ଏ.କେ. ସେଠୀ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏହାପରେ ଚିଠି ନମ୍ବର ୧୧୬୩/୨୨ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଛାତ୍ରୀଙ୍କୁ ରାଗିଂ ଘଟଣା ଦୃଷ୍ଟିକୁ ଆସିଥିଲା। ଜନୈକା ଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନର ଯୁକ୍ତ ୨ ଦ୍ୱିତୀୟ ବର୍ଷର କେତେକ ଛାତ୍ର ଗାଳିଗୁଲଜ, ଖରାପ ଇଙ୍ଗିତ ଓ ଟଣାଓଟରା କରିଥିବା ନେଇ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା।




# ୨୫ରୁ ବଢ଼ିବ ଶୀତ

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

**ଦକ୍ଷିଣ ଓଡ଼ିଶାରେ ହାଲୁକା ବର୍ଷା ସମ୍ଭାବନା**

ତାମିଲନାଡୁ ଓ ଏହାର ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅପସରି ଯାଇଛି। ଆସନ୍ତା ୨୫ରୁ ପୁଣି ଶୀତ ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ଓ ଥଣ୍ଡା ପବନ ପ୍ରବେଶ କରିବ। ଏଥିଯୋଗୁ ସର୍ବନିମ୍ନ ତାପମାତ୍ର ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯିବ। ପୁଣି ଥଣ୍ଡା ପ୍ରକୋପ ବଢ଼ିବା ସମ୍ଭାବନା ରହିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଗଜପତି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଆକାଶ ମେଘାଚ୍ଛନ୍ନ ରହିବା ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୧.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୧୩.୨, ସୁନ୍ଦରଗଡ଼ ୧୩, ବରଗଡ଼ ୧୪.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ବିଧାନସଭାରୁ ହଟିଲା କୋଭିଡ୍ କଟକଣା

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

**ସର୍ବଦଳୀୟ ବୈଠକ**
■ ପ୍ରେସ୍ ଗ୍ୟାଲେରିକୁ ଯାଇପାରିବେ ଗଣମାଧ୍ୟମ ପ୍ରତିନିଧି
■ ପୂର୍ବାହ୍ନ ୧୦ଟା ୩୦ରୁ ସନ୍ଧ୍ୟା ୭ଟା ଯାଏ ଚାଲିବ ବିଧାନସଭା


ସର୍ବଦଳୀୟ ବୈଠକରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ।

ଆସନ୍ତା ୨୪ ତାରିଖରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନରେ ଆଉ କୋଭିଡ୍ କଟକଣା ରହିବ ନାହିଁ। ପୂର୍ବପରି ବିଧାନସଭା ଚାଲିବ। ବିଧାୟକମାନେ ନିଜ ନିଜ ଆସନରେ ବସିବେ। ପ୍ରେସ୍ ଗ୍ୟାଲେରିରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁମତି ମିଳିବ। ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ସାଢ଼େ ଗୋଟାଏ ଏବଂ ଅପରାହ୍ନ ୪ଟାରୁ ୭ଟା ପର୍ଯ୍ୟନ୍ତ ବିଧାନସଭା ଚାଲିବ। ସର୍ବଦଳୀୟ ବୈଠକ ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏହି ସୂଚନା ଦେଇଛନ୍ତି।

ସୋମବାର ବାଚସ୍ପତି ଆରୁଖଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ବିଧାନସଭା ସମ୍ମିଳନୀ କକ୍ଷରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିଛନ୍ତି। ବୈଠକ ପରେ ସେ କହିଛନ୍ତି, ପୂର୍ବରୁ ଥିବା କୋଭିଡ୍ କଟକଣା ହଟିଛି। ସ୍ୱାଭାବିକ ଭାବେ ଗୃହ ଚାଲିବ। ବିଧାୟକ ନିଜ ନିଜ ଆସନରେ ବସି ଅଧିବେଶନରେ ଭାଗନେବେ। ଏଥିସହିତ ଅସୁସ୍ଥତା କାରଣରୁ ଭିଡିଓ କନ୍‌ଫରେନ୍ସିଂରେ ଗୃହକାର୍ଯ୍ୟରେ ଯୋଗଦେବାକୁ ଚାହୁଁଥିବା ସଦସ୍ୟମାନେ ଦରଖାସ୍ତ ଜରିଆରେ ଜଣାଇଲେ ତାଙ୍କୁ ସେହି ସୁବିଧା ଯୋଗାଇଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଆରୁଖ କହିଛନ୍ତି।

ପୂର୍ବରୁ କରୋନା କଟକଣା ଭିତରେ ବିଧାନସଭା ଅଧିବେଶନ ବସୁଥିଲା। ଏହି ବୈଠକରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଜ୍ଞାନ ଓ କାରିଗରି, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଭାଜପା ବିଧାୟକ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ସଦସ୍ୟ ସୁଦାମ ମାର୍ଣ୍ଡି ଏବଂ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏଭଳି ନୂଆ ବ୍ୟବସ୍ଥା ସରକାର ଅଚାନକ ଲାଗୁ କରିଥିବା ବେଳେ ଏହାକୁ ଭାଜପା ବିରୋଧ କରିଛି। ମୁଖ୍ୟମନ୍ତ୍ରୀ କିପରି ବିଧାନସଭା ନ ଆସିବେ ସେଥିପାଇଁ ଭିସି ବ୍ୟବସ୍ଥା ଏକ ବାହାନା ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ, ଏପରି ବ୍ୟବସ୍ଥାକୁ ଭାଜପା ବିରୋଧ କରୁଛି। ବିଧାୟକମାନେ ବିଧାନସଭା ଗରିମା ରକ୍ଷା କରିବା ପାଇଁ ବିଧାନସଭାରେ ଆସି ବସନ୍ତୁ। ସେହିପରି ମୁଲତବୀ ପ୍ରସ୍ତାବ ସବୁବେଳେ ମୁଖ୍ୟ ବିରୋଧୀ ଦଳ ହିଁ ଦେଇଥାଏ। ସେଥିପାଇଁ ମୁଖ୍ୟ ବିରୋଧୀ ଦଳ ହିସାବରେ କେବଳ ଭାଜପାକୁ ହିଁ ସେହି ସୁଯୋଗ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

DADLS - 63



ଓଡ଼ିଶା ସରକାର

**ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**

**୨୨ ନଭେମ୍ବର, ୨୦୨୨**

**ସକାଳ : ଘ.୭.୪୫ ମିନିଟ** ସମୟରେ ୟୁନିଟ–୧, ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ସକାଳ : ୮ ଘଟିକା** ସମୟରେ କଳିଙ୍ଗ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ସାଧାରଣ ସଭା**

**ସନ୍ଧ୍ୟା ଘ.୫.୩୦ ମିନିଟ** — **ଜୟଦେବ ଭବନ, ଭୁବନେଶ୍ୱର**

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ**, ମାନ୍ୟବର ମନ୍ତ୍ରୀ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ

ସମ୍ମାନୀତ ଅତିଥି –**ଶ୍ରୀମତୀ ପଦ୍ମିନୀ ଦିଆନ**, ମାନ୍ୟବର ବିଧାୟକ, କୋଟପାଡ
**ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବାକା**, ମାନ୍ୟବର ବିଧାୟକ, ଚିତ୍ରକୋଣ୍ଡା
**ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ମାଝୀ**, ମାନ୍ୟବର ବିଧାୟକ, ଝରିଗାଁ

ମୁଖ୍ୟବକ୍ତା – **ପ୍ରଫେସର ଡଃ. ତପନ ପଣ୍ଡା**, ପ୍ରୋ ଭାଇସ୍ ଚାନସେଲର,
ମିଟ ୱାର୍ଲଡ୍ ପିସ୍ ୟୁନିଭରସିଟି, ପୁନେ ।

ସଭା ପରେ ଜୟପୁର, କୋରାପୁଟର **ମୋନାଲିସା ପଣ୍ଡା** ଓ ସାଥୀ କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସଂଗୀତ ପରିବେଷଣ

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0189/2223

**ଆଜିର ମନ୍ତବ୍ୟ**

"ଭାରତ ଆସନ୍ତା ବର୍ଷ ଲାଗି ଜି୨୦ର ଅଧ୍ୟକ୍ଷତା ଗ୍ରହଣ କରିଛି। କଶ୍ମୀର ପ୍ରସଙ୍ଗ ସମାଧାନରେ ପାକିସ୍ତାନ ସହ ଆଲୋଚନା ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅନ୍ତ ଘଟାଇବାରେ ନୂଆଦିଲ୍ଲୀ ଏହାକୁ ସୁଯୋଗ ଭାବେ ନେଇପାରିବ।
– ଫାରୁକ୍ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୋବ ଧୋବଲିଆ ଚୋରି କରନ୍ତି
ରଙ୍କୁଣୀ ଦେଖିଲେ ମାରି ଗୋଡାନ୍ତି।**

କ୍ଷମତାରେ ଥିବା କିଛି ବ୍ୟକ୍ତି ନିଜ ପଦବୀର ଅପବ୍ୟବହାର କରି ଧନ ଆତ୍ମସାତ କରି ଚାଲୁଥିବା ବେଳେ ସମାଜର ନିମ୍ନ ଶ୍ରେଣୀର ଲୋକ ସେପରି କରିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ପରନ୍ତୁ ଗରିବ ଲୋକ ପେଟ ବିକଳରେ ଯଦି କିଛି ଛୋଟମୋଟ ଚୋରି କାମ କରିପକାନ୍ତି, ତେବେ ଉକ୍ତ ତଥାକଥିତ ଧୋବ ଧୋବଲିଆ ବାବୁମାନଙ୍କ ଆକ୍ରୋଶର ଶିକାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧୋବା ଘରେ ନାହିଁ ବାର ବରତ
ନିତି କାଚିଲେ ନିତି ଭାତ।**

ଧୋବା ନିଇତି ଲୁଗା ବା କପଡା କାଚି ପଇଠ କଲେ ଗରାଖଙ୍କଠାରୁ ସେବାବଦ ଅର୍ଥ ପାଇଥାଏ। ପରିଶ୍ରମ କରି ଉପାର୍ଜନ କରୁଥିବା ଉକ୍ତ ଅର୍ଥରେ ସେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# 'କିଟ୍'ରେ ହେବ ବାୟୋ-ଟେକ୍ନୋଲୋଜି ଉତ୍କର୍ଷ କେନ୍ଦ୍ର

## ରାଜ୍ୟ ସରକାର ଦେବେ ୨ କୋଟି

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

'କିଟ୍'ର ସ୍କୁଲ ଅଫ୍ ବାୟୋ-ଟେକ୍ନୋଲୋଜିକୁ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସିଲେନ୍ସ)ରେ ପରିଣତ କରାଯିବ। ଏଥିପାଇଁ ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ ୨ କୋଟି ଟଙ୍କା ଯୋଗାଇଦେବ। ସେଣ୍ଟର ଅଫ୍ ଏକ୍ସିଲେନ୍ସ ସହିତ ଇନ୍‌କ୍ୟୁବେଶନ ସେଣ୍ଟରର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଗବେଷଣା ଓ ବିକାଶ ସୁବିଧା ସାଙ୍ଗକୁ ଭିତ୍ତିଭୂମି ବିକାଶ ଓ କାରିଗରି ସମୁନ୍ନତି ଉପରେ ପ୍ରାଧାନ୍ୟ ଦିଆଯିବ। ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ପୂର୍ବରୁ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍)କୁ ଷ୍ଟାର୍ଟଅପ୍ ବିକାଶ, ତାଲିମ ଏବଂ ଇନ୍‌କ୍ୟୁବେଶନ ସେଣ୍ଟର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ବାୟୋ-ଟେକ୍ନୋଲୋଜି ଗବେଷଣା ଓ ତା'ର ବ୍ୟାପକ ଉପଯୋଗିତା ଉପରେ ସରକାର ପ୍ରାଥମିକତା ଦେଇଛନ୍ତି ବୋଲି ଦର୍ଶାଇ ମନ୍ତ୍ରୀ କହିଛନ୍ତି, ଅନ୍ଧାରୁଆଠାରେ ଭାରତ ବାୟୋଟେକ୍‌କୁ ସରକାର ଜାଗା ଯୋଗାଇ ଦେଇଛନ୍ତି। ଏବେ ସେଠାରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷହେବାକୁ ଯାଉଛି ଏବଂ ଶୀଘ୍ର ସେଠାରେ ଟିକା ଉତ୍ପାଦନ ହେବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

## ପ୍ଲାଟଫର୍ମକୁ ଚଢ଼ିଗଲା...

ପ୍ରଥମ ପୃଷ୍ଠାରୁ...

କରାଯାଇଥିବାବେଳେ ୬ଟିର ଆଂଶିକ ବାତିଲ୍ କରାଯାଇଛି। ସେହିପରି ୨୧ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଘଟଣାର ତଦନ୍ତ କମିଶନ ଅଫ୍ ରେଲ୍‌ୱେ ସେଫ୍ଟି(ସିଆରଏସ୍) ସ୍ତରରେ କରିବାକୁ ନିର୍ଦ୍ଦେଶ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ୩୨୮୫୬ ଓ ୨୮୭୫୫ ନମ୍ବର ଇଞ୍ଜିନ ସଂଯୋଗ ମାଲବାହୀ ଟ୍ରେନ କୋରେଇ ଷ୍ଟେଶନରେ ସକାଳ ୬ଟା ୪୪ ମିନିଟରେ ଲାଇନ୍‌ଚ୍ୟୁତ ହୋଇଥିଲା। ଟ୍ରେନ୍‌ର ୨ଟି ଇଞ୍ଜିନ ସହ ୧୯ଟି ବଗି ଷ୍ଟେଶନ ଅତିକ୍ରମ କରିସାରିଥିବାବେଳେ ମଝିରେ ଥିବା ୧୪ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ନିମିଷକ ମଧ୍ୟରେ ୨ଟି ବଗି ପ୍ଲାଟଫର୍ମର ଉଭୟ ପାର୍ଶ୍ୱରେ ଚଢ଼ିଯାଇ ଭୀଷଣ ଶବ୍ଦ ସୃଷ୍ଟି କରିଥିଲା। ଏହି ସମୟରେ ପ୍ଲାଟଫର୍ମରେ ଥିବା ଯାତ୍ରୀ ବିଶ୍ରାମାଗାରରେ ଭଦ୍ରକରୁ କଟକ ଅଭିମୁଖେ ଆସିବାକୁ ଥିବା ଡିଏମ୍‌ୟୁ ଟ୍ରେନ୍‌କୁ ଅପେକ୍ଷା କରିଥିବା ୪୦ଜଣ ଯାତ୍ରୀ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ହେଲେ ବଗିଗୁଡ଼ିକ ଟିକେଟ କାଉଣ୍ଟର କାନ୍ଥ ଭାଙ୍ଗି ଆଗକୁ ମାଡି ଯିବାରୁ ଅନେକ ଯାତ୍ରୀ ଟ୍ରେନ ବଗି ତଳେ ଚାପି ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବଗିର ଚକାଗୁଡ଼ିକ ସବୁ ବାହାରି ଯିବା ସହ ବଗି କ୍ଷତିଗ୍ରସ୍ତ ହୋଇଛି। ଏପରି କି ଷ୍ଟେଶନର ଫୁଟ୍ ଓଭରବ୍ରିଜ ଶିଡି ପର୍ଯ୍ୟନ୍ତ ବଗିଗୁଡିକ ଚଢ଼ି ଯାଇଥିଲା। ଯାତ୍ରୀ ପ୍ରତୀକ୍ଷାଳୟ ଘର ଓ ବିଦ୍ୟୁତ୍ ଖୁଣ୍ଟ ଏଥିରେ ନଷ୍ଟ ହୋଇଛି। ଦୁର୍ଘଟଣା ସମୟରେ ଭୟଙ୍କର ଶବ୍ଦ ହେବା ସହ ଅଞ୍ଚଳଟି ଧୂଆଁମୟ ହୋଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣା ଯୋଗୁଁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବରପାଇ ଏସ୍‌ପି ରାହୁଲ ପି.ଆର, କୋରେଇ, ପାଣିକୋଇଲି ଓ ଯାଜପୁରରୋଡ ଥାନା ଅଧିକାରୀ, ଏଡିଏମ କଳିଙ୍ଗନଗର, ପିଡି ଡିଆରଡିଏ, ବ୍ୟାସନଗର ତହସିଲଦାର ଓ ଅତିରିକ୍ତ ତହସିଲଦାର, ଯାଜପୁର ଏମପି ଶର୍ମିଷ୍ଠା ସେଠୀ, ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, କୋରେଇ ବିଧାୟକ ଅଶୋକ ବଳ, ପୂର୍ବତନ ବିଧାୟକ ଆକାଶ ଦାସନାୟକ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ଖୋର୍ଦ୍ଧା ଡିଆରଏମ ଲିଙ୍ଗେଶ ରାୟ, ଭଦ୍ରକ ଓ ଯାଜପୁର ରୋଡର ରେଳ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରେଳ ବିଭାଗ ସୁରକ୍ଷା କର୍ମୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥାଇ ପାରେ ବୋଲି ଆଶଙ୍କା କରାଯାଉଛି। ରେଳ ଲାଇନ ଓ ପ୍ଲାଟଫର୍ମରୁ ଦୁର୍ଘଟଣାଗ୍ରସ୍ତ ବଗି ଗୁଡିକର ସ୍ଥାନାନ୍ତର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ କ୍ଷତିଗ୍ରସ୍ତ ରେଳ ଧାରଣାକୁ ମରାମତି କରାଯିବା ପରେ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ରେଲୱେ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

## ୧୫ ଟ୍ରେନ ବାତିଲ, ୨୧ଟିର ଗତିପଥ ପରିବର୍ତ୍ତନ

**ଯାଜପୁର ଅଫିସ,୨୧।୧୧:** କୋରେଇ ଷ୍ଟେଶନରେ ମାଲବାହୀ ଟ୍ରେନ ଦୁର୍ଘଟଣା ଯୋଗୁ ୧୫ଟି ଟ୍ରେନ ଚଳାଚଳକୁ ବାତିଲ ଓ ୬ ଟ୍ରେନକୁ ଆଂଶିକ ଭାବେ ବାତିଲ କରାଯାଇଛି। ଅନ୍ୟପକ୍ଷେ ୨୧ଟି ଟ୍ରେନର ଗତିପଥକୁ ପରିବର୍ତ୍ତନ କରାଯାଇଛି। ବାତିଲ ଟ୍ରେନଗୁଡିକ ହେଲା ୧୨୦୭ ଜନଶତାବ୍ଦୀ ହାଓଡା-ଭୁବନେଶ୍ୱର, ୧୨୨୭୭ ହାଓଡା-ପୁରୀ ଶତାବ୍ଦୀ, ୧୨୮୨୧ ଶାଲିମାର-ପୁରୀ ଏକ୍ସପ୍ରେସ, ୧୨୮୨୨ ପୁରୀ-ଶାଲିମାର ଏକ୍ସପ୍ରେସ, ୧୮୦୪୫ ଶାଲିମାର-ହାଇଦ୍ରାବାଦ ଏକ୍ସପ୍ରେସ, ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ ପାସେଞ୍ଜର, ୦୮୪୪୧/୦୮୪୪୨ ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର, ୦୮୪୧୨ ଭୁବନେଶ୍ୱର-ବାଲେଶ୍ୱର ପାସେଞ୍ଜର, ୦୮୪୩୮/୦୮୪୩୭ କଟକ-ଭଦ୍ରକ-କଟକ ପାସେଞ୍ଜର, ୨୨୮୬୩ ହାଓଡା-ବାଙ୍ଗାଲୋର ଏକ୍ସପ୍ରେସ, ୨୨୮୪୧ ସନ୍ତ୍ରାଗଛି-ତାମ୍ବ୍ରମ ଏକ୍ସପ୍ରେସ, ୧୮୦୩୭ ଖଡଗପୁର-ଯାଜପୁର କେନ୍ଦୁଝର ରୋଡ୍ ଏକ୍ସପ୍ରେସ, ୧୮୦୩୮ ଯାଜପୁର କେନ୍ଦୁଝର ରୋଡ୍-ଖଡଗପୁର ଏକ୍ସପ୍ରେସ ଓ ୧୮୦୨୨ ଖୋର୍ଦ୍ଧା ରୋଡ-ଖଡଗପୁର ଏକ୍ସପ୍ରେସ ଏବଂ ୨୨।୧୧।୨୦୨୨ରେ ୦୮୦୩/୦୮୦୩୧ ବାଲେଶ୍ୱର-ଭଦ୍ରକ-ବାଲେଶ୍ୱର ପାସେଞ୍ଜର ଟ୍ରେନ ବାତିଲ ହୋଇଛି। ସେହିପରି ଆଂଶିକ ଭାବେ ୧୨୦୭୪ ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ, ୧୨୨୭୮ ପୁରୀ-ହାଓଡା ଶତାବ୍ଦୀ ଏକ୍ସପ୍ରେସ, ୦୮୪୧୧ ବାଲେଶ୍ୱର-ଭୁବନେଶ୍ୱର ପାସେଞ୍ଜର, ୧୮୦୨୧ ଖଡଗପୁର-ଖୋର୍ଦ୍ଧା ଏକ୍ସପ୍ରେସ, ୧୨୮୯୧ ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ୍, ୧୨୮୯୨ ଭୁବନେଶ୍ୱର-ବାଙ୍ଗିରିପୋଷି ଏକ୍ସପ୍ରେସ୍ ଟେନ ବାତିଲ ହୋଇଛି।

## ଜାଭାରେ ଭୂକମ୍ପ...

ରାଜ୍ୟପାଳ ରିଡ୍‌ୱାନ୍ କାମିଲ ଇନ୍‌ଷ୍ଟାଗ୍ରାମ ଜରିଆରେ ସୂଚନା ଦେଇଛନ୍ତି। କୋଠା ଭୁଶୁଡ଼ିବାରୁ ଅନେକ ମୃତାହତ ହୋଇଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥାର ମୁଖ୍ୟ ସୁହାର୍ୟାଣ୍ଟୋ କହିଛନ୍ତି। ଭୂକମ୍ପ ଯୋଗୁ ସିଆଞ୍ଜୁରର ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ଏକ ଇସ୍‌ଲାମୀୟ ବୋର୍ଡିଂ ସ୍କୁଲ, ହସ୍ପିଟାଲ ଏବଂ ସରକାରୀ କୋଠା ସମେତ ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତିର ସବିଶେଷ ରିପୋର୍ଟ ମିଳିନାହିଁ।

ଗ୍ରେଟର ଜାକର୍ତ୍ତା ଅଞ୍ଚଳରେ ସର୍ବାଧିକ ଭୂକମ୍ପ ଅନୁଭୂତ ହୋଇଥିଲା। ସେଠାରେ ଥିବା ସୁଉଚ୍ଚ ଅଟ୍ଟାଳିକାଗୁଡ଼ିକ ଦୋହଲିଥିଲା। ଭୟରେ ଲୋକେ ରାସ୍ତାକୁ ଚାଲିଆସିଥିଲେ। ଭୂକମ୍ପରେ ୨,୨୦୦ରୁ ଅଧିକ ଘର ଭାଙ୍ଗିଥିବାବେଳେ ୫,୩୦୦ ଲୋକ ବିସ୍ଥାପିତ ହୋଇଥିବା ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ୧୩,୦୦୦ ଘର ଭାଙ୍ଗିଥିବା ରାଜ୍ୟପାଳ ରିଡ୍‌ୱାନ କହିଛନ୍ତି। ଭୂକମ୍ପ ପ୍ରଭାବରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିବାବେଳେ ଭୂସ୍ଖଳନ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ୨୦୦୪ରେ ଭାରତ ମହାସାଗରରେ ୯.୧ ତୀବ୍ରତାର ଭୂକମ୍ପ ଯୋଗୁ ୧୪ଟି ଦେଶରୁ ୨,୨୬,୦୦୦ ଲୋକଙ୍କ ଜୀବନ ଯାଇଥିଲା। ସେଥିରୁ ଅର୍ଦ୍ଧାଧିକ ଇଣ୍ଡୋନେସିଆ ନାଗରିକ ଥିଲେ।

# ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ହରେକୃଷ୍ଣ ମହତାବ ଚିନ୍ତା କରୁଥିଲେ




ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

**ରାଜ୍ୟସ୍ତରୀୟ ଜୟନ୍ତୀ**

- **ଜୟନ୍ତୀ କମିଟି ପକ୍ଷରୁ ୧୫ଜଣଙ୍କୁ ସମ୍ମାନ ପ୍ରଦାନ**
- **ଉତ୍ସବ ପାଳିଲା ସୂଚନା ଓ ଲୋକସମ୍ପର୍କ ବିଭାଗ**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସୋମବାର ପିଏମ୍‌ଜି ଛକରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଜୟନ୍ତୀ କମିଟି ପକ୍ଷରୁ ସାଧାରଣ ସମ୍ପାଦକ ତଥା ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇଥିଲେ। ଡ. ମହତାବ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ସର୍ବଦା ଚିନ୍ତା କରୁଥିଲେ। ଭୁବନେଶ୍ୱରକୁ ରାଜଧାନୀ କରିବା ଓ ହୀରାକୁଦ ଡ୍ୟାମ୍ ହେବା ତାଙ୍କର ଅବଦାନ। ତାଙ୍କ ପରି ଚେତନା ଭାବନା ଜାଗ୍ରତ କରି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟ,ଦିଲୀପ ଶ୍ରୀଚନ୍ଦନ, ମନ୍ମଥ ରାଉତରାୟ, ଜୟନ୍ତୀ କମିଟି ସଂଯୋଜକ ଜୟକୃଷ୍ଣ ମଲିଆ ପ୍ରମୁଖ ଯୋଗଦେଇ ଡ. ମହତାବଙ୍କ ସମ୍ପର୍କରେ କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ ଜଣଙ୍କୁ 'ଡ. ହରେକୃଷ୍ଣ ମହତାବ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାପରେ ସେଠାରୁ ପାଇକଦଳ ବନାଟି, କୁସ୍ତି, ପାରମ୍ପରିକ ଖଣ୍ଡା, ବାଡ଼ି ଖେଳ ପ୍ରଦର୍ଶନ କରି ରାମେଶ୍ୱର ପାଟଣାକୁ ଯାଇଥିଲେ।

ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନରେ ଡ. ହରେକୃଷ୍ଣ ମହତାବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ କହିଲେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନବଓଡ଼ିଶାର ନିର୍ମାତା ଡ. ହରେକୃଷ୍ଣ ମହତାବ ରାଜନୀତି ବାଦ୍ ଐତିହାସିକ, ସାହିତ୍ୟିକ, ସାମ୍ବାଦିକ, ସମ୍ପାଦକ, ଦକ୍ଷ ପ୍ରଶାସକ ଭାବେ ସୁପ୍ରତିଷ୍ଠିତ ଥିଲେ। ଡ. ମହତାବ ଓଡ଼ିଶାର ଏକ ବହୁମୁଖୀ ଅନୁଷ୍ଠାନ ଥିଲେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ କହିଲେ, ଡ. ମହତାବଙ୍କ ପ୍ରତି କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତାର ପରିପ୍ରକାଶ ହେଉଥିଲା। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଗବେଷକ ଡ. ଗିରିଶ ପ୍ରସାଦ ସ୍ୱାଇଁ ଡ. ମହତାବଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣରେ ଡ. ମହତାବଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି ଦର୍ଶାଇଥିଲେ। ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିବାବେଳେ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ।



ସରକାରୀ ମାନ୍ୟତା, ଛଟେଇ କର୍ମୀଙ୍କୁ ପୁନଃ ନିଯୁକ୍ତି ଆଦି ୮ଦଫା ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିସ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୧୪ ଜଜ୍‌ଶିପ୍‌ରେ ଖୋଲିଲା ୨୫ ନୂଆ କଗ୍‌ନିଜେନ୍ସ କୋର୍ଟ

କଟକ ଅଫିସ,୨୧।୧୧

ରାଜ୍ୟର ବିଭିନ୍ନ ଜିଲାରେ ଥିବା ୧୪ଟି ଜଜ୍‌ଶିପ୍‌ରେ ୨୫ ନୂତନ କଗ୍‌ନିଜେନ୍ସ ଟେକିଂ କୋର୍ଟ(ବିଚାର ଗ୍ରହଣୀୟ ଅଦାଲତ) ସୋମବାର କାର୍ଯ୍ୟାରମ୍ଭ କରିଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରି କହିଥିଲେ, କଗ୍‌ନିଜେନ୍ସ ଟେକିଂ କୋର୍ଟଗୁଡ଼ିକରେ ମାମଲାଗୁଡ଼ିକ ସମାନ ଭାବରେ ବିଚାରପତିମାନଙ୍କ ମଧ୍ୟରେ ବାଣ୍ଟି ହୋଇ ଫଇସଲା ହେବା ସହଜ ହେବ। ଆଗାମୀ ଦିନରେ ଅଧିକରୁ ଅଧିକ ଏହି କୋର୍ଟ ଖୋଲାଯିବ, ଯାହାକି ବିଚାର ବ୍ୟବସ୍ଥାରେ ଏକ ନୂତନତା ଆଣିବାରେ ସହାୟକ ହେବ। ହାଇକୋର୍ଟ ବିଚାରପତି ବି. ଆର୍. ଷଡ଼ଙ୍ଗୀ କହିଛନ୍ତି, ପଡ଼ିରହିଥିବା ମାମଲାର ଫଇସଲା କରିବା ଦିଗରେ ଏହି ନୂତନ କୋର୍ଟ ସହାୟକ ହେବ। ସେହିପରି ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର କହିଥିଲେ, ଅଦାଲତର ମାମଲା ବୋଝ ଏହି କୋର୍ଟଗୁଡ଼ିକ ଦ୍ୱାରା ହ୍ରାସ ହେବ। ବିଚାରପତି ଯଶଓ୍ୱନ୍ତ ସିଂହ ଜିଲା କୋର୍ଟଗୁଡ଼ିକରେ ପଡ଼ିରହିଥିବା କ୍ରିମିନାଲ କେସ୍‌ଗୁଡ଼ିକର ଫଇସଲା ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ନୂତନ କୋର୍ଟଗୁଡ଼ିକ ମଧ୍ୟରୁ ଖୋର୍ଦ୍ଧା, ତାଳଚେର, ବାଲେଶ୍ୱର, ଢେଙ୍କାନାଳ, ବ୍ରହ୍ମପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ବାରିପଦା, ସୁନ୍ଦରଗଡ଼ଠାରେ ଗୋଟିଏ ଲେଖାଏ, ଭଦ୍ରକ, ପୁରୀ, ସମ୍ବଲପୁରରେ ୨ଟି ଲେଖାଏ, କଟକରେ ୪ ଓ ଭୁବନେଶ୍ୱରରେ ୫ଟି ଖୋଲାଯାଇଛି। ସମ୍ପୃକ୍ତ ଜଜ୍‌ଶିପ୍‌ଗୁଡ଼ିକର ବିଚାରପତି, ବିଚାର ବିଭାଗୀୟ ଅଧିକାରୀ ଓ ବାର୍ ସଦସ୍ୟମାନେ ଭର୍ଚୁଆଲରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

## ୨୦୩୦ ପୂର୍ବରୁ ଚନ୍ଦ୍ରରେ...

ପୃଷ୍ଠକୁ ନାସା ମଣିଷ, ଉଦ୍ଭିଦ ପଠାଇବ। ସେମାନେ ଅତିବେଶିରେ କେତେଦିନ ଏହି ପ୍ରାକୃତିକ ଉପଗ୍ରହରେ ରହୁଛନ୍ତି ତାହାର ପର୍ଯ୍ୟବେକ୍ଷଣ କରିବାକୁ ଯାଉଛି। ନାସା ପକ୍ଷରୁ ଚନ୍ଦ୍ରକୁ ପ୍ରେରଣ କରାଯାଇଥିବା ଆର୍ଟେମିସ୍-୧ ସ୍ପେସ୍ ଫ୍ଲାଇଟ୍‌ରେ ଓରିଓନ୍ ଛଡ଼ାଯାଇଛି। ଓରିଓନ୍ ଚନ୍ଦ୍ର ସମ୍ବନ୍ଧରେ ଅଧିକ ତଥ୍ୟ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ। ଆର୍ଟେମିସ୍-୧ ସଫଳ ହେବା ପରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ଆର୍ଟେମିସ୍ ୨ ଓ ୩ ଉପଗ୍ରହ ଚନ୍ଦ୍ରକୁ ପଠାଇବା ଯୋଜନା ରଖିଛି। ଏହି ମିଶନ୍ ମଣିଷକୁ ଚନ୍ଦ୍ରରେ ପହଞ୍ଚାଇବା ଦିଗରେ ବିଶ୍ୱବାସୀଙ୍କ ପାଇଁ ଏକ ଯାନ ସଦୃଶ କାର୍ଯ୍ୟ କରିବ ବୋଲି ହୋୱାର୍ଡ ହୁ ମତ ପ୍ରକାଶ କରିଛନ୍ତି। ଚନ୍ଦ୍ର ବ୍ୟତୀତ ମଙ୍ଗଳ ଗ୍ରହ ସମ୍ବନ୍ଧରେ ଅଧିକ ତଥ୍ୟ ହାସଲ କରିବା ଦିଗରେ ମଧ୍ୟ ନାସା କାମ କରୁଛି। ଏହି ବିଶେଷ ପ୍ରକାର ମିଶନରେ ବ୍ୟବସାୟିକ ଓ ଅନ୍ତର୍ଜାତୀୟ ସହଯୋଗୀଙ୍କୁ ସାମିଲ କରାଯାଉଛି, ଯାହାଫଳରେ ମିଶନର କାର୍ଯ୍ୟପ୍ରଣାଳୀରେ ବ୍ୟଗ୍ରତା ଆସିବ। ଆଗାମୀ ପିଢ଼ି ଉତ୍ସାହିତ ହୋଇ ଏ ଦିଗରେ କାର୍ଯ୍ୟ କରିବା ଲାଗି ଆଗ୍ରହ ପ୍ରକଟ କରିବେ ବୋଲି ନାସା କହିଛି।

## ବଟି ଆଦାୟ ଭିଡିଓ...

ଡିଜିପିଙ୍କ ନିକଟରେ ଅଭିଯୋଗ କରାଯିବା ସହ କଟକ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉକ୍ତ ଭାଇରାଲ ଭିଡିଓ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ ଦଳର ମହିଳାମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି, ବାଲିଯାତ୍ରାରେ ସାଇକେଲ ଷ୍ଟାଣ୍ଡ ନିଲାମ ନେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଡାକି ଆଇଆଇସି ମିଶ୍ର ବଟି ଅର୍ଥ ଦେବା ନିମନ୍ତେ ତାଗିଦା କରିବା ସହ ଗାଳିଗୁଲଜ କରିଥିଲେ। ବଟି ନ ଦେଲେ ମିଥ୍ୟା କେସ୍‌ରେ ଫସାଇଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ଉକ୍ତ ଥାନାର ଏସ୍‌ଆଇ ମୋତିଲାଲ ମାରାଣ୍ଡି ମଧ୍ୟ ସାମିଲ ଅଛନ୍ତି।

ଚଳିତବର୍ଷ ବାଲିଯାତ୍ରାରେ କଟକ ମହାନଗର ନିଗମ ପକ୍ଷରୁ ସରକାରୀ ଭାବେ ୨୧ଟି ପାର୍କିଂ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସେଥିମଧ୍ୟରୁ କାର୍ତ୍ତିକେଶ୍ୱର ଗଡ଼ା (ପୂର୍ବ) ଷ୍ଟାଣ୍ଡର ଟେଣ୍ଡର ହାସଲ କରିଥିଲେ ଭବାନୀ ଶଙ୍କର ବେଉରା। ଏହି ପାର୍କିଂରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଂଯୋଜକ ସ୍ମିତିରଞ୍ଜନ ମିଶ୍ର ସହଯୋଗୀ ଭାବେ ଜଡ଼ିତ ଥିଲେ। ସ୍ମିତିରଞ୍ଜନଙ୍କ ଅଭିଯୋଗ ଅନୁସାରେ ଥାନାଧିକାରୀ ମିଶ୍ର, ଏସ୍‌ଆଇ ମାରାଣ୍ଡି ସେମାନଙ୍କୁ ଥାନାକୁ ଡାକି ପାର୍କିଂ ବାବଦକୁ ୫୦ ହଜାର ଟଙ୍କାର ଚାନ୍ଦା ଦାବି କରିଥିଲେ। ବିଭିନ୍ନ ସମୟରେ ମାନସିକ ଚାପ ପକାଇ ତାଙ୍କଠାରୁ ୪୦ ହଜାର ଟଙ୍କା ଚାନ୍ଦା ଭାବେ ଆଦାୟ ମଧ୍ୟ କରିଥିଲେ। ପରେ ପୁଣି ଅଧିକ ଚାନ୍ଦା ଦେବା ପାଇଁ ଆଇଆଇସି ବାଧ କରିଥିଲେ। ବାଲିଯାତ୍ରାରେ ପାର୍କିଂ ବ୍ୟବସାୟରେ କ୍ଷତି ହୋଇଛି। ଏଥିପାଇଁ ଚାନ୍ଦା କମ୍ କରିବାକୁ ଆଇଆଇସିଙ୍କୁ ଅନୁରୋଧ କରିଥିଲେ। ହେଲେ ସେ ଶୁଣି ନ ଥିଲେ। ଏତେ ପରିମାଣର ଚାନ୍ଦା ଦେବାକୁ ଅସମର୍ଥ ହେବାରୁ ସେମାନଙ୍କୁ ଥାନାରେ ଗାଳିଗୁଲଜ କରିବା ସହ ମିଥ୍ୟା ମୋକଦ୍ଦମାରେ ଫସାଇଦେବାର ଧମକ ଦେଇଥିଲେ। ବାଲିଯାତ୍ରା ପଡ଼ିଆ କ୍ୟାଣ୍ଟନମେଣ୍ଟ ଥାନା ଅଧୀନରେ ରହିଛି। ବାଲିଯାତ୍ରାରେ ଥିବା ପାର୍କିଂ ଷ୍ଟାଣ୍ଡ ନିଲାମଧାରୀ, ଦୋକିମାଲିକ, ସାଧାରଣ ବ୍ୟବସାୟୀମାନଙ୍କଠାରୁ ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଇଛି। ଏହାର ଦାୟିତ୍ୱ ଏସ୍‌ଆଇ ମାରାଣ୍ଡି ନେଇଥିଲେ। ଏହାର ସମ୍ପୂର୍ଣ୍ଣ ବିବରଣୀ ସେ ଏକ ନୀଳ ଡାଏରୀରେ ଲେଖି ରଖୁଥିଲେ। ଖୋଦ୍ ଆଇଆଇସି ମିଶ୍ର ଓ ଏସ୍‌ଆଇ ମାରାଣ୍ଡି ଟଙ୍କା ମାଗୁଥିବା ଓ ଗାଳିଗୁଲଜ କରୁଥିବା ଭିଡିଓକୁ ଖବରଦାତା ସମ୍ମିଳନୀରେ ସ୍ମୃତି ପଟ୍ଟନାୟକ ପ୍ରଦର୍ଶନ କରିଥିଲେ। କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦା ଆଦାୟର ବିଭାଗୀୟ ତଦନ୍ତ ଦାବି କରାଯାଇଛି। ଆଇଆଇସି ଓ ଏସ୍‌ଆଇଙ୍କୁ ତୁରନ୍ତ ନିଲମ୍ବନ ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବାଲିଯାତ୍ରାରେ ବିଭିନ୍ନ ବ୍ୟବସାୟୀଙ୍କଠାରୁ ଆଦାୟ ହୋଇଥିବା କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦାର ହିସାବ ଥିବା ନୀଳ ଡାଏରୀକୁ ଜବତ କରିବାକୁ ଡିଜିପିଙ୍କ ନିକଟରେ ଦାବି ହୋଇଥିଲା। ପରେ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଇଆଇସି ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ନେତା ସାକ୍ୟ ସିଂ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାଳୀ ପ୍ରସନ୍ନ ମହାନ୍ତି, କାଠଯୋଡ଼ି ମଣ୍ଡଳ ସଭାପତି ନନ୍ଦ କିଶୋର ଜେନା, ଅନ୍ନଦା ପ୍ରସାଦ ଦାସ, ଧିରେନ ସେଠୀ ଓ ସୁନୀଲ ଦ୍ୱିବେଦୀଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ସପ୍ତମସ୍ଥ କେତୁଯୁକ୍ତ ଚନ୍ଦ୍ର ସମସ୍ୟାବହୁଳ ଯାତ୍ରା ସହ ପାରିବାରିକ ଅଶାନ୍ତି ସୃଷ୍ଟି କରିପାରେ। ଦର୍ଶନୀୟ ସ୍ଥାନ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବା ସୂଚନା ରହିଛି। କଳା, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟାଦିରେ ଯୋଗଦେବାକୁ ନିମନ୍ତ୍ରଣ ପାଇବେ। ଧାରକରଜ କରି କାମ ଚଳାଇନେବେ।

**ବୃଷ** – ରୋଗ, ଋଣ ଓ ଶତ୍ରୁତା ହେତୁ ଟେନ୍‌ସନ କିଛି ମାତ୍ରାରେ ବୃଦ୍ଧି ପାଇବ। ତଥାପି ଆପଣ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସୁଧାରିନେବେ। ଦୂରଯାତ୍ରାରେ କୌଣସି ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଖାଇବାରେ ଅନିୟମିତତା ଓ ଅଜୀର୍ଣ୍ଣଜନିତ ପେଟ ଗୋଳମାଳରୁ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** – ସ୍ଥଗିତ କାମ କୌଣସି ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟରୁ ସମ୍ପୂର୍ଣ୍ଣ ହୋଇପାରିବ। ବିବାଦର ସମାଧାନ କିମ୍ବା ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହୋଇପାରେ। କର୍ମକ୍ଷେତ୍ର, ଜମିଜମା, ପରିବହନ, କଳା, ସାହିତ୍ୟ ପ୍ରଭୃତିରେ ମଧ୍ୟମ ଫଳ ପାଇବେ। ଧାର୍ମିକ କାର୍ଯ୍ୟ କିମ୍ବା ସାମୂହିକ କାର୍ଯ୍ୟରେ ଶ୍ରମ ବିନିଯୋଗ କରି ଆତ୍ମତୃପ୍ତି ଲାଭ କରିବେ।

**କର୍କଟ** – ପାରିପାର୍ଶ୍ୱିକ ପରିସ୍ଥିତିରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ବିଭିନ୍ନ କାରଣକୁ କେନ୍ଦ୍ରକରି ସାମୟିକ ମାନସିକ ଅଶାନ୍ତି ସୃଷ୍ଟି ହୋଇପାରେ। ଅପରାହ୍ନରେ ଆଶା କରିଥିବା ଜିନିଷ ଲାଭ କରିବା କାରଣରୁ ମାନସିକ ଅବସାଦ ଦୂର ହେବ। ଆଜିର ଯାତ୍ରା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟାଦି ମନ୍ଦ ହେବନାହିଁ।

**ସିଂହ** – ରବିଙ୍କ ଦୁର୍ବଳତା ସାଙ୍ଗକୁ ପାପଗ୍ରସ୍ତ ଚନ୍ଦ୍ରଜନିତ ମାନସିକ ଅଶାନ୍ତି ଅନୁଭବ କରିପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଭୁଲ୍ ବୁଝାମଣା ହେତୁ କର୍ମକ୍ଷେତ୍ରରେ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଏଜେନ୍ସି, ସାମ୍ବାଦିକତା, ପ୍ରକାଶନ, ଗବେଷଣାଦିରେ ସଫଳତା ମିଳିବ।

**କନ୍ୟା** – ଧନ ସ୍ଥାନ କେତୁ ସଂଯୋଗ ହେତୁ ଅର୍ଥ ସମ୍ପର୍କିତ ବିବାଦ କିମ୍ବା ଧନହାନି ଘଟିପାରେ। ପ୍ରତିବନ୍ଧକ ଆସିଲେ ମଧ୍ୟ ସାମ୍ନା କରିବାର ଧୈର୍ଯ୍ୟ ବଳବତ୍ତର ରହିବ। କର୍ମକ୍ଷେତ୍ରରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେବ। କ୍ରୟ ବିକ୍ରୟ କ୍ଷେତ୍ରରେ ଜମିଜମା ବିବାଦର ସମାଧାନ କରିପାରନ୍ତି।

**ତୁଳା** – ସ୍ଥଗିତ କେତେକ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ମାନସିକ ଅସ୍ଥିରତା ଲାଗିରହିବ। ପରିବାରରେ ଅନାହୂତ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା** – ପରିବାରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଇ କଳହ ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ରରେ ବିବାଦୀୟ ଘଟଣାର ଦିଗ ହଠାତ୍ ବଦଳି ଯାଇପାରେ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ଗୁପ୍ତଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧିପାଇବ, କିନ୍ତୁ ଚିନ୍ତାର କୌଣସି କାରଣ ନାହିଁ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆବଶ୍ୟକତା ଅନୁଭବ କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଲେଖାପଢ଼ା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର** – ମାନସିକ ସ୍ଥିରତା ଅଭାବରୁ ପ୍ରତ୍ୟେକ କାମକୁ ସନ୍ଦେହଜନକ ଦୃଷ୍ଟିରେ ଦେଖିବେ। ଆଜି ଦିନ ମଧ୍ୟରେ ବନ୍ଧୁମାନଙ୍କ ସହ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପ୍ରତିଟି କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଆତ୍ମୀୟମାନଙ୍କ ସହ ନିଜର ସୁଖଭ୍ରମଣ ଯୋଗ ରହିଛି।

**କୁମ୍ଭ** – ଶାରୀରିକ ଅସୁସ୍ଥତା କାରଣରୁ ଅଧିକାଂଶ ସମୟ ଉଦାସୀନ ରହିବେ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ମନେହେବ।

**ମୀନ** – ଅଷ୍ଟମସ୍ଥ ଚନ୍ଦ୍ରଙ୍କ ଯୋଗୁ ନକାରାତ୍ମକ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରେ। ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବିବାଦୀୟ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

ଆଜି ନଭେମ୍ବର ୨୨ ତାରିଖ, ମାର୍ଗଶିର କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର। ଶ୍ରୀଜୀଉଙ୍କ ଶ୍ରାଦ୍ଧବେଶ, ଶ୍ରୀମନ୍ଦିରରେ ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ। ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଦ୍ଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୨ ଗତେ, ଘ.୦୬।୪୬ ମଧ୍ୟେ, ଘ.୦୮।୪୭ ଗତେ, ଘ.୧୧।୧୦ ମଧ୍ୟେ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୩୯ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୨ ନଭେମ୍ବର, ୨୦୨୨



## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

# ହ୍ରଦ ସୁରକ୍ଷାଦାତା ଅରୁଣ

**ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...**

### ଅରୁଣ କ୍ରିଷ୍ଣମୂର୍ତ୍ତି



'ଧରିତ୍ରୀ' ପକ୍ଷରୁ ଆସନ୍ତା ୨୪ ତାରିଖରେ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ପରିବେଶବିତ୍ ଅରୁଣ କ୍ରିଷ୍ଣାମୂର୍ତ୍ତି। ଚେନ୍ନାଇର ମୁଦିଚର ଗ୍ରାମର ଏହି ୩୬ବର୍ଷୀୟ ଯୁବକ ପରିବେଶ ସୁରକ୍ଷାକୁ ନେଇ ସମ୍ବେଦନଶୀଳ। ଭାରତର ବିଭିନ୍ନ ହ୍ରଦ ସଫେଇ ଅଭିଯାନରେ ତାଙ୍କ ଯୋଗଦାନ ଉଲ୍ଲେଖନୀୟ। ତାଙ୍କର ନିଷ୍ଠାପର ଉଦ୍ୟମରେ ପ୍ରତିଷ୍ଠା ହୋଇଛି ଅନ୍ତର୍ଜାତୀୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ସଙ୍ଗଠନ 'ଏନ୍‌ଭରମେଣ୍ଟାଲିଷ୍ଟ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ' ବା ଇଏଫ୍ଆଇ। ଏହାର ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇରେ ଥିବା ବେଳେ ୧୫ ରାଜ୍ୟ ଏବଂ ବିଭିନ୍ନ ସହରରେ ଏହାର ଶାଖା କାର୍ଯ୍ୟ କରୁଛି। ଅରୁଣ ଏବଂ ତାଙ୍କ ସଂସ୍ଥା ମିଶି ଅଦ୍ୟାବଧି ୧୬୯ ହ୍ରଦ ସଫା କରିବାରେ ସଫଳ ହୋଇଛନ୍ତି।

ମାଡ୍ରାସ ଖ୍ରୀଷ୍ଟିଆନ କଲେଜରୁ ମାଇକ୍ରୋବାୟୋଲୋଜିରେ ସ୍ନାତକ ଶିକ୍ଷା ଶେଷ ପରେ ହାଇଦ୍ରାବାଦ୍‌ରେ ଗୁଗୁଲରେ ୩ବର୍ଷ କାମ କରିଥିଲେ ଅରୁଣ। ଏହାପରେ ଦିଲ୍ଲୀସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେଶନ (ଆଇଆଇଏମ୍‌ସି)କୁ ପଢ଼ିବା ଲାଗି ଯାଇଥିଲେ। ପରେ 'ଗୁଡ୍‌ଅଲ୍‌ସ ରୁଟ୍‌ସ ଆଣ୍ଡ ସୁଟ୍‌ସ'ରେ ୨୦୦୮ରେ କାମ କଲେ। ଏହି ଅନୁଷ୍ଠାନ ବିଭିନ୍ନ ସମ୍ପ୍ରଦାୟଙ୍କ ମଧ୍ୟରେ ରହିଥିବା ସମସ୍ୟା ସମାଧାନ ସମ୍ପର୍କରେ ଯୁବପିଢ଼ିଙ୍କୁ ସଚେତନ କରାଇଥାଏ। କେବଳ ଏତିକି ନୁହେଁ, ବହୁମୁଖୀ ପ୍ରତିଭାର ଅଧିକାରୀ ଅରୁଣ ପରିବେଶ ସମ୍ବନ୍ଧୀୟ ଡକ୍ୟୁମେଣ୍ଟାରି ଫିଲ୍ମର ନିର୍ଦ୍ଦେଶନା ପାଇଁ ଜଣାଶୁଣା। ତାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର ଟେଲିଭିଜନରେ ପ୍ରସାରିତ ହୋଇଛି। ତାମିଲନାଡୁର ନଦୀଗୁଡ଼ିକ ଉପରେ ସେ କରିଥିବା ଟ୍ରାଭେଲ ଡକ୍ୟୁମେଣ୍ଟାରି ଫିଲ୍ମ ବେଶ୍ ଲୋକାଦୃତି ହାସଲ କରିଛି। ୨୦୧୨ରେ ସମ୍ମାନଜନକ 'ରୋଲେକ୍ସ ଆୱାର୍ଡସ ଫର୍ ଏଣ୍ଟରପ୍ରାଇଜେସ୍' ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ୫ଜଣଙ୍କ ମଧ୍ୟରେ ଅରୁଣ ଥିଲେ ସର୍ବକନିଷ୍ଠ। ଭାରତରେ ହ୍ରଦ ପୁନରୁଦ୍ଧାର ଦିଗରେ ନିରନ୍ତର ପ୍ରୟାସ ପାଇଁ ଜେନେଭାଠାରେ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ନିଜର କାର୍ଯ୍ୟଦକ୍ଷତା ପାଇଁ ସେ ୨୦୧୦ରେ 'ୟୁଥ୍ ଲିଡରଶିପ୍', ୨୦୧୧ରେ 'ଗୁଗୁଲ ଆଲୁମ୍‌ନି ଇମ୍ପାକ୍ଟ' ସମେତ ବହୁ ପୁରସ୍କାର ପାଇଛନ୍ତି। ୨୦୦୨ରେ ନେକ୍ସଟ ଜେନେରେଶନ ଲିଡର ଭାବେ ସେ ମନୋନୀତ ହୋଇଥିଲେ। ଏସବୁକୁ ବାଦ୍‌ଦେଲେ ଅରୁଣ ତାଙ୍କର ମନୋମୁଗ୍ଧକର ଭାଷଣ ପାଇଁ ମଧ୍ୟ ଜଣାଶୁଣା। ତାଙ୍କ ଅଭିଭାଷଣରେ ନଦୀ, ହ୍ରଦ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରାଥମିକତା ପାଇଥାଏ। ୨୦୨୨ ମାର୍ଚ୍ଚ ୨୭ରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅରୁଣଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

୨୦୦୭ରେ ନିଜ ପାଣ୍ଠିରୁ ପ୍ରତିଷ୍ଠା କରିଥିବା ସଂସ୍ଥା ଇଏଫ୍ଆଇ ୨୦୧୨ରେ ଟ୍ରଷ୍ଟ ଭାବେ ପଞ୍ଜୀକୃତ ହୋଇଥିଲା। ସ୍କୁଲରେ ସେମିନାର, କର୍ମଶାଳା ମାଧ୍ୟମରେ ଏହି ସଂସ୍ଥା ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି କରେ। ସେମାନଙ୍କ ମୁଖ୍ୟ ପ୍ରକଳ୍ପ ମଧ୍ୟରେ ହ୍ରଦ ପୁନରୁଦ୍ଧାର, ସମୁଦ୍ର ସଫେଇ, ବୁଲାପ୍ରାଣୀଙ୍କ ଯତ୍ନ ଏବଂ ଇକୋ ବ୍ୟାଗ୍‌ର ବ୍ୟବହାର ଆଦି ରହିଛି। ୟୁଟ୍ୟୁବ୍‌ରେ ପ୍ରସାରିତ ହେଉଥିବା 'ୟୁ ଭି ୟୁଟ୍ୟୁବ୍'ର ୧୦ କୁଇଜ୍ ମାଷ୍ଟରଙ୍କ ମଧ୍ୟରେ ଅରୁଣ ଅନ୍ୟତମ। ଏହି ଶୋ'ରେ ୧୦ ରାଉଣ୍ଡରେ ୧୦ଟି ବିଷୟରେ ପ୍ରଶ୍ନ ପଚରାଯାଇଥାଏ। ପରିବେଶ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ବେଳେ ଅରୁଣ କୁଇଜ୍ ମାଷ୍ଟର ଦାୟିତ୍ୱ ତୁଲାଇଥାଆନ୍ତି। ଅରୁଣ କୁହନ୍ତି, ନିଜ ପଞ୍ଚାୟତର ମୁଖ୍ୟ ଧାମୋଧରନଙ୍କ ଦ୍ୱାରା ସେ ଅନୁପ୍ରେରିତ ହୋଇଛନ୍ତି। ପୋଖରୀ, ହ୍ରଦରୁ ଆବର୍ଜନା ସଂଗ୍ରହ କରାଯାଉଛି। ଜଳଉତ୍ସଗୁଡ଼ିକୁ ସଫା ରଖିବା ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଉଛି। ବନ୍ଧୁ କାର୍ତ୍ତିକ ଶିବସୁନ୍ଦରମ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ଅରୁଣ କହିଛନ୍ତି।

# ଡିସେମ୍ବରରୁ ଦେଓମାଳିରେ ପାରାଗ୍ଲାଇଡିଂ

- ୧୦ମିନିଟ୍‌ର ରାଇଡ୍ ରହିବ
- ହିମାଳୟରୁ ପ୍ରଶିକ୍ଷକ ଆସି ଟ୍ରାଏଲ ସାରିଲେଣି

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଭାବେ ପରିଚିତ କୋରାପୁଟର ଦେଓମାଳି ଏଣିକି ଆହୁରି ଆକର୍ଷଣୀୟ ଦେଖାଯିବ। ଏହି ଉଚ୍ଚତମ ପାହାଡ଼ ସମେତ ପୂରା କୋରାପୁଟ ସହରକୁ ପର୍ଯ୍ୟଟକ ଏବେ ପକ୍ଷୀ ଭଳି ଆକାଶରେ ଉଡ଼ି ଦେଖିବା ସହ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ପ୍ରାୟ ସାଢ଼େ ୬ ହଜାର ଫୁଟ ଉପରୁ କୋରାପୁଟ ସହରକୁ ଦେଖିହେବ। ଆଉ ହଜାରେ ଫୁଟ ଉପରୁ ଦେଓମାଳିର ସୁନ୍ଦର ପ୍ରାକୃତିକ ଦୃଶ୍ୟର ମଜା ନେଇହେବ। ତେବେ ଏଥିପାଇଁ ଦେଓମାଳିରେ ଆରମ୍ଭ ହେବାକୁ ଯାଉଛି ପାରାଗ୍ଲାଇଡିଂ। ଗ୍ରୀନ ସ୍ପେସ୍ ଆଡଭେଞ୍ଚର ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହି ବ୍ୟବସ୍ଥା ହେଉଥିବା ବେଳେ ପ୍ରାଥମିକ ପ୍ରସ୍ତୁତି ସରିଛି।

ଡିସେମ୍ବର ପ୍ରଥମ ସପ୍ତାହରୁ ଦେଓମାଳି ପାହାଡ଼ରେ ପର୍ଯ୍ୟଟକ ଏସବୁର ମଜା ନେଇପାରିବେ। ଏଥିପାଇଁ ଅଭିଜ୍ଞ ପ୍ରଶିକ୍ଷକମାନେ ଦେଓମାଳିରେ ଆସି ଡେରା ପକାଇଲେଣି। ୧୦ ମିନିଟ୍ ପାଇଁ ଏହି ରାଇଡ୍ ରହିଥିବାବେଳେ ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କୁ ଏକ ରୋମାଞ୍ଚକର ଅନୁଭୂତି ଦେବା ସହ ରାଜ୍ୟ ଦୁଃସାହସିକ ପର୍ଯ୍ୟଟନରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ। ଫଳରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ କୋରାପୁଟ, ଦେଓମାଳି ବୁଲିବା ସହ ପାରାଗ୍ଲାଇଡିଂର ମଜା ନେଇପାରିବେ। ଅନ୍ୟପଟେ ଡିସେମ୍ବରରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ଦେଓମାଳିରେ ଇକୋ ରିଟ୍ରିଟ୍ କରିବାକୁ ମନସ୍ଥ କରିଥିବା ବେଳେ ଦୁଃସାହସିକ ପାରାଗ୍ଲାଇଡିଂ ଏଥିରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଏ ନେଇ ଗ୍ରୀନ ସ୍ପେସ ଆଡଭେଞ୍ଚର ପ୍ରାଇଭେଟ ଲିମିଟେଡର ଶଶାଙ୍କ ରଥ କହିଛନ୍ତି, ଦୁଃସାହସିକ କ୍ରୀଡ଼ାରେ ଭାଗ ନେଉଥିବା ପର୍ଯ୍ୟଟକଙ୍କୁ ଏହା ନିଶ୍ଚିତ ଭାବେ ଏକ ଭିନ୍ନ ଅନୁଭୂତି ଦେବ। ଏଥିପାଇଁ ହିମାଳୟରୁ ଅଭିଜ୍ଞ ପ୍ରଶିକ୍ଷକ ଆସିଛନ୍ତି। ଗତ ଦେଢ଼ ମାସ ହେବ ଟ୍ରାଏଲ୍ ସରିଛି। ଜିଲା ପ୍ରଶାସନ ଏଥିପାଇଁ ଅନୁମତି ବି ଦେଇସାରିଛନ୍ତି। ଖାଲି ଉଡ଼ାଣକୁ ଅପେକ୍ଷା। ହୃଦ୍‌ରୋଗ ଥିବା ପର୍ଯ୍ୟଟକଙ୍କ ବ୍ୟତୀତ ବାକି ସମସ୍ତେ ଏହାର ମଜା ନେଇପାରିବେ। ଏହାଛଡା ପ୍ରତିଟି ପର୍ଯ୍ୟଟକଙ୍କ ସୁରକ୍ଷା ଓ ଜୀବନକୁ ସୁରକ୍ଷିତ ରଖିବା ପାଇଁ ଆମେ ସେମାନଙ୍କୁ ଉଡ଼ାଣ ପୂର୍ବରୁ ଇନ୍‌ସୁରାନ୍ସର ଅନ୍ତର୍ଭୁକ୍ତ କରିବାକୁ ମନସ୍ଥ କରିଛୁ।

କେବଳ ପାରାଗ୍ଲାଇଡିଂ ନୁହେଁ, ରାଜ୍ୟ ପର୍ଯ୍ୟଟନ ବିଭାଗ ଗତ ଦୁଇ ବର୍ଷ ହେବ କୋରାପୁଟକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଗୁରୁତ୍ୱ ଦେଇ ତା'ର ପାରିପାର୍ଶ୍ୱିକ ବିକାଶ ପାଇଁ ଚିନ୍ତା କରିଛି। ଏଥିପାଇଁ କୋରାପୁଟ ମୁଖ୍ୟ ଫାଟକର ପ୍ରବେଶ ଦ୍ୱାରରେ ଶୁଳ୍କ ରଖାଯାଇଛି। ଆସନ୍ତା ଦିନରେ ସେଠାରେ କୋରାପୁଟର ଦେଶୀ ଖାଦ୍ୟ ବିକ୍ରିବଟା କରାଯିବା ସହ ନାଇଟ୍ କ୍ୟାମ୍ପିଂ ଓ କାରାବାନ୍ ଟୁରିଜମ କରାଯିବାକୁ ଚିନ୍ତା କରୁଛି। ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଟେଣ୍ଡର ମାଧ୍ୟମରେ ଘରୋଇ ଉଦ୍ୟୋଗୀମାନଙ୍କ ଦ୍ୱାରା ସେଠାରେ ହୋଟେଲ ରହଣି, ଇକୋ ରିସର୍ଟ ଆଦିର ବ୍ୟବସ୍ଥା କରିଛି। ଜିଲା ପ୍ରଶାସନ ବି ସ୍ୱତନ୍ତ୍ର ଭାବେ ସେଠାରେ କଫି ଓ ମାଣ୍ଡିଆ ଆଉଟ୍‌ଲେଟ କରିବା କାମ ଆରମ୍ଭ କରିଛି। ସେଠାରେ ଆଗାମୀ ଦିନରେ ଦେଓମାଳି ବୁଲିବାକୁ ଆସୁଥିବା ପର୍ଯ୍ୟଟକ କୋରାପୁଟ କଫି ସହ ମାଣ୍ଡିଆର ବିଭିନ୍ନ ଖାଦ୍ୟର ମଜା ନେଇପାରିବେ।



ଦେଓମାଳି ପାହାଡ଼ରେ ପାରାଗ୍ଲାଇଡିଂର ଟ୍ରାଏଲ କରାଯାଉଛି।

# ନୀଳାଦ୍ରିପ୍ରସାଦ ଆର୍‌ଆଇଙ୍କୁ ଆକ୍ରମଣ

ବାଣପୁର/ଗମ୍ଭାରୀମୁଣ୍ଡା,୨୧।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ତହସିଲ ଅଧୀନ ନୀଳାଦ୍ରିପ୍ରସାଦ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୋମବାର ବାଣପୁର ପୋଲିସ ଏସମ୍ପର୍କରେ ଏକ ମାମଲା (ନଂ.୫୧୮/୨୨)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶନିବାର ଅପରାହ୍ନରେ ଆର୍‌ଆଇ ପ୍ରଧାନ ନିଜ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ କାର୍ଯ୍ୟାଳୟରେ ପଶି ହଠାତ୍ ପ୍ରଧାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆହତ ଅବସ୍ଥାରେ ସେ ମେଡିକାଲରେ ଚିକିତ୍ସିତ ହେବା ସହିତ ତହସିଲଦାରଙ୍କୁ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ଏନେଇ ପ୍ରଧାନ ବାଣପୁର ଥାନାରେ ଅଭିଯୋଗ କରିଥିଲେ।

# ଧାନକିଣା ଆରମ୍ଭରୁ ଅଚଳାବସ୍ଥା

ବରଗଡ଼ ଅଫିସ/ଅତାବିରା/ସରଣ୍ଡା/ପଦ୍ମପୁର,୨୧।୧୧

- ଦିନକରେ ଖୋଲିଲା ଜିଲାର ସବୁ ଧାନମଣ୍ଡି
- ସଂଗୃହୀତ ହେଲା ୧୫ ହଜାର ୭୮୬ ପ୍ୟାକେଟ୍

ବରଗଡ଼ ଜିଲାରେ ସୋମବାରରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ରହିଥିବା ଧାନକ୍ରୟ କେନ୍ଦ୍ର(ମଣ୍ଡି)ଗୁଡ଼ିକ ଧାନ ସଂଗ୍ରହ ଲାଗି ଏକକାଳୀନ ଖୋଲିଛି। ପ୍ରଥମ ଦିବସରେ ଜିଲାର ମଣ୍ଡିଗୁଡ଼ିକରେ ୧୫ ହଜାର ୭୮୬ ପ୍ୟାକେଟ୍ ଧାନ ସଂଗୃହୀତ ହୋଇଛି। ସେଥିମଧ୍ୟରୁ ଅତାବିରା ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରେ ସର୍ବାଧିକ ୧୪୫୬୫, ବରଗଡ଼ ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରେ ୮୩୨ ଏବଂ ପଦ୍ମପୁର ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରେ ୩୮୯ ପ୍ୟାକେଟ୍ ଧାନ ସଂଗୃହୀତ ହୋଇଛି। ସେଥିମଧ୍ୟରୁ କେବଳ ୯୭୦ ପ୍ୟାକେଟ୍ ଅର୍ଥାତ୍ ୪୨୦.୭୬ କୁଇଣ୍ଟାଲ ଧାନ ବିକ୍ରି ହୋଇ ବିଭିନ୍ନ ରାଇସ୍ ମିଲ୍‌କୁ ଯାଇଛି। ଆହୁରି ୧୪ହଜାର ୮୧୬ ପ୍ୟାକେଟ୍ ଧାନ ମଣ୍ଡିଗୁଡ଼ିକରେ ବିକ୍ରି ଅପେକ୍ଷାରେ ରହିଛି। ଆରମ୍ଭରୁ ଧାନ ଉଠାଣ ପ୍ରକ୍ରିୟାରେ ଶିଥିଳତାକୁ ନେଇ ଚାଷୀ ଅସନ୍ତୋଷ ଦେଖାଯାଇଛି। ଏଭଳି ଅଚଳାବସ୍ଥା ଜାରି ରହିଲେ ଆଗକୁ ସ୍ଥିତି ଆହୁରି ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ପ୍ରଥମ ଦିନ ହୋଇଥିବା ଯୋଗୁ କମ୍ ଧାନ ଉଠିଛି, ଆଗକୁ ଏହା ତ୍ୱରାନ୍ୱିତ ହେବ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନ କହିଛନ୍ତି।

ଜିଲାରେ ଏଥର ଗୋଟିଏ ଦିନରେ ୨୨୦ ମଣ୍ଡି ଖୋଲାଯାଇଛି। ବରଗଡ଼ ଆରଏମ୍‌ସି ଅଧୀନ କଲାପାଣି ମଣ୍ଡିରେ ସୁପରଭାଇଜର ବିଜୟ ରାଉତ, ମାର୍କେଟ ଇନ୍‌ଚାର୍ଜ ଭାଗୀରଥି ସାହୁ, ସରପଞ୍ଚ ପ୍ରତିନିଧି ବିପିନ ପ୍ରଧାନଙ୍କ ଉପସ୍ଥିତିରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଥିଲା। ଉକ୍ତ ଆରଏମ୍‌ସିର କଲାପାଣି ମଣ୍ଡିକୁ ୫ଜଣ ଚାଷୀ ୬୮୯ ଏବଂ ଚଢ଼େଇଗାଁ ମଣ୍ଡିକୁ ଜଣେ ଚାଷୀ ୧୪୩ ପକେଟ୍ ଧାନ ବିକ୍ରି ପାଇଁ ଆଣିଥିଲେ। ମାତ୍ର ତାହା ବିକ୍ରି ହୋଇପାରିନାହିଁ। ସେହିପରି ଅତାବିରା ଆରଏମ୍‌ସି ଅଧୀନ ଗୋଡ଼ଭଗା ମଣ୍ଡିରେ ସହକାରୀ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନା କର୍ଣ୍ଣ, ଅତାବିରା ଯୋଗାଣ ନିରୀକ୍ଷକ ରଞ୍ଜନ ନାୟକ, ସିଇଓ ସରୋଜ ନାୟକ, ମାର୍କେଟ ଇନ୍‌ଚାର୍ଜ ବିପିନ ମିଶ୍ରଙ୍କ ଉପସ୍ଥିତିରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଉପଜିଲାପାଳ ଲଲାଟ କୁମାର ଲୁହା ଉପସ୍ଥିତ ଥିଲେ। ପଦ୍ମପୁର ଆରଏମ୍‌ସି ଅଧୀନ ୮୦ଟି କ୍ରୟକେନ୍ଦ୍ରରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିବସରେ କେବଳ ପାଇକମାଲ ମଣ୍ଡିକୁ ୪ ଜଣ ଚାଷୀ ୩୮୯ ପ୍ୟାକେଟ୍ ଧାନ ଆଣିଥିବାବେଳେ ସେହି ଧାନ ଉଠିଥିବା ଆରଏମ୍‌ସି ସମ୍ପାଦକ ତ୍ରିନାଥ ରାଉତ ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ଏଥର ଜିଲାରେ ଧାନକ୍ରୟ ଲକ୍ଷ୍ୟ ୫୫ଲକ୍ଷ ୨୬ହଜାର ୯୧୧ କୁଇଣ୍ଟାଲ ରହିଛି। ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଜରିଆରେ ଯୋଗାଣ ନିଗମ ଧାନ କିଣୁଥିବାବେଳେ ୧୧୨ ମିଲର୍ସ ଏଥିରେ ସାମିଲ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୭୦ହଜାର ୫୫୭ ଟୋକନ ରିଲିଜ୍ ହୋଇଥିବା ଜିଲା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି।



ବରଗଡ଼ ଆରଏମ୍‌ସି ଅଧୀନ କଲାପାଣି ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରାଯାଉଛି।

# ଅଡିଟ୍ ବ୍ୟବସ୍ଥାର ସମୃଦ୍ଧ ଇତିହାସ ରହିଛି: ରାଜ୍ୟପାଳ







ଲୋକସେବା କନ୍‌ଭେନ୍‌ସନ ସେଣ୍ଟରରେ ସୋମବାର ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଅଡିଟ୍ ସପ୍ତାହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରଧାନ ମହାଲେଖାକାର ବିଭୁଦତ୍ତ ବସନ୍ତିଆ, ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା, 'ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଓ ଅନ୍ୟମାନେ।

## ଦ୍ୱିତୀୟ ଅଡିଟ୍ ସପ୍ତାହ ଉଦ୍‌ଘାଟନ

### ଏ.ଜି. ଅଡିଟ୍ ଯୋଗୁ ୫୬୬ କୋଟି ଅର୍ଥ ସରକାରୀ ତହବିଲକୁ ଫେରିଲା: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ସ୍ଥାନୀୟ ମହାଲେଖାକାର କାର୍ଯ୍ୟାଳୟ ଆନୁକୂଲ୍ୟରେ ୨ୟ ଅଡିଟ୍ ସପ୍ତାହ ସୋମବାର ଲୋକସେବା କନ୍‌ଭେନ୍‌ଶନ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଛି। ଏହାକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି, ଭୌତିକ ପୃଥିବୀରୁ ଆଧ୍ୟାତ୍ମିକ ପୃଥିବୀକୁ ଆମର ଯାତ୍ରା ସେତେବେଳେ ତ୍ୱରାନ୍ୱିତ ହେବ, ଯେତେବେଳେ ପ୍ରତ୍ୟେକେ ନିଜ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବେ। ବର୍ତ୍ତମାନ ଭାରତର ସାମ୍ପ୍ରତିକ ଶାସନ ବ୍ୟବସ୍ଥା ସଶକ୍ତ ହୋଇଛି। ପ୍ରଗତିର ନୂତନ ଶିଖର ସ୍ପର୍ଶ କରୁଛି। ଏହି କ୍ରିୟାଶୀଳତାର ଆଧାର ହେଉଛି ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ। ଭାରତ ଅଡିଟ୍ ବ୍ୟବସ୍ଥାର ସମୃଦ୍ଧ ଇତିହାସ ଓ ଐତିହ୍ୟ ରହିଛି। ସମୟର ଆହ୍ୱାନ ଓ ଆବଶ୍ୟକତା ଅନୁସାରେ ଏଥିରେ ଉନ୍ନତି ହେଉଥିବା ଖୁସିର କଥା ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରଧାନ ମହାଲେଖାକାର ବିଭୁଦତ୍ତ ବସନ୍ତିଆ, ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା ଯୋଗଦେଇଥିଲେ। ପ୍ରଧାନ ମହାଲେଖାକାର ବସନ୍ତିଆ ତାଙ୍କ ସ୍ୱାଗତ ଭାଷଣରେ ବର୍ତ୍ତମାନ ପରିସ୍ଥିତିରେ ଅଡିଟ୍ ପରିସର ଅତି ବ୍ୟାପକ ହୋଇଛି। ଅନ୍‌ଲାଇନ କାରବାର ଓ କମ୍ପ୍ୟୁଟରୀକରଣ ଫଳରେ ପାରମ୍ପରିକ ଅଡିଟ୍ ବଦଳରେ ବିଭିନ୍ନ ଆଧୁନିକ ପଦ୍ଧତିକୁ ଅଡିଟ୍‌ରେ ପ୍ରୟୋଗ କରାଯିବା ଯୋଗୁ ଖୁବ୍‌ଶୀଘ୍ର ଅଡିଟ୍ ହେବା ସହ ବିଭିନ୍ନ ଦୁର୍ନୀତିକୁ ସରକାରଙ୍କ ଦୃଷ୍ଟିକୁ ଅଣାଯାଇପାରୁଛି ବୋଲି କହିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି, ଦୁର୍ନୀତି ରୋକିବା ପାଇଁ ରାଜ୍ୟ ସରକାର ଅନ୍‌ଲାଇନ କାରବାର ଓ କମ୍ପ୍ୟୁଟରୀକରଣକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ବିଭିନ୍ନ ସ୍ତରରେ ହେଉଥିବା ଦୁର୍ନୀତିକୁ ରୋକାଯାଇପାରିବ। ଓଡ଼ିଶା ଏ.ଜି. ତାଙ୍କ ଅଡିଟ୍ ରିପୋର୍ଟରେ ଦର୍ଶାଯାଉଥିବା ବିଭିନ୍ନ ତ୍ରୁଟି ଓ ବିଚ୍ୟୁତି ଗ୍ରହଣ କରିବା ଉପରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହାଫଳରେ ରାଜ୍ୟ ସରକାରଙ୍କ ତହବିଲକୁ ୫୬୬ କୋଟି ଟଙ୍କା ଫେରସ୍ତ ଆସିଛି ବୋଲି କହିଛନ୍ତି। ସେ ଏ.ଜି. ଅଫିସ କାର୍ଯ୍ୟଧାରାକୁ ପ୍ରଶଂସା କରିଛନ୍ତି। ଏ.ଜି.ଙ୍କ ତତ୍କାଳ ପଦକ୍ଷେପ ଯୋଗୁ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ଖୁବ୍‌ଶୀଘ୍ର ତାଙ୍କ ଅବସରକାଳୀନ ପ୍ରାପ୍ୟ ପାଇପାରୁଛନ୍ତି। ପ୍ରାରମ୍ଭରେ ରାଜ୍ୟପାଳ ଓ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଧାନ ମହାଲେଖାକାର ବସନ୍ତିଆ ଓ ବେହେରା ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଉପମହାଲେଖାକାର ଦୀପକ ରଘୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ପ୍ୟାନେଲିଷ୍ଟ ଭାବେ ଧରିତ୍ରୀ ତଥା ଓଡିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗ ଦେଇ କହିଛନ୍ତି ସରକାରୀ , ବେସରକାରୀ ସଂସ୍ଥା କିମ୍ବା ଛୋଟ ବ୍ୟବସାୟ କ୍ଷେତ୍ରର ସଫଳତା ପାଇଁ ଆର୍ଥିକ ସୁପରିଚାଳନା ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ। ଏହାର ଦାୟିତ୍ୱ ସରକାର ଏଜିଙ୍କ ଉପରେ ନ୍ୟସ୍ତ କରିଥାନ୍ତି। ଅଡିଟ ବୋର୍ଡର ଦସସ୍ୟା ସୁଭଶ୍ରୀ ଦାଶ ମହିଳା ଶସକ୍ତିକରଣ କ୍ଷେତ୍ରରେ ସିଏଜିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାରେ ପ୍ୟାନେଲିଷ୍ଟ ଭାବେ ସାମଜସେବୀ ଜଗଦାନନ୍ଦ, ସୂଚନା କମିଶନର ଦିଲ୍ଲୀପ ବିଶୋଇ, ଅଡିଟ ଡିଜି ବସନ୍ତିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆଇଏଫ୍ଏଫ୍ଆଇରେ 'ଫ୍ରିଡମ୍ ମୁଭ୍‌ମେଣ୍ଟ ଆଣ୍ଡ ସିନେମା' ପ୍ରଦର୍ଶନୀ

ନୂଆଦିଲ୍ଲୀ, ୨୧।୧୧

କେନ୍ଦ୍ର ସୂଚନା ପ୍ରସାରଣ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ସୋମବାର ୫୩ତମ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫ୍ଏଫ୍ଆଇ)ରେ ଆୟୋଜିତ 'ଫ୍ରିଡମ୍ ମୁଭ୍‌ମେଣ୍ଟ ଆଣ୍ଡ ସିନେମା' ପ୍ରଦର୍ଶନୀର ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଆଜାଦୀ କା ଅମୃତ ମହୋତ୍ସବ ଅଭିଯାନ ଅଧୀନରେ ଏହି ମଲ୍ଟିମିଡିଆ ଡିଜିଟାଲ ଏକ୍ସିବିଶନ୍ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ କମ୍ୟୁନିକେଶନ୍ (ସିବିସି) ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଦର୍ଶକ ଓ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ୱାଧୀନତା ସଂଗ୍ରାମବେଳର କିଛି ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା। ଅନ୍ୟପକ୍ଷେ ସ୍ୱାଧୀନତା ସଂଗ୍ରାମୀମାନଙ୍କ କିଛି ବାର୍ତ୍ତା ଓ ଭାଷଣକୁ ମଧ୍ୟ ଏଥିରେ ସାମିଲ କରାଯାଇଥିଲା। ସ୍ୱାଧୀନତା ପାଇଁ ୧୮୫୭ରେ ହୋଇଥିବା ପ୍ରଥମ ସଂଗ୍ରାମର ଅନୁଭୂତି ନେବା ଲାଗି ପ୍ରଦର୍ଶନୀରେ ଏକ ଥିଏଟର କୋଠରିର ବ୍ୟବସ୍ଥା କରାଯାଇଥିଲା।



୫୩ତମ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆରେ ଆୟୋଜିତ 'ଫ୍ରିଡମ୍ ମୁଭ୍‌ମେଣ୍ଟ ଆଣ୍ଡ ସିନେମା' ପ୍ରଦର୍ଶନୀର ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର।

> ଆମ ହୃଦୟରେ କୃତଜ୍ଞତାର ଶୁଦ୍ଧ ଅଗ୍ନିଶିଖା ସର୍ବଦା ପ୍ରଜ୍ୱଳିତ ରହିବା ଉଚିତ। ତା'ହେଲେ ସେହି ଶିଖାର ଉଷ୍ମ, ଉଜ୍ଜ୍ୱଳ ଓ ମଧୁର ଆଲୋକରେ ଆମର ସମସ୍ତ ଅହଂକାର ଓ ଅଜ୍ଞାନ ମିଳେଇ ଯିବ। **-ଶ୍ରୀମା**



# କୋରେଇ ଦୁର୍ଘଟଣା

ଯାଜପୁର ଜିଲା କୋରେଇ ରେଳ ଷ୍ଟେଶନରେ ୨୧ ନଭେମ୍ବର ୨୦୨୨ ସକାଳେ ଏକ ମାଲବାହୀ ଟ୍ରେନ୍‌ର ୮ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ସେଥିରୁ ଦୁଇଟି ବଗି ପ୍ଲାଟଫର୍ମ ଉପରେ ଚଢ଼ିଯିବାରୁ ୩ ଜଣଙ୍କ ପ୍ରାଣହାନି ଘଟିଛି। ମୃତକମାନେ ପ୍ରତୀକ୍ଷାଳୟରେ ଥିବା ସମୟରେ ହଠାତ୍ ଲାଇନଚ୍ୟୁତ ବଗି ପ୍ଲାଟଫର୍ମ ଧାର ଡେଇଁ ସେହିଠାରେ ମାଡ଼ ହେବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଝାଡଖଣ୍ଡର ଡାଙ୍ଗୋଆପୋଷିରୁ ଗଞ୍ଜାମର ଛତ୍ରପୁର ଅଭିମୁଖେ ଯାଉଥିଲା ଏହି ଟ୍ରେନ୍। ବଗିଗୁଡ଼ିକ ଯେଉଁଭଳି ଭାବେ ପ୍ଲାଟଫର୍ମ ଉପରେ ଚଢ଼ିଯାଇଥିବା ଦେଖାଯାଇଛି, ସେଥିରେ ଦୁର୍ଘଟଣା ଅତ୍ୟନ୍ତ ଭୟଙ୍କର ଥିଲା। ଅଘଟଣର କାରଣ ମନୁଷ୍ୟକୃତ ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ୱାଗନ ଡୋର୍‌ରେ ତାଲା ନ ପଡ଼ି ତାରରେ ବନ୍ଧା ହୋଇଥିବାରୁ ତାହା ଛିଣ୍ଡିଯାଇଥିଲା। ଏଥିରୁ ବୁଝିହେଉଛି ଯେ, ଆମ ଦେଶରେ କୌଣସି ଲୋକ କୌଣସି ସ୍ତରରେ ସାଧାରଣ କାର୍ଯ୍ୟପ୍ରଣାଳୀ ଅନୁସରଣ କରିବାକୁ ପସନ୍ଦ କରନ୍ତି ନାହିଁ। ସମସ୍ତେ 'ଚଳିଯିବ, ଚଳିଯିବ' ପଦ୍ଧତିରେ କାର୍ଯ୍ୟ କରୁଥିବା ହେତୁ ଭାରତରେ ପ୍ରାୟ ସବୁଦିନେ ନୂତନ ପ୍ରକାରର ଦୁର୍ଘଟଣା ଦେଖିବାକୁ ମିଳୁଛି। ଏଠାରେ ମନେପକାଇ ଦିଆଯାଇପାରେ ୩୦ ଅକ୍ଟୋବର ୨୦୨୨ରେ ଗୁଜରାଟର ମୋର୍‌ବିଠାରେ ଝୁଲା ସେତୁ ଛିଣ୍ଡିଯିବା ଘଟଣା। ମୋର୍‌ବି ସହର ଦେଇ ପ୍ରବାହିତ ମାଛୁ ନଦୀ ଉପରେ ଥିବା ବ୍ରିଜ୍‌କୁ ବ୍ରିଟିଶ ଅମଳରେ ନିର୍ମାଣ କରାଯାଇଥିଲା। ସବୁଠାରୁ ଉଲ୍ଲେଖଯୋଗ୍ୟ ଯେ, ଶତାବ୍ଦୀ ପୁରୁଣା ପୋଲଟି ଦୁର୍ବଳ ହୋଇଯାଇଥିବାରୁ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଇ ତାହାର ମରାମତି କରାଯାଇଥିଲା। ୨୬ ତାରିଖରେ ଗୁଜରାଟୀ ନବବର୍ଷ ପାଇଁ ତାହାକୁ ଖୋଲି ଦିଆଯାଇଥିଲା। ତେବେ ୩୦ ତାରିଖରେ ୫୦୦ ଲୋକ ବ୍ରିଜ୍ ଦେଖିବାକୁ ଏକତ୍ରିତ ହୋଇଯିବାରୁ ଅଘଟଣ ଘଟିଥିଲା ଓ ୧୩୫ ଜଣଙ୍କ ପ୍ରାଣହାନି ହୋଇଥିଲା। ଏହି ବ୍ରିଜ୍ କାହିଁକି ଖସିଲା ଏକ ରହସ୍ୟ ନୁହେଁ। ଅତି ନିମ୍ନମାନର କାମ ଯୋଗୁ ଖସିଲା ପୋଲ। ଆରମ୍ଭ ହେଲା ପ୍ରବଳ ରାଜନୀତି। କେତେକ ତଳିଆ କର୍ମଚାରୀ ଓ ଅଧିକାରୀ ନିଲମ୍ବିତ ହେଲେ। କିନ୍ତୁ ବାସ୍ତବରେ ଏହା ହେଉଛି ଭାରତୀୟ ଚରିତ୍ରର ଉତ୍ତମ ଦୃଷ୍ଟାନ୍ତ।

> **କେନ୍ଦ୍ର ସରକାର ସାଧାରଣ ଟ୍ରେନ୍‌ଗୁଡ଼ିକର ମରାମତି, ରକ୍ଷଣାବେକ୍ଷଣ କରିପାରୁ ନ ଥିବା ବେଳେ ବହୁ ଅର୍ଥ ବ୍ୟୟ କରାଯାଇ ନିର୍ମାଣ କରାଯାଇଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ପଛରେ ପଡ଼ିଛନ୍ତି। ଅନେକ ନୂଆ ନାମରେ ଚାଲୁଥିବା ରେଳଗାଡ଼ି ବାସ୍ତବରେ କୌଣସି ଭାବେ ଆଧୁନିକ ବ୍ୟବସ୍ଥାର ସୁବିଧା ହାସଲ କରିପାରୁ ନାହିଁ। 'ନୂଆ ବୋତଲରେ ପୁରୁଣା ମଦ' ଭଳି ଏବେ ଖାଲି ନୂଆ ନାମରେ ଟ୍ରେନ୍ ଚାଲୁଛି।**

କୁହାଯାଏ ଦୁର୍ଘଟଣା ଅକସ୍ମାତ ଘଟିଥାଏ। କିନ୍ତୁ ମନୁଷ୍ୟକୃତ ଅଘଟଣକୁ ରୋକାଯାଇପାରନ୍ତା। କୋରେଇରେ ହୋଇଥିବା ଦୁର୍ଘଟଣାକୁ ଦେଖିଲେ ମାଲଡବା ଦାୟିତ୍ୱରେ ଥିବା କର୍ମଚାରୀମାନେ ଯଦି ଠିକ୍ ପଦକ୍ଷେପ ନେଇଥାଆନ୍ତେ, ତେବେ ତାହା ଖୋଲି ହୋଇ ପ୍ଲାଟଫର୍ମ ଧାରରେ ବାଡ଼େଇ ହୋଇ ନ ଥାଆନ୍ତା। ଏମିତି ଦେଖିଲେ ରେଳପଥ ଭିତ୍ତିଭୂମି ଏବେ ମଧ୍ୟ ଅନେକ ସ୍ଥାନରେ ପୁରୁଣାକାଳିଆ ବ୍ୟବସ୍ଥା ବ୍ୟବହାର କରିଚାଲିଛି। ଦୀର୍ଘବର୍ଷ ଧରି ଟ୍ରାକ୍ ଉପରେ ଟ୍ରେନ୍ ଗଡ଼ୁଥିଲେ ମଧ୍ୟ ଅନେକ ଡବା ମରାମତି ନ ହୋଇ ସେମିତି ଚାଲିଛି। ସେହିପରି ଜଗୁଆଳିବିହୀନ ରେଳ ଫାଟକ ଯୋଗୁ ପ୍ରତିବର୍ଷ ବହୁ ଲୋକଙ୍କ ଜୀବନ ଯାଉଛି। କେନ୍ଦ୍ର ସରକାର ସାଧାରଣ ଟ୍ରେନ୍‌ଗୁଡ଼ିକର ମରାମତି, ରକ୍ଷଣାବେକ୍ଷଣ କରିପାରୁ ନ ଥିବା ବେଳେ ବହୁ ଅର୍ଥ ବ୍ୟୟ କରାଯାଇ ନିର୍ମାଣ କରାଯାଇଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ପଛରେ ପଡ଼ିଛନ୍ତି। ଅନେକ ନୂଆ ନାମରେ ଚାଲୁଥିବା ରେଳଗାଡ଼ି ବାସ୍ତବରେ କୌଣସି ଭାବେ ଆଧୁନିକ ବ୍ୟବସ୍ଥାର ସୁବିଧା ହାସଲ କରିପାରୁ ନାହିଁ। 'ନୂଆ ବୋତଲରେ ପୁରୁଣା ମଦ' ଭଳି ଏବେ ଖାଲି ନୂଆ ନାମରେ ଟ୍ରେନ୍ ଚାଲୁଛି। ରେଳଲାଇନ୍ ବଦଳାଯାଉ ନାହିଁ କିମ୍ବା ସିଗ୍‌ନାଲିଂ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଉ ନାହିଁ। ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବା ଦିନଠାରୁ ବହୁ ଗାଈ, ଷଣ୍ଢ ଓ ମଣିଷଙ୍କୁ ମାରିଦେଇଥିବା ଖବର ପ୍ରକାଶ ପାଇଛି। କୁହାଯାଉଛି ଭାରତୀୟ ରେଳ ତରଫରୁ କୁଆଡ଼େ ଏକ ହଜାର କିଲୋମିଟର ଲମ୍ବ ପାଚେରି ନିର୍ମାଣ କରାଯିବ, ଯଦ୍ୱାରା ଗୋରୁଙ୍କ ମୃତ୍ୟୁକୁ ରୋକାଯାଇପାରିବ। ମଣିଷ ପଛେ ମରୁ, ଗାଈଙ୍କୁ ନିଶ୍ଚିତ ଭାବେ ସୁରକ୍ଷିତ ରଖିବା ହେଉଛି ଆମ ସମସ୍ତଙ୍କ ମୂଳ ଦାୟିତ୍ୱ। ତେବେ ପାଚେରି ତିଆରି ପାଇଁ ଲାଗୁଥିବା ଅର୍ଥ କେତେଦୂର ଉଚିତ ଭାବେ ବ୍ୟବହୃତ ହେଲା ତାହା ଆସନ୍ତା ନିର୍ବାଚନ ପୂର୍ବରୁ ଜାଣି ହେବ ନାହିଁ।

# ଭାଗ୍ୟ ନିର୍ଦ୍ଧାରଣ କରିବ ଚିପ୍ସ



ଡ. ଚିତ୍ତରଂଜନ ମିଶ୍ର

ଅତ୍ୟାଧୁନିକ ଚିପ୍ସଗୁଡ଼ିକର ଆକାର ଦିନକୁ ଦିନ ହ୍ରାସ ପାଇଚାଲିଛି। ରାଷ୍ଟ୍ରଗୁଡ଼ିକର ଭାଗ୍ୟ ଏହି ସୂକ୍ଷ୍ମାତିସୂକ୍ଷ୍ମ ସିଲିକନ ଚିପ୍ସ ଉପରେ ନିର୍ଭର କରିଥାଏ। ଚାଲନ୍ତୁ ଏ ସମ୍ପର୍କିତ ତିନୋଟି ଦୃଶ୍ୟପଟ୍ଟର ପର୍ଯ୍ୟାଲୋଚନା କରିବା। ପ୍ରଥମତଃ ଆପଲ୍ କମ୍ପାନୀର ନୂଆ ଏ-୧୬ ଚିପ୍ ମଧ୍ୟରେ ୧୬ ବିଲିୟନରୁ ଅଧିକ ଟ୍ରାନ୍‌ଜିଷ୍ଟର ରହିଅଛି। ତାଇୱାନ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ କମ୍ପାନୀ (ଟିଏସ୍‌ଏମ୍‌ସି) ସମଗ୍ର ବିଶ୍ୱର ଏକ ଅଗ୍ରଣୀ ଚିପ୍ସ ମାନୁଫାକ୍ଚରିଂ କମ୍ପାନୀ। ଏହା ଗୋଟିଏ ଆଇଫୋନ୍ ଚିପ୍‌ରେ ଏକ କ୍ୱିନ୍‌ଟ୍ରିଲିୟନରୁ ଅଧିକ ସଂଖ୍ୟକ ଟ୍ରାନ୍‌ଜିଷ୍ଟରକୁ ସନ୍ନିବେଶିତ କରିପାରିଛି। ଆମେ ପଠାଉଥିବା ପ୍ରତ୍ୟେକଟି ବାର୍ତ୍ତା, ଆମେ ଉଠାଉଥିବା ପ୍ରତ୍ୟେକଟି ଫଟୋ ଏବଂ ଆମେ କରୁଥିବା ପ୍ରତ୍ୟେକଟି କଲ୍ କୌଣସି ଏକ ଚିପ୍ ଉପରେ ନିର୍ଭର କରିଥାଏ।

ଆପଲ୍ କମ୍ପାନୀ ତା'ର ଚିପ୍ସକୁ ସାଇରସ୍ ଲଜିକ୍, ଆମେରିକା; କିଓକ୍ସିଆ, ଜାପାନ; ସ୍କାଇୱାର୍କ୍ସ, ଆମେରିକା ଏବଂ ଟି.ଏସ.ଏମ.ସି. ତାଇୱାନରୁ କିଣିଥାଏ। ଆପଲ୍ ଏହାକୁ ନିଜର ଇନ୍-ହାଉସ୍ ପ୍ରୟୋଗଶାଳାରେ ଡିଜାଇନ କରି ଅତ୍ୟନ୍ତ ଜଟିଳ ପ୍ରକ୍ରିୟା ମାଧ୍ୟମରେ ଆଇଫୋନ୍ ଅପରେଟିଂ ସିଷ୍ଟମର ପ୍ରସ୍ତୁତି କରିଥାଏ। ଆପଲ୍ କମ୍ପାନୀକୁ 'ପ୍ରକୃତିର ଏକ ଶକ୍ତି' ବୋଲି ଏହା ବିବେଚିତ କରିଥାଏ। ତଥାପି ଆପଲ୍ ଭଳି ଏକ ଟ୍ରିଲିୟନ ଡଲାର କମ୍ପାନୀ ନିଜର ଚିପ୍ସ ମାନୁଫାକ୍ଚରିଂ କରିବାରେ ସମର୍ଥ ହୋଇପାରୁନାହିଁ। ଏ-୧୬ ଚିପ୍ କେବଳ ଗୋଟିଏ ମାତ୍ର କମ୍ପାନୀ ଦ୍ୱାରା ଏବଂ ତାଇୱାନର ରାଜଧାନୀ ତାଇପେଇରେ ଥିବା 'ଭବନ-୧୮' ନାମକ କେବଳ ଗୋଟିଏ ମାତ୍ର ଭବନରେ ନିର୍ମାଣ ହୋଇଥାଏ। ଟି.ଏସ.ଏମ୍.ସି.ର ଫାବ୍ରିକେଶନ ୟୁନିଟ୍ ସମ୍ଭବତଃ ସମଗ୍ର ବିଶ୍ୱର ଅତ୍ୟନ୍ତ ବ୍ୟୟବହୁଳ ଓ ମୂଲ୍ୟବାନ କାରଖାନା। ଆଜିର ଦିନରେ ଚିପ୍ସ ବିଶ୍ୱର ମାତ୍ର ଅଳ୍ପ କେତେକ ହାତ ଗଣତି ରାଷ୍ଟ୍ର ଯଥା- ତାଇୱାନ, ଦକ୍ଷିଣ କୋରିଆ, ଆମେରିକା, ଜାପାନ, ନେଦରଲାଣ୍ଡ ଓ ଚାଇନା ଦ୍ୱାରା ଉତ୍ପାଦନ ହୋଇଥାଏ।

ଦ୍ୱିତୀୟତଃ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ନିଜର ଆଧିପତ୍ୟ ବିସ୍ତାର କରିବା କ୍ଷେତ୍ରରେ ରୁଷିଆ ଏତେଟା ସକ୍ଷମ ହୋଇପାରୁନାହିଁ। ରୁଷିଆ ବିରୋଧରେ ୟୁକ୍ରେନ ଚିପ୍ସ ଦ୍ୱାରା ସଂଚାଳିତ 'ପ୍ରେସିସନ୍-ଗାଇଡେଡ୍ ମିଶାଇଲ' ପ୍ରୟୋଗ କରୁଛି, ଯାହାକୁ ପାଶ୍ଚାତ୍ୟ ମିତ୍ରରାଷ୍ଟ୍ରଙ୍କଠାରୁ ନିକଟ ଅତୀତରେ କିଣିଛି। ୟୁକ୍ରେନ୍ ଓ ଆମେରିକାର ଅଧିକାରୀମାନେ ଦାବି କରନ୍ତି ଯେ ରୁଷିଆ ପାଖରେ ଯାହା କିଛି ବି ଚିପ୍ସ ରହିଛି ତାହା ହେଉଛି ନିଜ ଦେଶରେ ନିର୍ମିତ ଏବଂ ଆଉ କିଛି ବିଦେଶରୁ ଆମଦାନୀ ହୋଇଥିବା ଚିପ୍ସର ମୋଟ ସମ୍ମିଶ୍ରଣ। ଆମେରିକା ସରକାରଙ୍କ ପ୍ରସିଦ୍ଧ 'ଏଣ୍ଟିଟି ଲିଷ୍ଟ' ସ୍ୱତଃସିଦ୍ଧ କରିଥାଏ ଯେ ଏହି ପ୍ରଯୁକ୍ତିବିଦ୍ୟା ଯେପରି ଚାଇନା ଓ ରୁଷିଆର ହସ୍ତଗତ ନ ହୁଏ ଏବଂ ଏହି ଦୁଇ ଦେଶ ଯେଉଁଭଳି ଭାବେ ଚିପ୍ସର ଦୌଡ଼ରେ ଆମେରିକାକୁ ଟପି ଆଗକୁ ଯାଇ ନ ପାରନ୍ତି। ତୃତୀୟତଃ ୨୦୨୨ର ପ୍ରାରମ୍ଭିକ ପର୍ଯ୍ୟାୟରେ ଟୟୋଟା କମ୍ପାନୀ ଚିପ୍ସର ଅଭାବ କାରଣରୁ ଅସ୍ଥାୟୀ ରୂପରେ ଜାପାନରେ ଥିବା ତା'ର ୫ଟି ଅନ୍ତର୍ଦ୍ଦେଶୀୟ କାର୍ ଉତ୍ପାଦନ କାରଖାନାକୁ ବନ୍ଦ କରିଦେଲା।



ଉପରବର୍ଣ୍ଣିତ ତିନୋଟି ଦୃଶ୍ୟପଟ୍ଟରେ ଥିବା ସମାନତା ହେଲା ଚିପ୍ସର ଅନନ୍ୟ ମହତ୍ତ୍ୱ, ଆବଶ୍ୟକତା ଓ ଗୁରୁତ୍ୱ। କେବଳ ଚିପ୍ସର ଉତ୍ପାଦନ ପାଇଁ ଉପଯୁକ୍ତ କ୍ଷମତା, ନିପୁଣତା, ଯୋଗ୍ୟତା ବା ସାମର୍ଥ୍ୟ ଆହରଣ କରିଦେଲେ ଚଳିବ ନାହିଁ ବରଂ ଏହାକୁ କମ୍ପ୍ଲେକ୍ସ ସିଷ୍ଟମ୍ସକୁ ଏକୀକୃତ ଏବଂ ସଂଶ୍ଳେଷିତ କରିବାର ଅସାଧାରଣ ଦକ୍ଷତା ହିଁ ଆଗାମୀ ଦଶନ୍ଧିଗୁଡ଼ିକରେ ରାଷ୍ଟ୍ରଗୁଡ଼ିକର ଭାଗ୍ୟ ନିର୍ଦ୍ଧାରଣ କରିବ। ଆଜିର ଦିନରେ କ୍ରିଟିକାଲ ସେକ୍ଟରଗୁଡ଼ିକ ଯଥା- ଦେଶରକ୍ଷା, ଦୂରସଞ୍ଚାର, ଇଲେକ୍ଟ୍ରୋନିକ୍ସ ଏବଂ ଗତିଶୀଳତା ଚିପ୍ସର ଅଭାବ କାରଣରୁ ଗଭୀର ଭାବେ ପ୍ରଭାବିତ ହେଉଛନ୍ତି ଏବଂ ଏଭଳି ସ୍ଥିତି ୨୦୨୩ର ଶେଷ ପର୍ଯ୍ୟନ୍ତ ଲାଗି ରହିବ। ଆମେରିକା, ୟୁରୋପୀୟ ୟୁନିୟନ୍, ଜାପାନ, ଭାରତ ଏବଂ ଚାଇନା ସେମିକଣ୍ଡକ୍ଟର ସେକ୍ଟରରେ ପ୍ରାୟ ୨୦୦ ବିଲିୟନ ଡଲାର ଲଗାଇଛି, ପରନ୍ତୁ ଏହାର ପ୍ରଭାବ ଏବେ ପରିଦୃଶ୍ୟ ହେବନାହିଁ। ଚାଇନା ଯଦି ତାଇୱାନ ଉପରେ ଆକ୍ରମଣ କରେ ତେବେ ତାଇୱାନକୁ ସହାୟତା କରିବା ପାଇଁ ଆମେରିକା ବନ୍ଧୁତ୍ୱର ହାତ ବଢ଼ାଇବା ଲାଗି ପ୍ରସ୍ତୁତ ଅଛି। ସମ୍ଭବତଃ ତାହାର କାରଣ ହେଲା ପୃଥିବୀରେ ଏପରି କୌଣସି କ୍ଷମତାସମ୍ପନ୍ନ ରାଷ୍ଟ୍ର ନାହିଁ ଯେ କି ତାଇୱାନ ଏବଂ ଦକ୍ଷିଣ କୋରିଆଠାରୁ ସର୍ବୋତ୍ତମ ଓ ଅଧିକ ଗତିଶୀଳ ଚିପ୍ସର ଉତ୍ପାଦନ କରିପାରିବ।

ଯଦିଓ ଭାରତ ଚିପ୍ସର ଉତ୍ପାଦନ ପାଇଁ ଏକ ଦୂରଦର୍ଶୀ ପଦକ୍ଷେପ ଗ୍ରହଣ କରିଛି ହେଲେ ଭାରତବର୍ଷକୁ ଗ୍ଲୋବାଲ ଚିପ୍ସ ମାନୁଫାକ୍ଚରର୍‌ଙ୍କ ପଛରେ ଦୌଡ଼ ଲଗାଇଲା ବେଳେ ମନେ ରଖିବାକୁ ପଡ଼ିବ ଯେ, ଫକ୍ସକନ୍ କମ୍ପାନୀର ମାୟାରେ ଭ୍ରମିତ ହେବା ଉଚିତ ନୁହେଁ। ଅତୀତରେ ବ୍ରାଜିଲ୍ ଓ ଭିଏତ୍‌ନାମ ପରି, ଜୁନ୍ ୨୦୧୮ରେ ଆମେରିକାର ଉଇସକନ୍‌ସିନ୍‌ର ଦକ୍ଷିଣ-ପୂର୍ବ ପଟରେ ଥିବା ରାସିନ ଅଞ୍ଚଳରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉଇସକନ୍‌ସିନ୍‌ର ତତ୍କାଳୀନ ରାଜ୍ୟପାଳ ସ୍କଟ ୱାଲ୍‌କରଙ୍କ ସହାୟତାରେ ଫକ୍ସକନ କମ୍ପାନୀର ଚେୟାରମ୍ୟାନ ମିଷ୍ଟର ଟେରୀ ଗୋଉ ସେଠାରେ ବିଶ୍ୱର ସର୍ବଶ୍ରେଷ୍ଠ ଏଲସିଡି ମାନୁଫାକ୍ଚରିଂ ପ୍ଲାଣ୍ଟ ସ୍ଥାପନା କରିବାକୁ ସ୍ଥିର କରିଥିଲେ। ମିଷ୍ଟର ଟେରୀ ଗୋଉ ଏଥିପାଇଁ ୫ ବିଲିୟନ ଡଲାର ଅର୍ଥରାଶି ମଧ୍ୟ ସବ୍‌ସିଡି ଆକାରରେ ଯୋଗାଡ଼ କରିଥିଲେ ଏବଂ ହଜାର ହଜାର ଲୋକଙ୍କୁ ଏହି କାରଖାନାରେ ନିଯୁକ୍ତି ଦେବା ପାଇଁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଥିଲେ। ହେଲେ ଏ ସମସ୍ତ ଯୋଜନା ଡ୍ରଇଂବୋର୍ଡ ସ୍ତରରେ ହିଁ ରହିଗଲା। ସେଠାରେ ଏକ ନୂଆ କାରଖାନାର ପ୍ରତିଷ୍ଠା ପାଇଁ ଅଧିବାସୀମାନଙ୍କୁ ସେମାନଙ୍କ ବାସସ୍ଥାନରୁ ଉଚ୍ଛେଦ କରାଯାଇଥିଲେ ମଧ୍ୟ ଗୋଟିଏ ହେଲେ ଚିପ୍ସ ନା ଏଲସିଡି ମାନୁଫାକ୍ଚରିଂ ପ୍ଲାଣ୍ଟ ସ୍ଥାପନା ହୋଇ ପାରିଲା ନାହିଁ। ଭାରତବର୍ଷର ବିଭିନ୍ନ ରାଜ୍ୟ ଯେଉଁମାନେ କି ନିଜ ନିଜ ଭିତରେ ପ୍ରତିଦ୍ୱନ୍ଦ୍ୱିତା କରି ଚିପ୍ସର ମାନୁଫାକଚରିଂ ୟୁନିଟ୍ ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶ କରିବାକୁ ପ୍ରଯୁକ୍ତିବିଦ୍ୟାର ମହାଦୌଡ଼ରେ ଆଗଭର ହେଉଛନ୍ତି ସେମାନେ ମନେ ରଖିବା ଉଚିତ ଯେ ଏକ ଚିପ୍ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ସ୍ଥିର ବିଦ୍ୟୁତ୍ ଶକ୍ତି ଏବଂ ବିଲିୟନ ବିଲିୟନ ଗ୍ୟାଲନର ସ୍ୱଚ୍ଛ ଜଳର ଆବଶ୍ୟକତା ରହିଛି, ଯାହାକି ଏବେ କୌଣସି ରାଜ୍ୟ ବନ୍ଦୋବସ୍ତ କରିପାରିବ ନାହିଁ। ଏପରିକି ଭବିଷ୍ୟତ ପାଇଁ ଏକ ଏଲସିଡି ପ୍ୟାନେଲ ମାନୁଫାକ୍ଚରିଂ ୟୁନିଟ୍ ପ୍ରତିଷ୍ଠା କରିବା ମଧ୍ୟ ସ୍ୱପ୍ନ ହେବ। ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଆଗାମୀ ଦଶନ୍ଧିରେ ଭାରତ ତା'ର ରଣନୀତି ଓ ସମ୍ବେଦନଶୀଳ ନେତୃତ୍ୱ ମାଧ୍ୟମରେ ସେହି ସ୍ଥାନରେ ପହଞ୍ଚିପାରିବ।

ଏକ ଚିପ୍ ମାନୁଫାକଚରିଂ ପ୍ଲାଣ୍ଟ ୧୫ ରୁ ୨୦ ବିଲିୟନ ଡଲାରର ପୁଞ୍ଜି ଆବଶ୍ୟକ କରିଥାଏ। ଏହି କାରଖାନା ବର୍ଷକ ୩୬୫ ଦିନ କାର୍ଯ୍ୟକାରୀ ହେଲେ ମଧ୍ୟ ନିଜର ଲାଭପ୍ରଦତ୍ତ ସାବ୍ୟସ୍ତ କରିବାକୁ ଏକାଧିକ ବର୍ଷ ଲାଗିଯିବ। କୋଭିଡ-୧୯ ଓ ୟୁକ୍ରେନ୍ ଯୁଦ୍ଧ କାରଣରୁ ଗ୍ଲୋବାଲ ସପ୍ଲାଇ ଚେନ୍ ଅତ୍ୟନ୍ତ ଅଶାନ୍ତ ହୋଇପଡ଼ିଛି। ବିଶ୍ୱର ପ୍ରତ୍ୟେକଟି ପ୍ରମୁଖ ଅର୍ଥନୈତିକ ମହାଶକ୍ତି ନିଜର ଅର୍ଥ ବଳ ଓ ସର୍ବୋତ୍କୃଷ୍ଟ ମସ୍ତିଷ୍କକୁ ବ୍ୟବହାର କରି ଏହି ସିଲିକନ୍ ଯୁଦ୍ଧକୁ ଜିଣିବାକୁ ଚାହୁଁଛନ୍ତି। ଭାରତ ଏହି ପ୍ରଯୁକ୍ତି ଯୁଦ୍ଧରେ ଯଦି ହାରିଯାଏ, ତେବେ ନିଜ କବର ନିଜ ହାତରେ ଖୋଳିବା ସହ ସମାନ ହେବ।

ମୋ-୯୩୩୮୨୦୪୯୯୩

# ଓଡ଼ିଶା ଓ ବିଇଡି ଶିକ୍ଷକ



ଡ. ପ୍ରମୋଦ କୁମାର ପଣ୍ଡା

ଶିକ୍ଷାର ମାନ ବୃଦ୍ଧି ପାଇଁ ତାଲିମପ୍ରାପ୍ତ ଶିକ୍ଷକଙ୍କର ଆବଶ୍ୟକତା ଅଛି। ସେଥିପାଇଁ ଆମ ଶିକ୍ଷା ବ୍ୟବସ୍ଥାରେ ପ୍ରାଥମିକ ଶିକ୍ଷା ପାଇଁ ସିଟି ଓ ମଧ୍ୟ ଇଂଲିଶ ଓ ଉଚ୍ଚ ବିଦ୍ୟାଳୟ ପାଇଁ ବିଇଡି ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ରହିଛି। ବିଇଡି ତାଲିମ କେନ୍ଦ୍ରରେ ଶିକ୍ଷକମାନଙ୍କୁ ଶିକ୍ଷାଦାନର ସରଳୀକରଣ ଓ ଆଧୁନିକତା ଉପାୟ ବିଷୟରେ ବିଶେଷ ଭାବେ ତାଲିମ ଦିଆଯାଇଥାଏ। ସେହିପରି ପିଲାମାନଙ୍କର ବୌଦ୍ଧିକ ଶକ୍ତି ଅନୁସାରେ ବିଜ୍ଞାନ ଓ ଗାଣିତିକ ବିଷୟକୁ ମନୋରଞ୍ଜନ ଧର୍ମୀ ଢଙ୍ଗରେ ଉପସ୍ଥାପନା କରିବାର କଳା ମଧ୍ୟ ଶିକ୍ଷା ଦିଆଯାଇଥାଏ। ତାଲିମପ୍ରାପ୍ତ ଶିକ୍ଷକ ନିଶ୍ଚିତ ରୂପେ ଅଣ ତାଲିମପ୍ରାପ୍ତ ଶିକ୍ଷକଙ୍କଠୁ ଶିକ୍ଷାଦାନରେ ପାରଦର୍ଶୀ ଓ କୁଶଳୀ। ସେଥିପାଇଁ ଉଭୟ ସିବିଏସ୍‌ସି ଓ ମାଧ୍ୟମିକ ବୋର୍ଡରେ ବିଇଡି ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ବାଧ୍ୟତାମୂଳକ କରାଯାଉଛି। ତଦନୁସାରେ ଆମ ରାଜ୍ୟରେ ତାଲିମପ୍ରାପ୍ତ ଶିକ୍ଷକ ସୃଷ୍ଟି କରିବା ପାଇଁ ବିଇଡି କଲେଜ ମାନ ସ୍ଥାପନ ହୋଇଛି। ବର୍ତ୍ତମାନ ଓଡ଼ିଶାରେ ପାଖାପାଖି ସାହାଯ୍ୟପ୍ରାପ୍ତ ମାଧ୍ୟମିକ ସ୍କୁଲ ସଂଖ୍ୟା ୬୧୯୩, ୮୪୯ ସ୍ୱୀକୃତି ପ୍ରାପ୍ତ ଉଚ୍ଚବିଦ୍ୟାଳୟ ଓ ୧୫୧ଟି ସ୍ୱୀକୃତି ଅପେକ୍ଷିତ ଉଚ୍ଚ ବିଦ୍ୟାଳୟ ଶିକ୍ଷାଦାନ କରୁଛନ୍ତି। ମୋଟ ଉପରେ ଉଚ୍ଚବିଦ୍ୟାଳୟ ସଂଖ୍ୟା ହେଉଛି ୭୧୯୩। ପ୍ରତି ଉଚ୍ଚ ବିଦ୍ୟାଳୟରେ ନ୍ୟୁନତମ ୪ଟି ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ତେଣୁ ସର୍ବମୋଟ ୨୮,୭୭୨ ବିଇଡି ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଆବଶ୍ୟକତା ଅଛି। ଯେତୋଟି ଉଚ୍ଚବିଦ୍ୟାଳୟ ଅଛି, ଅତି କମ୍‌ରେ ସେତୋଟି ମଧ୍ୟ ଇଂଲିଶ ବିଦ୍ୟାଳୟ ବା ମାଇନର ସ୍କୁଲ ଥିବ। ସେଠାରେ ଜଣେ ଲେଖାଏଁ ବିଇଡି ଶିକ୍ଷକ ଆବଶ୍ୟକ ହେଲେ ଅତିକମ୍‌ରେ ୭୧୯୩ ଜଣ ଆବଶ୍ୟକ। ତା' ଛଡ଼ା ବଡ଼ ବଡ଼ ହାଇସ୍କୁଲ, ଜିଲା ସ୍କୁଲମାନଙ୍କରେ ପ୍ରତ୍ୟେକ ଶ୍ରେଣୀରେ ଏକାଧିକ ସେକ୍ସନ ଥିବାରୁ ସେଠାରେ ସ୍ୱୀକୃତିପ୍ରାପ୍ତ ବିଇଡି ଶିକ୍ଷକଙ୍କ ସଂଖ୍ୟା ଅଧିକ। ଆହୁରି ମଧ୍ୟ ଆମ ରାଜ୍ୟରେ ସଂସ୍କୃତ ଟୋଲ ବା ସଂସ୍କୃତ ଶିକ୍ଷାକେନ୍ଦ୍ର ଓ ଉର୍ଦ୍ଦୁ ଶିକ୍ଷାକେନ୍ଦ୍ରର ସଂଖ୍ୟା ମଧ୍ୟ ଅଧିକ। ସେସବୁ ସ୍କୁଲରେ ବି ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କର ଆବଶ୍ୟକତା ପଡ଼ିଥାଏ। ଏତଦ୍‌ବ୍ୟତୀତ ରାଜ୍ୟର ବିଭିନ୍ନ ଜିଲାରେ ଥିବା ସିଟି ଓ ବିଇଡି ଟ୍ରେନିଂ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆବଶ୍ୟକତା ଥାଏ। ମୋଟାମୋଟି ହିସାବ କଲେ ପ୍ରାୟ ପାଖାପାଖି ଆମ ରାଜ୍ୟରେ ୪୦ ହଜାର ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କର ଆବଶ୍ୟକତା ପଡ଼ିଥାଏ।

ସରକାର ବିଇଡି ତାଲିମପ୍ରାପ୍ତ ଶିକ୍ଷକ ପାଇଁ ବିଭିନ୍ନ ସ୍ଥାନରେ କଲେଜ ମାନ ସ୍ଥାପନ କରିଛନ୍ତି; ଯେଉଁଠୁ ପାଖାପାଖି ୫୦୦ (ପାଞ୍ଚ ଶହ)ପ୍ରଶିକ୍ଷାର୍ଥୀ ବହାରୁଛନ୍ତି। ଆଉ ମଧ୍ୟ ଆମ ପାଖରେ ସେଲ୍ଫ ଫାଇନାନ୍ସ ବା ନିଜ ଖର୍ଚ୍ଚରେ ଶିକ୍ଷା ପ୍ରାପ୍ତି ପାଇଁ ପାଖାପାଖି ୫୦୦ ସିଟ୍ ଅଛି। ଅର୍ଥାତ୍ ଉଭୟ ସରକାରୀ ଓ ସେଲ୍ଫ ଫାଇନାନ୍‌ସିଂ ପାଠ୍ୟକ୍ରମ ମିଶାଇଲେ ବାର୍ଷିକ ବିଇଡି ସିଟ୍ ସଂଖ୍ୟା ୧୦୦୦ (ଏକ ହଜାର)। ବିଭିନ୍ନ ମଧ୍ୟ ଇଂଲିଶ ଓ ଉଚ୍ଚ ବିଦ୍ୟାଳୟରେ ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କର ଆବଶ୍ୟକତା ପୂରଣ ପାଇଁ ବହୁବର୍ଷ ଲାଗିଯିବ ବିଇଡିର ପୋଷ୍ଟ ଭରିବା ଲାଗି। ସେଥିପାଇଁ ପ୍ରତିବର୍ଷ ଆମ ରାଜ୍ୟରୁ ହଜାର ହଜାର ପିଲା ଆନ୍ଧ୍ରପ୍ରଦେଶ, ହରିୟାଣା, ହିମାଚଳ ପ୍ରଦେଶ, ସିକିମ, ଉତ୍ତର ପ୍ରଦେଶ ପ୍ରଭୃତି ରାଜ୍ୟକୁ ଯାଇ ବିଇଡି ଶିକ୍ଷା ଗ୍ରହଣ କରିଥାନ୍ତି। ସେ ସବୁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ସୀକୃତିପ୍ରାପ୍ତ ମହାବିଦ୍ୟାଳୟ ଅଧୀନରେ ନାମ ଲେଖାହୁଏ। ସେଥିପାଇଁ ଓଡ଼ିଶାରେ ସେମାନଙ୍କର ଏଜେଣ୍ଟ ଥାଆନ୍ତି; ଯେଉଁମାନେ ବିଦ୍ୟାର୍ଥୀଙ୍କୁ ପ୍ରବର୍ତ୍ତାଇ ସେଠାକୁ ନେଇଥାନ୍ତି। ନାମ ଲେଖା ଫିସ ପ୍ରାୟ ହାରାହାରି ଲକ୍ଷେ ଟଙ୍କା ଜଣକା ଦେବାକୁ ପଡ଼ିଥାଏ। ପିଲାମାନେ ସେଠାରେ ନାମ ଲେଖାଇ ପଳାଇ ଆସନ୍ତି। ସେଠାରେ ରହି ପାଠ ପଢ଼ିବା ଆବଶ୍ୟକ ପଡ଼େନାହିଁ। ପରୀକ୍ଷା ସମୟରେ ଯାଇ ଥିଓରି ପରୀକ୍ଷା ଦେଇ ଦିଅନ୍ତି। ତା' ପରେ ଯାଇ ପ୍ରାକ୍ଟିକାଲ ଟିଚିଂ ମଧ୍ୟ ଦେଇ ଦିଅନ୍ତି। ପ୍ରାୟ ୧୦୦ ପ୍ରତିଶତ ପାସ୍ ଭଳି ରେଜଲ୍ଟ ହୁଏ। ପରୀକ୍ଷାର୍ଥୀ ସେହି ସମୟରେ ଏଣେ ଓଡ଼ିଶାରେ କିଏ ଅନ୍ୟ ସ୍କୁଲରେ ପଢ଼ାଉଥାଏ ତ କିଏ ଟିଉସନ ତ ଆଉ କିଏ ବେପାର ବଣିଜ।



ଆସନ୍ତୁ ଜାଣିବା ଏଥିରୁ ରାଜ୍ୟବାସୀଙ୍କର ଲାଭ କ୍ଷତି ବିଷୟରେ। ପ୍ରଥମତଃ ପ୍ରତି ପିଲାଠୁ ଲକ୍ଷେ ତାଙ୍କ ଆମ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଚାଲିଯାଏ, ଯଦ୍ୱାରା ଆମ ପଇସାରେ ସେମାନେ ଧନୀ ହୁଅନ୍ତି। ଦ୍ୱିତୀୟରେ ଓଡ଼ିଶାରେ ସିଟ୍ ନ ପାଇବା କାରଣରୁ ଛାତ୍ରୀଛାତ୍ର ଅନ୍ୟ ରାଜ୍ୟରେ ଡୋନେସନ ଦେଇ ପଢ଼ନ୍ତି, ଯାହା କି ଛାତ୍ରୀଛାତ୍ରଙ୍କ ପରିବାର ଉପରେ ଆର୍ଥିକ ବୋଝ ପଡ଼େ। ତୃତୀୟରେ ଅନ୍ୟ ରାଜ୍ୟରୁ ବିଇଡି ସାର୍ଟିଫିକେଟ ବିନା ପାଠପଢ଼ାରେ ମିଳୁଥିବାରୁ, ସେ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଉଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଠପଢ଼ା ନିମ୍ନ ମାନର ହୋଇଥାଏ। ଯା' ଫଳରେ ସେସବୁ ସ୍କୁଲରେ ଛାତ୍ରୀଛାତ୍ର ବିଇଡି ତାଲିମପ୍ରାପ୍ତ ଶିକ୍ଷକଙ୍କର ନୂତନ ଶିକ୍ଷାଦାନ କୌଶଳରୁ ବଞ୍ଚିତ ହୁଅନ୍ତି। ଯେହେତୁ ବିଇଡି ପୋଷ୍ଟ ତୁଳନାରେ ବିଇଡି ତାଲିମ ସିଟ୍ ସଂଖ୍ୟା ନଗଣ୍ୟ ଓ ବିଇଡି ସାର୍ଟିଫିକେଟ ବିଇଡି ପୋଷ୍ଟ ପାଇଁ ବାଧ୍ୟତାମୂଳକ, ସେଥିପାଇଁ ଓଡ଼ିଶାର ଛାତ୍ରୀଛାତ୍ର ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରନ୍ତି ବିଇଡି ଡିଗ୍ରୀ ହାସଲ କରିବା ପାଇଁ। ଓଡ଼ିଶାର ଆର୍ଥିକ ଦୁର୍ବଳ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହେଉଛନ୍ତି କାରଣ ସେମାନଙ୍କ ପାଖରେ ପଇସା ଦେଇ ବିଇଡି ପଢ଼ିବା ପାଇଁ ସମ୍ବଳ ନ ଥାଏ। ତେବେ କିଛି ଉପାୟରେ ବିଇଡି ତାଲିମପ୍ରାପ୍ତ ଶିକ୍ଷକ ବୃଦ୍ଧିକରି ରାଜ୍ୟକୁ ସାବଲମ୍ବୀ କରିପାରିବା। ପ୍ରଥମତଃ ବିଇଡି ପୋଷ୍ଟ ଅନୁସାରେ ସରକାରୀ କ୍ଷେତ୍ରରେ ସିଟ୍ ସଂଖ୍ୟା ବଢ଼ାଯାଉ। ଯଦି ସିଟ୍ ସଂଖ୍ୟା ନ ବଢ଼ି ପାରୁଛି, ତା' ହେଲେ ବେସରକାରୀ ସଂସ୍ଥାକୁ ବିଇଡି କଲେଜ ସ୍ଥାପନ କରିବା ପାଇଁ ଅନୁମତି ଦିଆଯାଉ। ସରକାର ଫିସ ନିର୍ଦ୍ଧାରଣ କରନ୍ତୁ। ସରକାର ଏଣ୍ଟ୍ରାନ୍ସ କରି ପିଲାର ତାଲିକାକୁ ବେସରକାରୀ କଲେଜକୁ ଦିଅନ୍ତୁ। ଏହାଦ୍ୱାରା ମେଧାବୀ ପିଲାମାନେ ବିଇଡି ପଢ଼ିବାର ସୁଯୋଗ ପାଇବେ ଓ ସ୍କୁଲରେ ଶିକ୍ଷାଦାନ ମାନ ବୃଦ୍ଧି ହେବ। ଆମକୁ ଆଉ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର ହେବାକୁ ପଡ଼ିବନି।

ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

ମୀନାକ୍ଷୀ ଖତିଙ୍କ ବୟସ ୨୪, କିନ୍ତୁ କାର୍ଯ୍ୟ ପ୍ରେରଣାଦାୟୀ। ଉତ୍ତରାଖଣ୍ଡର ଉକ୍ତ ଝିଅ ୩୦ ମହିଳାଙ୍କୁ ଆଇପନ୍ (ଚାଉଳ ହଳଦୀ ମିଶ୍ରିତ ପୁରୁଣା ଲୋକଚିତ୍ର)ର ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କରିବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୨୦,୦୦୦ ପିଲାଙ୍କୁ ଏଥିରେ ପ୍ରଶିକ୍ଷିତ କରିପାରିଛନ୍ତି। କାର୍ଯ୍ୟରତ ମହିଳାମାନେ ହିଁ ପିଲାମାନଙ୍କୁ ଚିତ୍ରକଳା ଶିକ୍ଷା ଦେଉଛନ୍ତି। କୁମାଁଓ ନିବାସୀ ମୀନାକ୍ଷୀ ଲୁପ୍ତପ୍ରାୟ ଲୋକଚିତ୍ରକୁ ପୁଣି ଫେରାଇ ଆଣିବା ଲାଗି 'ମୀନାକୃତି ଆଇପନ୍ ପ୍ରୋଜେକ୍ଟ' ମାଧ୍ୟମରେ ମହିଳାମାନଙ୍କୁ ସଞ୍ଚାଳନ କରୁଛନ୍ତି। ଏହି ପ୍ରୋଜେକ୍ଟ ୨୦୧୯ରେ ଆରମ୍ଭ ହୋଇଥିଲା। ମହିଳାମାନେ ନାମଫଳକ, ବିଭିନ୍ନ ବାସନକୁସନ ଏବଂ ଅନ୍ୟ ଉତ୍ପାଦକୁ ଏହି ପ୍ରକାର କଳାକୃତିରେ ରଙ୍ଗେଇ ମାସକୁ ହାରାହାରି ୧୦,୦୦୦ରୁ ଊର୍ଦ୍ଧ୍ୱ ରୋଜଗାର କରୁଛନ୍ତି। କୁମାଁଓରେ ସେମାନେ ଘର କାନ୍ଥକୁ ଲାଲ ରଙ୍ଗରେ ରଙ୍ଗେଇ ସେଥିରେ ଧଳାରଙ୍ଗର ପୁରୁଣା ଲୋକଚିତ୍ର ଅଙ୍କନ କରିଛନ୍ତି। ସେମାନେ ଚାଉଳରୁ ପ୍ରସ୍ତୁତ ପେଷ୍ଟରୁ ଅଙ୍ଗୁଳି ମାଧ୍ୟମରେ ଶଙ୍ଖ, ପାଦଚିହ୍ନ, ଫୁଲ ଓ ବିଭିନ୍ନ ଦେବଦେବୀଙ୍କ ଚିତ୍ର ଆଙ୍କୁଛନ୍ତି। ଗାଁର ସବୁ ଘରର କାନ୍ଥ ହସ୍ତଚିତ୍ରରେ ସଜେଇହେବା ବାସ୍ତବରେ ଖୁବ୍ ଆକର୍ଷଣୀୟ ଓ ଏହା ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି। କୁମାଁଓ ଗାଁରେ ବୃଦ୍ଧାମାନେ ସେମାନଙ୍କ ଝିଅମାନଙ୍କୁ ଏହି କଳା ଶିକ୍ଷା ଦିଅନ୍ତି। ମୀନାକ୍ଷୀ ମଧ୍ୟ ତାଙ୍କ ମା'ଙ୍କଠାରୁ ଶିକ୍ଷାକରି ବା ପରେ ଏହାକୁ ବଞ୍ଚାଇବା ଲାଗି ପ୍ରୟାସ କରୁଛନ୍ତି। ସେଥିପାଇଁ ତାଙ୍କୁ 'ଆଇପନ୍ ଗର୍ଲ' ନାମରେ ସମ୍ବୋଧିତ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ନଭେମ୍ବର ୧୯୯୭**

- ଜାମ୍ମୁସ୍ଥିତ ଡୋଡା ଜିଲାର ପଦାର ଇଲାକାରେ ପାହାଡ଼ ଉପରୁ ଏକ ଟ୍ରକ୍ ଖସିପଡ଼ିବା ଫଳରେ ୧୩ ଜଣଙ୍କ ମୃତ୍ୟୁ।
- ଅଞ୍ଜନାଙ୍କ ପ୍ରତି ବଳାତ୍କାର ଉଦ୍ୟମ ଅଭିଯୋଗରେ ସିବିଆଇ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ଇନ୍ଦ୍ରଜିତ ରାୟଙ୍କ ବିରୁଦ୍ଧରେ ଚାର୍ଜଶିଟ୍ ଦାଖଲ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | 8 | | 7 |
| 2 | 9 | 8 | | | | | 4 | |
| | 7 | | 5 | | | | 3 | |
| | | 3 | 1 | 4 | | | | |
| | 5 | 2 | | | 9 | | | 6 |
| 8 | | | | | | | 1 | |
| 6 | | | | 8 | | 3 | | |
| | | | | | | | | 2 |
| | | 9 | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 3 | 5 | 8 | 2 | 1 | 9 | 6 |
| 5 | 6 | 9 | 1 | 3 | 4 | 2 | 7 | 8 |
| 1 | 2 | 8 | 7 | 6 | 9 | 3 | 5 | 4 |
| 8 | 4 | 7 | 6 | 2 | 3 | 5 | 1 | 9 |
| 9 | 5 | 2 | 8 | 7 | 1 | 6 | 4 | 3 |
| 6 | 3 | 1 | 9 | 4 | 5 | 7 | 8 | 2 |
| 2 | 9 | 4 | 3 | 1 | 7 | 8 | 6 | 5 |
| 7 | 8 | 5 | 2 | 9 | 6 | 4 | 3 | 1 |
| 3 | 1 | 6 | 4 | 5 | 8 | 9 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚଢ଼ାଦରରେ ସାର ବିକ୍ରି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକ ଉପଖଣ୍ଡରେ ଗତ କିଛି ମାସ ଧରି ଚଢ଼ାଦରରେ ସାର ବିକ୍ରୟ କରାଯାଉଛି। ଚାଷୀମାନେ ଉଚ୍ଚାଦରରେ ସାର କ୍ରୟ କରୁଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ସତ୍ୟବାଦୀ ବଜାର ସମେତ ପ୍ରତ୍ୟେକ ପଞ୍ଚାୟତରେ ଛତୁ ଫୁଟିଲା ଭଳି ସାର ଦୋକାନ ଖୋଲାଯିବା ଏବଂ ସରକାରୀ ମୂଲ୍ୟଠାରୁ ଅଧିକ ଦାମ୍‌ରେ ସାର ବିକ୍ରୟ ହେଉଥିବା ଜଣାପଡ଼ିଛି। ସାର ସହିତ ରାସାୟନିକ ଔଷଧ ମଧ୍ୟ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ବିକ୍ରୟ ହେଉଛି। ସରକାର ଚାଷୀମାନଙ୍କର ଆୟ ଦୁଇଗୁଣା ବଢ଼ାଇବାକୁ ଚେଷ୍ଟା କରୁଥିବା ବେଳେ କିଛି ଅସାଧୁ ବ୍ୟକ୍ତି ସରକାରୀ ବାବୁମାନଙ୍କୁ ହାତ କରି ଖୁଲମ୍‌ଖୁଲା ଭାବରେ ସାର ଅଧିକ ଦରରେ ବିକ୍ରି କରୁଛନ୍ତି। ସବୁ ଜାଣି ସତ୍ୟବାଦୀ କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମବାୟ କେନ୍ଦ୍ର ହେଉ କି ଲାଇସେନ୍ସପ୍ରାପ୍ତ ଡିଲର, ସବୁଠାରେ ଦୁର୍ନୀତି ଚାଲିଥିବା ବେଳେ ଯାଞ୍ଚ କି ତଦନ୍ତ କରାଯାଉ ନାହିଁ। ରାଜ୍ୟ ସରକାର ଯୋଜନା ଉପରେ ବିଜ୍ଞାପନ ଦେଇ ଉଚିତ ମୂଲ୍ୟରେ ସାର କ୍ରୟ କରିବାକୁ ପରାମର୍ଶ ଦେଉଥିବା ବେଳେ ସମବାୟ ସମିତିରେ କିଭଳି ଚଢ଼ାଦରରେ ସାର ବିକ୍ରୟ ହେଉଛି ତାହାର ତଦନ୍ତ କରାଯାଉ।

**ଦେବବ୍ରତ ମିଶ୍ର, ବରିଷ୍ଠ ନାଗରିକ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତାହାରି କୁନ୍ତଳ ଧୋଇ
ସିନ୍ଧୁଜଳ ନୀଳ ହୋଇ
ତାହାରି କ୍ରନ୍ଦନ ପ୍ରତି
ଲହରୀରେ ଡାକେ
କେଉଁ ଦୂର ମାୟା-ଚକ୍ରବାଳେ!
-(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୧୨୦ କେଜି ଗଞ୍ଜେଇ ଜବତ, ୩ ଗିରଫ

କଟକ ଅଫିସ,୨୧।୧୧: କଟକ ଜିଲା ମଙ୍ଗୁଳି ଟୋଲ୍‌ଗେଟ୍ ନିକଟରେ ରାଜ୍ୟ ଅବକାରୀ ବିଭାଗର ସ୍ପେଶାଲ ସ୍କ୍ୱାଡ୍ ସୋମବାର ଚଢ଼ାଉ କରି ଏକ କାର ସହ ୧୨୦ କେଜି ଗଞ୍ଜେଇ ଜବତ କରିଛି। ଏହି କାରବାର ସହିତ ଜଡ଼ିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପଶ୍ଚିମବଙ୍ଗର ରାଜେଶ ମଜୁମଦାର, ଧ୍ରୁବ ମଣ୍ଡଳ ଓ ବିଜୟ ରଜକ। ଆନ୍ଧ୍ରପ୍ରଦେଶରୁ ଏକ କାର୍‌ରେ ପଶ୍ଚିମବଙ୍ଗର ନବଦୀପ ଗ୍ରାମକୁ ଏହି ଗଞ୍ଜେଇ ଚାଲାଣ ହେଉଥିଲା। ଖବରପାଇ ମଙ୍ଗୁଳି ଟୋଲ୍‌ଗେଟ୍‌ଠାରେ ଅବକାରୀ ସ୍କ୍ୱାଡ୍ ଜଗି ରହିଥିଲା। ଗାଡ଼ିଟି ପହଞ୍ଚିବା ପରେ ଯାଞ୍ଚ କରାଯିବାରୁ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା।

### କାର୍ଯ୍ୟକ୍ରମରେ ୧୮ ଅଭିଯୋଗର ସମାଧାନ

କଟକ ଅଫିସ, ୨୧।୧୧- କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧକ୍ଷତା କରିଥିଲେ। ଉକ୍ତ ଜନ ଅଭିଯୋଗ ଶୁଣାଣିରେ ୪୬ଟି ବ୍ୟକ୍ତିଗତ ଓ ୪ଟି ସମୂହ ଅଭିଯୋଗ ଆସିଥିଲା। ଅଭିଯୋଗ ସ୍ଥଳରେ ୧୮ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିଲା। ଏହାବାଦ୍ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଁ ୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୨ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଓ ଜଣଙ୍କୁ ଅନ୍ୟ ଭତ୍ତା ନିମନ୍ତେ କାର୍ଡ ଦିଆଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଅତିରିକ୍ତ ଡିସିପି ଏସ୍.କେ. ସରିଫୁଦ୍ଦିନ, ଡିଏସ୍‌ପି ମୁଖ୍ୟାଳୟର ରଞ୍ଜିତ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### ମାରପିଟ୍, ୩ ଭାଇ ଗିରଫ

କଟକ ସଦର,୨୧।୧୧(ଡି.ଏନ୍.ଏ.)- କନ୍ଦରପୁର ଥାନା ଅନ୍ତର୍ଗତ ଫକୀରପଡ଼ା ଗ୍ରାମରେ ଜମିବାଡ଼ି ବଣ୍ଟନକୁ ନେଇ ୩ ଭାଇଙ୍କ ମଧ୍ୟରେ ରବିବାର ମାରପିଟ୍ ହୋଇଥିଲା। ଏହି ଘଟଣାରେ ୩ ଭାଇ ଅଶୋକ କୁମାର ସାହୁ, ସୁକୁମାର ସାହୁ ଓ ସୁନିତ ସାହୁଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ୩ ଭାଇଙ୍କ ମଧ୍ୟରୁ ଅଶୋକ ଗାଁରେ ଓ ଅନ୍ୟ ୨ ଭାଇ ବାହାରେ ରହୁଛନ୍ତି। ବାହାରେ ରହୁଥିବା ଭାଇମାନେ ରବିବାର ଗାଁକୁ ଆସି ଘରେ ପଶିବା ପାଇଁ ଉଦ୍ୟମ କରିବାରୁ ଗଣ୍ଡଗୋଳ ଓ ମାରପିଟ୍ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା(ନଂ.୨୧୨,୨୧୩/୨୨) ରୁଜୁ କରିଛି।

### ସାରଳା ସାହିତ୍ୟ ସଂସଦର ଦିଲ୍ଲୀ ଶାଖା ଉଦ୍‌ଘାଟିତ

କଟକ ଅଫିସ, ୨୧।୧୧- ସାହିତ୍ୟ ଅନୁଷ୍ଠାନ ସାରଳା ସାହିତ୍ୟ ସଂସଦର ଦିଲ୍ଲୀରେ ଏକ ଶାଖା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଦିଲ୍ଲୀର ରାଇସିନା ରୋଡସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପୂର୍ବତନ ସଚିବ କବି ଅମରେନ୍ଦ୍ର ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଦିଲ୍ଲୀରେ ଏହି ଶାଖା ସ୍ଥାପନ ହେବା ଏକ ଅଭିନନ୍ଦନୀୟ ପଦକ୍ଷେପ ବୋଲି କହିଥିଲେ। ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଉଦୟନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସାରସ୍ୱତ ସଙ୍ଗଠକ ଦେବେନ୍ଦ୍ର ନାଥ ରାଉତ, କବି ବିରାଜ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂସଦର ଦିଲ୍ଲୀ ଶାଖା ଆବାହକ ରୀତା ନାୟକ ସ୍ୱାଗତ ଭାଷଣ ଓ ଯୁଗ୍ମ ଆବାହକ ରାମଚନ୍ଦ୍ର ନାଥ ଧନ୍ୟବାଦ ଦେଇଥିଲେ।

### ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କଟକ ଅଫିସ,୨୧।୧୧- କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସିଡିଏ କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଅଧକ୍ଷତା କରିଥିଲେ। ଏଥିରେ ମୋଟ ୮ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରେ ଜମିବାଡି ସମ୍ପର୍କିତ ଗୋଟିଏ, ୩ଟି ରାସ୍ତାଘାଟ, ଦୁଇଟି ଏନଫୋର୍ସମେଣ୍ଟ ଏବଂ ଦୁଇଟି ଅନ୍ୟ ସମ୍ବନ୍ଧିତ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି କମିଶନର, ସହକାରୀ ପ୍ଲାନିଂ ଅଫିସର, ବସ୍ତି ଉନ୍ନୟନ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଅପରାଧ ନିୟନ୍ତ୍ରଣରେ ପୋଲିସ୍ ଫେଲ

## ବଢ଼ିଚାଲିଛି ଲୁଟ୍, ତଦନ୍ତ ନେଇ ପ୍ରଶ୍ନବାଚୀ

ନିଶ୍ଚିନ୍ତକୋଇଲି, ୨୧।୧୧(ସ୍ୱ.ପ୍ର)

ରାଜ୍ୟ ସରକାର ଅପରାଧ ନିୟନ୍ତ୍ରଣ ପାଇଁ ଥାନାଗୁଡ଼ିକୁ ଆଧୁନିକୀକରଣ କରିବା ସହ ଭିତ୍ତିଭୂମିର ବିକାଶ କରୁଛନ୍ତି। ହେଲେ ପୋଲିସ ଅପରାଧ ନିୟନ୍ତ୍ରଣ ସହ ଅପରାଧୀଙ୍କୁ ଧରିବାରେ ଫେଲ ମାରୁଛି। ଠିକ୍ ଭାବରେ ପାଟ୍ରୋଲିଂ ସହ ତଦନ୍ତ କରାଯାଉନାହିଁ। ଫଳରେ ଅପରାଧୀଙ୍କୁ ଅପରାଧ ଘଟାଇବାରେ ସୁହାଉଥିବା ଅଭିଯୋଗ ହେଉଛି। ଏହି କ୍ରମରେ କଟକ ଜିଲା ସାଲେପୁର ଓ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଅପରାଧୀମାନେ ଏବେ ସକ୍ରିୟ ହୋଇପଡ଼ିଛନ୍ତି। ଏହି ଅଞ୍ଚଳରେ ପ୍ରତିଦିନ କେଉଁଠି ନା କେଉଁଠି ଚୋରି, ଲୁଟ୍, ଛିନତାଇ ଆଦି ଘଟୁଥିବା ବେଳେ ପୋଲିସ ଅପରାଧୀମାନଙ୍କୁ ଧରିବାରେ ଅସଫଳ ହେଉଛି। କଟକ- ଚାନ୍ଦବାଲି ରାସ୍ତା ଉପରେ ହେଉ କିମ୍ବା ହାଟ ବଜାରରେ ହେଉ ସ୍ପଷ୍ଟ ଦିବାଲୋକରେ ଲୁଟେରାମାନେ ଲୁଟ୍ କରିବାରେ ସକ୍ଷମ ହେଉଛନ୍ତି। ସେହିପରି ଦେବାଳୟ ମଧ୍ୟ ଏଥିରୁ ବାଦ ପଡୁନଥିବା ଦେଖାଦେଇଛି। ଲୁଟେରାମାନଙ୍କ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବଢାଇଚାଲିଛନ୍ତି। ତେବେ ପୋଲିସ ୪ଟି ଟିମ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ସାଲେପୁର ଉପଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ରାଣୀପଡାଠାରେ ଦିବାଲୋକରେ ହୋଇଥିବା ଏକ ଘରୋଇ ମିକଶ୍ଚର କମ୍ପାନୀର ମ୍ୟାନେଜରଙ୍କ ଠାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବନ୍ଧୁକ ଦେଖାଇ ଲୁଟିନେଇଥିବା ବେଳେ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ବଳଦେବ ଜୀଉଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ସେହିଭଳି ସାଲେପୁର ଥାନା ଅଧୀନ ଭଗବତୀ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି, ସଉରୀ ଗ୍ରାମର ଏକ ମଠରୁ ବିରଳ ମୂର୍ତ୍ତି ଚୋରି ହୋଇଥିଲା। ବୋଦାମୁଣ୍ଡାଇ ମନୋହରପୁର ଓ କାଜିହାଟ ବଜାରରୁ ବିଭିନ୍ନ ଦୋକାନରୁ ଚୋରି ହୋଇଥିଲା। ତେବେ ସାଲେପୁର ଉପଖଣ୍ଡ ଅଧୀନରେ ଚୋରି, ଡକାୟତି, ରାହାଜାନି ବଢୁଥିବା ବେଳେ ପୋଲିସ ଏଯାବତ ସଫଳତା ପାଇନଥିବାରୁ ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିଶ୍ଚିନ୍ତକୋଇଲି ହାଟରେ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଗ୍ରାହକଙ୍କ ପର୍ଯ୍ୟନ୍ତ ଲୁଟେରାଙ୍କ ଶିକାର ହେଉଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳରେ ବାରମ୍ବାର ମୋବାଇଲ ଚୋରି ହେଉଥିବା ବେଳେ ପୋଲିସ ସତ୍ୟପାଠ ଓ ଏତଲା ରଖି ଦାୟିତ୍ୱ ସାରିଦେଉଛି। ଏ ସମ୍ପର୍କରେ ସାଲେପୁର ଉପଖଣ୍ଡ ପୋଲିସ ଅଧିକାରୀ ବିମଳ କୁମାର ବାରିକ କହିଛନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ବନ୍ଧୁକ ଦେଖାଇ ହୋଇଥିବା ଲୁଟ ମାମଲାର ତଦନ୍ତ ଚାଲିଛି। କେନ୍ଦ୍ରାପଡା ଓ କଟକ ଜିଲାର ବିଭିନ୍ନ ସ୍ଥାନର ସିସିଟିଭି ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି।



ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ପକ୍ଷରୁ ସୋମବାର କଟକ ବାରବାଟୀ ଦୁର୍ଗ ନିକଟରୁ ବାହାରିଥିବା ଗଣଦୌଡ଼।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକ୍ରମର ସମୀକ୍ଷା

କଟକ ଅଫିସ,୨୧।୧୧

କଟକ ମହାନଗର ନିଗମ(ସିଏମ୍‌ସି) କନଫରେନ୍ସ ହଲରେ ପ୍ରଧାନମନ୍ତ୍ରୀ ଆବାସ ସହରାଞ୍ଚଳ ଯୋଜନା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ଅର୍ଘ୍ୟ ପ୍ରକାଶ ମହାନ୍ତି ଓ ଅଳକା ସିଂ ଅତିଥି ଭାବେ ଯୋଗଦେଇଥିଲେ। ନଥିପତ୍ର ସମୀକ୍ଷା, ଗୋଷ୍ଠୀଗତ ଆଲୋଚନା, ସୁଗଭୀର ସାକ୍ଷାତକାର, ମୁଖ୍ୟ ସୂଚନା ସାକ୍ଷାତ୍‌କାର ଓ ଜନଶୁଣାଣି ଭଳି ୫ଟି ଉପ କମିଟି ଗଠନ କରାଯାଇଛି। ଲାଇଫ୍ ଏକାଡେମୀ ଅଫ୍ ଭୋକେସନାଲ ଷ୍ଟଡିଜ୍‌ର ସାମାଜିକ ସମୀକ୍ଷକ ରାମେଶ୍ୱର ସାହୁ, ବଂଶୀଧର ଷଡଙ୍ଗୀ ଓ ସତ୍ୟନାରାୟଣ ସ୍ୱାଇଁ ଯୋଗଦେଇ ସାମାଜିକ ସମୀକ୍ଷା ସମ୍ପର୍କରେ ଉପସ୍ଥିତ ହିତାଧିକାରୀଙ୍କୁ ବୁଝାଇଥିଲେ। ଏଥିରେ କର୍ପୋରେଟର, ଗୋଷ୍ଠୀ ସହାୟିକାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ: ୩୦ ଗିରଫ

### ୩୧ ମୋବାଇଲ, ୪ ବାଇକ,୮ ଲକ୍ଷ ଟଙ୍କା ଜବତ



ଗିରଫ ଅଭିଯୁକ୍ତ । ଜବତ ମୋବାଇଲ ଓ ଟଙ୍କା।

କଟକ ଅଫିସ,୨୧।୧୧

କମିଶନରେଟ୍ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ଜଗତ୍‌ପୁର ଥାନା ଅଧୀନ ପାଗାସାହିର ଏକ ଜୁଆଆଡ୍ଡାରେ ରବିବାର ଚଢ଼ାଉ କରି ୩୦ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ପୁରୀ, ଖୋର୍ଦ୍ଧା ଓ କଟକ ଜିଲା ଅଧୀନ ବିଭିନ୍ନ ଅଞ୍ଚଳର ବୋଲି ଜଣାପଡ଼ିଛି। ଜୁଆରେ ବ୍ୟବହୃତ ୧୬ ପ୍ୟାକେଟ ତାସ, ଏକ ପ୍ଲାଷ୍ଟିକ ଜାରରେ ଥିବା ଖେଳରେ ବ୍ୟବହୃତ ଟୋକନ, ୩୧ ମୋବାଇଲ ଫୋନ୍, ୪ ବାଇକ୍ ଓ ୮ ଲକ୍ଷ ୪ ହଜାର ୮ ଶହ ଟଙ୍କା ଜବତ କରାଯାଇଛି। କଟକ ଡିସିପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ ସ୍କ୍ୱାଡ୍ ଓ ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ପ୍ରସ୍ତୁତ କରାଯାଇ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଜୁଆ ଖେଳର ମାଷ୍ଟର ମାଇଣ୍ଡ ଓ. କ୍ରିଷ୍ଣା ରାଓ(୪୪)ଙ୍କ ସମେତ ଅନ୍ୟମାନଙ୍କୁ ପୋଲିସ କାବୁ କରିଥିଲା। କ୍ରିଷ୍ଣା ଜଣେ ପେସାଦାର ଜୁଆ ଖେଳାଳି। ପୂର୍ବରୁ ସେ ଅନେକ ଥର ଗିରଫ ହୋଇ ଜେଲ ଯାଇଥିବା ଏସିପି ଅରୁଣ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ଚାକିରି କରାଇ ଦେବାକୁ କହି ଅର୍ଥ ଆଦାୟ ଉଦ୍ୟମ

### କ୍ରାଇମ ବ୍ରାଞ୍ଚରେ ଅଭିଯୋଗ

କଣ୍ଟାପଡା,୨୧।୧୧(ଡି.ଏନ୍.ଏ.)

କଟକ ଜିଲା କଣ୍ଟାପଡା ବ୍ଲକ ଅନ୍ତର୍ଗତ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରରେ ଚାକିରି କରାଇ ଦେବାକୁ କହି ଜଣେ ବ୍ୟକ୍ତି ଆଶାୟୀଙ୍କଠାରୁ ଅର୍ଥ ଦାବି କରୁଥିବା କ୍ରାଇମବ୍ରାଞ୍ଚରେ ଅଭିଯୋଗ ହୋଇଛି। ଏସ୍‌ଭି ନିର୍‌ତାର୍‌ରେ ନିୟମିତ, ଚୁକ୍ତିଭିତ୍ତିକ ଓ ଆଉଟ୍‌ସୋର୍ସିଂ ଭିତ୍ତିରେ ନିଯୁକ୍ତି ପାଇଁ ବିଭିନ୍ନ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହାପରେ ୨ଜଣ ଆଶାୟୀଙ୍କୁ ଅର୍ଥ ବଦଳରେ ନିଯୁକ୍ତି କରାଇ ଦେବା ପାଇଁ ଜଣେ ବ୍ୟକ୍ତି ଏକ ମୋବାଇଲରୁ ଫୋନ୍ କରି କହିଥିଲେ। ସମ୍ପୃକ୍ତ ଆଶାୟୀ ଦୁଇଜଣ ଏ ସମ୍ପର୍କରେ ଅନୁଷ୍ଠାନର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ପରେ ଏସ୍‌ଭି ନିର୍‌ତାର୍‌ର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଟକ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କୁ ମହାନ୍ତି ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ଏଭଳି ଠକ ବ୍ୟକ୍ତିଙ୍କଠାରୁ ନିଜକୁ ଦୂରେଇ ରଖିବାକୁ ଚାକିରି ଆଶାୟୀମାନଙ୍କୁ ସେ ସତର୍କ କରାଇ ଦେଇଛନ୍ତି।

## ସଚେତନତା ଦ୍ୱାରା ବାଲ୍ୟ ବିବାହ ରୋକି ହେବ

କଟକ ଅଫିସ,୨୧।୧୧

ଜିଲା ପ୍ରଶାସନ, ଆକ୍ସନଏଡ ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ ସୋମବାର ସ୍ଥାନୀୟ ବିକାଶ ଭବନ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି ଯୋଗଦେଇ କହିଥିଲେ, ୧୮ ବର୍ଷରୁ କମ୍ କିଶୋରୀକିଶୋରଙ୍କୁ ସଚେତନ କରାଗଲେ ବାଲ୍ୟ ବିବାହ ରୋକାଯାଇପାରିବ। ସୌମ୍ୟା ସୁଚରିତା ସାହୁ, ଶୁଭଶ୍ରୀ ବିଶ୍ୱାଳ, ସ୍ୱାଗତିକା ପରିଡା, ନିବେଦିତା ପାଣିଗ୍ରାହୀ, ନୀଲେନ୍ଦ୍ରି ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତଥିଲେ।

## ଆଇଏସ୍‌ଟିଡି କଟକ ଶାଖା ଉଦ୍‌ଘାଟିତ

କଟକ ଅଫିସ, ୨୧।୧୧

ସିଡିଏସ୍ଥିତ ଭକ୍ତି ବେଦାନ୍ତ ଆଶ୍ରମରେ ଭାରତୀୟ ଦକ୍ଷତା ବିକାଶ ସମାଜ (ଆଇଏସ୍‌ଟିଡି) କଟକ ଶାଖା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ସାମ୍ବାଦିକ ଅରୁଣ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଉକ୍ତ ଶାଖା ନିଯୁକ୍ତିର ସୁଯୋଗ ସୃଷ୍ଟି କରି ଦାରିଦ୍ର୍ୟ ଦୂରୀକରଣରେ ସହାୟକ ହେବ। ଆଶ୍ରମର ମୁଖ୍ୟ ପରିଚାଳକ ସନ୍ଥ ଅନନ୍ତ ପୁରୀ ସମାଜର ଉତ୍ତାରୋତ୍ତର ଉନ୍ନତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପୂର୍ବାଞ୍ଚଳ ଉପସଭାପତି ଡ. ଜିବିତେଶ ରଥ ଆଇଏସ୍‌ଟିଡିର ଆଭିମୁଖ୍ୟ ବିଷୟରେ କହିଥିଲେ। ଶାଖା ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ଜେନା, ଅର୍ଥ ସମ୍ପାଦକ ତଥା ଆଡଭୋକେଟ ଦିଲ୍ଲୀପ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ଦାସ, ଶାଖା ଅଧ୍ୟକ୍ଷ ଇଂ. ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ବିଶ୍ୱ ମତ୍ସ୍ୟ ଦିବସ

କଟକ ଅଫିସ, ୨୧।୧୧

ଜିଲା ମତ୍ସ୍ୟ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ ସୋମବାର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଭାରପ୍ରାପ୍ତ ଜିଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥ ଯୋଗଦେଇ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ। କଟକ ଜିଲା କୃଷି ଓ ଆନୁଷଙ୍ଗିକ କୃଷି ପରିଚାଳନା କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ଉପ ମତ୍ସ୍ୟ ନିର୍ଦ୍ଦେଶକ ସୀମାଞ୍ଚଳ ବେହେରା ଏବଂ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ମଧୁସୂଦନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲାର ବିଭିନ୍ନ ବ୍ଲକରୁ ୫୦ ଜଣ ଅଗ୍ରଣୀ ମତ୍ସ୍ୟଚାଷୀ, ମତ୍ସ୍ୟ ବ୍ୟବସାୟୀ, ମତ୍ସ୍ୟ ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନାକୁ ସଫଳ ରୂପାୟନ ଦେଇଥିବା ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ମତ୍ସ୍ୟ ଅଧିକାରୀ ଦିନେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## 'ପ୍ରେରଣାଦାୟୀ ରାଜନୈତିକ ପରମ୍ପରା ସୃଷ୍ଟି କରିଥିଲେ ମହତାବ

କଟକ ଅଫିସ, ୨୧।୧୧

ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ, ପ୍ରାବନ୍ଧିକ, କବି ଓ ସମ୍ପାଦକ ଡ. ହରେକୃଷ୍ଣ ମହତାବଙ୍କ ୧୨୩ତମ ଜୟନ୍ତୀ ସମାରୋହ ସ୍ଥାନୀୟ ପ୍ରେସ୍‌ଛକସ୍ଥିତ ମହତାବଙ୍କ ପ୍ରତିମୂର୍ତ୍ତି ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, କଟକ ମହାନଗର ନିଗମ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ମାନବବାଦକୁ ପାଥେୟ କରି ଡ. ମହତାବ ପ୍ରେରଣାଦାୟୀ ରାଜନୈତିକ ପରମ୍ପରା ସୃଷ୍ଟି କରିଥିଲେ। ତାଙ୍କ ଜୀବନ ସମ୍ପୂର୍ଣ୍ଣ ଭାବରେ ମାନବ ସମାଜ ପାଇଁ ଉଦ୍ଦିଷ୍ଟ ଥିଲା। ମଧୁପାଟଣା ପ୍ରେସ୍‌ଛକଠାରେ ମହତାବଙ୍କ ପ୍ରତିମୂର୍ତ୍ତି ପରିସରକୁ ଲାଗି ରହିଥିବା ଏକ ଜମିରେ ସୁରମ୍ୟ ଉଦ୍ୟାନ ପ୍ରତିଷ୍ଠା କରିବା ପାଇଁ ସେ ସିଏମ୍‌ସି ମେୟରଙ୍କୁ ପ୍ରସ୍ତାବ ଦେଇଥିଲେ। ଏଥିସହ ଏହାକୁ କାର୍ଯ୍ୟକାରୀ କରିବାରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପ୍ରଶାସନ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଡ. ହରେକୃଷ୍ଣ ମହତାବ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସଭାପତିତ୍ୱ କରି କହିଥିଲେ, ଡ. ମହତାବଙ୍କ କଥା ଓ କାର୍ଯ୍ୟ ମଧ୍ୟରେ ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିଲା। ସେହିପରି ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ, ନୂତନ ଓଡ଼ିଶା ନିର୍ମାଣରେ ଡ. ମହତାବଙ୍କ ଅବଦାନ ଅତୁଳନୀୟ। ସମ୍ମାନିତ ଅତିଥି ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର କହିଥିଲେ, ଗଡଜାତ ମିଶ୍ରଣ ଡ. ମହତାବଙ୍କ ପ୍ରଚେଷ୍ଟା ଯୋଗୁ ସମ୍ଭବ ହୋଇପାରିଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ଅତିରିକ୍ତ ଜିଲାପାଳ ଶିବ ଟପୋ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଓ ମହତାବ ଜୟନ୍ତୀ କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସିଂ ଧନ୍ୟବାଦ ଦେଇଥିଲେ।

## ୨୦ ଟନ୍ ଗୋମାଂସ ଜବତ, ୨ ଗିରଫ

### ବେଆଇନ ଚାଲାଣବେଳେ ଧରାପଡ଼ିଲା

ଟିଗିରିଆ, ୨୧।୧୧(ଡି.ଏନ.ଏ.)

ଟିଗିରିଆ ଥାନା ଅଧୀନ କରଡ଼ାପଲ୍ଲୀ ଗ୍ରାମ ସଂଲଗ୍ନ ବରମାଣ ଜଙ୍ଗଲ ନିକଟରେ ସୋମବାର ପୋଲିସ ଚଢ଼ାଉ କରି ଗୋଟିଏ ଗୋରୁ ବୋଝେଇ କଣ୍ଟେନର ଜବତ କରିଛି। ଏହି ଘଟଣାରେ ଚାଳକ ବାଜି ସଇଦ ଓ ହେଲପର ଆନି ବାର୍ଲା ରାମକୃଷ୍ଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଉକ୍ତ କଣ୍ଟେନରରୁ ପ୍ରାୟ ୨୦ ଟନ୍ ଗୋମାଂସ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ଥାନାଧିକାରୀ ସୁଚିତ୍ରା ଜେନା କହିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ବରମାଣ ଜଙ୍ଗଲରେ ବେଆଇନ ଭାବେ ଗୋ ହତ୍ୟା କରାଯାଇ ବିଭିନ୍ନ ରାଜ୍ୟକୁ ଚାଲାଣ କରାଯାଇଛି। ସୋମବାର ଗୋମାଂସକୁ ଉକ୍ତ କଣ୍ଟେନରରେ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଉଥିବାବେଳେ ପୋଲିସ ଚଢ଼ାଉ କରି ତାହାକୁ ଜବତ କରିଥିଲା। ପରେ ଉକ୍ତ ଗୋମାଂସକୁ ନିକଟସ୍ଥ ଏକ ଜଙ୍ଗଲରେ ପୋତି ଦିଆଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୨୨୬/୨୨) ରୁଜୁ ହୋଇଛି।




## 'ମହତାବଙ୍କ ଲକ୍ଷ୍ୟ ଥିଲା ଦେଶର ଉନ୍ନତି'

### ଡ. ହରେକୃଷ୍ଣ ମହତାବ ଜୟନ୍ତୀ ସମାରୋହ

କଟକ ଅଫିସ,୨୧।୧୧

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୩ତମ ଜୟନ୍ତୀ ସମାରୋହ କଟକ ସାରଳା ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ, ଡ. ମହତାବ ସବୁ ସମୟରେ ଇତିହାସ ସୃଷ୍ଟି କରିଥିଲେ। ଦେଶ ଓ ରାଜ୍ୟର ଉନ୍ନତି ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ୨୧ ବର୍ଷ ବୟସରେ ରାଜନୀତି ଆରମ୍ଭ କରିଥିବା ଡ. ମହତାବଙ୍କ ପାଇଁ କୌଣସି ଉପାଧି ଆବଶ୍ୟକ ନାହିଁ। ସେହିପରି ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କହିଥିଲେ, ଡ. ମହତାବ ଜଣେ ଧୁରନ୍ଧର ଓ ବିଚକ୍ଷଣ ରାଜନୀତିଜ୍ଞ ଭାବରେ ପରିଚିତ ଥିଲେ। ଶିକ୍ଷାବିତ୍ ବିନୋଦ ଦାସ କହିଥିଲେ, ଡ. ମହତାବ ଥିଲେ ଜାତୀୟସ୍ତରର ନେତା। ଜୟନ୍ତୀ କମିଟି ପକ୍ଷରୁ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ତ୍ରିପାଠୀ, ଡା. ରବିରଞ୍ଜନ ସାହୁ, ଆଶିଷ ସାହୁ, ବିଜୟ ବେହେରା, ପ୍ରଫୁଲ୍ଲ ସିଂ, ଧର୍ମେଶ ନାୟକ, ପ୍ରଶାନ୍ତ ନାୟକ, ଗୌତମ ଦାସ, ଜନ୍‌ସନ୍ ମହାପାତ୍ର, ସନ୍ତୋଷ ପତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ସମାରୋହରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କୁ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ସମ୍ମାନ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ରାଜ୍ୟ ଗ୍ରନ୍ଥାଗାରରେ ହରେକୃଷ୍ଣ ମହତାବ ଜୟନ୍ତୀ

ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ) - ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୩ତମ ଜୟନ୍ତୀ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ପାଳିତ ହୋଇଯାଇଛି। ଗ୍ରନ୍ଥାଗାର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଲେ, ଡ. ମହତାବଙ୍କ ପାଇଁ ଆଜି ରାଜ୍ୟର ସାହିତ୍ୟ, ସଂସ୍କୃତିର ବିକାଶ ସାଧନ ହୋଇପାରିଛି। ରାଜ୍ୟ ରାଜନୀତି କ୍ଷେତ୍ରରେ ସେ ଥିଲେ ମାର୍ଗଦର୍ଶକ। ତାଙ୍କ ନୀତି ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ସେ କହିଥିଲେ। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ କହିଲେ, ଅଖଣ୍ଡ ଓଡ଼ିଶା ପ୍ରଦେଶ ଗଠନ କେବଳ ମହତାବଙ୍କ ଦୂରଦର୍ଶିତାରୁ ସମ୍ଭବ ହୋଇପାରିଥିଲା। ତେଣୁ ତାଙ୍କୁ ମରଣୋତ୍ତର ଭାବରେ ଭାରତରତ୍ନରେ ଭୂଷିତ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ପଞ୍ଚାନନ କାନୁନ୍‌ଗୋ, ପ୍ରଫୁଲ୍ଲ ସାମଲ, ଲକ୍ଷ୍ମୀଧର ବେହେରା, ଜଗନ୍ନାଥ ବିଶୋଇ ଓ ଲକ୍ଷ୍ମୀକାନ୍ତ ବାରିକଙ୍କୁ 'ଡ. ମହତାବ ସ୍ମୃତିସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉପେନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ। ଡ. ମହତାବଙ୍କ ଉପରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗିରିଜା ଶଙ୍କର ମହାପାତ୍ର, ଜୟନ୍ତ ପରିଡ଼ା, ଉଇ ଫର ଭୁବନେଶ୍ୱର ସଭ୍ୟବୃନ୍ଦ, ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଂଘମିତ୍ରା ସାହୁ, ପଦ୍ମନାଭ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଏମ୍‌ସି କମିଶନର

ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ)- ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୋମବାର ୧୨ ନମ୍ବର ୱାର୍ଡ ପରିଦର୍ଶନରେ ଯାଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ସମୟରେ କର୍ପୋରେଟର ଜୟନ୍ତୀ ସାହୁ ନୂତନ ସରକାରୀ କଲୋନୀ ନିକଟରେ ଥିବା ୫ ଏକର ପରିମିତ ସ୍ଥାନକୁ ଦେଖାଇ ଏଠାରେ ଡାକ୍ତରଖାନା ନିର୍ମାଣ କରାଗଲେ ଲୋକେ ଉପକୃତ ହେବେ ବୋଲି କହିଥିଲେ। ନୂତନ ଭୁବନେଶ୍ୱର ଭାବେ ପରିଚିତ ଚନ୍ଦ୍ରଶେଖରପୁର ଅଞ୍ଚଳରେ ବଡ ବଡ ଶିକ୍ଷାନୁଷ୍ଠାନ, ବାଣିଜ୍ୟ କେନ୍ଦ୍ର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗଢିଉଠିଛି। ଏଥି ସହିତ ସହର ମଧ୍ୟରୁ ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତର କରି ଏଠାରେ ଥଇଥାନ କରାଯାଇଛି। ବଢୁଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଗୋଟିଏ ବଡ ସରକାରୀ ଡାକ୍ତରଖାନାର ଆବଶ୍ୟକତା ରହିଥିବା କର୍ପୋରେଟର କହିଛନ୍ତି। ଏଥିସହ ସେ ଡାକ୍ତରଖାନା ନିର୍ମାଣ ପାଇଁ ବିଏମ୍‌ସି କମିଶନରଙ୍କ ପାଖରେ ପ୍ରସ୍ତାବ ରଖିଛନ୍ତି। ସେହିଭଳି ମିନି ପାର୍କର ପୁନରୁଦ୍ଧାର, କାଳୀ ମନ୍ଦିର ସମ୍ମୁଖରେ ନୂତନ ପାର୍କ ନିର୍ମାଣ ଓ ପ୍ରେସ୍ ଛକଠାରୁ ଏମ୍‌ସିଏଲ୍ ଛକ ପର୍ଯ୍ୟନ୍ତ ଉଭୟ ରାସ୍ତା ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କମିଶନର ସମସ୍ତ ସ୍ଥାନ ବୁଲିବା ସହ ସଫେଇ ଉପରେ ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଉତ୍ତର ଜୋନର ଡେପୁଟି କମିଶନର ପୁରନ୍ଦର ନନ୍ଦ, ବିଏମ୍‌ସି ଅଧିକାରୀ ଓ ବିଜେଡି ଜିଲା ସାଂଗଠନିକ ସମ୍ପାଦକ ପ୍ରସନ୍ନ ସାହୁ, ଯୁବନେତା ଚଗଲା ଜେନା, ମିଟୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି କରି ବନ୍ଧା ହେଲେ ଯୁବକ

ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ) - ଶ୍ରୀଲିଙ୍ଗରାଜ ଥାନା ପୋଲିସ ଚୋରିରେ ସଂପୃକ୍ତ ଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଏହି ଥାନା ଅଞ୍ଚଳର ରଞ୍ଜନ ଦାସ ଓରଫ ବଣ୍ଟି। ତାଙ୍କଠାରୁ ସାଢେ ୧୨ ହଜାର ୬୦୦ ଟଙ୍କା ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଜବତ ଟଙ୍କାକୁ ଅଭିଯୋଗକାରିଣୀଙ୍କୁ ପ୍ରଦାନ କରାଯାଇଛି। ସୂଚନାନୁସାରେ, ଅଭିଯୋଗକାରିଣୀ ଜଣକ ଖରାଖିଆ ବୈଦ୍ୟନାଥ ଲେନ୍ ଅଞ୍ଚଳରେ ରୁହନ୍ତି। ଘଟଣା ରାତିରେ ଅଭିଯୋଗକାରୀଣଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଅଭିଯୁକ୍ତ ବଣ୍ଟି ତାଙ୍କ ଘରର ତାଲା ଖୋଲି ୭୦ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ।

### 'ବହୁ ପ୍ରତିଭାର ଅଧିକାରୀ ଥିଲେ ହରେକୃଷ୍ଣ ମହତାବ'

ପୁରୁଣା ଭୁବନେଶ୍ୱର, ୨୧।୧୧ (ଡି.ଏନ୍.ଏ.): ପୁରୁଣା ଭୁବନେଶ୍ୱର ବଡ଼େଇବାଙ୍କ ଛକରେ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏକାମ୍ର ସଙ୍ଗଠନ ଓ ମହତାବ ଜୟନ୍ତୀ କମିଟିର ମିଳିତ ଆନୁକୂଲ୍ୟରେ ଏହି ଜୟନ୍ତୀ ପାଳନ କରାଯିବା ସହ ସଭା ଅନୁଷ୍ଠିତ ହୋଇଥିଲା। ମହତାବ ଏକାଧାରାରେ ଜଣେ ବହୁ ପ୍ରତିଭାର ଅଧିକାରୀ ଥିଲେ। ସେ ସର୍ବଦା ଓଡ଼ିଶାର ବିକାଶ ପାଇଁ ଚିନ୍ତା କରୁଥିଲେ। ପୂଜ୍ୟପୂଜା ପରମ୍ପରା ବଜାୟ ରଖିବାକୁ ଏହି ଜୟନ୍ତୀ ପାଳନ କରାଯାଉଛି ବୋଲି ମତପ୍ରକାଶ ପାଇଥିଲା। ଏକାମ୍ର ସଙ୍ଗଠନ ସଭାପତି ଅମିୟ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ, କର୍ପୋରେଟର ଶିବପ୍ରସାଦ ବେହେରା, ଶିବ ନାରାୟଣ ରାୟ ଓ ୧୦ଜଣ ମୁରବି ସାମିଲ ଥିଲେ।

# ରସୁଲଗଡ଼ରେ ଟ୍ରାଫିକ୍ ଜାମ୍

## ଘଣ୍ଟାଘଣ୍ଟା ଅଟକି ରହିଲା ଗାଡ଼ି, ଫସିଲା ଆମ୍ବୁଲାନ୍ସ

ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ)

ସହରରେ ଟ୍ରାଫିକ ସମସ୍ୟା ଏବେ ନିତିଦିନିଆ ହୋଇପଡିଲାଣି। ଦିନଠାରୁ ସନ୍ଧ୍ୟାର ସ୍ଥିତି ଅଧିକ ଜଟିଳ ହୋଇପଡୁଛି। ସୋମବାର ଅପରାହ୍ନରୁ ରାତି ପର୍ଯ୍ୟନ୍ତ ସହରର ପ୍ରମୁଖ ରସୁଲଗଡ଼ ଛକକୁ ୩ ଦିଗରୁ ସଂଯୋଗ କରୁଥିବା ରାସ୍ତାରେ ଟ୍ରାଫିକ୍ ଜାମ୍ ହୋଇଥିଲା। କଟକ ରୋଡ୍‌ର ରସୁଲଗଡ଼ ଛକରୁ ଲକ୍ଷ୍ମୀସାଗର ଛକ, ୧୬ ନଂ. ଜାତୀୟ ରାଜପଥର ରସୁଲଗଡ଼ରୁ ବାଣୀବିହାର ଓ ଅନ୍ୟପଟେ ହଂସପାଳ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ହଜାର ହଜାର ଗାଡିମୋଟର ବହୁ ସମୟ ଧରି ଅଟକି ରହିଥିଲା। ୧ କି.ମି. ରାସ୍ତା ପାର ହେବାକୁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ଏପରିକି ଆମ୍ବୁଲାନ୍ସ ମଧ୍ୟ ଦୀର୍ଘ ସମୟ ଧରି ଫସି ରହିଥିଲା। କେବଳ ଛକଗୁଡ଼ିକରେ ପୋଲିସ ଟ୍ରାଫିକ୍ ପରିଚାଳନା କରୁଥିଲେ ମଧ୍ୟ ଅନ୍ୟ କେଉଁଠି ଦେଖିବାକୁ ମିଳିଥିଲା। ଫଳରେ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କେତେକ ସ୍ଥାନରେ କିଛି ଲୋକ ନିଜେ ଟ୍ରଫିକ୍ ଜାମ୍ ହଟାଇବାକୁ ଲାଗି ପଡିଥିଲେ। ରାଜଧାନୀରେ ଏବେ ଜନସଂଖ୍ୟା ସହ ଗାଡିମୋଟର ବଢ଼ି ଚାଲିଛି। ଏଥିସହ ମେଳା, ଉତ୍ସବ ଆଦି ବଡ଼ ବଡ଼ କାର୍ଯ୍ୟକ୍ରମ ପାଇଁ ସନ୍ଧ୍ୟାରେ ଲୋକଙ୍କ ଯାତାୟାତ ବଢୁଛି। ପୋଲିସ ଓ ପ୍ରଶାସନ ପକ୍ଷରୁ ଟ୍ରାଫିକ ସମସ୍ୟା ଦୂର କରିବାକୁ ଅନେକ ଯୋଜନା ଓ ପଦକ୍ଷେପ ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ।



ରସୁଲଗଡ ଛକରୁ କଳ୍ପନା ଯାଇଥିବା ରାସ୍ତାରେ ସୋମବାର ସନ୍ଧ୍ୟା ସମୟରେ ଟ୍ରାଫିକ ଜାମରେ ଫସି ରହିଥିବା ଗାଡ଼ି ।

# ସମ୍ବର୍ଦ୍ଧିତ ହେଲେ ୭୫ ଜନଜାତି ପ୍ରତିଭା




ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଚାଲିଥିବା 'ଜନଜାତି ଗୌରବ ଦିବସ' ସୋମବାର ଉଦ୍‌ଯାପନ ଦିବସରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା ।

## ଜନଜାତୀୟ ଗୌରବ ଦିବସ ଉଦ୍‌ଯାପିତ

ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ)

ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଗତ ୧୫ ତାରିଖରୁ ଚାଲିଥିବା 'ଜନଜାତି ଗୌରବ ଦିବସ' ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ପୂର୍ବତନ ନିର୍ଦ୍ଦେଶିକା ସୁମିତା ଦାସ, ଯୁଗ୍ମ ନିର୍ଦ୍ଦେଶିକା କଳ୍ପନା ପଟ୍ଟନାୟକ, ଉପନିର୍ଦ୍ଦେଶକ ମାନସ ମହାପାତ୍ର ଓ ଆରତୀ ମଲ୍ଲ ଅତିଥିଭାବେ ଯୋଗଦେଇ ୭୫ଜଣ ଜନଜାତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପ୍ରତିଷ୍ଠାନର ୨୯ଜଣ ସଫେଇ କର୍ମଚାରୀଙ୍କୁ ୨ହଜାର ଟଙ୍କା ଲେଖାଏ ଅର୍ଥରାଶି, ସାଲ୍ ଓ ପ୍ରମାଣପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଇଥିବାବେଳେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୨୫ଜଣ ଜନଜାତି କଳାକାରଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଏତଦ୍‌ବ୍ୟତୀତ ୩ ଆଦିବାସୀ ନୃତ୍ୟ ପରିବେଷଣ, ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ, ୧୨ଟି ଜନଜାତି ଗୋଷ୍ଠୀଙ୍କ କଳା ଓ କଳାବସ୍ତୁ ପ୍ରଦର୍ଶନୀ ଅନୁଷ୍ଠିତ ହେବା ସହ ସମଗ୍ର ଅନୁଷ୍ଠାନକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା।

# ନବୀନ ନଗର, ସତ୍ୟ ନଗରରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସ୍ଥାନୀୟ ନବୀନ ନଗର ବସ୍ତି ଓ ସତ୍ୟ ନଗରରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସରକାରୀ ଜମିରେ ନିର୍ମିତ ୧୪ଟି ବେଆଇନ ଘରକୁ ମାଟିରେ ମିଶାଇଛି ବିଡିଏ। ଉଚ୍ଛେଦ କରାଯାଇଥିବା ପରିବାର ରାଜୀବ ଆବାସ ଯୋଜନାରେ ହିତାଧିକାରୀ ଥିବାବେଳେ ରଙ୍ଗମାଟିଆ ହାଉସିଂ ପ୍ରୋଜେକ୍ଟରେ ଘର ଆବଣ୍ଟନ କରାଯାଇଛି। ତେବେ ଉଚ୍ଛେଦ ପ୍ରକ୍ରିୟାରେ ବିଡିଏରୁ ଗୋଟିଏ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଗୋଟିଏ ଜେସିବି ନିୟୋଜିତ ରହିଥିଲା। ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର ଏବଂ ଜନସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।

# ଗଳ୍ପ ସଂକଳନ 'ଅବୁଝା ଏ ମନ' ଉନ୍ମୋଚିତ

ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ)

ବ୍ଲାକ୍ ଇଗଲ୍ ବୁକ୍ସ ପ୍ରକାଶନ ସଂସ୍ଥା ପକ୍ଷରୁ ଅନାମିକା ଦାସଙ୍କ ରଚିତ ଗଳ୍ପ ସଂକଳନ 'ଅବୁଝା ଏ ମନ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସ୍କାଉଟ୍ସ ଆଣ୍ଡ ଗାଇଡ୍ସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମକୁ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ ପାଟଶାଣୀ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସାରସ୍ୱତ ସମାରୋହରେ ସମାଜର ମୁଦ୍ରାକାର ତଥା ପ୍ରକାଶକ ନିରଞ୍ଜନ ରଥ, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଗାଇଡସ୍‌ର ରାଜ୍ୟ ମୁଖ୍ୟ କମିଶନର କାଳୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପୁସ୍ତକରେ ୨୦ଟି ଗଳ୍ପ ସ୍ଥାନ ପାଇଥିବାବେଳେ ଅତିଥିମାନେ ପୁସ୍ତକର ସମୀକ୍ଷା କରିବା ସହ ଏହାର ସଫଳତା କାମନା କରିଥିଲେ। ସେହିପରି ଅନ୍ୟ ସାହିତ୍ୟ ପ୍ରେମୀ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଲେଖିକାଙ୍କୁ ଶୁଭେଚ୍ଛା ଜଣାଇଥିଲେ।




ଅନାମିକା ଦାସଙ୍କ ରଚିତ 'ଅବୁଝା ଏ ମନ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ବାଲକାଟୀ, ୨୧।୧୧ (ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଝିଣ୍ଟିଶାସନସ୍ଥିତ ପଞ୍ଚାୟତ ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନ ଓ ଅପରାହ୍ନ ଅଧିବେଶନରେ ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା ଅଧକ୍ଷତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ସରପଞ୍ଚ ଅମିତ ପାତ୍ର, ସମିତି ସଭ୍ୟା ଇତିଶ୍ରୀ ଜେନା, ମନୋରଞ୍ଜନ ପ୍ରଧାନ, ସରପଞ୍ଚ ଭଗବାନ ବେହେରା, ମୋ ସ୍କୁଲ ସମ୍ପାଦକ ବିଜୟ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସୁଜାତାବାଲା ଦାସ, ବାଲିପାଟଣା ବ୍ଲକ ଶିକ୍ଷା ଅଧିକାରୀ ଶୈଳଧୀରାଜ ତନୟା ଶତପଥୀ, ୟୁନିଟ -୯ ପ୍ରଧାନ ଶିକ୍ଷକ ବିଜୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



ବିଜ୍ଞାନ ମେଳାରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଗୁଡିକୁ ବୁଲି ଦେଖୁଛନ୍ତି ।

ଏହି ପ୍ରଦର୍ଶନୀରେ ବିଭିନ୍ନ ସ୍କୁଲର ମୋଟ ୭୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିମଧ୍ୟରୁ ଶ୍ରେଷ୍ଠ ବିବେଚିତ ୭ଟି ପ୍ରକଳ୍ପକୁ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ କରାଯାଇଥିଲା। ଏଥିସହ ୨୧ଟି ପ୍ରକଳ୍ପର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଭବିଷ୍ୟତରେ ପ୍ରତିଟି ଛାତ୍ରୀଛାତ୍ର ଜଣେ ଜଣେ ବୈଜ୍ଞାନିକ ହେବା ଦିଗରେ ନିଷ୍ଠା ଓ ଏକାଗ୍ରତା ରହିବା ନେଇ ଅତିଥିମାନେ ଉତ୍ସାହିତ କରିଥିଲେ।

# ବିଧାନସଭା ଘେରିବେ ରାତ୍ର ଜଗୁଆଳ, ପିଅନ ମହାସଂଘ

ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ)

ଦୀର୍ଘ ୬ ବର୍ଷରୁ ଅଧିକ ସମୟ ଧରି ଚାକିରି କରିଥିବା ପିଅନ ଓ ରାତ୍ର ଜଗୁଆଳମାନଙ୍କୁ ଖାଲି ଥିବା ପଦବୀରେ ନିୟମିତ ନିଯୁକ୍ତି ଦେବା, ଦୈନିକ ମଜୁରି ୩୨୬ଟଙ୍କା ଭାବେ ନିୟମିତ ପ୍ରତି ମାସରେ ଦରମା ଦେବା, ଅବସରଗ୍ରହଣ କରିଥିବା ଏବଂ ଚାକିରି କାଳରେ ମୃତ୍ୟୁବରଣ କରିଥିବା ୱାଚ୍‌ମ୍ୟାନ୍ ଓ ପିଅନଙ୍କୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କା ଏକକାଳୀନ ସହାୟତା ଏବଂ ଜୀବନ ବୀମା ଓ ଇପିଏଫ୍ ପ୍ରଭୃତି ଦାବି ନେଇ ଡିସେମ୍ବର ୧୫ରେ ବିଧାନସଭା ସମ୍ମୁଖରେ ରାଜ୍ୟର ସମସ୍ତ ପିଅନ ଓ ରାତ୍ର ଜଗୁଆଳମାନେ ଧାରଣା ଦେବେ। ମହାସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ଦାସଙ୍କ ଅଧକ୍ଷତାରେ ସ୍ଥାନୀୟ ଲୋହିଆ ଭବନରେ ସୋମବାର ମହାସଂଘ ପକ୍ଷରୁ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ହୋଇଥିବା ଆଲୋଚନା ଅନୁସାରେ ରାଜ୍ୟର ୩୧୪ଟି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଆଇସିଡିଏସ୍ ପ୍ରକଳ୍ପରେ ରାତ୍ର ଜଗୁଆଳ ଓ ପିଅନ ପଦବୀରେ କର୍ମଚାରୀ କାମ କରିଆସୁଛନ୍ତି। ତେବେ ସରକାରୀ ଆଇନ ଅନୁଯାୟୀ ନିୟମିତ ଦରମା ପାଉ ନ ଥିବା ନିଖିଳ ଓଡ଼ିଶା ଆଇସିଡିଏସ୍ ରାତ୍ର ଜଗୁଆଳ ଓ ପିଅନ ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଆଇସିଡିଏସ୍ ପ୍ରକଳ୍ପକୁ ଯାଉଥିବା କଣ୍ଟିଜେନ୍‌ସି ପାଣ୍ଠିରୁ ପ୍ରକଳ୍ପ ଅଧିକାରୀଙ୍କ ଦୟା ଅନୁସାରେ ସେମାନେ ଦରମା ପାଇଥାନ୍ତି। ବହୁ କର୍ମଚାରୀ ୩ରୁ ୫ବର୍ଷ ଧରି ଯେଉଁ କିଛି ସ୍ୱଳ୍ପ ଦରମା ପାଉଥିଲେ ତାହା ମଧ୍ୟ ପାଇନାହାନ୍ତି। ସରକାରୀ ମଜୁରି ୩୨୬ ଟଙ୍କା ଓଡ଼ିଶା ସରକାର ଘୋଷଣା କରିଥିବା ସତ୍ତ୍ୱେ ସେମାନଙ୍କୁ ୨୮୬ ଟଙ୍କା ସ୍ଥଳ ବିଶେଷରେ ୨୧୬ ଟଙ୍କା ମଜୁରି ଦିଆଯାଉଥିବା ସଂଘ ପକ୍ଷରୁ କୁହାଯାଇଛି। ପ୍ରତି ମାସରେ ଏହି ଦେୟ ମିଳୁ ନ ଥିବାବେଳେ ୬ମାସରେ ଥରେ ମିଳୁଛି। ପ୍ରଥମେ ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ଯଦି କୌଣସି ସୁଫଳ ନ ମିଳେ ତା'ହେଲେ ମହାସଂଘ ପକ୍ଷରୁ ଡିସେମ୍ବର ୧୫ରେ ବିଧାନସଭା ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସାଧାରଣ ସମ୍ପାଦକଙ୍କ ସମେତ କାର୍ଯ୍ୟକାରୀ କମିଟି ସଦସ୍ୟ ସୁକାନ୍ତ ମୁଦୁଲି, ଦେବପ୍ରସାଦ ପରିଜା, ପ୍ରହ୍ଲାଦ ମାଝୀ, ଦିବ୍ୟରଞ୍ଜନ ବାଗ୍, ମହେନ୍ଦ୍ର ବାଗ୍ ପ୍ରମୁଖ ଜଣାଇଛନ୍ତି।





ଡକ୍ଟର ହରେକୃଷ୍ଣ ମହତାବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଜୟନ୍ତୀ କମିଟି ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ଛୋଟ ପିଲାମାନେ ପାଇକ ଆଖଡା ପ୍ରଦର୍ଶନ କରୁଛନ୍ତି ଏବଂ ଯୁବକମାନେ ଜଳୁଥିବା ଟାୟାର ମଝିରେ ଡେଇଁ କଳା ପ୍ରଦର୍ଶନ କରୁଛନ୍ତି ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୧।୧୧।୨୦୨୨

| | |
|---|---|
| ୫, ୧୬, ୪୫୮ ଟଙ୍କା | |
| ସୁନା | ୧.୧୩୦ ଗ୍ରାମ |
| ରୁପା | ୫୩.୧୦୦ ଗ୍ରାମ |

# ମୃତ ଘୋଷିତ ସ୍ୱାମୀ ଫେରିଲେ, ସ୍ତ୍ରୀ ହେଲେ ସଧବା

- ୨୩ ବର୍ଷ ଧରି ନିଖୋଜ ଥିଲେ
- ଗତବର୍ଷ ସରିଥିଲା ଶୁଦ୍ଧିକ୍ରିୟା

**ନିମାପଡ଼ା,୨୧।୧୧(ଡି.ଏନ୍.ଏ.)**

ମୃତ ଘୋଷିତ ହୋଇଥିବା ଜଣେ ବ୍ୟକ୍ତି ଦୀର୍ଘ ୨୩ ବର୍ଷ ପରେ ନିଜ ଘରକୁ ଫେରିଛନ୍ତି। ସେ ୧୯୯୯ ମହାବାତ୍ୟା ବେଳେ କେଉଁଆଡ଼େ ନିଖୋଜ ହୋଇଯିବା ପରେ ମୃତ ଘୋଷିତ ହୋଇଥିଲେ। ଏପରି କି ଗତବର୍ଷ ତାଙ୍କର ଶୁଦ୍ଧିକ୍ରିୟା ସରିଥିଲା। ତେବେ ରବିବାର ରାତିରେ ସେ ଘରକୁ ଫେରିଆସିବା ପରେ ତାଙ୍କୁ ଦେଖି ପରିବାରବର୍ଗ ଅତି ଆନନ୍ଦିତ ହୋଇପଡ଼ିଛନ୍ତି। ଏପରି କି ସୋମବାର ତାଙ୍କ ସ୍ତ୍ରୀ ପୁଣି ହାତରେ ଶଙ୍ଖା ଓ ମଥାରେ ସିନ୍ଦୁର ପିନ୍ଧି ସଧବା ସାଜିଛନ୍ତି। ଏଭଳି ଆଶ୍ଚର୍ଯ୍ୟଜନକ ଘଟଣା ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳ ପଞ୍ଚାୟତ ସାନପାତି ଗ୍ରାମରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ସାନପାତି ଗ୍ରାମର କୀର୍ତ୍ତିଚନ୍ଦ୍ର ବରାଳ ୧୯୯୯ ମହାବାତ୍ୟାର ଦୁଇଦିନ ପୂର୍ବରୁ ଭଉଣୀ ଘର ଗୋପ ଥାନା ଅନ୍ତର୍ଗତ କୁସୁପୁର ଗ୍ରାମକୁ ଯାଇଥିଲେ। ମହାବାତ୍ୟା ବେଳେ ସେ କେଉଁଆଡେ ନିଖୋଜ ହୋଇଯାଇଥିଲେ। ପରିବାରବର୍ଗ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଦୀର୍ଘ ୨୨ବର୍ଷ ପର୍ଯ୍ୟନ୍ତ ପରିବାରବର୍ଗ ତାଙ୍କ ବାଟକୁ ଚାହିଁ ରହିଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ମହାବାତ୍ୟାରେ କୀର୍ତ୍ତିଚନ୍ଦ୍ରଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅନୁମାନ କରିଥିଲେ। ଶେଷରେ ନିରାଶ ହୋଇ ଗତବର୍ଷ ଅକ୍ଟୋବରରେ ତାଙ୍କ ଶୁଦ୍ଧିକ୍ରିୟା କରାଯାଇଥିବାବେଳେ ସ୍ତ୍ରୀ ପ୍ରମିଳା ବରାଳ(୬୬)ଙ୍କୁ ବିଧବା ହେବାକୁ ପଡ଼ିଥିଲା। ଏପରି କି ୭୩ବର୍ଷୀୟ କୀର୍ତ୍ତିଚନ୍ଦ୍ରଙ୍କ ମୃତ୍ୟୁ ହୋଇସାରିଥିବା ନେଇ ପରିବାର ଲୋକେ ପ୍ରଶାସନ ପକ୍ଷରୁ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ପାଇସାରିଛନ୍ତି। ତେବେ ମିଳିଥିବା ତଥ୍ୟ ଅନୁଯାୟୀ,



କୀର୍ତ୍ତିଚନ୍ଦ୍ର ବରାଳଙ୍କ ସହ ସ୍ତ୍ରୀ ପ୍ରମିଳା।

୨୦୧୨ରେ ବିଶାଖାପାଟଣାମ୍‌ର ଏକ ଅଞ୍ଚଳରେ କୀର୍ତ୍ତିଚନ୍ଦ୍ର ଅତି ଦୟନୀୟ ଓ ଭୋକିଲା ଅବସ୍ଥାରେ ଠାବ ହୋଇଥିଲେ। ସେତେବେଳେ ସ୍ଥାନୀୟ ଅଞ୍ଚଳର ଜଣେ କର୍ପୋରେଟର ତାଙ୍କୁ ସହଯୋଗର ହାତ ବଢାଇଥିଲେ। ସେ ତାଙ୍କୁ ନିୟମିତ ଖାଦ୍ୟ ଦେବା ସହ ଚିକିତ୍ସା ଲାଗି ମିଶନାରି ଅଫ୍ ଚାରିଟି ସଂସ୍ଥାକୁ ପଠାଇବାର ବ୍ୟବସ୍ଥା କରିଥିଲେ। ସେ ମାନସିକ ରୋଗୀ ବୋଲି ଜଣାପଡ଼ିବା ପରେ ତାଙ୍କର ଚିକିତ୍ସା କରାଯାଇଥିଲା। ଦୁଇବର୍ଷ ପରେ ତାଙ୍କୁ ଶ୍ରୀକାକୁଲମ୍‌ର ନିର୍ମଳ ହୃଦୟ ଭବନକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଜାରି ରହିଥିଲା। ସାମାନ୍ୟ ସୁସ୍ଥ ହେବା ପରେ ଦୁଇମାସ ତଳେ ତାଙ୍କୁ ବ୍ରହ୍ମପୁର ମିଶନାରି ଅଫ୍ ଚାରିଟିକୁ ଅଣାଯାଇଥିଲା। ୩ଦିନ ତଳେ ଏଠାକୁ କୋଲକାତାରୁ ମିଶନାରି ଅଫ୍ ଚାରିଟି ବ୍ରଦର୍ସ (ହୋମ୍ ମନିଟର) ସାଇନ୍ ଯୋଶେଫ ଆସିଥିଲେ। ସେ କୀର୍ତ୍ତିଚନ୍ଦ୍ରଙ୍କୁ ଦେଖିବା ପରେ ଉଦ୍ୟମ କରି ସମ୍ପୂର୍ଣ୍ଣ ଠିକଣା ବାହାର କଲେ। ଏହାପରେ ବ୍ରହ୍ମପୁର ଶାଖାର ଜଣେ କର୍ତ୍ତୃପକ୍ଷ ଅମ୍ରିତ ବିଶ୍ୱାସ ଏନେଇ ନିମାପଡ଼ା ଥାନାକୁ ଫୋନ ଯୋଗେ ଜଣାଇଲେ। ପୋଲିସ ଏନେଇ ସ୍ଥାନୀୟ ପଞ୍ଚାୟତର ସାମାଜିକ କର୍ମୀ ଶଙ୍କର ପାଣିଙ୍କୁ ଯୋଗାଯୋଗ କରିଥିଲେ। ରବିବାର କୀର୍ତ୍ତିଚନ୍ଦ୍ରଙ୍କ ବଡ ପୁଅ ନୃସିଂହ, ମଝିଆଁ ପୁଅ ଶେଷଦେବ ଓ କେତେଜଣ ଗ୍ରାମବାସୀ ବ୍ରହ୍ମପୁର ଯାଇ ସେଠାରୁ ତାଙ୍କୁ ଘରକୁ ଆଣିଛନ୍ତି। ତେବେ ତାଙ୍କୁ ଦୀର୍ଘ ୨୩ ବର୍ଷ ପରେ ଜୀବିତ ଅବସ୍ଥାରେ ଦେଖି ପରିବାରବର୍ଗ ହଠାତ୍ ବିଶ୍ୱାସ କରିପାରି ନ ଥିଲେ। ସେମାନେ ବାପାଙ୍କୁ କୁଣ୍ଢାଇ ଧରି ଅତିଶୟ ଖୁସିରେ କାନ୍ଦି ପକାଇଥିଲେ। ସୋମବାର ହିନ୍ଦୁ ରୀତିନୀତି ଅନୁଯାୟୀ କୀର୍ତ୍ତିଚନ୍ଦ୍ରଙ୍କ ସ୍ତ୍ରୀ ପ୍ରମିଳା ପୁଣି ହାତରେ ଶଙ୍ଖା ଓ ମଥାରେ ସିନ୍ଦୂର ପିନ୍ଧିଛନ୍ତି। ଏଥିସହ ସ୍ୱାମୀଙ୍କ ମଙ୍ଗଳ ମନାସିଛନ୍ତି।

## ଜମିବାଡ଼ି ବିବାଦକୁ ନେଇ ମହିଳାଙ୍କୁ ମାଡ଼

**ଦିଅର, ଯାଆଙ୍କ ନାମରେ ମାମଲା**

**ନିମାପଡ଼ା,୨୧।୧୧(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଲୋକେଇ ଗୋରଡ଼ା ଗ୍ରାମରେ ଜାଗାବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ତାଙ୍କ ଦିଅର ଏବଂ ଯାଆ ଗାଳିଗୁଲଜ କରି ମାଡ଼ ମାରିବା ସହ ଧମକଚମକ ଦେଇଥିବା ନେଇ ସେ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ସେ ହେଲେ ସୁନିତା ବେହେରା (୩୫)। ପୋଲିସ ଏନେଇ ଦିଅର ସନ୍ତୋଷ ବେହେରା, ଯାଆ ପୁଷ୍ପଲତା ବେହେରାଙ୍କ ବିରୋଧରେ ଦଫା ୩୪୧, ୨୯୪, ୩୨୩, ୩୨୪, ୩୫୪(ବି), ୫୦୬, ୩୪ରେ ଏକ ମାମଲା (ନଂ. ୩୭୮/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତ ଅକ୍ଟୋବର ୩୧ରେ ଦିଅର ତାଙ୍କୁ ମାଡ଼ମାରି ଅସଦାଚରଣ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ତାଙ୍କର ୧୨ ବର୍ଷର ଝିଅକୁ ଯାଆ ମାଡ଼ମାରି ଡାହାଣ ହାତ ଓ ଆଙ୍ଗୁଠିକୁ କାମୁଡି ଦେଇ ଲହୁଲୁହାଣ କରିଦେଇଥିଲେ। ଆକ୍ରମଣରେ ତାଙ୍କ ଝିଅ ଗୁରୁତର ଭାବେ ଆହାତ ହୋଇଥିବା ସୁନିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

## ସଂକ୍ଷେପରେ

### ଭତ୍ତା ଟଙ୍କା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ପୁରୀ ଅଫିସ, ୨୧।୧୧:** ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଦାବିରେ ଶାସନ ଦାମୋଦରପୁର ପଞ୍ଚାୟତର ବାସିନ୍ଦା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତର ହିତାଧିକାରୀମାନେ ପ୍ରାୟ ୫ମାସ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇନାହାନ୍ତି। ଫଳରେ ସେମାନେ ଚଳିବାରେ ହଇରାଣ ହେଉଛନ୍ତି। ଭତ୍ତା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ। ବୃଦ୍ଧାବୃଦ୍ଧମାନେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେଉଛନ୍ତି। ତୁରନ୍ତ ଭତ୍ତା ପ୍ରଦାନ କରା ନ ଗଲେ ହିତାଧିକାରୀମାନେ ଜୋରଦାର ଆନ୍ଦୋଳନ କରିବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୃଷ୍ଣଚନ୍ଦ୍ର ସାହୁ, ସହଦେବ ରାଉତ ଓ କୁଞ୍ଜବିହାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଶୁଣାଣି ଶିବିରରେ ୫୧ ଅଭିଯୋଗ

**ପୁରୀ ଅଫିସ, ୨୧।୧୧:** ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। ମୋଟ ୫୧ଟି ଅଭିଯୋଗ ପତ୍ର ମିଳିଥିବାବେଳେ ତତ୍‌କ୍ଷଣାତ ଗୋଟିଏ ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟଗୁଡ଼ିକ ଶୁଣାଣି ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିବିରରେ ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ପୁରୀ ତହସିଲଦାର କ୍ଷୀରୋଦ ବେହେରା, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଇତିଶ୍ରୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ଗାଦିବ୍ରହ୍ମ ଯୁବ ରେଡକ୍ରସ ପକ୍ଷରୁ ଚାରା ରୋପଣ

**ଡେଲାଙ୍ଗ,୨୧।୧୧(ଡି.ଏନ୍.ଏ.):** ଗାଦିବ୍ରହ୍ମ ମହାବିଦ୍ୟାଳୟରେ ଯୁବ ରେଡକ୍ରସର ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ ଯୋଗଦେଇ ଚାରା ରୋପଣ କରିବା ଦ୍ୱାରା ପରିବେଶର ସୁରକ୍ଷା, ଗ୍ଲୋବାଲ ୱାର୍ମି ସହିତ ବିଶ୍ୱ ତାପାୟନ ନିୟନ୍ତ୍ରଣ ହୋଇପାରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ତ୍ରିନାଥ ପରିଡା, ସମ୍ରାଟ କିଶୋର ଗିରି, ରମାକାନ୍ତ ପ୍ରଧାନ, ରେଡକ୍ରସ ସ୍ୱେଚ୍ଛାସେବୀ ଅମିୟ ପ୍ରଧାନ, ଶୁଭଲକ୍ଷ୍ମୀ ବାହିନିପତି, ସୋନାଲିନ୍ ଆଚାର୍ଯ୍ୟ, ସୋନାଲି ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ।



ପୁରୀ ଜିଲା ଅଦାଲତ ପରିସରରେ କମ୍ପିଜାନ୍ସ ଟେକିଂ କୋର୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ବିଚାର ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ।

# ୨ ବିଚାର ଗ୍ରହଣୀୟ ଅଦାଲତ ଉଦ୍‌ଘାଟିତ

**ପୁରୀ ଅଫିସ,୨୧।୧୧**

ପୁରୀ ଜିଲା ଅଦାଲତ ପରିସରରେ ସୋମବାର ୨ ବିଚାର ଗ୍ରହଣୀୟ ଅଦାଲତ (କମ୍ପିଜାନ୍ସ ଟେକିଂ କୋର୍ଟ) ଓଡ଼ିଶାର ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧର ଏବଂ ପୁରୀର ଜଜ୍ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହୋଇଛି। ଏହି କୋର୍ଟ ଦୁଇଟିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ତନ୍ମୟ ରଞ୍ଜନ ଦାସ ଓ ଶୃତକୀର୍ତ୍ତି ଆଚାର୍ଯ୍ୟ ଯଥାକ୍ରମେ ଜେଏମ୍‌ଏଫ୍‌ସି ଏବଂ ଜେଏମ୍‌ଏଫ୍‌ସି ୨ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଉଦ୍‌ଘାଟନ ଉତ୍ସବରେ ଜିଲା ଜଜ ଧନେଶ୍ୱର ମଲ୍ଲିକ, ପରିବାର ଅଦାଲତ ଜଜ ଅରୁଣ କୁମାର ମଲ୍ଲିକ, ପ୍ରଥମ ଅତିରିକ୍ତ ଜିଲା ଜଜ ରାଜକିଶୋର ଲେଙ୍କା, ପୋକ୍ସୋ ଜଜ ନିରଞ୍ଜନ ଜେନା, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ ଅମିୟ ରଞ୍ଜନ ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରୀତିଶ କୁମାର ରାଉତରାୟ, ରେଜିଷ୍ଟ୍ରାର ନିଖିଳ ଭରତ ମହାନ୍ତି ଓ ଅନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ଏବଂ ପୁରୀ ବାର୍ ଆସୋସିଏଶନର ସଭାପତି ଜୟରାମ ବହିଆ, ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ପୂର୍ବତନ ସମ୍ପାଦକ ସାରଦା ପ୍ରସାଦ ସାମଲ ଓ ଅନେକ ଆଇନଜୀବୀ ତଥା କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। ଅଧିକରୁ ଅଧିକ କୋର୍ଟ ଖୋଲିବା ଦ୍ୱାରା ମାମଲାର ସୁବଣ୍ଟନ ମାଧ୍ୟମରେ ବିଚାର ପ୍ରକ୍ରିୟା କିପରି ତ୍ୱରାନ୍ୱିତ ହୋଇପାରିବ ଓ ଲୋକେ କିପରି ତ୍ୱରିତ ନ୍ୟାୟ ପାଇପାରିବେ ସେଥିପ୍ରତି ମୁଖ୍ୟ ବିଚାରପତି ଆଲୋକପାତ କରିଥିଲେ।

## ଜାନୁୟାରୀ ୩ରୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

**ପୁରୀ ଅଫିସ,୨୧।୧୧**

କରୋନାମୁକ୍ତ ଓଡ଼ିଶା ଘୋଷଣା ପରେ ଚଳିତବର୍ଷ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ପାଇଁ ଘୋଷଣା ହୋଇଛି। ଏଥିପାଇଁ ସୋମବାର ସାଲବେଗ ପୀଠରେ ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଶିକ୍ଷାବିତ ରଘୁନାଥ ମହାପାତ୍ର, ରାଜକିଶୋର ମିଶ୍ର, ବଦ୍ରି ମିଶ୍ର, ପୁଷ୍କର ମହାପାତ୍ର, ବୀରେନ୍ଦ୍ର ମହାନ୍ତି, ଶ୍ୟାମପ୍ରକାଶ ସେନାପତି, ସୁକାନ୍ତ ପଣ୍ଡା, ସ୍ୱାଧୀନ ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ସୁନୀଲ ରଥ, ନାରାୟଣ ନନ୍ଦ, ପ୍ରସନ୍ନ ମିଶ୍ର, ଭବାନୀ ବଳିଆର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଶରଧାବାଲିରେ ଜାନୁୟାରୀ ୩ରୁ ୧୨ତାରିଖ ପର୍ଯ୍ୟନ୍ତ ପୁସ୍ତକ ମେଳା ଅନୁଷ୍ଠିତ ହେବ। ଯେଉଁଥିରେ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ହେବାର ସମ୍ଭାବନା ରହିଛି ବୋଲି ସମ୍ପାଦକ ଚକ୍ରଧର ମହାପାତ୍ର ଜଣାଇଛନ୍ତି।

## ନକଲି ପାନମସଲା ଜବତ ଘଟଣା: ୩ ଗିରଫ

**କଣାସ, ୨୧।୧୧(ସ୍ୱ.ପ୍ର)**

କଣାସ ଅଞ୍ଚଳରେ ରବିବାର ଖାଉଟି ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ତିନୋଟି ରାଶନ ଦୋକାନରୁ ଲକ୍ଷାଧିକ ଟଙ୍କାର ନକଲି ପାନମସଲା ଜବତ କରାଯାଇଥିଲା। ଏହି ଘଟଣାରେ ସୋମବାର ୩ ଅଭିଯୁକ୍ତ ପଞ୍ଚାନନ ମହାପାତ୍ର, ଲଲାଟ ସାହୁ ଏବଂ ବିକ୍ରମ ସାହୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ୩ଟି ପୃଥକ ମାମଲା (ନଂ. ୨୧୪,୨୧୫,୨୧୬/୨୦୨୨) ରୁଜୁ ହୋଇଥିବା କଣାସ ଥାନା ଆଇଆଇସି ସୁଜିତ ଦାସ କହିଛନ୍ତି। ସୂଚନା ଅନୁଯାୟୀ, ମନ୍ଦାରବସ୍ତ ବଜାରର ଏକ ରାଶନ ଦୋକାନ ଏବଂ କଣାସ ବଜାରର ଦୁଇଟି ଦୋକାନରେ ଖାଉଟି ବିଭାଗ ଓ ପୋଲିସ ଚଢ଼ାଉ କରି ନକଲି ଜର୍ଦ୍ଦା ଜବତ କରିବା ସହିତ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ତଦନ୍ତ ପରେ ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଗିରଫ କରାଯାଇଛି।



ନକଲି ପାନମସଲା ଜବତ ଘଟଣାରେ ଗିରଫ ୩ ଅଭିଯୁକ୍ତ।

# ‘ଆମ ପରି ବୃକ୍ଷକୁ ବଞ୍ଚିବାକୁ ଦେବା’



କାର୍ଯ୍ୟକ୍ରମରେ ବ୍ଲକ ଶିଶୁ ବିଭାଗ ଅଧିକାରିଣୀ ତନୁପ୍ରଭା ବେଉରା, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ଏବଂ ଅନ୍ୟମାନେ।

**ଗୋପ,୨୧।୧୧(ଡି.ଏନ୍.ଏ.)**

ବୃକ୍ଷ ହେଉଛି ଆମ ଜୀବନରେଖାର ଏକ ଅଂଶ ବିଶେଷ। ବୃକ୍ଷ ବଞ୍ଚି ରହିଲେ ଜୀବଜଗତ ବଞ୍ଚି ରହିବ। ଆମ ବଞ୍ଚିବା ପରି ବୃକ୍ଷକୁ ବଞ୍ଚିବାକୁ ଦେବା ବୋଲି ସୋମବାର ମିଶନ ଶକ୍ତି ଦ୍ୱାରା ଗୋଟିଏ ନର୍ସରୀ ଉଦ୍‌ଘାଟନ ଉତ୍ସବରେ ଗୋପ ବ୍ଲକ ଶିଶୁ ବିଭାଗ ଅଧିକାରିଣୀ ତନୁପ୍ରଭା ବେଉରା ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି ପ୍ରମୁଖ ଯୋଗଦେଇ ଚାରା ରୋପଣ କରିବା ପରେ ଆମେମାନେ ଏହି ଗଛଟିକୁ ପରିବାରର ଗୋଟିଏ ସଦସ୍ୟ ବୋଲି ଆବଶ୍ୟକତା ରହିଛି ବୋଲି କହିଥିଲେ। ଗୋପ -କୋଣାର୍କ ରାସ୍ତାର ବାଲିସାହି ନିକଟରେ ଥିବା ଗୋଟିଏ ନର୍ସରୀକୁ ବ୍ଲକ ମିଶନ ଶକ୍ତି ପକ୍ଷରୁ ୫ ବର୍ଷ ପାଇଁ ଲିଜ୍ ମାଧ୍ୟମରେ ନିଆଯାଇ ଗୋପ ମହିଳା ଶକ୍ତି ସଙ୍ଗଠନକୁ ହସ୍ତାନ୍ତର କରାଯାଇଥିଲା। ମହିଳାମାନେ କିପରି ସ୍ୱାବଲମ୍ବୀ ହେବା ସହ ନିଜ ଗୋଡ଼ରେ ଠିଆ ହୋଇ ରୋଜଗାରକ୍ଷମ ହୋଇପାରିବେ ସେନେଇ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ଗୋପ ଅଞ୍ଚଳରେ ଏପରି ଏକ ନର୍ସରୀ ଖୋଲାଯିବା ପରେ ମହିଳା ଗୋଷ୍ଠୀ ମଧ୍ୟରେ ଏକ ଖୁସିର ଲହରୀ ଖେଳିଯାଇଛି। ଗୋପ ମହିଳା ମହାସଂଘ ପକ୍ଷରୁ ବିଭିନ୍ନ ପ୍ରକାରର ଫଳ, ଫୁଲ ଚାରା ବିକ୍ରୟ ଆରମ୍ଭ କରାଯାଇଛି।

## ସତ୍ୟନାରାୟଣ କୁଷ୍ଠ ସେବା ସମିତି ପକ୍ଷରୁ ଦାବିପତ୍ର

**ପୁରୀ ଅଫିସ, ୨୧।୧୧**

ସତ୍ୟନାରାୟଣ କୁଷ୍ଠସେବା ସମିତି ପକ୍ଷରୁ ଜୀବରାମଜୀ ପଲ୍ଲୀ ଶାଖା, ଘୁମୁରା ପଲ୍ଲୀରେ ବସବାସ କରୁଥିବା କୁଷ୍ଠରୋଗୀମାନଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏହି ପତ୍ରରେ ଦର୍ଶାଯାଇଛି ଯେ, କୁଷ୍ଠରୋଗୀ ମରିଗଲେ ଦଶାହ କାର୍ଯ୍ୟ କରିବା ପାଇଁ ବାହାରେ ଘୃଣାଭାବ ସହ ସେମାନଙ୍କୁ ସହଯୋଗ କରାଯାଉ ନାହିଁ। ଏ ନେଇ ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇବାରୁ ସେ ମୁକ୍ତା ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରିଥିଲେ। ମାତ୍ର ଏହି ଘଟଣାକୁ ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ଏପର୍ଯ୍ୟନ୍ତ ଯୋଜନା କାର୍ଯ୍ୟକାରୀ ହେଲା ନାହିଁ। ଫଳରେ ଯେକୌଣସି କୁଷ୍ଠରୋଗୀଙ୍କ ମୃତ୍ୟୁ ପରେ ଦଶାହ କାର୍ଯ୍ୟ କରିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ନୀଳାଦ୍ରିନିଳୟ ପାଖରେ ଥିବା ଖାଲି ଜାଗାରେ କୁଷ୍ଠରୋଗୀଙ୍କ ଦଶାହ କାର୍ଯ୍ୟ କରିବା ପାଇଁ ମୁକ୍ତା ଯୋଜନାରେ ଆଜକୁ ୨ବର୍ଷ ହେଲା ଅନ୍ତର୍ଭୁକ୍ତ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଣୁ ଦଶାହ କାର୍ଯ୍ୟ ପାଇଁ ଉକ୍ତ ସ୍ଥାନରେ ଗୃହ ନିର୍ମାଣ କରାଯାଉ ବୋଲି ଦାବି କରାଯାଇଛି।

## ‘ପୁରସ୍କାର ହିଁ ପ୍ରେରଣା ଦେଇଥାଏ’

**କଣାସ, ୨୧।୧୧(ସ୍ୱ.ପ୍ର)**

କଦୁଆ ପଞ୍ଚାୟତସ୍ଥିତ ସାନଓରା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଦାଶରଥୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତଥି ଭାବେ ପୂର୍ବତନ ସହଶିକ୍ଷାଧିକାରୀ ସର୍ବେଶ୍ୱର ଜେନା, ଶିକ୍ଷାବିତ ବାସୁଦେବ ହରିଚନ୍ଦନ, ରବି ନାରାୟଣ ମହାପାତ୍ର, ରମେଶ ଚନ୍ଦ୍ର ବେହେରା, ସୁମନ ବେହେରା, ବିଷ୍ଣୁଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିଶୁର ସାମଗ୍ରିକ ବିକାଶ କ୍ଷେତ୍ରରେ ପୁରସ୍କାର ହିଁ ପ୍ରେରଣା ଯୋଗାଇଥାଏ ବୋଲି ଅତିଥିମାନେ କହିଥିଲେ। ପ୍ରଧାନ ଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୩୭ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଭାଗରେ ଉତ୍କର୍ଷତା ନିମନ୍ତେ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା, ବାଲେଶ୍ୱର ଶବର ଓ ସଂଗ୍ରାମ ପ୍ରତାପସିଂହ ପରିଚାଳନା କରିଥିଲେ। ସସ୍ମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମନୋରମା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।




ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।




ପୁରୀ ଶ୍ରୀଲୋକନାଥ ମନ୍ଦିର ଉନ୍ନତୀକରଣ ସମ୍ପର୍କରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ମନ୍ଦିର ସେବାୟତମାନେ ।

# ୧୧୬ କେନ୍ଦ୍ରରେ ହେବ ଦଶମ ସମେଟିଭ ପରୀକ୍ଷା

- କପି ରୋକିବ ୩ ଫ୍ଲାଇଙ୍ଗ୍ ସ୍କାଡ୍, ସିସିଟିଭି ରେକର୍ଡିଂ ଦେଖି କାର୍ଯ୍ୟାନୁଷ୍ଠାନ
- ବୈଠକରେ ଅନୁପସ୍ଥିତି ପାଇଁ ୧୫ରୁ ଊର୍ଦ୍ଧ୍ୱ କେନ୍ଦ୍ର ପରିଚାଳକଙ୍କ ଦରମା ବନ୍ଦ

**ପୁରୀ ଅଫିସ, ୨୧।୧୧**

ଚଳିତ ମାସ ୨୩ ତାରିଖଠାରୁ ପୁରୀ ଜିଲାର ୧୧୬ଟି ପରୀକ୍ଷା କେନ୍ଦ୍ରରେ ଦଶମ ଶ୍ରେଣୀ ସମେଟିଭ ପରୀକ୍ଷା ଆରମ୍ଭ ହେବ। ଏକକାଳୀନ ଦଶମଶ୍ରେଣୀ, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିଲାଗି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କପି ରୋକିବା ପାଇଁ ୩ଟି ଫ୍ଲାଇଙ୍ଗ ସ୍କାଡ୍ ଗଠନ କରାଯାଇଛି। ଚିଲିକା ହ୍ରଦର ଅପରପାର୍ଶ୍ୱରେ ୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଉକ୍ତ କେନ୍ଦ୍ରଗୁଡ଼ିକରେ




ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଚଳିତ ପରୀକ୍ଷାରେ କଡ଼ାକଡ଼ି ଭାବେ ଶୃଙ୍ଖଳା ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷ ସୋମବାର ସାରସ୍ୱତ ବିଦ୍ୟାପୀଠରେ ଆୟୋଜିତ ସମସ୍ତ କେନ୍ଦ୍ରର ପରିଚାଳକମାନଙ୍କ ବୈଠକରେ ସଭାପତିତ୍ୱ କରି ଏଥର ପରୀକ୍ଷାରେ ଶୂନ୍ୟ ସହନଶୀଳତା ବା ଜିରୋ ଟଲେରାନ୍ସ ପାଳନ କରାଯିବ ବୋଲି କହିଛନ୍ତି। ପରୀକ୍ଷା ଆରମ୍ଭ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ଅନିୟମିତତା କରିଥିବାରୁ ନିଗମାନନ୍ଦ ବିଦ୍ୟାପୀଠ, ଗୋପର ସହାୟକ ଦୀପକ କୁମାର ସାହୁଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। କେନ୍ଦ୍ର ପରିଚାଳକମାନଙ୍କ ବୈଠକରେ ଯୋଗ ନ ଦେଇଥିବାରୁ ୧୫ ଜଣରୁ ଊର୍ଦ୍ଧ୍ୱ କେନ୍ଦ୍ର ପରିଚାଳକଙ୍କ ଦରମା ବନ୍ଦ କରାଯିବା ସହିତ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଚଳିତ ଥର ଏହି ପରୀକ୍ଷାରେ ସିସିଟିଭି ରେକର୍ଡିଂ ଦେଖି କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଆବଶ୍ୟକ ପଡ଼ିଲେ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରର ପରୀକ୍ଷା ବାତିଲ କରାଯିବ ବୋଲି ଘୋଷ କହିଛନ୍ତି।

# କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଗୁଆ



'ବିକଶିତ ଭାରତ: ଦିଗନ୍ତ ପହଞ୍ଚ' ଶୀର୍ଷକ କର୍ମଶାଳାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

ମାନବସମ୍ବଳ ଓ କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ସଫଳ ପଦକ୍ଷେପ ଗ୍ରହଣ କରି ଆସୁଛି। ବିଶେଷକରି ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ଓ ନିରନ୍ତର ପ୍ରଗତି ସହ ସେମାନଙ୍କ କ୍ରିୟାଶୀଳ ଭୂମିକାକୁ ଉନ୍ନତ କରିବା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ବିକଶିତ ଭାରତ: ଦିଗନ୍ତ ପହଞ୍ଚ' ଶୀର୍ଷକ କର୍ମଶାଳାରେ ମୁଖ୍ୟ ଶାସନ ସଚିବ ଯୋଗଦେଇ ଏହା କହିଛନ୍ତି।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଧ୍ୟ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ସରକାର ବହୁ ପଦକ୍ଷେପ ନେଇଥିବା ଆଲୋକପାତ କରିଥିଲେ। କର୍ମଶାଳାରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ହିମାଚଳ ପ୍ରଦେଶ, ଗୋଆ, ଜମ୍ମୁ ଓ କଶ୍ମୀର, ପଞ୍ଜାବ, ତ୍ରିପୁରା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ, ମଣିପୁର ତଥା କେନ୍ଦ୍ର ଶାସିତ ଅଞ୍ଚଳ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଡାମନ-ଡିଉ-ଦାଦ୍ରା-ନଗର ହାବେଳୀ, ଲାକ୍ଷାଦ୍ୱୀପ, ଲଦାଖର ପ୍ରତିନିଧିମାନେ ଯୋଗଦେଇ ଦକ୍ଷତା ବିକାଶ ସ୍ଥିତି ନେଇ ବକ୍ତବ୍ୟ ରଖିଥିଲେ। କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟର ଶାସନ ସଚିବ ଅତୁଲ ତିୱାରୀ ଯୋଗଦେଇ ଦକ୍ଷତା ବିକାଶ କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନା ଓ ପଦକ୍ଷେପ ସମ୍ପର୍କରେ କହିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣରେ ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ହୋଇଥିବା ଦର୍ଶାଇଥିଲେ। ବିଭାଗୀୟ ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁ ଜିଙ୍କ ସମେତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନର ଉଦ୍‌ଯାପନ ଅଧିବେଶନ ପରେ ପ୍ରତିନିଧି ଦଳ ଜଟଣୀସ୍ଥିତ ଦକ୍ଷତା ବିକାଶ ପ୍ରତିଷ୍ଠାନ ଓ ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ତଥ୍ୟ ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ଉଭୟ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

## ସଂକ୍ଷେପରେ

### ଚିଲିକା ତଟରୁ ମୃତଦେହ ଜବତ

**ବାଲୁଗାଁ, ୨୧।୧୧(ଡି.ଏନ୍.ଏ.):** ବାଲୁଗାଁ ଚିଲିକା ତଟରୁ ସୋମବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବାଣପୁର ୧୧ନଂ. ୱାର୍ଡସ୍ଥିତ ବଡ଼ହନ୍ତୁଆଡ଼ ଗ୍ରାମର ସୁରେନ୍ଦ୍ର ନାୟକ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୁରେନ୍ଦ୍ର ସୋମବାର ସକାଳେ ସମ୍ପର୍କୀୟଙ୍କ ଏକ ଶୁଦ୍ଧି କାର୍ଯ୍ୟରେ ଯୋଗଦେବା ପାଇଁ ବାଲୁଗାଁସ୍ଥିତ ଗଙ୍ଗାନଗରକୁ ଯାଇଥିଲେ। କୌଣସି କାର୍ଯ୍ୟରେ ସେ ଚିଲିକା କୂଳକୁ ଆସିଥିବା ବେଳେ ସରକାରୀ ଲଞ୍ଚ କାର୍ଯ୍ୟାଳୟ ପାର୍ଶ୍ୱ ଜେଟିଠାରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଠାବ କରାଯାଇଥିଲା। ଖବର ପାଇ ବାଲୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଶିଶୁକୁ ପୋଷ୍ୟ ଗ୍ରହଣ କଲେ ଇଟାଲୀ ଦମ୍ପତି

**ପାରଳାଖେମୁଣ୍ଡି, ୨୧।୧୧(ଡି.ଏନ.ଏ):** ଗଜପତି ଜିଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୩୩ତମ ଶିଶୁକୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ପୋଷ୍ୟ ସନ୍ତାନ ଭାବେ ଇଟାଲୀର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପ୍ରାୟ ୫ବର୍ଷ ତଳେ ଏହି ଶିଶୁପୁତ୍ରକୁ ମୋହନା ଅଞ୍ଚଳରୁ ଅସହାୟ ଅବସ୍ଥାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଚାଇଲ୍ଡଲାଇନ ଉଦ୍ଧାର କରିଥିଲା। ତାକୁ ଡ଼େ ଷ୍ଟାର୍ ହୋମ, ଜରଉ, ମୋହନା ଶିଶୁ ଯତ୍ନ ଅନୁଷ୍ଠାନରେ ରଖି ଜିଲା ପ୍ରଶାସନ ସମସ୍ତ ଯତ୍ନ ଏବଂ ସୁରକ୍ଷା ଦେଇ ଆସୁଥିଲା। ଶିଶୁଟିର ବାପାଙ୍କ ଦେହାନ୍ତ ପରେ ମା' ଅନ୍ୟତ୍ର ପଳାଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ହସ୍ତକ୍ଷେପ ପରେ ମା' ଶିଶୁ ମଙ୍ଗଳ ସମିତି ଆଗରେ ପୁଅକୁ ସମର୍ପିତ କରିଥିଲେ। ପରେ ଶିଶୁ ମଙ୍ଗଳ ସମିତି ଶିଶୁକୁ ଆଇନତଃ ମୁକ୍ତ ଭାବେ ପ୍ରାୟ ଚାରିବର୍ଷ ହେଲା ଘୋଷଣା କରିଥିଲେ। ପାରଳାଖେମୁଣ୍ଡି ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ସାଲୋମ ମାଧ୍ୟମରେ ପୁଅଟିକୁ ପୋଷ୍ୟ ସନ୍ତାନ ନିମନ୍ତେ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ରର ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା। ୪ ବର୍ଷ ଧରି ଏକ ପୋଷ୍ୟ ସନ୍ତାନ ପାଇଁ ଅନଲାଇନ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଇଟାଲୀ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଆବଶ୍ୟକ ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲାପାଳ ଏବଂ କୋର୍ଟ ଯାଞ୍ଚ କରିବା ପରେ ଶିଶୁଟିକୁ ଇଟାଲି ଦମ୍ପତିଙ୍କୁ ହସ୍ତାନ୍ତର କରିଦିଆଯାଇଛି।

# ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**୧୦ ହଜାର ପାଇଁ ନବବଧୂ ହତ୍ୟା ମାମଲା**

**ଭଞ୍ଜନଗର, ୨୧।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଟଭାପଲ୍ଲୀରେ ନବବଧୂ ସନ୍ତୋଷିନୀ ସାହୁ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସ୍ୱାମୀ ଶିବରାମ ସାହୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ଏଡିଜେ ରାୟରେ ଉଲ୍ଲେଖ କରିଛନ୍ତି।

ତାରସିଂ ଥାନା ଅନ୍ତର୍ଗତ ଗେରେଡ଼ାର ନାରାୟଣ ସାହୁଙ୍କ ଝିଅ ସନ୍ତୋଷିନୀ ୨୦୧୭ ମେ ୪ ତାରିଖରେ ବୁଗୁଡ଼ା ଥାନା ଅନ୍ତର୍ଗତ ଟଭାପଲ୍ଲୀର ଶିବରାମଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ଯୌତୁକ ବାବଦକୁ ୩୦ ହଜାର ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଦିଆଯାଇଥିଲା। କିଛିମାସ ପରେ ଶିବରାମ ଯୌତୁକ ବାବଦକୁ ବାପଘରୁ ଆଉ ୧୦ହଜାର ଟଙ୍କା ଆଣିବା ପାଇଁ ସନ୍ତୋଷିନୀଙ୍କୁ କହିଥିଲେ। ମୃତ୍ୟୁର ୧୦ ଦିନ ପୂର୍ବରୁ ସନ୍ତୋଷିନୀ ଏ ସମ୍ପର୍କରେ ତାଙ୍କ ବାପାଙ୍କୁ ଜଣାଇଥିଲେ। ବାପା ଆଉ ୧୦ ହଜାର ଟଙ୍କା ଦେଇ ପାରି ନ ଥିଲେ। ଏଥିରେ ଅସନ୍ତୁଷ୍ଟ ଶିବରାମ ୨୦୧୭ ନଭେମ୍ବର ୧୬ରେ ଶିବରାମ ଯୋଜନାବଦ୍ଧ ଭାବେ ସନ୍ତୋଷିନୀଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ଏ ନେଇ ତାଙ୍କ ବାପା ନାରାୟଣ ଜାଣିବା ପରେ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏମ୍. ତାଜ୍ ଆଦେନୀ ମାମଲା ପରିଚାଳନା କରୁଥିଲେ।

# ଯାତ୍ରୀବାହୀ ବସ୍, ମୋବାଇଲ ଟାୱାର ଜାଳିଦେଲେ ମାଓବାଦୀ

**ମାଲକାନଗିରି, ୨୧।୧୧(ସ୍ୱ.ପ୍ର.):** ମାଲକାନଗିରି ସୀମାନ୍ତ ଛତିଶଗଡ଼ ରାଜ୍ୟରେ ମାଓବାଦୀମାନେ ହିଂସାକାଣ୍ଡ ଘଟାଇଛନ୍ତି। ଛତିଶଗଡ଼ କାଙ୍କେର ଜିଲାରେ ସେମାନେ ରବିବାର ରାତିରେ ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଅନ୍ୟ ଏକ ସ୍ଥାନରେ ଥିବା ମୋବାଇଲ ଟାୱାରକୁ ମଧ୍ୟ ଜାଳି ଦେଇଥିବା ଜଣାପଡ଼ିଛି। ବିଳମ୍ବିତ ରାତିରେ କାଙ୍କେର ଜିଲାର କୋଇଲବାଡ଼ି ଗ୍ରାମରେ ସଶସ୍ତ୍ର ମାଓବାଦୀ ପହଞ୍ଚିଥିଲେ। ସେଠାରେ ଯାତ୍ରୀଙ୍କ ଅପେକ୍ଷାରେ ଥିବା ଏକ ଯାତ୍ରୀବାହୀ ବସ୍ ଭିତରେ ଥିବା ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ଓହ୍ଲାଇ ସେଠାରୁ ଚାଲିଯିବାକୁ କହିଥିଲେ। ସେମାନେ ଭୟରେ ପଳାଇ ଯିବା ପରେ ବସ୍‌ରେ ମାଓବାଦୀମାନେ ନିଆଁ ଲଗାଇ ଦେଇଥିଲେ। ସେଠାରେ ପୋଷ୍ଟର ଛାଡି ଚାଲିଯାଇଥିଲେ। ଅନ୍ୟ ଏକ ଘଟଣାରେ ପଖାଞ୍ଜୁର ଥାନା ଅନ୍ତର୍ଗତ ପିଭି-୪୫ ଗ୍ରାମରେ ଥିବା ଏକ ମୋବାଇଲ ଟାୱାରରେ ମଧ୍ୟ ସେମାନେ ନିଆଁ ଲଗାଇଦେଇ ଥିଲେ। ମାଓବାଦୀଙ୍କ ଏଭଳି ହିଂସା ପରେ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି।


ମାଓବାଦୀ ଜାଳିଦେଇଥିବା ବସ୍।

# ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ


ଉତ୍ୟକ୍ତ ଲୋକେ ଆଠମଲ୍ଲିକ-କିଆକଟା ରାଜ୍ୟ ରାଜପଥ ଅବରୋଧ କରିଛନ୍ତି।

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

**ଆଠମଲ୍ଲିକ/ ମାଧପୁର, ୨୧।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବନାଞ୍ଚଳ ପୁରୁଣାମାଣତ୍ରି ପଞ୍ଚାୟତର ରାଜିଙ୍ଗ ଗ୍ରାମରେ ରବିବାର ରାତିରେ ହାତୀ ଆକ୍ରମଣରେ ଚାଷୀ ରମେଶ ସାହୁ (୪୦)ଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ସୋମବାର ରମେଶଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିବାରୁ ଦୀର୍ଘ ସମୟ ଧରି ଆଠମଲ୍ଲିକ-କିଆକଟା ରାଜ୍ୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ପ୍ରକାଶ ଯେ, ରାଜିଙ୍ଗ ଗ୍ରାମ ନିକଟକୁ ଚାଲି ଆସିଥିବା ହାତୀ ପଲ ପାଚିଲା ଧାନ କ୍ଷେତରେ ପଶି ଫସଲ ନଷ୍ଟ କରୁଥିଲେ। ଗାଁର କେତେଜଣଙ୍କ ସହିତ ରମେଶ ହାତୀ ଦାଉରୁ ଫସଲ ରକ୍ଷା କରିବାକୁ ଜମି ନିକଟକୁ ଯାଇଥିଲେ। ଏହି ସମୟରେ ଗୋଟିଏ ହାତୀ ରମେଶଙ୍କୁ ଆକ୍ରମଣ କରିବାକୁ ଆସିବାରୁ ସେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ନିଜ ଜୀବନ ରକ୍ଷା କରିବାରେ ସେ ବିଫଳ ହୋଇଥିଲେ। ଉଚିତ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ରାସ୍ତାରୋକୋ କରିଥିବା ଖବରପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ଏସିଏଫ ଗୌରୀ ଶଙ୍କର ଦାସ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ ସହାୟତା ଦେବାର ବ୍ୟବସ୍ଥା କରାଯିବ।

# ସୁନ୍ଦରଗଡ଼ ଜଙ୍ଗଲରେ ହାତୀ ଛୁଆ ମୃତ

**ସୁନ୍ଦରଗଡ଼, ୨୧।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ବନଖଣ୍ଡ ଉଜ୍ଜଳପୁର ବନାଞ୍ଚଳ ଅନ୍ତର୍ଗତ ସାନପତ୍ରାପାଲି ସେକ୍‌ସନ ସାରସଖୋଲ ଜଙ୍ଗଲ ତେନ୍ତୁଳିପଡ଼ା ନିକଟରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିବା ଏକ ହାତୀ ଶାବକର ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ରବିବାର ସକାଳେ ହାତୀ ଶାବକ ସେଠାରେ ଦୁର୍ବଳ ହୋଇ ପଡ଼ିଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ସନ୍ଧ୍ୟାରେ ବନବିଭାଗ କର୍ମଚାରୀ ପହଞ୍ଚି ହାତୀ ଶାବକକୁ ଉଦ୍ଧାର କରି ଚିକିତ୍ସା ବ୍ୟବସ୍ଥା କରିଥିଲେ। ହେଲେ ରାତି ପ୍ରାୟ ସାଢେ ଗୋଟାଏବେଳେ ଚିକିତ୍ସାଧୀନ ଅବସ୍ଥାରେ ହାତୀ ଶାବକର ମୃତ୍ୟୁ ହୋଇଯାଇଥିବା ସୁନ୍ଦରଗଡ଼ ଡିଏଫ୍‌ଓ ପ୍ରଦୀପ କୁମାର ମିରାସେ କହିଛନ୍ତି। ହାତୀ ଶାବକ ବୟସ ପ୍ରାୟ ୭।୮ ମାସ ହେବ। ନିମୋନିଆ ଯୋଗୁ ମୃତ୍ୟୁ ଘଟିଥିବା ଶବ ବ୍ୟବଚ୍ଛେଦ ପରେ ଜଣାପଡିଛି। ନିକଟସ୍ଥ ଜଙ୍ଗଲରେ ବର୍ତ୍ତମାନ ଥିବା ୨୪ ଟିକିଆ ହାତୀପଲ ମଧ୍ୟରେ ଏହି ଶାବକ ଥିଲା। ମାତ୍ର ସେ ଦୁର୍ବଳ ହୋଇ ହାତୀପଲରୁ ଅଲଗା ପଡ଼ି ରହିଥିବାବେଳେ ଗ୍ରାମବାସୀ ପ୍ରଥମେ ଦେଖିଥିଲେ।


ହାତୀ ଛୁଆର ମୃତଦେହ।

# ବିଚାରାଧୀନ ବନ୍ଦୀଙ୍କ ଆତ୍ମହତ୍ୟା

**ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ**

**ଭଞ୍ଜନଗର, ୨୧।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାରରେ ସୋମବାର ଜଣେ ବିଚାରାଧୀନ ବନ୍ଦୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଡୁମାକୁମ୍ପାର ତୋଫାନ ନାଇକ (୩୦)। ତୋଫାନଙ୍କ ବେକରେ ଦାଗ ରହିଛି। ଅଣ୍ଟାରେ ପିନ୍ଧିଥିବା ସୂତାକୁ ବେକରେ ବାନ୍ଧି ଶୌଚାଳୟ ନିକଟ ଝରକାରେ ଝୁଲି ପଡ଼ିଥିବା ଜେଲ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସ୍ୱାମୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତୋଫାନଙ୍କ ସ୍ତ୍ରୀ ବନୀ ନାଇକ ଅଭିଯୋଗ କରିଛନ୍ତି। ସେ ଏ ନେଇ ଥାନାରେ ଅଭିଯୋଗ କରିବେ ବୋଲି ମଧ୍ୟ କହିଛନ୍ତି। ଜେଲ ଅଧୀକ୍ଷକ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ପ୍ରକାଶ ଯେ, ୨୦୨୦ରେ ତୋଫାନ ଏବଂ ତାଙ୍କର ଜଣେ ସାଙ୍ଗ ମିଶି ଭୁବନେଶ୍ୱରରେ ରହୁଥିଲେ। ସେଠାରେ କୌଣସି ଏକ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସାଙ୍ଗଙ୍କୁ ଆକ୍ରମଣ କରିଥିବା ନେଇ ଭୁବନେଶ୍ୱରରେ ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିଲା। ଆସନ୍ତା ୨୬ ତାରିଖ ସୁଦ୍ଧା ତୋଫାନଙ୍କୁ କୋର୍ଟରେ ହାଜର କରିବା ପାଇଁ ୱାରେଣ୍ଟ ଜାରି ହୋଇଥିଲା। ଭଞ୍ଜନଗର ପୋଲିସ ଗତ ଶନିବାର ତାଙ୍କୁ ଗିରଫ କରିଥିଲା। ସେ ଭଞ୍ଜନଗର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱର ଜେଲକୁ ପଠାଯିବାର ଥିଲା। ସୋମବାର ସକାଳ ପ୍ରାୟ ୯ଟାରେ ଜେଲରେ ତୋଫାନ ଅନ୍ୟମାନଙ୍କ ସହ ମିଶି ଜଳଖିଆ ଖାଇଥିଲେ। ପରେ ସେ ଶୌଚାଳୟ ନିକଟକୁ ଯାଇ ଝରକାରେ ଝୁଲି ପଡ଼ିଥିଲେ। ଜେଲ କର୍ମଚାରୀ ଏହା ଜାଣିବା ପରେ ତୁରନ୍ତ ତାଙ୍କୁ ଭଞ୍ଜନଗର ମେଡିକାଲକୁ ନେଇଥିଲେ। ସେଠାରେ ତୋଫାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଅନ୍ତିମ ସଂସ୍କାର କରାଯାଇଛି। ତେବେ ତୋଫାନ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ତାହା ସନ୍ଦେହଘେରରେ ରହିଛି। ଏ ନେଇ ଭଞ୍ଜନଗର ଜେଲ ଅଧୀକ୍ଷକ ଦଣ୍ଡପାଣି ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ତୋଫାନ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ମାମଲା (ନଂ.୨୪୮/୨୦)ରେ ଭଞ୍ଜନଗର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। କୌଣସି ପରିସ୍ଥିତିରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ହତ୍ୟା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ଥାନା ଅଧିକାରୀ ଧୀରେଶ ଦାସ ଫୋନ ନ ଉଠାଇବାରୁ ତାଙ୍କ ମତାମତ ନିଆଯାଇପାରିନାହିଁ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
JHARSUGUDA (R&B) DIVISION, JHARSUGUDA
E-mail ID: eepwdjsg2014@gmail.com, Telephone: 06645-271242
No. B-857 Kalimandir Road, Jharsuguda - 768202
"e" - Procurement Notice
Bid Identification No. EE-R&B-JSG-19 of 2022-23

| | | |
|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Single/ Double Cover** system on ONLINE mode from eligible contractors for construction of **Road Work** as detailed in DTCN. | |
| 2. | Nature of Work | : Building Works |
| 3. | Estimated Cost | : Rs.21.00 lakhs to Rs.76.00 lakhs |
| 4. | No. of work | : 04 (Four) Nos. |
| 5. | Tender Cost | : Rs.6000/- & Rs.10000.00 (As per DTCN) |
| 6. | Class of Contractor | : "C" & "B" |
| 7. | Availability of Bid document in the website | : 10.00 A.M. of Dt. 25.11.2022 to 5.00 P.M. of Dt. 05.12.2022 |
| 8. | Date of Opening of Technical Bid (Cover-I) | : 11.30 A.M. on Dt.06.12.2022 |
| 9. | The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | |

Sd./- Superintending Engineer
Jharsuguda (R&B) Division
OIPR-34094/11/0019/2223

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-2803
OFFICE OF THE CHIEF GENERAL MANAGER
(P&C) IDCO, IDCO TOWER, BHUBANESWAR
Tender Call Notice No.H.O/P&C/EST-E-2058/01/2022 29928 Dated 19.11.22
NOTICE INVITING TENDER THROUGH e-Procurement
Name of the Work:- Providing first and last mile connectivity of 2.3 km long single lane road to 2 Lane with drain from Maithan Ispat to Rohit Ferrotech in Kalinga Nagar Industrial Complex(KNIC) Dist-Jajpur, Odisha for bridging logistics connectivity gap
Estimated cost :- **Rs. 1040.00 lakhs (approx.).**
Period of completion: -06 (Six) Calendar Months
Pre-Bid meeting is to be conducted on 13.12.2022 at 3.30 P.M

| Procurement Officer | Bid Identification No. | Availability of Tender On-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id No. P&C/ EST/E-101/ 2022-23 | 17.00 hours of 30.11.22 | 17.00 Hours of 16.12.2022 |

Further details can be seen from the e-Procurement Portal.www. Tendersorissa.gov.in and Corrigendum if any will not be published in newspapers and can only be seen in the e-procurement portal www. tenderorissa.gov.in and IDCO Website www.idco.in.
Sd./- Chief General Manager (P&C)
IDCO, Bhubaneswar
OIPR-14003/11/0201/2223

OFFICE OF THE DIVISIONAL FOREST OFFICER
KHORDHA DIVISION, KHORDHA
AT/P.O./P.S./DIST.: KHORDHA
Tel. No.: (06755) 222825, E-mail ID: dfo.khordha@odisha.gov.in
NOTIFICATION
No. MM-284: This is for information of all concerned that the following Forest Roads of KHORDHA FOREST DIVISION in Khordha District & Nayagarh District will remain closed to the traffic on the 31st December' 2022 from "0" (Zero) hour to 24 (Twenty Four) hours in accordance with the Rule - 284 of the Odisha Forest Department Code - 1979. The movement of traffic on the date as specified above will be violation of Section 26 of Odisha Forest Act & hence will be liable for prosecution.
FOREST ROADS OF KHORDHA FOREST DIVISION (DISTRICT WISE)

| Sl. No. | Name of Dist. | Name of the Range | Name of Forest Road | Length of Forest Road in Kms. |
|---|---|---|---|---|
| 1 | 2 | 3 | 4 | 5 |
| 1 | Khordha | Balugaon | Salia - Balikania | 5 |
| 2 | - do - | Balugaon | Balikania - Baguda | 4 |
| 3 | - do - | Balugaon | Balikania - Ankula | 4 |
| 4 | - do - | Balugaon | Ankula - Rajini | 10 |
| 5 | - do - | Balugaon | Baguda - Bainsigotha | 12 |
| 6 | - do - | Balugaon | Rajini - Kriamba | 13 |
| 7 | - do - | Balugaon | Baguda - Rajini | 13 |
| 8 | - do - | Balugaon | Ankula - Baguda | 6 |
| 9 | - do - | Balugaon | Ankula - Dhuanali | 11 |
| 10 | - do - | Balugaon | Dhuanali - Ayatpur | 8 |
| 11 | - do - | Balugaon | Dhuanali - Raipada | 5 |
| 12 | - do - | Balugaon | Aranga - Mainsigotha | 16 |
| 13 | - do - | Balugaon | Salia Dam - Berbera | 7 |
| 14 | - do - | Tangi | Nachuni - Gachhapatra | 14 |
| 15 | - do - | Tangi | Sulia - Pitajhola | 5 |
| 16 | - do - | Tangi | Kuhudi - Pitajhola | 6 |
| 17 | Nayagarh | Tangi | Nakithana - Patia | 10 |
| 18 | - do - | Tangi | Patia - Sankhajodi | 15 |
| 19 | - do - | Tangi | Patia - Gachhapatra | 10 |
| 20 | - do - | Ranpur | Sankhajodi - Raipada | 9 |
| 21 | - do - | Ranpur - Tangi | Betuli - Gachhapatra | 6 |
| 22 | - do - | Ranpur | Sankhajodi - Betuli | 9 |
| 23 | - do - | Ranpur | Jasodapur - Sankhajodi | 14 |
| 24 | - do - | Ranpur | Ranpur - Karadapalla | 9 |
| 25 | - do - | Ranpur | Jamuganda - Raipada via - Saktasal | 5.91 |
| TOTAL | | | | 226.91 |

Sd./- Divisional Forest Officer
Khordha Division, Khordha
OIPR-08139/11/0008/2223

GOVERNMENT OF ODISHA
OFFICE OF THE SUPERINTENDING ENGINEER
BOLANGIR (R&B) DIVISION, BOLANGIR
Email: eepwd.bgr@rediffmail.com
eepwd.bgr@gmail.com, Ph. No.: 06652-232374
No.B-854: e-Procurement Notice
Bid Identification No:BGR R&B/19/2022-23
No. 4744 Dtd.19.11.2022
1. The Executive Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single Cover System in ONLINE MODE for construction of 100 KV Sub Station and lines work detailed in the table below from eligible contractors.
2. Nature of work : Electrical Work
3. No. of tender : 1 No. Electrical Work
4. Tender Cost : Rs.6,000/- (Tender Paper Cost)
5. Class of Contractor : "HT" Electrical Contractor
6. Date & time of sale & receipt of Bids : From Dt.21.11.2022, 11.30 A.M. to Dt.28.11.2022 upto 05.00 P.M.
7. Date of Opening Bid : Dt.29.11.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **http://tendersodisha.gov.in.**
Sd./- Executive Engineer, Bolangir (R&B) Division
OIPR-34028/11/0017/2223

GOVERNMENT OF ODISHA No. B-867
"e" PROCUREMENT NOTICE
WORKS DEPARTMENT
E-mail: ceroads.bbsr@gmail.com
Bid Identification No. CE-DPI&R-27/2022-23
1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of Work : Road works
3. No. of Work : 2 Nos.
4. Tender Paper Cost : Rs.10,000.00
5. Class of Contractor : Special Class/Super Class
6. Available of bid document in the website : From 10.00 A.M. of 22.11.2022 to 5.30 P.M. of 12.12.2022
7. Date of opening of Bid : Dt.13.12.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.
Sd./- Chief Engineer (DPI & Roads), Odisha
OIPR-34111/11/0060/2223

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
SOUTHERN (R&B) CIRCLE, BERHAMPUR
Phone : 0680-2281582, e-mail: ccescbam@gmail.com
INVITATIONS FOR BIDS (IFB) [e-Procurement]
Bid Identification No. CCE, S.C (R&B)-BAM-14/2022-23
No. 4458 // Dated: 16.11.2022
**No.B-861:**1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road / Bridge Works as detailed in the table below.
2) Nature of work : Road / Bridge works
3) No. of work : 02 Nos.
4) Tender Cost : Rs.10,000/- (online)
5) Class of Contractor : "A" Class & "Special" Class
6) Availability of Bid document in the website : From 23.11.2022 10.00 AM to 02.12.2022 4.00 PM
7) Date of Opening of Bid : 03.12.2022 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.
Sd./- (D.C.Behera)
Chief Construction Engineer
Southern (R&B) Circle, Berhampur
OIPR-34103/11/0015/2223

**ଆସାମରୁ ୫୦ କୋଟି ଟଙ୍କାର ଡ୍ରଗ୍ସ ଜବତ**

ଆସାମର ଚାଚର ଏବଂ କର୍ବି ଆଙ୍ଗଲଙ୍ଗ ଜିଲାରୁ ସୋମବାର ୫୦ କୋଟି ଟଙ୍କା ମୂଲ୍ୟର ଡ୍ରଗ୍ସ ଜବତ ହୋଇଛି। ଏହି ବେଆଇନ ନିଶାଦ୍ରବ୍ୟ ଚୋରା ଚାଲାଣ ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଚାଚର ଜିଲାର ଲକ୍ଷ୍ମୀପୁର ଅଞ୍ଚଳରୁ ୧.୮୦ ଲକ୍ଷ ନିଶା ଟାବ୍‌ଲେଟ ଜବତ ହୋଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଏକ ଟ୍ରକ୍‌ର ସିକ୍ରେଟ୍ ଚାମ୍ବରରେ ଉକ୍ତ ଟାବଲେଟ୍ ଚାଲାଣ ହେଉଥିଲା। ଅନ୍ୟ ଏକ ଘଟଣାରେ କର୍ବି ଆଙ୍ଗଲଙ୍ଗ ଜିଲାରୁ ରବିବାର ୪ କୁଇଣ୍ଟାଲ ଗଞ୍ଜେଇ ଜବତ ହେବା ସହ ୨ ଜଣଙ୍କୁ ଗିରଫ କରାଯାଇଛି।



ଇଣ୍ଡୋନେସିଆର ପଶ୍ଚିମ ଜାଭାରେ ସୋମବାର ହୋଇଥିବା ଭୂକମ୍ପରେ ଏକ ସ୍କୁଲ୍ ଘର ଭୁଶୁଡ଼ି ପଡ଼ିଛି।



ସିଆଞ୍ଜୁରର ଏକ ହସ୍ପିଟାଲ ପାର୍କିଂ ସ୍ଥାନରେ ଭୂକମ୍ପ ଆହତମାନଙ୍କୁ ଚିକିତ୍ସା କରାଯାଉଛି।

## ସଂକ୍ଷେପରେ

### ସିରିଆ ରକେଟ୍ ମାଡ଼ରେ ୩ ମୃତ

**ଇସ୍ତାନବୁଲ ୨୧।୧୧:** ସୋମବାର ସିରିଆ ରକେଟ୍ ମାଡ଼ରେ ତୁର୍କୀର ସୀମାବର୍ତ୍ତୀ ସହର କାରକାମିସରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଥିବା ତୁର୍କୀ ଗୃହମନ୍ତ୍ରୀ ମହମୁଦ ଓଜେର ସୂଚନା ଦେଇଛନ୍ତି। ରକେଟ୍ ମାଡ଼ରେ କାରକାମିସର ଦୁଇଟି ଘର ସଙ୍ଗକୁ ଏକ ବିଦ୍ୟାଳୟ ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଛି। ଆଗାମୀ ଦିନରେ ତୁର୍କୀ ଏକ ସ୍ୱତନ୍ତ୍ର ଗ୍ରାଉଣ୍ଡ ଅପରେଶନ୍ ସିରିଆରେ କରିବ ବୋଲି ରାଷ୍ଟ୍ରପତି ରିସେପ ଟାୟିପ ଇର୍ଡ୍ରୋଗାନ କହିଛନ୍ତି। ପ୍ରଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି କାର୍ଯ୍ୟ ପ୍ରଣାଳୀ ଆପଣାଯିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ରବିବାର ସିରିଆର ରକେଟ ମାଡ଼ରେ ତୁର୍କୀର ୬ ପୋଲିସ ଅଧିକାରୀଙ୍କ ସମେତ ୨ ସେନା କର୍ମଚାରୀ ନିହତ ହୋଇଥିଲେ।

### ବନ୍ଧୁକ ଦେଖାଇ ୧.୨ କୋଟି ଲୁଟ୍

**ଗ୍ୱାଲିଅର ୨୧।୧୧:** ମଧ୍ୟପ୍ରଦେଶ ଗ୍ୱାଲିଅରରେ ଦୁଇଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୧.୨ କୋଟି ଟଙ୍କା ଲୁଟିଛନ୍ତି। ସୋମବାର ମଧ୍ୟାହ୍ନରେ ଏକ ଘରୋଇ ପ୍ରତିଷ୍ଠାନର ୨ କର୍ମଚାରୀ ଟଙ୍କା ଡିପୋଜିଟ୍ ପାଇଁ ବ୍ୟାଙ୍କକୁ ଯାଇଥିଲେ। ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ କାର୍‌କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ସେମାନଙ୍କଠାରୁ ଟଙ୍କା ନେଇ ସେଠାରୁ ଚମ୍ପଟ ମାରିଥିବା ଗ୍ୱାଲିଅର ପୋଲିସ ସୁପରିଟେଣ୍ଡେଣ୍ଟ ଋଷିକେଶ ମିନା କହିଛନ୍ତି।

### କଂଗ୍ରେସ ବିଧାୟକଙ୍କ ନାଁରେ ବଳାତ୍କାର ମାମଲା

**ଭୋପାଳ ,୨୧।୧୧:** ମଧ୍ୟପ୍ରଦେଶର ଧର୍ ଜିଲାରେ ଜଣେ ମହିଳାଙ୍କୁ ବଳାତ୍କାର କରାଯିବା ସହ ମାନସିକ ନିର୍ଯାତନା ଦେବା ଅଭିଯୋଗରେ କଂଗ୍ରେସ ବିଧାୟକ ଉମଙ୍ଗ ସିଂଘରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଗାନ୍ଧୀୱାନି ଆସନର ବିଧାୟକ ସିଂଘରଙ୍କ ବିରୋଧରେ ଧର୍ ଜିଲାର ନାଉଗାଁ ଥାନାରେ ଆଇପିସିର ଧାରା ୩୭୬, ୩୭୭ ଏବଂ ୪୯୮ରେ ମାମଲା ରୁଜୁ ହୋଇଥିବା ପୋଲିସ ଅଧିକାରୀ କହିଛନ୍ତି। ମଧ୍ୟପ୍ରଦେଶରେ କମଲନାଥଙ୍କ ନେତୃତ୍ୱରେ ୧୫ ମାସିଆ କଂଗ୍ରେସ ସରକାର ବେଳେ ସିଂଘର କ୍ୟାବିନେଟ୍ ମନ୍ତ୍ରୀ ଥିଲେ। ସେ ପୀଡ଼ିତାଙ୍କୁ ବର୍ଷେ ପର୍ଯ୍ୟନ୍ତ ବଳାତ୍କାର ଓ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ତେବେ ଦଳ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

# ବିରୋଧୀ ସ୍ୱର ଚାପିଦେବାକୁ ଉଦ୍ୟମ

## ଇରାନରେ ହିଜାବ ଆନ୍ଦୋଳନ

**ପ୍ୟାରିସ୍ ,୨୧।୧୧**

ହିଜାବ ବିରୋଧୀ ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ଇରାନର ଦୁଇଜଣ ଖ୍ୟାତନାମା ଅଭିନେତ୍ରୀଙ୍କୁ ଗିରଫ କରାଯାଇଛି। ସେମାନେ ସର୍ବସାଧାରଣ ସ୍ଥାନରେ ହିଜାବ କାଢ଼ି ଶାସନକୁ ଅବମାନନା କରିଥିବା ସରକାରୀ ଗଣମାଧ୍ୟମରେ କୁହାଯାଇଛି। ସୋସିଆଲ ମିଡିଆରେ ଉତ୍ତେଜନା ସୃଷ୍ଟିକାରୀ ପୋଷ୍ଟ କରିବା ଓ ଅନ୍ୟାନ୍ୟ ପ୍ରଚାରଧର୍ମୀ କାର୍ଯ୍ୟ ଅଭିଯୋଗର ତଦନ୍ତର ସମ୍ମୁଖୀନ ହେବା ଲାଗି ଅଭିନେତ୍ରୀ ହେଙ୍ଗାମେହ ଗଜିଆନି ଏବଂ କାଟାୟୁନ ରିଆହିଙ୍କୁ ସମନ କରାଯାଇଥିଲା।

ଇରାନରେ ଦୁଇମାସରୁ ଊର୍ଦ୍ଧ୍ୱ ହିଜାବ ବିରୋଧୀ ଆନ୍ଦୋଳନ ଜାରି ରହିଛି। ବିରୋଧୀଙ୍କ ସ୍ୱର ଚାପିଦେବା ସହ କଠୋର ହସ୍ତରେ ଆନ୍ଦୋନ ଦମନ କରିବାକୁ ସରକାର ଉଦ୍ୟମ କରୁଛନ୍ତି। ହିଜାବ ଆଇନ ଅବମାନନା ଅଭିଯୋଗରେ ତେହରାନ୍ ପୋଲିସ ଗିରଫ କରିଥିବା ୨୨ ବର୍ଷୀୟା କୁର୍ଦ୍ଦିଶ ମହିଳା ମହସା ଅମିନିଙ୍କ ହାଜତ ମୃତ୍ୟୁ ପରେ ଆନ୍ଦୋଳନ ଜୋର୍‌ଦାର ହୋଇଥିଲା। ଇସ୍‌ଲାମିକ୍ ରିପବ୍ଲିକ୍ କର୍ତ୍ତୃପକ୍ଷ ଏହି ଆନ୍ଦୋଳନକୁ ଦଙ୍ଗା କହିବା ସହ ବିକ୍ଷୋଭକାରୀଙ୍କ ବିରୋଧରେ ଦମନ ଲୀଳା ଚଳାଇଥିବାରୁ ଏଥିରେ ୧୩୩ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଲେଣି। ଦଙ୍ଗା ଅଭିଯୋଗରେ ଇରାନ ସରକାର ୧୫,୦୦୦ରୁ ଅଧିକ ବିକ୍ଷୋଭକାରୀଙ୍କୁ ଅଟକ ରଖିଛନ୍ତି। ସେମାନଙ୍କୁ ସରକାର ମୃତ୍ୟୁଦଣ୍ଡ ଦେଇପାରନ୍ତି ବୋଲି ବିଭିନ୍ନ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇଛି।



ହେଙ୍ଗାମେହ ଗଜିଆନ



କାଟାୟୁନ ରିଆହି

ଆନ୍ଦୋଳନକାରୀଙ୍କ ଉପରେ ସରକାରଙ୍କ ଦମନଲୀଳାକୁ ଅଭିନେତ୍ରୀ ଗଜିଆନି ସମାଲୋଚନା କରିଆସୁଥିଲେ। ବିରୋଧୀଙ୍କ ସହ ହାତ ମିଳାଇ ସେ ଦଙ୍ଗାକୁ ସମର୍ଥନ କରୁଥିବା ଅଭିଯୋଗରେ ଗିରଫ କରାଯାଇଛି। ଏହି ୫୨ ବର୍ଷୀୟା ଅଭିନେତ୍ରୀଙ୍କୁ ସମନ କରାଯିବା ପରେ ସେ ହିଜାବ କାଢ଼ିଦେଇ ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ ଏବଂ ଏହା ହୁଏତ ଶେଷ ପୋଷ୍ଟ ବୋଲି ଲେଖିଥିଲେ। ଏବେଠୁ ତାଙ୍କ ପ୍ରତି ଯାହା ଘଟୁ ପଛେ, ସେ ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଇରାନବାସୀଙ୍କ ସହ ରହିବେ ବୋଲି କହିଥିଲେ। ଗତ ସପ୍ତାହରେ ସେ କରିଥିବା ଏକ ପୋଷ୍ଟରେ ଇରାନ ସରକାରଙ୍କୁ ଶିଶୁ ହତ୍ୟାକାରୀ କହିଥିଲେ। ଏହି ସରକାର ୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ମାରିଲାଣି ବୋଲି ସେ ଅଭିଯୋଗ କରିଥିଲେ।

ଅନୁରୂପ ତଦନ୍ତରେ ଅଭିନେତ୍ରୀ

### ସମର୍ଥନକାରୀ ୨ ଅଭିନେତ୍ରୀ ଗିରଫ

ରିଆହିଙ୍କୁ ଗିରଫ କରାଯାଇଛି। ଏହି ଅଭିନେତ୍ରୀ ଅନେକ ପୁରସ୍କାର ବିଜୟୀ ଚଳଚ୍ଚିତ୍ରରେ କାମ କରିବା ସହ ଦାତବ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଗତ ସେପ୍ଟେମ୍ବରରେ ସେ ଲଣ୍ଡନରେ ଥିବା ଇରାନ ଇଣ୍ଟରନ୍ୟାଶନାଲ ଟିଭିକୁ ଏକ ସାକ୍ଷାତ୍‌କାର ଦେବାବେଳେ ହିଜାବ ପିନ୍ଧି ନ ଥିଲେ। ମହସା ଅମିନି ମୃତ୍ୟୁ ପରେ ଇରାନରେ ଲାଗିରହିଥିବା ହିଜାବ ବିରୋଧୀ ଆନ୍ଦୋଳନକୁ ରିଆହି ସମର୍ଥନ କରିଆସୁଥିଲେ। ସୋସିଆଲ ମିଡିଆରେ ଉତ୍ତେଜନାପୂର୍ଣ୍ଣ ବିଷୟ ପୋଷ୍ଟ କରିବା ଅଭିଯୋଗର ତଦନ୍ତ ଲାଗି ଗଜିଆନିଙ୍କ ସମେତ ୮ ଜଣଙ୍କୁ ସମନ କରାଯାଇଥିବା ବିଚାର ବିଭାଗର ବିଜାନ ଅନ୍‌ଲାଇନ୍ ନ୍ୟୁଜ୍ ୱେବ୍‌ସାଇଟ୍‌ରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ତେହରାନ ଫୁଟ୍‌ବଲ ଟିମ୍ ପର୍ସେପୋଲିସ୍ ଏଫ୍‌ସିର କୋଚ ୟାହୟା ଗୋଲମହମ୍ମଦି ଅଛନ୍ତି। ହିଜାବ ବିରୋଧୀ ଆନ୍ଦୋଳନ ପୂର୍ବରୁ ମଧ୍ୟ ଇରାନ ସିନେମା କଳାକାର ଚାପରେ ଥିଲେ। ପୁରସ୍କାର ବିଜୟୀ ନିର୍ଦ୍ଦେଶକ ମହମ୍ମଦ ରାସୌଲଫ୍ ଏବଂ ଜାଫର ପନାହି ପୂର୍ବରୁ ଗିରଫ ହୋଇ ଜେଲରେ ଅଛନ୍ତି।

**ଶ୍ରଦ୍ଧା ହତ୍ୟା ମାମଲା**

### ପଲିଗ୍ରାଫିକ୍ ପରେ ହେବ ନାର୍କୋ ପରୀକ୍ଷା

**ନୂଆଦିଲ୍ଲୀ, ୨୧।୧୧**

ଦିଲ୍ଲୀ ଶ୍ରଦ୍ଧା ୱାଲକର ହତ୍ୟା ମାମଲାର ଅଭିଯୁକ୍ତ ଆଫତାବ ପୁନାୱାଲାଙ୍କର ପଲିଗ୍ରାଫିକ୍ ଟେଷ୍ଟ କରାଯିବ। ସୋମବାର ଆଫତାବଙ୍କ ନାର୍କୋ ଆନାଲିସିସ୍ ଟେଷ୍ଟ କରାଯିବାର ଥିଲା। ପ୍ରଥମେ ପଲିଗ୍ରାଫିକ୍ ଟେଷ୍ଟ କରାଯିବ ବୋଲି ଦିଲ୍ଲୀ ପୋଲିସ ଓ ଫୋରେନ୍ସିକ୍ ସାଇନ୍ସ ଲାବରେଟୋରି କହିଛି। ଉଭୟ ପଲିଗ୍ରାଫିକ୍ ଏବଂ ନାର୍କୋ ଆନାଲିସିସ୍ ଟେଷ୍ଟ ୧୦ ଦିନରେ କରାଯିବ। ଆଫତାବ ତଦନ୍ତରେ ପୋଲିସକୁ ବାଟବଣା କରିବାକୁ ଚେଷ୍ଟା କରୁଥିବା ଯୋଗୁ ପଲିଗ୍ରାଫିକ୍ ଟେଷ୍ଟ ପାଇଁ ଦିଲ୍ଲୀ ପୋଲିସ ସିଟି କୋର୍ଟରେ ଆବେଦନ କରିଛି, ଯାହାର ଶୁଣାଣି ମଙ୍ଗଳବାର କରାଯିବ ବୋଲି କୁହାଯାଉଛି। ନାର୍କୋ ଆନାଲିସିସ୍ ଟେଷ୍ଟ ଆବେଦନର ଶୁଣାଣି କରିଥିବା ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଅଭିରାଲ ଶୁକ୍ଲା ଶୁଣାଣି କରିବେ। ଆଫତାବଙ୍କର ନାର୍କୋ ଟେଷ୍ଟ କରାଯିବା ନେଇ ନଭେମ୍ବର ୧୭ରେ କୋର୍ଟ ଅନୁମତି ଦେଇଥିବାବେଳେ ଏହା ୫ ଦିନ ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଲିଭ୍-ଇନ୍ ପାର୍ଟନର ୨୬ ବର୍ଷୀୟା ଶ୍ରଦ୍ଧାଙ୍କୁ ଆଫତାବ ହତ୍ୟା କରିବା ପରେ ତାଙ୍କ ଶରୀରକୁ ୩୫ ଖଣ୍ଡ କରି ସହରର ବିଭିନ୍ନ ଅଞ୍ଚଳରେ ନେଇ ଫୋପାଡ଼ିଥିଲା।

# ତଦନ୍ତର ତଦାରଖ କରିବେ ଗୁଜରାଟ ହାଇକୋର୍ଟ

**ନୂଆଦିଲ୍ଲୀ ,୨୧।୧୧(ପି.ଟି.)**

ମୋର୍ବି ଝୁଲାପୋଲ ଭୁଶୁଡ଼ି ୧୪୧ ଜଣଙ୍କ ଜୀବନ ଯିବା ସବୁଠୁ ବଡ଼ ଦୁଃଖଦ ଘଟଣା ବୋଲି ସୁପ୍ରିମକୋର୍ଟ ସୋମବାର କହିବା ସହ ଏହାର ତଦନ୍ତ ଓ ଅନ୍ୟାନ୍ୟ ଦିଗକୁ ଅନୁଧ୍ୟାନ କରିବା ଲାଗି ଗୁଜରାଟ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୋର୍ବି ଭଳି ଦୁର୍ଘଟଣା ଯେପରି ନ ଘଟିବ, ତାହା ସୁନିଶ୍ଚିତ କରିବା ଲାଗି ତଦନ୍ତ କମିଶନ ନିଯୁକ୍ତ କରାଯାଇଥିବା ସରକାର କହିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ହିମା କୋହଲିଙ୍କ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଏହା ଅତ୍ୟନ୍ତ ଦୁଃଖଦ ଘଟଣା ହୋଇଥିବାରୁ ପ୍ରତି ସପ୍ତାହରେ ତଦନ୍ତର ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ହାଇକୋର୍ଟ ଏହି ଦାୟିତ୍ୱ ନ ନେଲେ ଆମେ ନୋଟିସ୍ ଜାରି କରିବୁ ବୋଲି ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ କହିଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ନିଜ ଆଡୁ ମାମଲା ବିଚାରକୁ ନେଇ ଏକାଧିକ ନିର୍ଦ୍ଦେଶନାମା ଜାରି କରିଥିବାରୁ ନିରପେକ୍ଷ ତଦନ୍ତ ପାଇଁ ଦାଏର ଜନସ୍ୱାର୍ଥ ମାମଲାରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଆବେଦନକାରୀଙ୍କୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି।



ମୋର୍ବି ଝୁଲାପୋଲ ଭୁଶୁଡ଼ିବା ଘଟଣା

**ରାଜୀବ ହତ୍ୟା ମାମଲା**

### ଅପରାଧୀଙ୍କୁ ମୁକ୍ତି ରାୟକୁ ଚ୍ୟାଲେଞ୍ଜ କରିବ କଂଗ୍ରେସ

**ନୂଆଦିଲ୍ଲୀ ,୨୧।୧୧**

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାର ୬ ଅପରାଧୀଙ୍କୁ ମୁକ୍ତ କରିଦେବା ପାଇଁ ସୁପ୍ରିମକୋର୍ଟଙ୍କ ରାୟର ପୁନର୍ବିଚାର ଲାଗି କଂଗ୍ରେସ ସାନି ରିଭ୍ୟୁ ପିଟିଶନ ଦାଏର କରିବାକୁ ଯାଉଛି। ଆଗାମୀ ୩-୪ ଦିନ ମଧ୍ୟରେ ପିଟିଶନ ଦାଏର ହେବ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଅପରାଧୀଙ୍କୁ ମୁକ୍ତ କରିଦେବା ଲାଗି ସର୍ବୋଚ୍ଚ ଅଦାଲତଙ୍କ ରାୟ ସମ୍ପୂର୍ଣ୍ଣ ଅଗ୍ରହଣୀୟ ଏବଂ ତ୍ରୁଟିପୂର୍ଣ୍ଣ ବୋଲି କଂଗ୍ରେସ କହିଛି। ଦୋଷମୁକ୍ତ ନ ହୋଇ ଜେଲରୁ ଛାଡ଼ ପାଇଥିବା ଅପରାଧୀଙ୍କୁ ହିରୋ ବିବେଚନା କରାଯିବା ଉଚିତ ନୁହେଁ ବୋଲି ଦଳ କହିଛି।

# ଆଇଏସ୍ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ଅଭିଯୁକ୍ତ

**ମାଙ୍ଗାଲୁରୁ ,୨୧।୧୧**

କର୍ନାଟକର ମାଙ୍ଗାଲୁରୁ ସହରରେ ଶନିବାର ସନ୍ଧ୍ୟାରେ ହୋଇଥିବା ଅଟୋରିକ୍ସା ବିସ୍ଫୋରଣର ଅଭିଯୁକ୍ତ ଶରିକ୍ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ପରିଚାଳକମାନଙ୍କ ସହ ଯୋଗାଯୋଗ ଲାଗି ସେ ଡାର୍କ ୱେବ୍ ବ୍ୟବହାର କରୁଥିଲେ ବୋଲି ପୋଲିସ କହିଛି। ଶରିକ୍ ଏକାଧିକ ହ୍ୟାଣ୍ଡଲରଙ୍କ ଅଧୀନରେ କାମ କରୁଥିଲା। ସେମାନଙ୍କ ମଧ୍ୟରୁ ଅଲ୍ ହିନ୍ଦ୍ ସଂଗଠନ ଅନ୍ୟତମ। ଏହା ଆଇଏସ୍‌ଆଇଏସ୍ ପ୍ରଭାବିତ ଆତଙ୍କବାଦୀ ସଂଗଠନ। ଅଭିଯୁକ୍ତ ଆଇଇଡି ବିସ୍ଫୋରକକୁ ପ୍ରେସର କୁକରରେ ରଖି ଶନିବାର ଅଟୋରିକ୍ସାରେ ଯାଉଥିବାବେଳେ ବିସ୍ଫୋରଣ ହେବାରୁ ସେ ଗୁରୁତର ଆହତ ହୋଇଥିଲେ। ଏବେ ସେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

**ମାଙ୍ଗାଲୁରୁ ବିସ୍ଫୋରଣ**



ଅଭିଯୁକ୍ତ ନିଜ ଘରେ ବୋମା ତିଆରି କରି ନଦୀକୂଳରେ ପରୀକ୍ଷାମୂଳକ ବିସ୍ଫୋରଣ କରୁଥିଲା ବୋଲି ବରିଷ୍ଠ ପୋଲିସ ଅଧିକାରୀ ଆଲୋକ କୁମାର କହିଛନ୍ତି। ତାଙ୍କୁ ପରିଚାଳନା କରୁଥିବା ଅରଫାତ୍ ଅଲି ଦୁଇଟି ମାମଲାରେ ଅଭିଯୁକ୍ତ। ଶରିକ୍‌ଙ୍କ ମୁଖ୍ୟ ହ୍ୟାଣ୍ଡଲର ଥିଲେ ଅବଦୁଲ ମାତିନ୍ ତାହା।

# ମୁସଲମାନ ବିବାହ ପୋକ୍ସୋ ଆଇନ ବାହାରେ ନୁହେଁ

**କୋଚି ,୨୧।୧୧**

ପର୍ସନାଲ ଲ' ଅଧୀନରେ ହେଉଥିବା ମୁସଲମାନ ବିବାହ ପୋକ୍ସୋ (ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା) ଆଇନ ବାହାରେ ନୁହେଁ। ବିବାହ ନାଁରେ ନାବାଳିକାଙ୍କ ସହ ଯୌନକ୍ରିୟା ଅପରାଧ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଜଣେ ୩୧ ବର୍ଷୀୟ ଯୁବକ ୧୫ ବର୍ଷୀୟା ବାଳିକାଙ୍କୁ ଅପହରଣ କରିନେଇ ତାଙ୍କ ସହ ଯୌନ ସମ୍ପର୍କ ରଖିବାରୁ ସେ ଗର୍ଭବତୀ ହୋଇଥିଲେ। ଉକ୍ତ ନାବାଳିକାଙ୍କୁ ବିବାହ କରିଥିବା ଯୁବକ ଜଣକ ଦାବି କରୁଥିଲେ ହେଁ ତାଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ବେଚୁ କୁରିଆନ୍ ଥୋମାସ୍ ଜାମିନ ଖାରଜ କରିବା ଅବସରରେ କହିଛନ୍ତି, ବାଲ୍ୟ ବିବାହ ସମାଜ ପାଇଁ ଅଭିଶାପ।





ନାବାଳିକା ବିବାହ କରିଥିଲେ ମଧ୍ୟ ତାଙ୍କ ସହ ଶାରୀରିକ ସମ୍ପର୍କ ରୋକିବା ପୋକ୍ସୋ ଆଇନର ଉଦ୍ଦେଶ୍ୟ ବୋଲି ବିଚାରପତି କହିଛନ୍ତି। ତେଣୁ ମୁସଲମାନ ବିବାହକୁ ପୋକ୍ସୋ ଆଇନରୁ ବାଦ୍ ଦିଆଯାଇପାରିବ ନାହିଁ। ବିବାହର ଗୋଟିଏ ପକ୍ଷ ନାବାଳକ ବା ନାବାଳିକା ହୋଇଥିଲେ, ବିବାହ ବୈଧ ହୋଇଥାଉ ବା ନ ଥାଉ, ଅନ୍ୟ ପକ୍ଷଙ୍କ ବିରୋଧରେ ପୋକ୍ସୋ ଆଇନ ଲାଗୁ ହେବ ବୋଲି ଜଷ୍ଟିସ୍ ଥୋମାସ ତାଙ୍କ ରାୟରେ କହିଛନ୍ତି। ଜାମିନ ଆବେଦନ କରିଥିବା ଅଭିଯୁକ୍ତ ପଶ୍ଚିମବଙ୍ଗର ଖଲେଦୁର ରହମାନ ନାବାଳିକାଙ୍କୁ ୨୦୨୧ ମାର୍ଚ୍ଚ ୧୪ରେ ମହମ୍ମଡାନ୍ ଆଇନରେ ବିବାହ କରିଥିବାରୁ ସେ ତାଙ୍କ ସ୍ତ୍ରୀ ବୋଲି କୋର୍ଟରେ ଦାବି କରିଥିଲେ। ମହମ୍ମଡାନ ଆଇନରେ ୧୮ ବର୍ଷରୁ କମ୍ ବୟସର ଝିଅ ବିବାହ ପାଇଁ ଅନୁମତି ପାଇଥାନ୍ତି। ସେଥିପାଇଁ ତାଙ୍କ ବିରୋଧରେ ପୋକ୍ସୋ ଆଇନରେ ମକଦ୍ଦମା ଚଳାଯାଇପାରିବ ନାହିଁ ବୋଲି ରହମାନ ଯୁକ୍ତି ବାଢ଼ିଥିଲେ। ସୂଚନାଯୋଗ୍ୟ, ନାବାଳିକା ଜଣକ ଗର୍ଭବତୀ ଥିବାରୁ ଇଞ୍ଜେକ୍ସନ ନେବାକୁ କାଭିୟୁରର ଏକ ଫାମିଲି ହେଲ୍‌ଥ ସେଣ୍ଟରକୁ ଯାଇଥିବାବେଳେ ଆଧାର କାର୍ଡରୁ ତାଙ୍କ ବୟସ ୧୬ ବର୍ଷ ଜାଣି ହସ୍ପିଟାଲ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କ ନାମରେ ମାମଲା ଦାଏର କରିଥିଲା।

**ମାଲେସିଆରେ ଝୁଲା ପାର୍ଲାମେଣ୍ଟ**

# ମୁହୟିଦ୍ଦିନ ହୋଇପାରନ୍ତି ପ୍ରଧାନମନ୍ତ୍ରୀ

**କୁଆଲାଲମ୍ପୁର,୨୧।୧୧**

ମାଲେସିଆରେ ଶନିବାର ଅନୁଷ୍ଠିତ ପଞ୍ଚଦଶ ସାଧାରଣ ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ଜନାଦେଶ ମିଳି ନ ଥିବାରୁ ଝୁଲା ସରକାର ଗଠନ ହେବାକୁ ଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମୁହୟିଦ୍ଦିନ ୟାସିନଙ୍କୁ ରବିବାର ଦୁଇଟି ରାଜନୈତିକ ବ୍ଲକ୍‌ର ସମର୍ଥନ ମିଳିବା ପରେ ସେ ନୂଆ ସରକାର ଗଠନ ନେଇ ଦାବି କରିଛନ୍ତି। ପରବର୍ତ୍ତୀ ସରକାର ଦକ୍ଷିଣପନ୍ଥୀ ଧର୍ମୀୟ ମେଣ୍ଟ ମଳୟ ନ୍ୟାଶନାଲିଷ୍ଟ ଗଠନ କରିବାକୁ ଥିବାବେଳେ ମେଣ୍ଟକୁ ନେଇ ଡିଲ୍ ଉପରେ ରାଜାଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି।

୨୨୨ ଆସନ ବିଶିଷ୍ଟ ମାଲେସିଆ ପାର୍ଲାମେଣ୍ଟରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୧୨। ପେରିକାତନ ନ୍ୟାଶନାଲିଷ୍ଟ ମେଣ୍ଟର ମୁଖ୍ୟ ମୁହୟିଦ୍ଦିନ କହିଛନ୍ତି, ବୋର୍ଣ୍ଣିଓ ଦ୍ୱୀପର ଦୁଇଟି ଆଞ୍ଚଳିକ ଦଳ ତାଙ୍କୁ ସମର୍ଥନ କରିଛନ୍ତି। ଫଳରେ ତାଙ୍କ ମେଣ୍ଟର ଆସନ ସଂଖ୍ୟା ୭୩ରୁ ୧୦୧କୁ ବୃଦ୍ଧି ପାଇବ। ବିରୋଧୀ ଦଳ ନେତା ଅନୱର ଇବ୍ରାହିମ୍‌ଙ୍କ ପକାତନ ହରପାନ୍ ମେଣ୍ଟକୁ ୮୨ ଆସନରେ ସଫଳତା ମିଳିଛି। ସେ ମଧ୍ୟ ସରକାର ଗଠନ ଲାଗି ଅନ୍ୟ ଦଳଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଇସ୍‌ମାଇଲ୍ ସବ୍ରି ୟାକୋବ୍‌ଙ୍କ ବରିସାନ ନ୍ୟାଶନାଲ ଆଲାଏନ୍ସ ୧୭୮ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ମାତ୍ର ୩୦ ଆସନରେ ବିଜୟୀ ହୋଇଛି। ଏହି ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରରେ ରାଜନୈତିକ ଅନିଶ୍ଚିତତା ଲାଗିରହିଥିବାରୁ ଅନେକ ବର୍ଷ ମଧ୍ୟରେ ୩ ପ୍ରଧାନମନ୍ତ୍ରୀ କ୍ଷମତାକୁ ଯାଇଛନ୍ତି। ସର୍ବାଧିକ ସମୟ ଧରି ଦେଶକୁ ଶାସନ କରିଥିବା ୯୭ ବର୍ଷୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦ ୫୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ପରାଜିତ ହୋଇଛନ୍ତି।



ମୁହୟିଦ୍ଦିନ ୟାସିନ



ମହାଥିର ମହମ୍ମଦ

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ସଚେତନତା ଶିବିର

**ବାଲିପାଟଣା,୨୧।୧୧ (ଡି.ଏନ୍.ଏ.):** ମକୁନ୍ଦ ଦାସପୁର ପଞ୍ଚାୟତ ଅନ୍ତର୍ଗତ ସେଉଳକୁଣ୍ଡ ଗ୍ରାମରେ ରୋଟାରୀ ଇନର ହୁଇଲ୍ କ୍ଲବ୍ ଓ ମା' ଭଗବତୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ୍ ପ୍ରଫେସର ଗୋପାଳ ନାୟକଙ୍କ ସଭାପତିତ୍ୱରେ କ୍ଲବ୍ ସଭାପତି ଧୀରେନ୍ଦ୍ର କୁମାର ଦାସ, ଉପଦେଷ୍ଟା କେ.ସି. ପଟ୍ଟନାୟକ, ଡା. ଗୀତାରାଣୀ ନାୟକ, ଏନ୍. ସାଧନା ପ୍ରିୟଦର୍ଶିନୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପରିବେଶର ସୁରକ୍ଷା ସହିତ ମା'ଓ ଶିଶୁଙ୍କ ଯତ୍ନ, ଅପପୁଷ୍ଟିରୁ ରକ୍ଷା ପାଇବା ପାଇଁ ଫଳ ଓ ପନିପରିବା ଠିକ୍ ଉପାୟରେ ଉପଯୋଗ ପାଇଁ ମାର୍ଗ ଦର୍ଶନ କରାଇଥିଲେ। ଗ୍ରାମର ଶତାଧିକ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଜୟଶ୍ରୀ ହେଲେ କେସିସିବି ଉପାଧ୍ୟକ୍ଷା

**ଖୋର୍ଦ୍ଧା ଅଫିସ, ୨୧।୧୧:** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ(କେସିସିବି) ପରିଚାଳନା ପରିଷଦର ଉପାଧ୍ୟକ୍ଷା ଭାବେ ୧୦ ନମ୍ବର ବୋର୍ଡ ନିର୍ଦ୍ଦେଶିକା ଜୟଶ୍ରୀ ଗଡ଼ନାୟକ



ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପାଧ୍ୟକ୍ଷା ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ସୋମବାର ବିଜେଡି ସମର୍ଥନରେ ଜୟଶ୍ରୀ ଜଣେମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ପରେ ନିର୍ବାଚନ ଅଧିକାରୀ ତାଙ୍କୁ ନିର୍ବାଚିତ ଘୋଷଣା କରିଥିଲେ।
ସୋମବାର ପୂର୍ବାହ୍ନରେ ସ୍ଥାନୀୟ ପୂର୍ତ୍ତ ବଙ୍ଗଳାଠାରେ ରାଜ୍ୟ ସଭା ସଦସ୍ୟ ମୁନା ଖାନ୍, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପରିଷଦର ଅଧ୍ୟକ୍ଷ ଅଭିଷେକ ସିଂସାମନ୍ତଙ୍କ ସମେତ ଦଳୀୟ ନେତା ଏବଂ ବୋର୍ଡ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ଦଳୀୟ ନିଷ୍ପତ୍ତିକ୍ରମେ ରାଜ୍ୟ ସଭା ସଦସ୍ୟ ମୁନା ଖାନ୍ ଜୟଶ୍ରୀଙ୍କ ନାମ ଘୋଷଣା କରିଥିଲେ। ପରେ ଜୟଶ୍ରୀ ଦଳୀୟ ସମର୍ଥକ, ବୋର୍ଡ ନିର୍ଦ୍ଦେଶକଙ୍କ ଗହଣରେ ନାମାଙ୍କନ ଦାଖଲ କରିଥିଲେ। ତେବେ ପୂର୍ବରୁ ପରିଚାଳନା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ପଦବୀକୁ ନେଇ ଚାଲିଥିବା ଛକାପଞ୍ଝା ଅନ୍ତ ଘଟିଛି।

### ଜାନୁୟାରୀ ୩ରୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

**ପୁରୀ ଅଫିସ,୨୧।୧୧:** କରୋନାମୁକ୍ତ ଓଡ଼ିଶା ଘୋଷଣା ପରେ ଚଳିତବର୍ଷ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ପାଇଁ ଘୋଷଣା ହୋଇଛି। ଏଥିପାଇଁ ସୋମବାର ସାଲବେଗ ପୀଠରେ ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଶିକ୍ଷାବିତ ରଘୁନାଥ ମହାପାତ୍ର, ରାଜକିଶୋର ମିଶ୍ର, ବଦ୍ରି ମିଶ୍ର, ପୁଷ୍କର ମହାପାତ୍ର, ବୀରେନ୍ଦ୍ର ମହାନ୍ତି, ଶ୍ୟାମପ୍ରକାଶ ସେନାପତି, ସୁକାନ୍ତ ପଣ୍ଡା, ସ୍ୱାଧୀନ ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ସୁନୀଲ ରଥ, ନାରାୟଣ ନନ୍ଦ, ପ୍ରସନ୍ନ ମିଶ୍ର, ଭବାନୀ ବଳିଆର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଶରଧାବାଲିରେ ଜାନୁୟାରୀ ୩ରୁ ୧୨ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବ। ମୋଟ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯିବାର ରହିଛି ବୋଲି ସମ୍ପାଦକ ଚକ୍ରଧର ମହାପାତ୍ର କହିଛନ୍ତି।

# ମା'ଙ୍କ ମୃତଦେହକୁ ଷ୍ଟ୍ରେଚରରେ ନେଲେ ପୁଅ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

**ରାଜଧାନୀରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର**
- ମିଳିଲାନି ମହାପ୍ରୟାଣ ଗାଡ଼ି
- ଆମ୍ବୁଲାନ୍ସ ପାଇଁ ନ ଥିଲା ଟଙ୍କା
- ସହଯୋଗର ହାତ ବଢ଼ାଇଲା ଘରୋଇ ଆମ୍ବୁଲାନ୍ସ ସଂଘ



ରାଜଧାନୀରେ ଦାନ ମାଝି ଭଳି ଅଭାବନୀୟ ଘଟଣାର ପୁନରାବୃତ୍ତି ହୋଇଛି। ମା'ଙ୍କ ମୃତଦେହ ଘରକୁ ନେବା ପାଇଁ ମିଳିଲାନି ମହାପ୍ରୟାଣ ଗାଡ଼ି। ଘରୋଇ ଆମ୍ବୁଲାନ୍ସରେ ନେବାକୁ ପାଖରେ ନ ଥିଲା ଟଙ୍କା। ଶେଷରେ ମୃତଦେହକୁ ଷ୍ଟ୍ରେଚର୍‌ରେ ଟାଣି ଟାଣି ନେଇଥିଲେ ପୁଅ ମାନସ ବାହୁବଳେନ୍ଦ୍ର। ସୋମବାର ରାତିରେ କ୍ୟାପିଟାଲ ହସ୍ପିଟାଲ ନିକଟରେ ଏହି ହୃଦୟ ବିଦାରକ ଚିତ୍ର ଦେଖିବାକୁ ମିଳିଥିଲା।

ରବିବାର ମାନସଙ୍କ ମା'ଙ୍କର ବ୍ରେନ ହାମରେଜ ହୋଇଥିଲା। ତାଙ୍କୁ ତୁରନ୍ତ ଏମ୍ସ ନିଆଯାଇଥିଲା। ସେଠାରେ ଶଯ୍ୟା ଅଭାବ ଯୋଗୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମା'ଙ୍କ ମୃତ୍ୟୁ ଘଟିଥିଲା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ମା'ଙ୍କ ଜୀବନ ଯାଇଥିବା ମାନସ ଅଭିଯୋଗ ଆଣିଛନ୍ତି। ଏଥିସହ ତାଙ୍କୁ ମହାପ୍ରୟାଣ ଗାଡ଼ି ମିଳି ନ ଥିଲା ବୋଲି ସେ କହିଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଘରୋଇ ଆମ୍ବୁଲାନ୍ସ ନେବା ପାଇଁ ପରାମର୍ଶ ଦେଇଥିଲେ, କିନ୍ତୁ ଅର୍ଥାଭାବରୁ ସେ ସେଥିଲାଗି ସକ୍ଷମ ହୋଇ ନ ଥିଲେ। ତେଣୁ ମୃତଦେହକୁ ଷ୍ଟ୍ରେଚରରେ ବୋହିନେବାକୁ ବାଧ୍ୟ ହେଲେ ବୋଲି ମାନସ କହିଛନ୍ତି। ସେ କ୍ୟାପିଟାଲ ହସ୍ପିଟାଲଠାରୁ ଖୋର୍ଦ୍ଧା ଡଙ୍ଗରପଡ଼ା ଅଞ୍ଚଳକୁ ମୃତଦେହ ନେଉଥିଲେ। ଘଟଣା ସମ୍ପର୍କରେ ଗଣମାଧ୍ୟମରେ ପ୍ରସାରଣ ହେବା ପରେ ଏକ ଘରୋଇ ଆମ୍ବୁଲାନ୍ସ ସଂଘ ତାଙ୍କୁ ସହଯୋଗର ହାତ ବଢ଼ାଇଥିଲା। ସଂଘ ପକ୍ଷରୁ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ଗ୍ରାମକୁ ନିଆଯାଇଥିଲା। ଅନ୍ୟପକ୍ଷରେ ଏନେଇ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ପାର୍କିଂସ୍ଥଳର ଅପବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

**ଚେତାବନୀ ଦେଲା ବିଏମ୍‌ସି**

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଦିନକୁ ଦିନ ଯାନବାହାନ ସଂଖ୍ୟା ବଢ଼ୁଥିବାବେଳେ ଟ୍ରାଫିକ ସମସ୍ୟା ଅଣାୟତ୍ତ ହେଉଛି। କେଉଁ କାରଣରୁ ଟ୍ରାଫିକ ସମସ୍ୟା ଅଧିକ ହେଉଛି, ସେନେଇ ବିଏମ୍‌ସି ତର୍ଜମା କରୁଛି। ଏହି କ୍ରମରେ ସହରରେ ଥିବା ବିଭିନ୍ନ ଆପାର୍ଟମେଣ୍ଟ, ବ୍ୟବସାୟିକ ପ୍ରତିଷ୍ଠାନ, ଶପିଂ ମଲ୍ ଓ ଅନ୍ୟାନ୍ୟ ଅନୁଷ୍ଠାନ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ସବୁ ସ୍ଥାନରେ ପାର୍କିଂ ପାଇଁ ଉଦ୍ଦିଷ୍ଟ ସ୍ଥାନର ଅପବ୍ୟବହାର କଲେ ବା ପାର୍କିଂ ପରିବର୍ତ୍ତେ ଅନ୍ୟ କାର୍ଯ୍ୟରେ ଲଗାଇଲେ ସମ୍ପୃକ୍ତ ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସହରର ଅଧିକାଂଶ ଆପାର୍ଟମେଣ୍ଟ ତଥା ବ୍ୟବସାୟିକ ପ୍ରତିଷ୍ଠାନର ବେସମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର୍ କିମ୍ବା ଏହାର ପରିସରରେ ଖାଲି ସ୍ଥାନକୁ ପାର୍କିଂ ପାଇଁ ବ୍ୟବହାର କରିବା ପାଇଁ ବିଏମ୍‌ସି ପକ୍ଷରୁ ଦିଆଯାଇଥିବା ବିଲ୍ଡିଂ ପ୍ଲାନିଂରେ ଦର୍ଶାଯାଇଛି। ହେଲେ ମାଲିକମାନେ ଏଥିରେ ଖିଲାପ କରୁଥିବା ବିଏମ୍‌ସିର ଦୃଷ୍ଟିଗୋଚର ହେବା ପରେ ଏପରି ପଦକ୍ଷେପ ନିଆଯାଇଛି। ଉକ୍ତ ସ୍ଥାନଗୁଡ଼ିକୁ କେହି ଷ୍ଟୋର ଭାବେ ବ୍ୟବହାର କରୁଥିବାବେଳେ ଅନ୍ୟ କେହି ଏଠାରେ ନିର୍ମାଣ କରି ଅନ୍ୟ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଫଳରେ ଏଠାକୁ ଆସୁଥିବା ଗାଡ଼ି ରାସ୍ତାରେ ପାର୍କିଂ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ତେଣୁ ଡିସେମ୍ବର ୧୯ ତାରିଖ ପୂର୍ବରୁ ଏହି ଖିଲାପକାରୀମାନେ ପାର୍କିଂ ସ୍ଥାନକୁ ଖାଲି କରି କେବଳ ପାର୍କିଂ ପାଇଁ ବ୍ୟବହାର କରିବାକୁ ଜାରି ହୋଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି। ସୂଚନା ଥାଉକି, ବିଭିନ୍ନ ପ୍ରତିଷ୍ଠାନର ନିଜସ୍ୱ ପାର୍କିଂ ଲଟ୍‌କୁ ବାଦ ଦେଲେ ସହରରେ ବିଏମ୍‌ସି ପକ୍ଷରୁ ପୂର୍ବରୁ ୪୨ ଟ୍ରାଫିକ୍ ଲଟ୍ କାର୍ଯ୍ୟକ୍ଷମ ରହିଛି। ନିକଟରେ ଦକ୍ଷିଣ–ପୂର୍ବ ଜୋନ୍‌ରେ ଆଉ ଏକ ପାର୍କିଂସ୍ଥଳୀ କାର୍ଯ୍ୟକ୍ଷମ ହୋଇଛି। ସେହିପରି ଅନ୍ୟ ୩୨ଟି ଟ୍ରାଫିକ୍ ଜୋନ୍ ଟେଣ୍ଡର ପ୍ରକ୍ରିୟା ସମାପନ ହେବା ପରେ ଅନ୍ୟ ୩୨ଟି ସ୍ଥାନରେ ପାର୍କିଂ ସୁବିଧା ଉପଲବ୍ଧ ହେବ। ତେବେ ବର୍ତ୍ତମାନ ଏପରି ଅନ୍ୟ ୧୧ଟି ସ୍ଥାନରେ ପାର୍କିଂ ଲଟ୍ ରହିଥିବାବେଳେ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ତେବେ ସମସ୍ତ ପାର୍କିଂ ଲଟ୍ କାର୍ଯ୍ୟକ୍ଷମ ହେଲେ ମୋଟ ୮୬ଟି ସ୍ଥାନରେ ପାର୍କିଂ କରାଯାଇପାରିବ। ଏହାଦ୍ୱାରା ବିଏମ୍‌ସିର ଆୟ ମଧ୍ୟ ବଢ଼ିବ।



ଜାତୀୟ ରାଜପଥ ନଂ.୧୬ର ବରମୁଣ୍ଡାରୁ ଖଣ୍ଡଗିରି ସର୍ଭିସ୍ ରୋଡ୍‌ରେ ବିପଦର ଆଁ ମେଲିଥିବା ବଡ଼ ଖାଲ।

# ଜୁଆ ଆଡ୍ଡାରେ ଚଢ଼ାଉ: ୩୦ ଗିରଫ

**୩୧ ମୋବାଇଲ, ୪ ବାଇକ,୮ ଲକ୍ଷ ଟଙ୍କା ଜବତ**



ଗିରଫ ଅଭିଯୁକ୍ତ । ଜବତ ମୋବାଇଲ ଓ ଟଙ୍କା।

କଟକ ଅଫିସ,୨୧।୧୧

କମିଶନରେଟ୍ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ଜଗତ୍‌ପୁର ଥାନା ଅଧୀନ ପାଗାସାହିର ଏକ ଜୁଆଆଡ୍ଡାରେ ରବିବାର ଚଢ଼ାଉ କରି ୩୦ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ପୁରୀ, ଖୋର୍ଦ୍ଧା ଓ କଟକ ଜିଲା ଅଧୀନ ବିଭିନ୍ନ ଅଞ୍ଚଳର ବୋଲି ଜଣାପଡ଼ିଛି। ଜୁଆରେ ବ୍ୟବହୃତ ୧୬ ପ୍ୟାକେଟ ତାସ, ଏକ ପ୍ଲାଷ୍ଟିକ ଜାରରେ ଥିବା ଖେଳରେ ବ୍ୟବହୃତ ଟୋକନ, ୩୧ ମୋବାଇଲ ଫୋନ୍, ୪ ବାଇକ୍ ଓ ୮ ଲକ୍ଷ ୪ ହଜାର ୮ ଶହ ଟଙ୍କା ଜବତ କରାଯାଇଛି। କଟକ ଡିସିପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ ସ୍କ୍ୱାଡ୍ ଓ ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ପ୍ରସ୍ତୁତ କରାଯାଇ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଜୁଆ ଖେଳର ମାଷ୍ଟର ମାଇଣ୍ଡ ଓ. କ୍ରିଷ୍ଣା ରାଓ(୪୪)ଙ୍କ ସମେତ ଅନ୍ୟମାନଙ୍କୁ ପୋଲିସ କାବୁ କରିଥିଲା। କ୍ରିଷ୍ଣା ଜଣେ ପେସାଦାର ଜୁଆ ଖେଳାଳି। ପୂର୍ବରୁ ସେ ଅନେକ ଥର ଗିରଫ ହୋଇ ଜେଲ ଯାଇଥିବା ଏସିପି ଅରୁଣ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଆଧୁନିକ ପ୍ରଣାଳୀରେ ମତ୍ସ୍ୟ ଉତ୍ପାଦନକୁ ଗୁରୁତ୍ୱ

ବାଲୁଗାଁ,୨୧।୧୧(ଡି.ଏନ୍.ଏ.)

**ବିଶ୍ୱ ମତ୍ସ୍ୟ ଦିବସ**



ମତ୍ସ୍ୟ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ଜିଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ସୋମବାର ବାଲୁଗାଁସ୍ଥିତ ମତ୍ସ୍ୟ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ(ରାଜସ୍ୱ)ସାଫଲ୍ୟ ମଣ୍ଡିତ ପ୍ରଧାନ, ମତ୍ସ୍ୟ ପ୍ରଶିକ୍ଷଣ ବିଭାଗ ଅଧ୍ୟକ୍ଷ ମୁରଲୀଧର ଜେନା ଏବଂ ସହକାରୀ ନିବନ୍ଧକ ଉଦୟନାଥ ବେହେରା ପ୍ରମୁଖ ଯୋଗଦେଇ ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ କିପରି ମତ୍ସ୍ୟ ଉତ୍ପାଦନରେ ଅଭିବୃଦ୍ଧି ଘଟିବ ଏବଂ ମତ୍ସ୍ୟଜୀବୀ ଆତ୍ମନିର୍ଭରଶୀଳ ହୋଇ ସ୍ୱାବଲମ୍ବୀ ଜୀବନଯାପନ କରିବେ ସେ ଦିଗରେ ଆଲୋକପାତ କରିଥିଲେ। ବିଶ୍ୱରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ୧ ନମ୍ବର କରିବା ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରୋତ୍ସାହନ ନିମନ୍ତେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଯୋଜନା ତଥା ପ୍ରତ୍ୟେକ ମତ୍ସ୍ୟ ସମବାୟ ସମିତିକୁ ୨ଲକ୍ଷ ଟଙ୍କାର ଋଣ, ୫ଲକ୍ଷ ଟଙ୍କାର ବୀମାକରଣ, ବାତ୍ୟା ସମୟରେ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ଓ ରିହାତି ଉପରେ ଆଲୋକପାତ କରିଥିଲେ। ଏଥିସହ ଚିଲିକାରେ ସରୁ ଆଲିମ ଜାଲ ତଥା ଜିରୋ ନେଟ୍ ବ୍ୟବହାରରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦିଆଯାଇଛି। ମହିଳାମାନେ ମଧ୍ୟ ଆଧୁନିକ ପ୍ରଣାଳୀରେ କିପରି ମତ୍ସ୍ୟଚାଷ ଓ ଶୁଖୁଆ ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇ ଜୀବନଯାପନ କରିବେ ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସମଗ୍ର ଚିଲିକା ଚତୁଃପାର୍ଶ୍ୱ ବିଭିନ୍ନ ଜିଲାରେ ମୋଟ ୧୪୬ଟି ପ୍ରାଥମିକ ସମବାୟ ସମିତି କାର୍ଯ୍ୟ କରୁଥିବା ବେଳେ ସେଥିମଧ୍ୟରୁ ଉତ୍କୃଷ୍ଟ ବିବେଚିତ ଶୁଖୁଆ ବ୍ୟବସାୟ କ୍ଷେତ୍ରରେ ଗଙ୍ଗାମାତା ସମବାୟ ସମିତି ଏବଂ ମତ୍ସ୍ୟ ବ୍ୟବସାୟ କ୍ଷେତ୍ରରେ ମହିଷା ସମବାୟ ସମିତିକୁ ପୁରସ୍କୃତ କରାଯାଇଥିଲା। ଚିନ୍ମୟୀ ଶୁଭସ୍ମିତା ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ମତ୍ସ୍ୟଜୀବୀ, ମତ୍ସ୍ୟ ସମବାୟ ସମିତିର ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆଇଟିବିପିରୁ ସାଇକେଲ ଯାତ୍ରା ଶୁଭାରମ୍ଭ

ଖୋର୍ଦ୍ଧା ଅଫିସ,୨୧।୧୧

ଇଣ୍ଡୋ ତିବେତିଆନ ବର୍ଡର ପୋଲିସ (ଆଇଟିବିପି)ର ୪୧ତମ ବାହିନୀ ଆନୁକୂଲ୍ୟରେ ୫ଦିନ ବ୍ୟାପୀ ସାଇକେଲ ଏକ୍ସପେଡିଶନ 'ଲକ୍ଷ୍ୟ' ଉଦ୍‌ଘାଟିତ ହୋଇଯାଇଛି। ସୋମବାର ଆଇଟିବିପି ପରିସରରୁ ଏହାକୁ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଆଇଟିବିପିର ପବନ ସିଂ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ଅତିଥିଭାବେ ଯୋଗଦେଇଥିଲେ। ବିନୋଦ କୁମାର ଏହି ସାଇକେଲ ଅଭିଯାନ ଦଳର ନେତୃତ୍ୱ ନେଇଥିବା ବେଳେ ୧୨ଜଣ ଅଂଶଗ୍ରହଣ କରିଛନ୍ତି। ଏହି ସାଇକେଲ ଶୋଭାଯାତ୍ରା ମାର୍ଗରେ ପଡୁଥିବା ସ୍କୁଲଗୁଡିକରେ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଲୋକଙ୍କୁ ଶାରୀରିକ, ମାନସିକସ୍ତରରେ ସୁସ୍ଥତା ସମ୍ପର୍କରେ ସଚେତନ କରିବ। ଏଥିସହିତ ପର୍ଯ୍ୟାବରଣ ସୁରକ୍ଷା, ପ୍ରଦୂଷଣକୁ ରୋକିବା, ସ୍ୱଚ୍ଛ ଭାରତ ମିଶନ, ଫିଟ୍ ଇଣ୍ଡିଆ ସମ୍ପର୍କରେ ସୂଚନା ପ୍ରଦାନ କରିବେ। ଏତଦ୍ ବ୍ୟତୀତ ଟିମ୍ ଦ୍ୱାରା ସ୍କୁଲଗୁଡିକରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରାଥମିକ ଉପଚାର ବିଷୟରେ ମଧ୍ୟରେ ସୂଚନା ଦିଆଯିବ। ଏହି ସାଇକେଲ ଯାତ୍ରା ଖୋର୍ଦ୍ଧା, ପୁରୀ, କୋଣାର୍କ, କଟକ ଓ ଭୁବନେଶ୍ୱର ହୋଇ ପ୍ରାୟ ୧୭୬ କିମି ଯାତ୍ରା କରି ୪୧ତମ ବାହିନୀ ଖୋର୍ଦ୍ଧାରେ ପହଞ୍ଚିବ ବୋଲି ସୂଚନା ଦିଆଯାଇଛି।



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପତାକା ଦେଖାଇ ସାଇକେଲ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

# 'ଓଡ଼ିଆ ପୁସ୍ତକ ଅନ୍ୟ ଭାଷାରେ ଅନୂଦିତ ହେବା ଜରୁରୀ'

ଖୋର୍ଦ୍ଧା ଅଫିସ,୨୧।୧୧

ଆମରି ସତ୍ୟ ବିକାଶ ପରିଷଦ ପକ୍ଷରୁ 'ଅନୁବାଦ ସାହିତ୍ୟ' ଉପରେ ଏକ ଆଲୋଚନାଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟଠାରେ ଡ. ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତା ଏବଂ ସମରଜିତ୍ ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁଭାଷ ଶତପଥୀ ଯୋଗଦେଇ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକ ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି କହିଥିଲେ। ଅନୁବାଦକ ଆଶିଷ ରାୟଙ୍କ ମତରେ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକ ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି। ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଭିଡିଓ ନାଟ୍ୟଶିଳ୍ପୀ ସମରଜିତ୍ ପଟ୍ଟନାୟକ, ଗାଳ୍ପିକ ସୁନୀଲ ବୋଷ, ଗ୍ରନ୍ଥକାର ସମରେନ୍ଦ୍ର ବଳିଆରସିଂହ, ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରାହୀ, ସାହିତ୍ୟ ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, କାଶୀନାଥ ଦାସ, ଆଦିନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜବାହରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ମୃତ ଘୋଷିତ ସ୍ୱାମୀ ଫେରିଲେ, ସ୍ତ୍ରୀ ହେଲେ ସଧବା

ନିମାପଡ଼ା,୨୧।୧୧(ଡି.ଏନ୍.ଏ.)

- ୨୩ ବର୍ଷ ଧରି ନିଖୋଜ ଥିଲେ
- ଗତବର୍ଷ ସରିଥିଲା ଶୁଦ୍ଧିକ୍ରିୟା



କୀର୍ତ୍ତିଚନ୍ଦ୍ର ବରାଳଙ୍କ ସହ ସ୍ତ୍ରୀ ପ୍ରମିଳା।

ମୃତ ଘୋଷିତ ହୋଇଥିବା ଜଣେ ବ୍ୟକ୍ତି ଦୀର୍ଘ ୨୩ ବର୍ଷ ପରେ ନିଜ ଘରକୁ ଫେରିଛନ୍ତି। ସେ ୧୯୯୯ ମହାବାତ୍ୟା ବେଳେ କେଉଁଆଡ଼େ ନିଖୋଜ ହୋଇଯିବା ପରେ ମୃତ ଘୋଷିତ ହୋଇଥିଲେ। ଏପରି କି ଗତବର୍ଷ ତାଙ୍କର ଶୁଦ୍ଧିକ୍ରିୟା ସରିଥିଲା। ତେବେ ରବିବାର ରାତିରେ ସେ ଘରକୁ ଫେରିଆସିବା ପରେ ତାଙ୍କୁ ଦେଖି ପରିବାରବର୍ଗ ଅତି ଆନନ୍ଦିତ ହୋଇପଡ଼ିଛନ୍ତି। ଏପରି କି ସୋମବାର ତାଙ୍କ ସ୍ତ୍ରୀ ପୁଣି ହାତରେ ଶଙ୍ଖା ଓ ମଥାରେ ସିନ୍ଦୁର ପିନ୍ଧି ସଧବା ସାଜିଛନ୍ତି। ଏଭଳି ଆଶ୍ଚର୍ଯ୍ୟଜନକ ଘଟଣା ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳ ପଞ୍ଚାୟତ ସାନପାତି ଗ୍ରାମରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ସାନପାତି ଗ୍ରାମର କୀର୍ତ୍ତିଚନ୍ଦ୍ର ବରାଳ ୧୯୯୯ ମହାବାତ୍ୟାର ଦୁଇଦିନ ପୂର୍ବରୁ ଭଉଣୀ ଘର ଗୋପ ଥାନା ଅନ୍ତର୍ଗତ କୁସୁପୁର ଗ୍ରାମକୁ ଯାଇଥିଲେ। ମହାବାତ୍ୟା ବେଳେ ସେ କେଉଁଆଡେ ନିଖୋଜ ହୋଇଯାଇଥିଲେ। ପରିବାରବର୍ଗ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଦୀର୍ଘ ୨୨ବର୍ଷ ପର୍ଯ୍ୟନ୍ତ ପରିବାରବର୍ଗ ତାଙ୍କ ବାଟକୁ ଚାହିଁ ରହିଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ମହାବାତ୍ୟାରେ କୀର୍ତ୍ତିଚନ୍ଦ୍ରଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅନୁମାନ କରିଥିଲେ। ଶେଷରେ ନିରାଶ ହୋଇ ଗତବର୍ଷ ଅକ୍ଟୋବରରେ ତାଙ୍କ ଶୁଦ୍ଧିକ୍ରିୟା କରାଯାଇଥିବାବେଳେ ସ୍ତ୍ରୀ ପ୍ରମିଳା ବରାଳ(୬୬)ଙ୍କୁ ବିଧବା ହେବାକୁ ପଡ଼ିଥିଲା। ଏପରି କି ୭୩ବର୍ଷୀୟ କୀର୍ତ୍ତିଚନ୍ଦ୍ରଙ୍କ ମୃତ୍ୟୁ ହୋଇସାରିଥିବା ନେଇ ପରିବାର ଲୋକେ ପ୍ରଶାସନ ପକ୍ଷରୁ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ପାଇସାରିଛନ୍ତି। ତେବେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୨ରେ ବିଶାଖାପାଟଣାମ୍‌ର ଏକ ଅଞ୍ଚଳରେ କୀର୍ତ୍ତିଚନ୍ଦ୍ର ଅତି ଦୟନୀୟ ଓ ଭୋକିଲା ଅବସ୍ଥାରେ ଠାବ ହୋଇଥିଲେ। ସେତେବେଳେ ସ୍ଥାନୀୟ ଅଞ୍ଚଳର ଜଣେ କର୍ପୋରେଟର ତାଙ୍କୁ ସହଯୋଗର ହାତ ବଢାଇଥିଲେ। ସେ ତାଙ୍କୁ ନିୟମିତ ଖାଦ୍ୟ ଦେବା ସହ ଚିକିତ୍ସା ଲାଗି ମିଶନାରି ଅଫ୍ ଚାରିଟି ସଂସ୍ଥାକୁ ପଠାଇବାର ବ୍ୟବସ୍ଥା କରିଥିଲେ। ସେ ମାନସିକ ରୋଗୀ ବୋଲି ଜଣାପଡ଼ିବା ପରେ ତାଙ୍କର ଚିକିତ୍ସା କରାଯାଇଥିଲା। ଦୁଇବର୍ଷ ପରେ ତାଙ୍କୁ ଶ୍ରୀକାକୁଲମ୍‌ର ନିର୍ମଳ ହୃଦୟ ଭବନକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଜାରି ରହିଥିଲା। ସାମାନ୍ୟ ସୁସ୍ଥ ହେବା ପରେ ଦୁଇମାସ ତଳେ ତାଙ୍କୁ ବ୍ରହ୍ମପୁର ମିଶନାରି ଅଫ୍ ଚାରିଟିକୁ ଅଣାଯାଇଥିଲା। ୩ଦିନ ତଳେ ଏଠାକୁ କୋଲକାତାରୁ ମିଶନାରି ଅଫ୍ ଚାରିଟି ବ୍ରଦର୍ସ (ହୋମ୍ ମନିଟର) ସାଇନ୍ ଯୋଶେଫ ଆସିଥିଲେ। ସେ କୀର୍ତ୍ତିଚନ୍ଦ୍ରଙ୍କୁ ଦେଖିବା ପରେ ଉଦ୍ୟମ କରି ସମ୍ପୂର୍ଣ୍ଣ ଠିକଣା ବାହାର କଲେ। ଏହାପରେ ବ୍ରହ୍ମପୁର ଶାଖାର ଜଣେ କର୍ତ୍ତୃପକ୍ଷ ଅମ୍ରିତ ବିଶ୍ୱାସ ଏନେଇ ନିମାପଡ଼ା ଥାନାକୁ ଫୋନ ଯୋଗେ ଜଣାଇଲେ। ପୋଲିସ ଏନେଇ ସ୍ଥାନୀୟ ପଞ୍ଚାୟତର ସାମାଜିକ କର୍ମୀ ଶଙ୍କର ପାଣିଙ୍କୁ ଯୋଗାଯୋଗ କରିଥିଲେ।

ରବିବାର କୀର୍ତ୍ତିଚନ୍ଦ୍ରଙ୍କ ବଡ ପୁଅ ନୃସିଂହ, ମଝିଆଁ ପୁଅ ଶେଷଦେବ ଓ କେତେଜଣ ଗ୍ରାମବାସୀ ବ୍ରହ୍ମପୁର ଯାଇ ସେଠାରୁ ତାଙ୍କୁ ଘରକୁ ଆଣିଛନ୍ତି। ତେବେ ତାଙ୍କୁ ଦୀର୍ଘ ୨୩ ବର୍ଷ ପରେ ଜୀବିତ ଅବସ୍ଥାରେ ଦେଖି ପରିବାରବର୍ଗ ହଠାତ୍ ବିଶ୍ୱାସ କରିପାରି ନ ଥିଲେ। ସେମାନେ ବାପାଙ୍କୁ କୁଣ୍ଢାଇ ଧରି ଅତିଶୟ ଖୁସିରେ କାନ୍ଦି ପକାଇଥିଲେ। ସୋମବାର ହିନ୍ଦୁ ରୀତିନୀତି ଅନୁଯାୟୀ କୀର୍ତ୍ତିଚନ୍ଦ୍ରଙ୍କ ସ୍ତ୍ରୀ ପ୍ରମିଳା ପୁଣି ହାତରେ ଶଙ୍ଖା ଓ ମଥାରେ ସିନ୍ଦୂର ପିନ୍ଧିଛନ୍ତି। ଏଥିସହ ସ୍ୱାମୀଙ୍କ ମଙ୍ଗଳ ମନାସିଛନ୍ତି।

## ସଂକ୍ଷେପରେ

### ଡିସେମ୍ବର ୧୧ରେ ଓକିଲ ସଂଘର ସାଧାରଣ ଅଧିବେଶନ

ଆଠଗଡ଼,୨୧।୧୧(ସ୍ୱ.ପ୍ର.): ଆଠଗଡ଼ ଉପଖଣ୍ଡ ଓକିଲ ସଂଘର ୧୮ତମ ସାଧାରଣ ଅଧିବେଶନ ଡିସେମ୍ବର ୧୧ରେ କଟକ ଜିଲା ତୁଳସୀପୁରସ୍ଥିତ ଶାରଳା ଭବନଠାରେ ଅନୁଷ୍ଠିତ ହେବ। ଏନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଆଠଗଡ଼ ସହରସ୍ଥିତ ବାଣୀକଣ୍ଠ ନଗରଠାରେ ଆୟୋଜିତ ହୋଇଯାଇଛି। ବୈଠକରେ ସଂଘ ସଭାପତି ଫଣୀଭୂଷଣ ରଥ ପୌରୋହିତ୍ୟ କରିଥିଲେ। ଉକ୍ତ ଅଧିବେଶନରେ ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ଆଠଗଡ଼, ଡିଗିରିଆ, ବଡ଼ମ୍ବା, ନରସିଂହପୁର ଓକିଲ ସଂଘ, କଟକ ଉଚ୍ଚ ନ୍ୟାୟାଳୟ, ଭୁବନେଶ୍ୱର ତଥା ଓଡ଼ିଶାର ବିଭିନ୍ନ ଓକିଲ ସଂଘରେ ଆଇନ ବ୍ୟବସାୟ କରୁଥିବା ଓକିଲମାନେ ଯୋଗ ଦେବା ପାଇଁ ବୈଠକରେ ସଭାପତି ରଥ ଅନୁରୋଧ କରିଥିଲେ।

### ପୂର୍ବତନ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜରଙ୍କ ପରଲୋକ

ବାଙ୍କୀ,୨୧।୧୧(ସ୍ୱ.ପ୍ର.): ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ବରିଷ୍ଠ ପ୍ରାକ୍ତନ ମ୍ୟାନେଜର ମାଧବ ଚନ୍ଦ୍ର ପଣ୍ଡା(୭୮)ଙ୍କ ଏନ୍‌ଏସି ଅନ୍ତର୍ଗତ ବେଦପୁର ବାସଭବନରେ ସୋମବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ବାଙ୍କୀ କଲେଜ କର୍ମଚାରୀ ହିମାଂଶୁ ଶେଖର ପଣ୍ଡା, ପୁତ୍ର ଡା. ସୁଧାଂଶୁ ଶେଖର ପଣ୍ଡା, ବୋହୂ ଡା. ସୁନୀତା ଦାସ, ସ୍ତ୍ରୀ, ଝିଅ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ନିକଟ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠପୁତ୍ର ହିମାଂଶୁ ମୁଖାଗ୍ନି ଦେଇଥିଲେ। ବାଙ୍କୀ କେନ୍ଦ୍ର ସମବାୟ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଏବଂ ବ୍ୟାଙ୍କର କର୍ମଚାରୀ ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କର ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ଯୁବ ବ୍ୟବସାୟୀଙ୍କ ପରଲୋକ

ମାହାଙ୍ଗା,୨୧।୧୧(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଧୁପୁର ପଞ୍ଚାୟତ ବେନୁପୁରା ଗ୍ରାମର ଯୁବ ବ୍ୟବସାୟୀ ଦିଲୀପ ସାହୁ(୩୬)ଙ୍କ ପରଲୋକ ଘଟିଛି। ସେ କିଛି ଦିନ ହେବ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ପରଲୋକ ଘଟିଛି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ସମ୍ପର୍କୀୟ ଭାଇ ରାଜେଶ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସରପଞ୍ଚ ରବୀନ୍ଦ୍ର ବାଗ, କଟକ ଜିଲା ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ସୁବାସ ବାଗ, ମିହିର ପାତ୍ର, ଦୀନବନ୍ଧୁ ସାହୁ, କୈଳାସ ରାଉତ, ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ମହାନ୍ତି, ବିଜୟାନନ୍ଦ ସ୍ୱାଇଁ, ମନୋରଞ୍ଜନ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଏନେଇ କୁମୁଡା ଜୟପୁର ବଜାର କମିଟି ପକ୍ଷରୁ ବଜାର ବନ୍ଦ ରହିଥିଲା।

### ଶିଶୁ ସଦନରେ ମହତାବ ଜୟନ୍ତୀ

ଚୌଦ୍ୱାର,୨୧।୧୧(ଡି.ଏନ୍.ଏ.) : ମହାନ୍ ସ୍ୱାଧୀନତା ସଂଗ୍ରାମୀ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୩ତମ ଜୟନ୍ତୀ ସ୍ଥାନୀୟ ଶିଶୁ ସଦନରେ ପାଳିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ତଥା ପ୍ରେସ୍ କ୍ଲବ୍ ସଭାପତି ଦାମୋଦର ସାହୁ ଏଥିରେ ଅତିଥି ଭାବେ ଯୋଗଦେଇ ଡ. ମହତାବଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋଚନା କରିଥିଲେ। ଶିଶୁସଦନ ଓ ଚୌଦ୍ୱାର ପ୍ରେସ୍ କ୍ଲବ୍‌ର ମିଳିତ ଆୟୋଜନରେ ତଥା ସଂଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ୍ ସମ୍ପାଦକ ରମେଶ ଚନ୍ଦ୍ର ସାମଲ, ସାମ୍ବାଦିକ ପ୍ରକାଶ କୁମାର ନାୟକ, ଆଶୁତୋଷ ଦାସ, ଅଜିତ୍ କୁମାର ସ୍ୱାଇଁ, ସୁଧାକର ସାମନ୍ତରାୟ, ରଘୁନାଥ ସ୍ୱାଇଁ, ବିଶ୍ୱଜିତ୍ ଭଞ୍ଜ, ଅଶୋକ କୁମାର ଦାସ, ବିମଳ କୁମାର ବେଉରା, ସୁରଶ୍ରୀ ସୁଧାଂଶୁ ଶେଖର ସାହୁ, ପ୍ରଦୀପ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବନ୍ଦନା ମହାନ୍ତି, ଦେବୀଦତ୍ତା ସାହୁ, ପୂର୍ଣ୍ଣିମା ପ୍ରଧାନ, ଅଲେଖ ଚନ୍ଦ୍ର ମଲ୍ଲିକ, ମିତା ବଳସାମନ୍ତ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଶିଶୁ ସଦନର ପିଲାମାନଙ୍କ ଦ୍ୱାରା ସମୂହ ବେଦ ଆବୃତ୍ତି, ଗୀତାପାଠ ଓ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପ୍ରେସ୍‌କ୍ଲବ୍ ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିଶୁ ସଦନ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ଆର୍‌ଆଇ, ପଞ୍ଚାୟତ କାର୍ଯ୍ୟାଳୟରେ ତାଲା


ପଞ୍ଚାୟତ କାର୍ଯ୍ୟାଳୟରେ ମହିଳାମାନେ ତାଲା ପକାଉଛନ୍ତି।


ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଲୋକେ ଘେରାଉ କରିଛନ୍ତି।

**ଶ୍ମଶାନ ଜମିରୁ ମାଟି ଚାଲାଣ ବିରୋଧରେ ରାସ୍ତାରୋକୋ ଘଟଣା**

- ତଦନ୍ତ ନିର୍ଦ୍ଦେଶ ଦେଲେ ତହସିଲଦାର
- ବେଆଇନ ରାସ୍ତାରୋକୋକୁ ନେଇ ଥାନାରେ ମାମଲା

ନିଶ୍ଚିନ୍ତକୋଇଲି,୨୧।୧୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଗତ ସୁକରପଡ଼ା ଗ୍ରାମ ଶ୍ମଶାନରୁ ବେଆଇନଭାବେ ମାଟି ଚାଲାଣ କରାଯାଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସୋମବାର ଶୁକରପଡା ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ କାର୍ଯ୍ୟାଳୟ ଓ ସୁକରପଡା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଲୋକେ ରବିବାର କଟକ-ଚାନ୍ଦବାଲି ରାସ୍ତା ଅବରୋଧ କରିଥିଲେ। ଏହାପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବେଆଇନ ମାଟି ଚାଲଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ସୋମବାର ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସ୍ଥାନୀୟ ଲୋକେ ପ୍ରତିବାଦ କରି ଉପରୋକ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ତହସିଲଦାର ଦୀଲିପ କୁମାର ନାୟକ କୁହନ୍ତି, ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ସୁକରପଡା ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୁକରପଡ଼ା ଦେପୋଖରୀଠାରେ ଥିବା ଶ୍ମଶାନରୁ ରବିବାର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଅବାଧରେ ମାଟି ଖନନ କରି ଚାଲାଣ କରୁଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ବିରୋଧ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଅପରପକ୍ଷେ ବେଆଇନ୍ ମାଟି ଚାଲାଣକୁ ବିରୋଧ କରି ୫ ନଂ. ୱାର୍ଡ ସଭ୍ୟ ବଳରାମ ଭୋଇଙ୍କ ନେତୃତ୍ୱରେ ୨୧ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ରାସ୍ତାରୋକୋ କରିଥିଲେ। ଫଳରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କଟକ-ଚାନ୍ଦବାଲି ରାସ୍ତାରେ ଯାତାୟାତ ବ୍ୟାହତ ହୋଇଥିଲା। ଏନଇ ନିଶ୍ଚିନ୍ତକୋଇଲି ଥାନା ଏଏସଆଇ ଅନିଲ କୁମାର ନାୟକଙ୍କ ଅଭିଯୋଗକ୍ରମେ ସେମାନଙ୍କ ବିରୋଧରେ ମାମଲା (ନଂ ୨୦୧/୨୦୨୨) ରୁଜୁ କରାଯାଇଛି।

## ବିଶେଶ୍ୱର ମହାଦେବଙ୍କ ମନ୍ଦିରରୁ ମୂର୍ତ୍ତି ଚୋରି

ସାଲେପୁର,୨୧।୧୧(ଡି.ଏନ.ଏ)



ସାଲେପୁର ଥାନା ଅଧୀନ ବାଲିସାହି ପଞ୍ଚାୟତସ୍ଥିତ ବିଶେଶ୍ୱର ମହାଦେବଙ୍କ ମନ୍ଦିରରୁ ରବିବାର ରାତିରେ ମୁଗୁନି ପଥରରେ ନିର୍ମିତ ନାରାୟଣଙ୍କ ମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଲୋକେ ସକାଳେ ମନ୍ଦିରକୁ ଗଲା ପରେ ମନ୍ଦିର ଫାଟ ଖୋଲାଥିବା ଦେଖି ପୂଜକ ଓ ମନ୍ଦିର କମିଟି କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଏହାପରେ ପୂଜକ ମନ୍ଦିରରେ ପହଞ୍ଚି ନାରାୟଣଙ୍କ ମୂର୍ତ୍ତି ନ ଥିବା ଦେଖି ପୋଲିସକୁ ଜଣାଇଥିଲେ। ଏହି ଶିବ ମନ୍ଦିରଟି ଅଞ୍ଚଳର ପ୍ରସିଦ୍ଧ ସ୍ଥାନ ହୋଇଥିବାବେଳେ ବର୍ଷ ପୂର୍ବେ ଏଠାରୁ ବହୁ ପୁରାତନ ଏକ ଗଣେଶଙ୍କ ମୂର୍ତ୍ତି ଚୋରି ହୋଇଥିଲା। ଅପରପକ୍ଷେ କିଛି ଦିନ ତଳେ ବାଲିସାହି ପଞ୍ଚାୟତର ବଟେଶରସ୍ଥିତ ଭଗବତୀଙ୍କ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରୀ ହୋଇଥିଲା। ବାରମ୍ବାର ସ୍ଥାନୀୟ ଅଞ୍ଚଳରୁ ଏପରି ମୂର୍ତ୍ତି ଚୋରି ହେଉଥିବାରୁ ଭକ୍ତମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି।

## ୬ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ



ବ୍ଲକସ୍ତରୀୟ ବିଜ୍ଞାନମେଳାରେ ମଞ୍ଚାସୀନ ଅତିଥିମାନେ।

ଆଠଗଡ଼,୨୧।୧୧(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବ୍ଲକ ଅନ୍ତର୍ଗତ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଖୁଣ୍ଟକଟା ପ୍ରାଥମିକ ନୋଡାଲ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞନମେଳାରେ ୧୭୪ଟି ବିଦ୍ୟାଳୟରୁ ୨୮୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଆଠଗଡ଼ ଉପଜିଲାପାଳ ହେମନ୍ତ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ମିନତି ଗାଗରାଇ, ବଳଭଦ୍ର ବାଘ, ସ୍ଥାନୀୟ ସରପଞ୍ଚ ମନୋଜ ନାୟକ, ସମିତି ସଭ୍ୟ ଜୟନ୍ତୀ ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଞ୍ଜୟ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଅପରାହ୍ନରେ ଆଠଗଡ଼ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ବିଡିଓ ଅରୁଣ ଦାସ, ତହସିଲଦାର ପ୍ରିୟବ୍ରତ ଦାସ, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଆଠଗଡ଼ ବ୍ଲକ ଅଧିକାରୀ ବିଜୟଲକ୍ଷ୍ମୀ ସାମଲଙ୍କ ନେତୃତ୍ୱରେ ସହକାରୀ ଶିକ୍ଷା ଅଧିକାରୀ ନବ କିଶୋର ସାହୁ, ବରିଷ୍ଠ ଶିକ୍ଷକ ନୀଳମଣି ନାୟକ, ପର୍ଶୁରାମ ବେହେରା, ଶଶୀଧର ମହାରଣା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରସାନନ୍ଦ ଘଡ଼େଇ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୪୭ ପ୍ରକଳ୍ପ ପ୍ରଦର୍ଶିତ


ବିଜ୍ଞାନ ମେଳାରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଡିଗିରିଆ, ୨୧।୧୧(ଡି.ଏନ୍.ଏ.)

ଡିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନୂଆପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ୩ଟି ବିଭାଗର ୧୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଡିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଏବଂ ସମ୍ମାନିତ ଅତିଥି ବିଡିଓ ପ୍ରଣବ ବେହେରା ମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ଉପ୍ରା ବିଦ୍ୟାଳୟସ୍ତରରେ ୩୯ଟି, ଉପର ପ୍ରାଇମେରୀସ୍ତରରେ ୭୫ଟି ଓ ହାଇସ୍କୁଲସ୍ତରରେ ୩୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ଜୁନିଅର ବିଭାଗରେ ମହେଶ୍ୱର ନୋଡାଲ ଛାତ୍ର ଶୁଭମ୍ ମହାନ୍ତି, ସବ୍ ଜୁନିଅର ବିଭାଗରେ ନୂଆପାଟଣା ନୋଡାଲ ବିଦ୍ୟାଳୟ ଛାତ୍ରୀ ଅମ୍ବିକା ପାତ୍ର ଏବଂ ଛାତ୍ର କ୍ରିଷ୍ଣା ଦାସ, ସିନିଅର ବିଭାଗରେ ନୂଆପାଟଣା ଅର୍ଜୁନ ସୁବୁଦ୍ଧି ହାଇସ୍କୁଲ ଛାତ୍ରୀ ରୀତିକା ପ୍ରିୟଦର୍ଶିନୀ ଏବଂ ବିଦୁସ୍ମିତା ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଆଠଗଡ଼ ଉପଜିଲାପାଳ ହେମନ୍ତ ସ୍ୱାଇଁ, ବିଇଓ ପ୍ରିୟରଞ୍ଜନ ହୋତା, ସମିତି ଅଧ୍ୟକ୍ଷା ନାୟକ, ସମିତି ଉପାଧ୍ୟକ୍ଷ ମାନସ ସାହୁ, ବିଡିଓ ବେହେରା, ଜିଲାପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ନୂଆପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କର୍ଣ୍ଣାର୍ଜୁନ ନାଏକଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

## ୨୬ ପରିବାର ପାଇଲେ କମ୍ବଳ

ମଙ୍ଗୁଳି/ଜଗତପୁର, ୨୧।୧୧ (ଡ଼ି.ଏନ.ଏ)

ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଦରଦୀବନ୍ଧୁ' ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ଆଦିବାସୀ ଗ୍ରାମ ବାନଝିମାରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଭାତ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଗ୍ରାମରେ ବସବାସ କରୁଥିବା ୨୬ ପରିବାରଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଅନୁଷ୍ଠାନର ଉପସଭାପତି ଅଶୋକ ଭଗତ, ସମ୍ପାଦକ ରାଜେନ୍ଦ୍ର କୁମାର ନାୟକ, ସମୀର ରଞ୍ଜନ ରାଉତ, ରତନ କୁମାର ନାୟକ, ତପନ କୁମାର ବେହେରା, ସୁରଜ ଚୌରାସିଆ, ବିସ୍ମୟ ରଞ୍ଜନ ବେହେରା, ଅମର ସାମଲ, ପ୍ରଶାନ୍ତ ପ୍ରଧାନ, ବିଶ୍ୱଜିତ ପାଣ୍ଡେ, ପ୍ରସନ୍ନ ବେହେରା ପ୍ରମୁଖ ସାମିଲ ଥିଲେ। ସ୍ଥାନୀୟ ପୂଜକ ତାପସ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଚୋରି କରି ବନ୍ଧା ହେଲେ ଯୁବକ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ଶ୍ରୀଲିଙ୍ଗରାଜ ଥାନା ପୋଲିସ ଚୋରିରେ ସଂପୃକ୍ତ ଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ରଞ୍ଜନ ଦାସ ଓରଫ ବଣ୍ଟି। ତାଙ୍କଠାରୁ ସାଢେ ୧୨ ହଜାର ୬୦୦ ଟଙ୍କା ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଜବତ ଟଙ୍କାକୁ ଅଭିଯୋଗକାରିଣୀଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗକାରିଣୀ ଜଣକ ଖରାଖିଆ ବୈଦ୍ୟନାଥ ଲେନ୍ ଅଞ୍ଚଳରେ ରୁହନ୍ତି। ଘଟଣା ରାତିରେ ଅଭିଯୋଗକାରୀଣଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତ ବଣ୍ଟି ତାଙ୍କ ଘରର ତାଲା ଖୋଲି ୭୦ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ।

## ଶୌଚାଳୟ ବ୍ୟବହାର ପାଇଁ ସଚେତନତା



ଶୌଚାଳୟ ବ୍ୟବହାର କରିବା ପାଇଁ ବ୍ଲକ କର୍ମଚାରୀମାନେ ସଚେତନ ଶୋଭାଯାତ୍ରା କରୁଛନ୍ତି।

ଡିଗିରିଆ,୨୧।୧୧(ଡି. ଏନ. ଏ )

ଘରେ ଶୌଚାଳୟ ବ୍ୟବହାର କରିବା ପାଇଁ ଡିଗିରିଆ ବ୍ଲକ କାର୍ଯ୍ୟାଳୟର କର୍ମଚାରୀମାନେ ପଦଯାତ୍ରାରେ ପାଞ୍ଚଗାଁ ପଞ୍ଚାୟତକୁ ଯାଇ ଲୋକଙ୍କୁ ସଚେତନ କରିଛନ୍ତି। ବାହାରେ ମଳ ତ୍ୟାଗ ନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଡିଗିରିଆ ବିଡିଓ ପ୍ରଣବ କୁମାର ବେହେରା ଏହାର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ ନନ୍ଦ, ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର ରଥ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ଧର୍ମରାଜ ଜେନା, ମଞ୍ଜୁଳା ସାମଲ, ପ୍ରଦୀପ କୁମାର ସିଂ, ସୁମିତ୍ରା ସାହୁ, ଲଳିତ ମୋହନ ପ୍ରଧାନ ପ୍ରମୁଖ ପଦାଯାତ୍ରାରେ ସାମିଲ ହୋଇଥିଲେ।

## ଶିଶୁ ସୁରକ୍ଷା କମିଟିର ପିଲାଙ୍କ ପାଇଁ ଦିନଟିଏ

ବାଙ୍କୀ,୨୧।୧୧(ସ୍ୱ.ପ୍ର.):

ବାଙ୍କୀ ଶିଶୁ ସୁରକ୍ଷା କମିଟି ପକ୍ଷରୁ ପିଲାମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସୋମବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବ୍ଲକ ବିଡିଓ କିଶୋର ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ନିରୋଧ ସମ୍ପର୍କରେ ଆଲୋଚନା ହୋଇଥିଲା। ସିଡିପିଓ ରୂପାଲି ମିତ୍ର ସ୍ୱାଗତ ଭାଷଣରେ ୨୦୩୦ ସୁଧା ସମ୍ପୂର୍ଣ୍ଣ ରୂପେ ବାଲ୍ୟ ବିବାହ ପ୍ରଥା ଲୋପ କରିବା ପାଇଁ ସମସ୍ତେ ପ୍ରୟାସ କରିବାକୁ କହିଥିଲେ। ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ ମହାପାତ୍ର, ବାଙ୍କୀ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଲତିକା ଦେଇ, ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ କାଳୀଚରଣ ତ୍ରିପାଠୀ, ଜୀବିକା ମିଶନର ସଂଯୋଜକ ଅକ୍ଷୟ ଭଞ୍ଜ ଏବଂ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଯୋଗଦେଇ ସେମାନଙ୍କ ମତପ୍ରକାଶ କରିଥିଲେ।

## ବାଙ୍କୀ ମହାବିଦ୍ୟାଳୟ ରନର୍ସଅପ୍


ସନ୍ତରଣ ପ୍ରତିଯୋଗିତାରେ ରନର୍ସ ଅପ୍ ହୋଇଥିବା ଖେଳାଳିମାନେ।

**ଆନ୍ତଃ ମହାବିଦ୍ୟାଳୟ ସନ୍ତରଣ ପ୍ରତିଯୋଗିତା**

ବାଙ୍କୀ,୨୧।୧୧(ସ୍ୱ.ପ୍ର.)

କଟକ ଜିଲା ଅଡସପୁରସ୍ଥ ୟୁଏନ୍‌କଲେଜ ଦ୍ୱାରା ପରିଚାଳିତ ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ତଃ ମହାବିଦ୍ୟାଳୟ ସନ୍ତରଣ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟର ୧୧ ଗୋଟି କଲେଜ ଯୋଗ ଦେଇଥିଲେ। ଏଥିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସନ୍ତରଣ ପ୍ରତିଯୋଗୀମାନେ ଦ୍ୱିତୀୟ ସ୍ଥାନ ଅଧିକାର କରି ରନର୍ସ ଅପ୍ କପ୍ ହାସଲ କରିଥିଲେ। ଏହି ଅବସରରେ ବାଙ୍କୀ କଲେଜ ପରିସରରେ ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ମନୋଜ ମହାପାତ୍ର, ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଦେଓ, ଡ. ବିଶ୍ୱରଞ୍ଜନ ସାହୁ, ଭୂପତି ଭୂଷଣ ପ୍ରଧାନ, କ୍ରୀଡ଼ା ଅଧ୍ୟାପକ ରବିନରାୟଣ ପ୍ରଧାନ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରତିଯୋଗିତାରେ ରାକେଶ ନାୟକ, ପ୍ରଶାନ୍ତ ରଣା, ପ୍ରଦୀପ ରାଉତ, ସଂଗ୍ରାମ ବାରିକ, ଦିନେଶ ନାୟକ, ବାବାଜୀ ଖଟୁଆ ଓ ସଂଗ୍ରାମ ରାଉତ ପ୍ରମୁଖ ପୁରସ୍କୃତ ହୋଇଥିଲେ। କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନ ଓ ଜିତେନ୍ଦ୍ର ଦେଓ ଏହାର ନେତୃତ୍ୱ ନେଇଥିଲେ।

## 'ବାଙ୍କୀ କଲେଜ ପ୍ରତିଷ୍ଠାରେ ମହତାବଙ୍କ ଅବଦାନ ଅବିସ୍ମରଣୀୟ'

ବାଙ୍କୀ,୨୧।୧୧(ସ୍ୱ.ପ୍ର.)


ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳନ କରାଯାଉଛି।

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୩ତମ ଜୟନ୍ତୀ ବାଙ୍କୀରେ ସୋମବାର ପାଳିତ ହୋଇଯାଇଛି। ଏନେଇ ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁରସ୍ଥିତ ଶିଶୁ ଯତ୍ନକେନ୍ଦ୍ରରେ ସାମାଜିକ ଅନୁଷ୍ଠାନ ଅସ୍ତିତ୍ୱ ଆନୁକୂଲ୍ୟରେ ଅନ୍ତେବାସୀ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ଗଣଦୌଡ଼ କରାଯାଇଥିଲା। ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଏହାକୁ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୌତମ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହାପରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅସ୍ତିତ୍ୱ ପକ୍ଷରୁ ମହତାବଙ୍କ ଜୟନ୍ତୀ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ୧୯୬୧ ଡିସେମ୍ବର ୮ରେ ମହତାବ ବାଙ୍କୀ କଲେଜ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଏହି କଲେଜର ପ୍ରତିଷ୍ଠାରେ ତାଙ୍କର ଅବଦାନ ଅବିସ୍ମରଣୀୟ। ବାଙ୍କୀ କଲେଜ ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ଅଧ୍ୟାପକ ନିରାକାର ସାମାନ୍ତରାୟ, ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ, ଭୂପତି ଭୂଷଣ ପ୍ରଧାନ ପ୍ରମୁଖ ଯୋଗଦେଇ ମହତାବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅସ୍ତିତ୍ୱର ସମ୍ପାଦକ ମିଶ୍ର ଏହାକୁ ପରିଚାଳନା କରିଥିଲେ। ସେହିପରି ବାଙ୍କୀ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନରେ ମହାତାବ ଜୟନ୍ତୀ ସମବାୟ ବ୍ୟାଙ୍କ ସଭାପତି ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ଡମପଡା ବ୍ଲକ କୁଶୁପଙ୍ଗି ପଞ୍ଚାୟତ ଭବନ ଗୃହ ରକ୍ତ ଦାନ ଶିବିର କରାଯାଇ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଡମପଡା ବ୍ଲକ ଅରାଚଣ୍ଡୀ ଉଚ୍ଚ ବିଦ୍ୟାମନ୍ଦିରରେ ମହତାବଙ୍କ ଜୟନ୍ତୀ ଉପଲକ୍ଷେ ଆଲୋଚନ ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଗଣେଶ୍ୱର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସରୋଜକୁମାର ବେହେରା, ଶୈଳେନ୍ଦ୍ରନାରାୟଣ ଜେନା,ଅଶୋକ କୁମାର ମହାପାତ୍ର, ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲଜେନା, ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଛାତ୍ରଛାତ୍ରୀ ଙ୍କ ଦ୍ୱାରା ମହତାବ ଜୟନ୍ତୀ ଉପଲକ୍ଷେ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହାକୁ ଅସ୍ତିତ୍ୱର ସମ୍ପାଦକ ମିଶ୍ର ଓ ପୂର୍ବତନ ଶିକ୍ଷକ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜୟଶ୍ରୀ ହେଲେ କେସିସିବି ଉପାଧ୍ୟକ୍ଷା



ଖୋର୍ଦ୍ଧା ଅଫିସ, ୨୧।୧୧: ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ(କେସିସିବି) ପରିଚାଳନା ପରିଷଦର ଉପାଧ୍ୟକ୍ଷା ଭାବେ ୧୦ ନମ୍ବର ବୋର୍ଡ ନିର୍ଦ୍ଦେଶିକା ଜୟଶ୍ରୀ ଗଡ଼ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପାଧ୍ୟକ୍ଷା ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ସୋମବାର ବିଜେଡି ସମର୍ଥନରେ ଜୟଶ୍ରୀ ଜଣେମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ପରେ ନିର୍ବାଚନ ଅଧିକାରୀଙ୍କୁ ତାଙ୍କୁ ନିର୍ବାଚିତ ଘୋଷଣା କରିଥିଲେ। ସୋମବାର ପୂର୍ବାହ୍ନରେ ସ୍ଥାନୀୟ ପୂର୍ତ୍ତ ବଙ୍ଗଳାଠାରେ ରାଜ୍ୟ ସଭା ସଦସ୍ୟ ମୁନା ଖାନ୍, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପରିଷଦର ଅଧ୍ୟକ୍ଷ ଅଭିଷେକ ସିଂସାମନ୍ତଙ୍କ ସମେତ ଦଳୀୟ ନେତା ଏବଂ ବୋର୍ଡ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ବିଧାୟକଙ୍କ ପାଖରୁ ଆସିଥିବା ମତ ଏବଂ ଦଳୀୟ ନିଷ୍ପତ୍ତିକ୍ରମେ ରାଜ୍ୟ ସଭା ସଦସ୍ୟ ମୁନା ଖାନ୍ ଜୟଶ୍ରୀଙ୍କ ନାମ ଘୋଷଣା କରିଥିଲେ। ପରେ ଜୟଶ୍ରୀ ଦଳୀୟ ସମର୍ଥକ, ବୋର୍ଡ ନିର୍ଦ୍ଦେଶକଙ୍କ ଗହଣରେ ନାମାଙ୍କନ ଦାଖଲ କରିଥିଲେ। ତେବେ ପୂର୍ବରୁ ପରିଚାଳନା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ପଦବୀକୁ ନେଇ ବିଧାୟକମାନଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝା ଅନ୍ତ ଘଟିଛି।

### ବଡ଼ପାରୀ ସିଭିଲ ସୋସାଇଟିର ନୂତନ କର୍ମକର୍ତ୍ତା ମନୋନୀତ

ଟାଙ୍ଗୀ(ଖୋର୍ଦ୍ଧା), ୨୧।୧୧ (ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଅଧୀନ ବଡ଼ପାରୀସ୍ଥିତ ସିଭିଲ ସୋସାଇଟିର ସାଧାରଣ ଅଧିବେଶନ ଭୋବରା ମା' ରାମଚଣ୍ଡୀ ମନ୍ଦିର ପରିସରରେ ପୂର୍ବତନ ପ୍ରଧାନ ଶିକ୍ଷକ ସଚିତ୍ର କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସଦସ୍ୟଙ୍କ ପ୍ରସ୍ତାବ ଅନୁଯାୟୀ ସୋସାଇଟିର ବାଇ ଲ'ରେ କେତେକ ପରିବର୍ତ୍ତନ କରାଯିବା ପାଇଁ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା। ପ୍ରତ୍ୟେକ ସଦସ୍ୟ ଆଗ୍ରହ, ନିଷ୍ଠାର ସହ କାର୍ଯ୍ୟ କରିବାକୁ ସଙ୍କଳ୍ପ କରିଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ସଚିତ୍ର କୁମାର ସାମନ୍ତରାୟ, ସାଧାରଣ ସମ୍ପାଦକ ପଠାଣି ସୁନ୍ଦରାୟ, ଉପସଭାପତି ରମେଶ ପ୍ରସାଦ ଧଳ, ଯୁଗ୍ମ ସମ୍ପାଦକ ଜାନକୀ ବଲ୍ଲଭ ବିଶ୍ୱାଳ, ପରିକ୍ଷିତ ମହାରଣା, ସଦାଶିବ ବେହେରା, ବିଭୂତି ଭୂଷଣ ଦାଶ, କୋଷାଧ୍ୟକ୍ଷ ଭାବେ ଦେବରାଜ ସୁନ୍ଦରାୟଙ୍କୁ ଚୟନ କରାଯାଇଛି। ଚଳିତବର୍ଷ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳର ବିକାଶରେ ସୋସାଇଟିର ସମସ୍ତ ସଦସ୍ୟ ସହଯୋଗ କରିବାକୁ ସଭାପତି ଅନୁରୋଧ କରିଥିଲେ। ପ୍ରଶାନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଆଧୁନିକ ପ୍ରଣାଳୀରେ ମତ୍ସ୍ୟ ଉତ୍ପାଦନକୁ ଗୁରୁତ୍ୱ

## ବିଶ୍ୱ ମତ୍ସ୍ୟ ଦିବସ

ବାଲୁଗାଁ,୨୧।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ସୋମବାର ବାଲୁଗାଁସ୍ଥିତ ମତ୍ସ୍ୟ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ(ରାଜସ୍ୱ)ସାଫଲ୍ୟ ମଣ୍ଡିତ ପ୍ରଧାନ, ମତ୍ସ୍ୟ ପ୍ରଶିକ୍ଷଣ ବିଭାଗ ଅଧ୍ୟକ୍ଷ ମୁରଲୀଧର ଜେନା ଏବଂ ସହକାରୀ ନିବନ୍ଧକ ଉଦୟନାଥ ବେହେରା ପ୍ରମୁଖ ଯୋଗଦେଇ ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ କିପରି ମତ୍ସ୍ୟ ଉତ୍ପାଦନରେ ଅଭିବୃଦ୍ଧି ଘଟିବ ଏବଂ ମତ୍ସ୍ୟଜୀବୀ ଆତ୍ମନିର୍ଭରଶୀଳ ହୋଇ ସ୍ୱାବଲମ୍ବୀ ଜୀବନଯାପନ କରିବେ ସେ ଦିଗରେ ଆଲୋକପାତ କରିଥିଲେ। ବିଶ୍ୱରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ୧ ନମ୍ବର କରିବା ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରୋତ୍ସାହନ ନିମନ୍ତେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଯୋଜନା ତଥା ପ୍ରତ୍ୟେକ ମତ୍ସ୍ୟ ସମବାୟ ସମିତିକୁ ୨ଲକ୍ଷ ଟଙ୍କାର ଋଣ, ୫ଲକ୍ଷ ଟଙ୍କାର ବୀମାକରଣ, ବାତ୍ୟା ସମୟରେ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ଓ ରିହାତି ଉପରେ ଆଲୋକପାତ କରିଥିଲେ। ଏଥିସହ ଚିଲିକାରେ ସରୁ ଆଲିମ ଜାଲ ତଥା ଜିରୋ ନେଟ୍ ବ୍ୟବହାରରୁ ନିବୃତ ରହିବା ପାଇଁ ପରାମର୍ଶ ଦିଆଯାଇଛି। ମହିଳାମାନେ ମଧ୍ୟ ଆଧୁନିକ ପ୍ରଣାଳୀରେ କିପରି ମତ୍ସ୍ୟଚାଷ ଓ ଶୁଖୁଆ ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇ ଜୀବନଯାପନ କରିବେ ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସମଗ୍ର ଚିଲିକା ଚତୁଃପାର୍ଶ୍ୱ ବିଭିନ୍ନ ଜିଲାରେ ମୋଟ ୧୪୬ଟି ପ୍ରାଥମିକ ସମବାୟ ସମିତି କାର୍ଯ୍ୟ କରୁଥିବା ବେଳେ ସେଥିମଧ୍ୟରୁ ଉତ୍କୃଷ୍ଟ ବିବେଚିତ ଶୁଖୁଆ ବ୍ୟବସାୟ କ୍ଷେତ୍ରରେ ଗଙ୍ଗାମାତା ସମବାୟ ସମିତି ଏବଂ ମତ୍ସ୍ୟ ବ୍ୟବସାୟ କ୍ଷେତ୍ରରେ ମହିଷା ସମବାୟ ସମିତିକୁ ପୁରସ୍କୃତ କରାଯାଇଥିଲା। ଚିନ୍ମୟୀ ଶୁଭସ୍ମିତା ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ମତ୍ସ୍ୟଜୀବୀ, ମତ୍ସ୍ୟ ସମବାୟ ସମିତିର ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ମତ୍ସ୍ୟ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

# ୧୦୪ ପ୍ରକଳ୍ପରୁ ୫ ଜିଲାସ୍ତରକୁ ମନୋନୀତ



ଜଣେ ଛାତ୍ରୀ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

ବୋଲଗଡ଼,୨୧।୧୧(ଡି.ଏନ୍.ଏ.)

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଏବଂ ବ୍ଲକସ୍ତରୀୟ ବିଜ୍ଞାନ ସମିତି ସହଯୋଗରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବାଙ୍କୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ ଧୋବେଇ ନାୟକ, ଅତିଥିଭାବେ ତହସିଲଦାର ସନ୍ତୋଷିନୀ ଦାସ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା, ରାଜସୁନାଖଳାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ ମୋହନ ମଙ୍ଗଳ ଗୁଡୁ, ତାଳତୁମ୍ବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀ, ସଙ୍ଗଠନ ସମ୍ପାଦକ ବାଦରୁଲ ହୁସେନ୍ ଖାଁ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଆୟୋଜିତ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବୋଲଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁଲାସ ପ୍ରଧାନ, ଅତିଥିଭାବେ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବାଙ୍କୋଇ ସରପଞ୍ଚ ରଶ୍ମିତା ରାଉତରାୟ, ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା, ମୋ ସ୍କୁଲ ଅଭିଯାନ ସଭାପତି ଶ୍ରୀକାନ୍ତ କୁମାର ଫତେସିଂହ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସସ୍ମିତା ବଳିୟାରସିଂହ, ଭାରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭିକାରୀ ପୃଷ୍ଟି, ହରିବନ୍ଧୁ ତ୍ରିପାଠୀ, ବାଦରୁଲ ହୁସେନ୍ ଖାଁ ଯୋଗଦେଇ କୁନି କୁନି ପିଲାଙ୍କୁ ନୂତନ ଉଦ୍ଭାବନ କରିବା ସହିତ ଆଗକୁ ବଢ଼ିବା ପାଇଁ ଉପଦେଶ ଦେଇଥିଲେ। ମୋଟ୍ ୧୦୪ଟି ପ୍ରକଳ୍ପ ପିଲାମାନେ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ବିଚାରକ ମଣ୍ଡଳୀ ଦ୍ୱାରା ୫ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। କାର୍ଯ୍ୟକ୍ରମରେ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ, ସିଆର୍‌ସିସି ଧୀରେନ ପାତ୍ର, ବିଶ୍ୱରଞ୍ଜନ ସେଠୀ, ଚିନ୍ତାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ କୁମାର ସିଂହ ଧନ୍ୟବାଦ ଦେଇଥିଲେ।



ଜଟଣୀ ସିଦ୍ଧାର୍ଥ ଭିଲେଜ ଠାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଆପଦ ମିତ୍ରମାନେ ତାଲିମ ନେଉଛନ୍ତି।

# ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା



ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା ଶୋଭାଯାତ୍ରା।

ଟାଙ୍ଗୀ(ଖୋର୍ଦ୍ଧା),୨୧।୧୧(ଡି.ଏନ୍.ଏ.)

ଚଣ୍ଡେଶ୍ୱରସ୍ଥିତ ମାଉଣ୍ଟ ଲିଟେରା ଜି ସ୍କୁଲରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରବୋଧ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଅନସୂୟା ଦାସ, ଶେଖ୍ ନଗମା ଖାତୁନ୍, ଶ୍ରୀଦେବୀ ଜେନା ପ୍ରମୁଖ ଉପସ୍ଥାପନା ମାଧ୍ୟମରେ ଅଭିଭାବକଙ୍କୁ କୋମଳମତି ଶିଶୁଙ୍କୁ କିପରି ଶୋଷଣ ହୋଇଥାଏ ଏବଂ ତା'ର ନିରାକରଣ କିପରି ହୋଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ଶିଶୁ ସୁରକ୍ଷା ଉପରେ ଏକ ଗୀତିନାଟ୍ୟ ପରିବେଷଣ କରିଥିଲେ। ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିଶୁ ସୁରକ୍ଷାର ଶପଥ ପାଠ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଲିଖିତ ପ୍ଲାକାର୍ଡ ଧରି ଚଣ୍ଡେଶ୍ୱର ବଜାର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

# ବିଭିନ୍ନ ସମସ୍ୟା ଉପରେ ପର୍ଯ୍ୟାଲୋଚନା

## ପଞ୍ଚାୟତ ସମିତି ବୈଠକ

ସାକ୍ଷୀଗୋପାଳ, ୨୧।୧୧ (ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକ ସଭା ଗୃହରେ ୪ର୍ଥ ପଞ୍ଚାୟତ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ବୈଠକରେ ଅଧ୍ୟକ୍ଷତା କରି ସମିତିର ସଦସ୍ୟ ଓ ବିଭାଗୀୟ ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ବିଡିଓ ଲୋଚନ ଦାଶ ବୈଠକ ପରିଚାଳନା କରିଥିଲେ। ତହସିଲଦାର ଜୟନ୍ତ କୁମାର ଜୟସିଂ, ଉପାଧ୍ୟକ୍ଷା ନିବେଦିତା, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ପାତ୍ର, ବିଦ୍ୟୁତ, କୃଷି, ଉଦ୍ୟାନ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ପାନୀୟ, ପଶୁସମ୍ପଦ ବିଭାଗର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ପର୍ଯ୍ୟାଲୋଚନା କରିଥିଲେ। ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଅନୁପସ୍ଥିତ ସମ୍ପର୍କରେ ଫଟୋ ଭାଇରାଲ ହୋଇଥିଲା। ଏହାର ସତ୍ୟତା ସମ୍ପର୍କରେ ସଭାରେ ୩୨ ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରଶ୍ନ ଉଠାଇଥିଲେ। ସେହିପରି ପୂର୍ବ ବୈଠକର ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଫନୀରେ ନଡ଼ିଆ ଗଛ କ୍ଷତିଗ୍ରସ୍ତ ଚାଷୀମାନଙ୍କ ତାଲିକା ପ୍ରଦାନ କରିବା ପାଇଁ ଉଦ୍ୟାନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟୁତ ବିଭାଗର ମନମୁଖି ପରିଚାଳନା ଓ ଅଘୋଷିତ ବିଦ୍ୟୁତ୍ କାଟର କାରଣ ନେଇ ବିଭାଗୀୟ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ସହ ବିଦ୍ୟୁତ ସଂଯୋଗ କାମ ଶୀଘ୍ର ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟର ଅବଧି ୨୦୧୯ ଆର୍ଥିକ ବର୍ଷରୁ ସାରିଥିଲେ ମଧ୍ୟ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ଆଗକୁ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନେତୃତ୍ୱରେ ଏକ ଟିମ ଜିଲାପାଳଙ୍କୁ ଭେଟିବା ପାଇଁ ସ୍ଥିର କରାଯାଇଛି। ପୂର୍ବପରି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବୈଠକରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ଖବର ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନେ ସଭାଗୃହରୁ ବାହରକୁ ଯିବାପରେ ଆଲୋଚନା କରାଯିବ ବୋଲି ବୈଠକରେ ବିଡିଓ ଘୋଷଣା କରିବାକୁ ନେଇ ଖବରଦାତା ଅସନ୍ତୋଷ ବ୍ୟକ୍ତ କରିଥିଲେ। ଖବରଦାତାମାନେ ବିଡିଓ ଦାଶଙ୍କୁ ଭେଟି ଆଲୋଚନା କରିଥିଲେ। ସଂକୀର୍ଣ୍ଣ ସଭାଗୃହରେ ସ୍ଥାନାଭାବ ଯୋଗୁ ଉପୁଜିଥିବା ଏହି ସମସ୍ୟା ଆଗକୁ ଘଟିବ ନାହିଁ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅନୁପସ୍ଥିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ଜୁଆଆଡ୍ଡାରେ ଚଢ଼ାଉ: ୩୦ ଗିରଫ

କଟକ ଅଫିସ,୨୧।୧୧

କମିଶନରେଟ୍ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ଜଗତ୍‌ପୁର ଥାନା ଅଧୀନ ପାଗାସାହିର ଏକ ଜୁଆଆଡ୍ଡାରେ ରବିବାର ଚଢ଼ାଉ କରି ୩୦ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ପୁରୀ, ଖୋର୍ଦ୍ଧା ଓ କଟକ ଜିଲା ଅଧୀନ ବିଭିନ୍ନ ଅଞ୍ଚଳର ବୋଲି ଜଣାପଡିଛି। ଜୁଆରେ ବ୍ୟବହୃତ ୧୬ ପ୍ୟାକେଟ ତାସ, ଏକ ପ୍ଲାଷ୍ଟିକ ଜାରରେ ଥିବା ଖେଳରେ ବ୍ୟବହୃତ ଟୋକନ, ୩୧ ମୋବାଇଲ ଫୋନ୍, ୪ ବାଇକ୍ ଓ ୮ ଲକ୍ଷ ୪ ହଜାର ୮ ଶହ ଟଙ୍କା ଜବତ କରାଯାଇଛି। ଚଢ଼ାଉ ସମୟରେ ଜୁଆ ଖେଳର ମାଷ୍ଟର ମାଇଣ୍ଡ ଓ. କ୍ରିଷ୍ଣା ରାଓ(୪୪)ଙ୍କ ସମେତ ଅନ୍ୟମାନଙ୍କୁ ପୋଲିସ କାବୁ କରିଥିଲା। କ୍ରିଷ୍ଣା ଜଣେ ପେସାଦାର ଜୁଆ ଖେଳାଳି। ପୂର୍ବରୁ ସେ ଅନେକ ଥର ଗିରଫ ହୋଇ ଜେଲ ଯାଇଥିବା ଏସିପି ଅରୁଣ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଆଇଟିବିପିରୁ ସାଇକେଲ ଯାତ୍ରା ଶୁଭାରମ୍ଭ

ଖୋର୍ଦ୍ଧା ଅଫିସ,୨୧।୧୧

ଇଣ୍ଡୋ ତିବତିଆନ ବର୍ଡର ପୋଲିସ (ଆଇଟିବିପି)ର ୪୧ତମ ବାହିନୀ ଆନୁକୂଲ୍ୟରେ ୫ଦିନ ବ୍ୟାପୀ ସାଇକେଲ ଏକ୍ସପେଡିଶନ 'ଲକ୍ଷ୍ୟ' ଉଦ୍‌ଘାଟିତ ହୋଇଯାଇଛି। ସୋମବାର ଆଇଟିବିପି ପରିସରରୁ ଏହାକୁ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଆଇଟିବିପିର ପବନ ସିଂ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ଅତିଥିଭାବେ ଯୋଗଦେଇଥିଲେ। ବିନୋଦ କୁମାର ଏହି ସାଇକେଲ ଅଭିଯାନ ଦଳର ନେତୃତ୍ୱ ନେଇଥିବା ବେଳେ ୧୨ଜଣ ଅଂଶଗ୍ରହଣ କରିଛନ୍ତି। ଏହି ସାଇକେଲ ଶୋଭାଯାତ୍ରା ମାର୍ଗରେ ପଡୁଥିବା ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଲୋକଙ୍କୁ ଶାରୀରିକ, ମାନସିକସ୍ତରରେ ସୁସ୍ଥତା ସମ୍ପର୍କରେ ସଚେତନ କରିବ। ଏଥିସହିତ ପର୍ଯ୍ୟାବରଣ ସୁରକ୍ଷା, ପ୍ରଦୂଷଣକୁ ରୋକିବା, ସ୍ୱଚ୍ଛ ଭାରତ ମିଶନ, ଫିଟ୍ ଇଣ୍ଡିଆ ସମ୍ପର୍କରେ ସୂଚନା ପ୍ରଦାନ କରିବେ। ଏତଦ୍ ବ୍ୟତୀତ ଟିମ୍ ଦ୍ୱାରା ସ୍କୁଲଗୁଡ଼ିକରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରାଥମିକ ଉପଚାର ବିଷୟରେ ମଧ୍ୟରେ ସୂଚନା ଦିଆଯିବ। ଏହି ସାଇକେଲ ଯାତ୍ରା ଖୋର୍ଦ୍ଧା, ପୁରୀ, କୋଣାର୍କ, କଟକ ଓ ଭୁବନେଶ୍ୱର ହୋଇ ପ୍ରାୟ ୧୭୬ କିମି ଯାତ୍ରା କରି ୪୧ତମ ବାହିନୀ ଖୋର୍ଦ୍ଧାରେ ପହଞ୍ଚିବ ବୋଲି ସୂଚନା ଦିଆଯାଇଛି।



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପତାକା ଦେଖାଇ ସାଇକେଲ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

### 'ଓଡ଼ିଆ ପୁସ୍ତକ ଅନ୍ୟ ଭାଷାରେ ଅନୂଦିତ ହେବା ଜରୁରୀ'

ଖୋର୍ଦ୍ଧା ଅଫିସ,୨୧।୧୧

ଆମରି ସତ୍ୟ ବିକାଶ ପରିଷଦ ପକ୍ଷରୁ 'ଅନୁବାଦ ସାହିତ୍ୟ' ଉପରେ ଏକ ଆଲୋଚନାଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟଠାରେ ଡ. ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତା ଏବଂ ସମରଜିତ୍ ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁଭାଷ ଶତପଥୀ ଯୋଗଦେଇ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକ ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି କହିଥିଲେ। ଅନୁବାଦକ ଆଶିଷ ରାୟଙ୍କ ମତରେ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକ ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି। ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଭିଡିଓ ନାଟ୍ୟଶିଳ୍ପୀ ସମରଜିତ୍ ପଟ୍ଟନାୟକ, ଗାଳ୍ପିକ ସୁନୀଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରାହୀ, ସାହିତ୍ୟ ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, କାଶୀନାଥ ଦାସ, ଆଦିନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜବାହରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ଜନଶୁଣାଣି ଶିବିରରେ ୫୨୮ ଅଭିଯୋଗ



ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ ଏବଂ ଅନ୍ୟ ଅଧିକାରୀ।

ବେଗୁନିଆ,୨୧।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କାର୍ଯ୍ୟାଳୟ ଅଭ୍ୟର୍ଥନା ପ୍ରକୋଷ୍ଠ ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୫୨୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୫୨୫ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗ ରହିଥିଲା। ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ଟ୍ରାଇସାଇକେଲ ଏବଂ ଦୁଇଜଣଙ୍କୁ ହୁଇଲ୍ ଚେୟାର ବଣ୍ଟନ କରାଯାଇଛି। ସେହିପରି ରେଡ୍‌କ୍ରସ ପାଣ୍ଠିରୁ ଜଣଙ୍କୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକୁ ବିଭିନ୍ନ ବିଭାଗର ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ, ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ଓ ଏନ୍‌ଏସି ମାନ୍ୟତା ଦାବିକୁ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ପୁନର୍ବାର ଅଭିଯୋଗ କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସମେତ ଜିଲା ଓ ବ୍ଲକର ବହୁ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

### ବିଡିଓଙ୍କ ବିରୋଧରେ ଅଭିଯୋଗ ଆଣିଲେ ଜନପ୍ରତିନିଧି

ବେଗୁନିଆ,୨୧।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବିଡିଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ମନଇଚ୍ଛା କରୁଛନ୍ତି। ଏନେଇ ବ୍ଲକ ଅଧ୍ୟକ୍ଷଙ୍କ ନେତୃତ୍ୱରେ କେତେକ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏକ ଅଭିଯୋଗପତ୍ର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ଗତ ୮ମାସ ମଧ୍ୟରେ ଗୋଟିଏ ଥର ସମିତି ବୈଠକ କରାଯାଇଛି। ସମିତିର ଉନ୍ନତି ପାଇଁ ଆସୁଥିବା ଅନୁଦାନ ଓ ତାହାର ବ୍ୟୟର ହିସାବ ମାଗିଲେ ବିଡିଓ ଦେବାକୁ ମନା କରୁଛନ୍ତି। ସେହିପରି ୫-ଟି ଅନ୍ତର୍ଭୁକ୍ତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଶାସକ ଦଳର କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ହାତରେ ବିଡିଓ ଆଦେଶନାମା ପତ୍ର ଧରାଇ ଦେଉଛନ୍ତି ବୋଲି ସିକୋ ସମିତିସଭ୍ୟ, ପୋଢ଼ାଡିହ ସରପଞ୍ଚ, ବଡ଼ବେରଣା ସରପଞ୍ଚ, ବୋତଲମା ସମିତିସଭ୍ୟ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି ବିଡିଓ କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୨ ନଭେମ୍ବର, ୨୦୨୨



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, କଳିଙ୍ଗ ଡାକ୍ତରଖାନା ଛକ, ପୂର୍ବାହ୍ନ ୯ଟା।
- ପ୍ରଦର୍ଶନୀ ମେଳା 'ମୋଦି ଆର୍ଟ୍ ୨୦'ର ଉଦ୍‌ଘାଟନୀ, ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ପୂର୍ବାହ୍ନ ୧୧ଟା।
- ଜନସମାବେଶ ଏବଂ ସଭା, ଆଦିବାସୀ ଗାଁ ଫୁଟବଲ୍ ଗ୍ରାଉଣ୍ଡ, ସାଲିଆ ସାହି, ଅପରାହ୍ନ ୨ଟା।

କଟକ
- ଚତୁର୍ଥ ଜିଲା ପରିଷଦ ବୈଠକ, ଜିଲାପାଳଙ୍କ କାର୍ଯ୍ୟାଳୟର ନୂତନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

## ହୋଟେଲ ଶିଡ଼ିରୁ ଖସି ଯୁବକ ମୃତ

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ କେଶୁରା ନିକଟ ଏକ ହୋଟେଲରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଝାରପଡା ଅଞ୍ଚଳର ସଚିନ ମୋଡା (୨୫)। ସଚିନ ଭାରସାମ୍ୟ ହରାଇ ଶିଡ଼ିରୁ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ ୮୧/୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାନୁସାରେ, ସଚିନ, ମାଉସୀ ପୁଅ ଭାଇ ଓ ଜଣେ ସାଙ୍ଗ ଏକ ପାର୍ଟି କରିବାକୁ ଗୋଟିଏ ରାତି ପାଇଁ ଉକ୍ତ ହୋଟେଲର ଏକ ରୁମ୍ ବୁକ କରିଥିଲେ। ସକାଳୁ ହୋଟଲ ଚେକ୍‌ଆଉଟ୍ ପରେ ଘରକୁ ବାହାରୁଥିଲେ। ହେଲେ ପାଦ ଖସିଯିବାରୁ ସଚିନ ଶିଡ଼ିରୁ ସିଧା ତଳକୁ ଗଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ରକ୍ତ ବାହାରି ଥିଲା। ଏହାପରେ ଚିକିତ୍ସା ଲାଗି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଉଥିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସହ ଥିବା ଅନ୍ୟମାନେ ଶହୀଦନଗର ଥାନାକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅତ୍ୟଧିକ ନିଶାଗ୍ରସ୍ତ ଥିବାରୁ ସଚିନ ଶିଡ଼ିରୁ ଖସିପଡ଼ିଥିବା ପୋଲିସ ଅନୁମାନ କରୁଛି। ଏନେଇ ପରିବାର ପକ୍ଷରୁ କାହାକୁ ଦାୟୀ କରାଯାଇନାହିଁ।

## ସାଇବର ଠକଙ୍କଠାରୁ ସମ୍ପୂର୍ଣ୍ଣ ଟଙ୍କା ଫେରାଇ ଆଣିଲା ପୋଲିସ

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ):** ସାଇବର ଠକଙ୍କ ନିକଟରୁ ସାଇବର ଅପରାଧ ଓ ଅର୍ଥନୈତିକ ଶାଖା ପୋଲିସ ଟଙ୍କା ଫେରାଇ ଆଣିବାରେ ସଫଳ ହୋଇଛି। ପାନ୍ କାର୍ଡ ଅପଡେଟ୍ କରୁଥିବା ସମୟରେ ବିଷ୍ଣୁ ଚରଣ ନାମକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ସାଇବର ଠକ ୯୯ ହଜାର ୯୯୯ ଟଙ୍କା ଠକି ନେଇଥିଲେ। ଏନେଇ ବିଷ୍ଣୁ ସଙ୍ଗେ ସଙ୍ଗେ ସାଇବର ଅପରାଧ ଓ ଅର୍ଥନୈତିକ ଶାଖା ଥାନାକୁ ଯାଇ ଘଟଣା ବିଷୟରେ କହିଥିଲେ। ପୋଲିସ ମାମଲାର ତଦନ୍ତ କରି ଅଭିଯୋଗର ୭୨ ଘଣ୍ଟା ଭିତରେ ସମ୍ପୂର୍ଣ୍ଣ ଠକେଇ ଟଙ୍କା ଫେରାଇ ଆଣିବାରେ ସଫଳ ହୋଇଛି। ସୂଚନାନୁସାରେ, ଓଲ୍ଡଟାଉନ୍ ଅଞ୍ଚଳର ବିଷ୍ଣୁଙ୍କ ପାଖକୁ ପାନ୍ କାର୍ଡ ଆପ୍ ଅପଡେଟ କରିବା ପାଇଁ ଏକ ମେସେଜ୍ ସହ ଲିଙ୍କ ଆସିଥିଲା। ବିଷ୍ଣୁ ଉକ୍ତ ଲିଙ୍କ୍‌ରେ କ୍ଲିକ କରିବା ପରେ ଏକ ଓଟିପି ଆସିଥିଲା। ଏହାପରେ ସାଇବର ଠକ ଜଣକ କଲ୍ କରି ଓଟିପି ଦେଲେ ଅପ୍‌ଡେଟ ହୋଇଯିବ ବୋଲି କହିଥିଲେ। ବିଷ୍ଣୁ ଓଟିପି ନମ୍ବର ଦେବାମାତ୍ରେ ତାଙ୍କ ଆକାଉଣ୍ଟରୁ ୯୯ ହଜାର ୯୯୯ ଟଙ୍କା କଟି ଯାଇଥିଲା। ତେବେ ଉକ୍ତ ଟଙ୍କା ପେଟିଏମ୍ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଥିଲା। ପରେ ପୋଲିସ ପେଟିଏମ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବା ସହ ବ୍ୟାଙ୍କକୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଥମେ ଉକ୍ତ ଟଙ୍କାକୁ ହୋଲ୍ଡ କରାଯିବା ପରେ ଫେରସ୍ତ ଅଣାଯାଇଥିଲା।

# ପୁଣି ୩ ଦିନିଆ ରିମାଣ୍ଡରେ ଖଗେଶ୍ୱର

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

### ବ୍ଲାକ୍‌ମେଲର ଅର୍ଚ୍ଚନାଙ୍କ ଠକେଇ ମାମଲା

- ଜେରା ହୋଇପାରନ୍ତି ନୋଟିସ ପାଇଥିବା ନେତା, ବ୍ୟବସାୟୀ, ଅଧିକାରୀ
- ଜବତ ସାମଗ୍ରୀ ଦାଖଲ ପାଇଁ ପୋଲିସକୁ ନୋଟିସ ସୂଚନା

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବିଜ୍‌ନେସ୍ ପାର୍ଟନର ଖଗେଶ୍ୱର ପାତ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୋମବାର ପୁଣି ୩ ଦିନିଆ ରିମାଣ୍ଡରେ ନେଇଛି। ଗତ ୧୧ ତାରିଖରୁ ୧୦ ଦିନିଆ ରିମାଣ୍ଡରେ ଥିବା ଖଗେଶ୍ୱରଙ୍କୁ ଜେରା କରାଯାଇ ଅର୍ଚ୍ଚନାଙ୍କ କଳାସାମ୍ରାଜ୍ୟର ବେଆଇନ ଆର୍ଥିକ କାରବାର ନେଇ ବହୁ ତଥ୍ୟ ହାସଲ ହୋଇଥିଲା। ରିମାଣ୍ଡ ଅବଧି ସରିବା ପରେ ଇଡି ତାଙ୍କୁ ସୋମବାର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟଙ୍କ ନିକଟରେ ହାଜର କରି ପୁଣି ୫ଦିନ ପାଇଁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ହେଲେ କୋର୍ଟ ୩ଦିନ ପାଇଁ ଅନୁମତି ଦେଇଛନ୍ତି। ଏହି ୩ ଦିନ ରିମାଣ୍ଡ ଅବଧି ମଧ୍ୟରେ ଖଗେଶ୍ୱରଙ୍କୁ ମାରାଥନ ଜେରା କରିବ ଇଡି। ଏଥିସହ ଅର୍ଚ୍ଚନା ଓ ଖଗେଶ୍ୱରଙ୍କୁ ରିମାଣ୍ଡରେ ଆଣି ୩ଜଣଙ୍କୁ ସାମ୍ନାସାମ୍ନି ଜେରା କରାଯାଇପାରେ ବୋଲି ସୂଚନା ମିଳୁଛି।


ଖଗେଶ୍ୱର ପାତ୍ର

ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ସହ ଆର୍ଥିକ କାରବାର କରିଥିବା ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଇଡି ନୋଟିସ୍ କରିଥିବାବେଳେ ସେମାନେ ଜେରାର ସାମ୍ନା କରିବେ। ନୋଟିସ୍ ତାଲିକାରେ ବଡ଼ବଡ଼ିଆ ନେତା, ଆଇପିଏସ୍ ଅଧିକାରୀ ଓ ବ୍ୟବସାୟୀ ପ୍ରମୁଖ ରହିଛନ୍ତି। ସେମାନେ ଜଣକ ପରେ ଜଣେ ମଙ୍ଗଳବାର କିମ୍ବା ବୁଧବାରଠାରୁ ଇଡି ଅଫିସ ଆସି ଜେରା ହୋଇପାରନ୍ତି। ଅପରପକ୍ଷରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ନିକଟରୁ ଜବତ ଲାପ୍‌ଟପ୍, ମୋବାଇଲ ଫୋନ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌କୁ ଦାଖଲ ପାଇଁ କମିଶନରେଟ ପୋଲିସକୁ ଇଡି ନୋଟିସ୍ କରିଥିବା ସୂଚନା ମିଳିଛି। ତେଣୁ ଆଗାମୀ ଦିନରେ ଏହି ମାମଲା ଭିନ୍ନ ମୋଡ଼ ନେଇପାରେ ବୋଲି କୁହାଯାଉଛି।

# ଆଇଏନ୍‌ଆଇଏଫ୍‌ଡିରେ ଫେଶନ୍ ଡିଜାଇନର୍ ଆସ୍‌ଲେ



ଆଇଏନ୍‌ଆଇଏଫ୍‌ଡିରେ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କ ସହ ଫେଶନ୍ ଡିଜାଇନର୍ ଆସ୍‌ଲେ ରେବେଲୋ।

**ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ)**

ବିଶିଷ୍ଟ ଫେଶନ୍ ଡିଜାଇନର୍ ଆସ୍‌ଲେ ରେବେଲୋ ଭୁବନେଶ୍ୱରସ୍ଥିତ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେଶନଡିଜାଇନ୍(ଆଇଏନ୍‌ଆଇଏଫ୍‌ଡି) ପରିଦର୍ଶନ କରିଥିଲେ। ଏକ ସ୍ୱତନ୍ତ୍ର ଡିଜାଇନ କର୍ମଶାଳାରେ ଅଂଶଗ୍ରହଣ କରିବା ସହ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ବିଶ୍ୱ ସ୍ତରୀୟ ମଞ୍ଚରେ ଆଇଏନ୍‌ଆଇଏଫ୍‌ଡି ଛାତ୍ରୀଛାତ୍ରଙ୍କ ପ୍ରତିନିଧିତ୍ୱ ଦେଖି ସେ ଖୁବ୍ ଉଲ୍ଲସିତ ବୋଲି କହିଥିଲେ। ନ୍ୟୁୟର୍କ ଫେଶନ ୱିକ୍‌ଠାରୁ ଆରମ୍ଭ କରି ଲଣ୍ଡନ ଫେଶନ ୱିକ୍ ଏବଂ ଲାକ୍‌ମି ଫେଶନ ୱିକ୍‌ରେ ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରିବା ସହ ଡିଜାଇନ ଦୁନିଆକୁ ନିଜର ପ୍ରତିଭା ଦେଖାଇଛନ୍ତି। ଏହି ଅଧିବେଶନ ଦ୍ୱାରା ଛାତ୍ରୀଛାତ୍ର ସେମାନଙ୍କ ଜାତୀୟ ଓ ଆନ୍ତର୍ଜାତିକ ଫେଶନ ୱିକ୍ ଲାଗି କରୁଥିବା ପ୍ରସ୍ତୁତି ପାଇଁ ବିଶେଷ ଭାବେ ଉପକୃତ ହେବେ ବୋଲି ଆସ୍‌ଲେ କହିଥିଲେ। ଏଥିସହ ନିଜର ବିଭିନ୍ନ ପ୍ରକଳ୍ପର ଡିଜାଇନ ସମ୍ପର୍କରେ ସେ ଆଲୋଚନା କରିଥିଲେ। ସଲମାନଙ୍କ ପାଇଁ 'ଟାଇଗର ଜିନ୍ଦା ହୈ ୩', ଆଗାମୀ ଫିଲ୍ମ 'କିସି କା ଭାଇ କିସି କି ଜାନ୍' ଏବଂ 'କିକ୍ ୨' ଭଳି ପ୍ରକଳ୍ପରେ ଆସ୍‌ଲେ କାର୍ଯ୍ୟ କରୁଛନ୍ତି। ବିଗ୍‌ବସ୍ ୧୬ରେ ମଧ୍ୟ ସେ ସଲମାନ୍ ଖାନଙ୍କ ପାଇଁ ଡିଜାଇନ୍ ପ୍ରସ୍ତୁତ କରିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଡେଲାଙ୍ଗ,୨୧।୧୧(ଡି.ଏନ୍.ଏ.)**

ଡେଲାଙ୍ଗ ଥାନା ଅଞ୍ଚଳର ସାନଆଙ୍ଗୁଲା ଗ୍ରାମରେ ରବିବାର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାନଆଙ୍ଗୁଲା ଗ୍ରାମର ଭାସ୍କରଚନ୍ଦ୍ର ପ୍ରଧାନ(୭୫)। ରବିବାର ସନ୍ଧ୍ୟାରେ ଭାସ୍କରଚନ୍ଦ୍ର ଗ୍ରାମ ପୋଖରୀକୁ ଶୌଚ ହେବାପାଇଁ ଯାଇଥିଲେ। ହେଲେ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କିଛିସମୟ ଅନ୍ତରାଳେ ପୋଖରୀ ତୁଠରେ ସାଇକେଲ ଓ ଚପଲ ଦେଖି ସନ୍ଦେହ ହୋଇଥିଲା। ପୋଖରୀକୁ ଦେଖିବାବେଳେ ସେ ପଡିଥିବା ଦେଖି ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡେଲାଙ୍ଗ ଥାନାରେ ନଂ.୧୦/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏଏସଆଇ ଯୁଗଳ କିଶୋର ଜେନା କହିଛନ୍ତି । ପୋଲିସ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଛି।

# ଝୁଲା ପୋଲ ଅନିଶ୍ଚିତତା, ନୂଆ ବ୍ରିଜ୍‌କୁ ଅପେକ୍ଷା

**ଖୁଣ୍ଟୁଣୀ,୨୧।୧୧(ଡି.ଏନ୍.ଏ.)**

କଟକ ଜିଲା ଆଠଗଡ଼ ବ୍ଲକ ଅନ୍ତର୍ଗତ ମଞ୍ଜେଶ୍ୱର ନିକଟ ମହାନଦୀ ପଠାରେ ଥିବା ଧବଳେଶ୍ୱରଙ୍କ ପୀଠକୁ ସଂଯୋଗ କରୁଥିବା ଝୁଲା ପୋଲ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରହିଛି। କେବେ ମରାମତି ହୋଇ ଭକ୍ତମାନେ ଯାତାୟାତ କରିବା ସହ ଠାକୁରଙ୍କୁ ଦର୍ଶନ କରିବେ ତାହାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏହାକୁ ନେଇ ଭକ୍ତ, ସେବାୟତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏ ପରିସ୍ଥିତିରେ ନୂଆ ବ୍ରିଜ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଝୁଲାପୋଲଠାରୁ କିଛି ଦୂର ପାଇକରାପୁର ନିକଟରେ ଏକ କଂକ୍ରିଟ ବ୍ରିଜ୍ ନିର୍ମାଣ ହେଉଛି। ଆଉମାତ୍ର ଦୁଇ ତିନି ମାସ ମଧ୍ୟରେ ଶେଷ ହୋଇଯିବ ବୋଲି ଆଶା କରାଯାଉଛି। ଏହାପରେ ଆଉ ଝୁଲାପୋଲ ନା ଡଙ୍ଗା କି ଲଞ୍ଚ ଉପରେ ନିର୍ଭର କରିବାକୁ ପଡିବନି। ଲୋକେ ଗାଡିମୋଟରରେ ସିଧାସଳଖ ପୀଠକୁ ଯିବେ। ଏହି ବ୍ରିଜ ପାଇଁ ବ୍ୟୟ ଅଟକଳ ସାଢ଼େ ୨୩ କୋଟି ଟଙ୍କା ରହିଛି। ବ୍ରିଜର ଲମ୍ବ ୨୪୦ ମିଟର ଓ ଚଉଡ଼ା ସାଢେ ୫ ମିଟର ରହିଥିବା ବେଳେ ଏହା ୭ଟି ପିଲାର ଉପରେ ରହିବ ବୋଲି ଆରଡି ବିଭାଗର ଜଣେ ଅଧିକାରୀ କହିଛନ୍ତି। ରାଜଲକ୍ଷ୍ମୀ କନଷ୍ଟ୍ରକଶନ ଠିକାଦାରି ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେଇଛି। ଇତିମଧ୍ୟରେ ସମସ୍ତ ପିଲାର ନିର୍ମାଣ କାମ ସରିଥିବାବେଳେ ଉଭୟ ପାର୍ଶ୍ୱର ଗୁଟ୍ ପିଲାର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।


ଧବଳେଶ୍ୱର ପୀଠକୁ ସଂଯୋଗ ପାଇଁ ନିର୍ମାଣାଧିନ ବ୍ରିଜ୍।

- ଖର୍ଚ୍ଚ ହେବ ସାଢ଼େ ୨୩ କୋଟି ଟଙ୍କା
- ଜୋରସୋରରେ ଚାଲିଛି ନିର୍ମାଣ କାର୍ଯ୍ୟ

ଏହି ପୋଲ ଉପରେ ଟୋଲ ଟ୍ୟାକ୍ସ ନିଆଯିବ କି ନାହିଁ ତାହା ପରବର୍ତ୍ତୀ ସମୟରେ ବିଭାଗ ସ୍ଥିର କରିବ। ପୋଲ କାମ ଆଗାମୀ ମାର୍ଚ୍ଚ ମାସ ପୂର୍ବରୁ ସାରିବାକୁ ଲକ୍ଷ୍ୟ ରଖାଯାଇଛି। କାମ ତ୍ୱରାନ୍ୱିତ କରିବାକୁ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିବା ଅଧିକାରୀ ଜଣକ କହିଛନ୍ତି। ତେବେ ଝୁଲାପୋଲ ବନ୍ଦ ରହିଥିବାରୁ ଧବଳେଶ୍ୱର ପୀଠକୁ ଭକ୍ତମାନେ ଯାଇ ନ ପାରି ଠାକୁର ଦର୍ଶନରୁ ବଞ୍ଚିତ ହୋଇ ରହିଛନ୍ତି। ବ୍ରିଜ ନିର୍ମାଣ ପୂର୍ବରୁ ଝୁଲାପୋଲର ଆବଶ୍ୟକ ମରାମତି କରାଯାଇ ପୁନଃ ଚଳାଚଳ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରକାଶ ଥାଉକି, ଗୁଜରାଟ ଝୁଲାପୋଲ ଦୁର୍ଘଟଣା ପରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଧବଳେଶ୍ୱର ଝୁଲାପୋଲର ଯାଞ୍ଚ କରାଯାଇଥିଲା। ଝୁଲାପୋଲର ଲୁହା ତାର ସରିଯାଇଥିବା, ବିମ୍ ଛାଡ଼ିଯିବା, ଷ୍ଟାଣ୍ଡ ସବୁ ଦୁର୍ବଳ ହୋଇଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଜଣାପଡ଼ିଥିଲା। ଫଳରେ ଝୁଲାପୋଲର ମରାମତି ଆବଶ୍ୟକ ଥିବା ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଉଭୟ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଏହି ପୋଲକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ କରାଯାଇଥିଲା। କେବଳ ପୂଜକ ସମାଜର ଠାକୁରଙ୍କ ଦୈନିକ ନୀତି ପାଇଁ ଯିବା ବ୍ୟତୀତ କୌଣସି ଭକ୍ତ ପୀଠକୁ ଯିବା ଆସିବା ନିଷେଧ ରହିଛି। ବ୍ରିଜ ସମ୍ପୂର୍ଣ୍ଣ ହେଲେ ଆଉ ଅସୁବିଧା ରହିବ ନାହିଁ ବୋଲି ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ କହିଛନ୍ତି। ଅନ୍ୟପଟେ ସପ୍ତାହେ ହେବ କଂକ୍ରିଟ ବ୍ରିଜ କାମ ବନ୍ଦ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଦୀପ


@ ପବିତ୍ର


@ ଶିଶିରକାନ୍ତ


@ ପ୍ରଶାନ୍ତ


@ ଚନ୍ଦନେଶ୍ୱର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଶ୍ରୀମନ୍ଦିର ଗର୍ଭଗୃହ ଏବଂ ରତ୍ନସିଂହାସନରୂଢ଼ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଥିବା ଫଟୋ ଓ ଭିଡିଓ ଭାଇରାଲ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସୋମବାର ପୁରୀ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



'ସ୍ଥାୟୀ ନିଯୁକ୍ତି, ଠିକାରୁ ମୁକ୍ତି' ଦାବିରେ ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।

# ଶିଶୁ ବଳି ଯୋଜନା ପଣ୍ଡ

## ତଥାକଥିତ ତାନ୍ତ୍ରିକ ଓ ଦମ୍ପତିଙ୍କ ସମେତ ୩ ଗିରଫ, ଅପହୃତ ଶିଶୁ ଉଦ୍ଧାର

ଦେବଗଡ଼,୨୧।୧୧(ଡି.ଏନ.ଏ)

ମହାଦେବଙ୍କ ଦର୍ଶନ ପାଇଁ ଶିଶୁ ବଳି ଯୋଜନା ସହ ଜଣେ ଶିଶୁଙ୍କୁ ଅପହରଣ କରିବା ଅଭିଯୋଗରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଏକ ଦମ୍ପତି ଓ ଜଣେ ତଥାକଥିତ ତାନ୍ତ୍ରିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମାତ୍ର ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କିଛିମାସ ପୂର୍ବେ ଦେବଗଡ ଥାନା ଅନ୍ତର୍ଗତ ଖଣ୍ଡାଧୂଆଁ ଗ୍ରାମର ନିରଞ୍ଜନ ନାୟକଙ୍କ ସ୍ତ୍ରୀ ବନିତାଙ୍କୁ କୁଆଡେ ସ୍ୱପ୍ନାଦେଶ ହୋଇଥିଲା ଯେ, ନିକଟସ୍ଥ ଗଳଖାଇର ଏକ ମହୁଲ ଗଛ ମୂଳରେ ପୂଜା କଲେ ସ୍ୱୟଂ ଦେବଦେବ ମହାଦେବ ପ୍ରକଟ ହେବେ। ଏହି ସ୍ୱପ୍ନାଦେଶ ପରେ ବନିତା ଓ ତାଙ୍କ ସ୍ୱାମୀ ନିରଞ୍ଜନ ମହୁଲ ଗଛ ମୂଳରେ ପୂଜାର୍ଚ୍ଚନା କରିବା ଆରମ୍ଭ କରିଥିଲେ। ଗତ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଓ ଶନିବାର ସେଠାରେ ଫୁଲ, ବେଲପତ୍ର, ସିନ୍ଦୂର ଆଦି ଅର୍ପଣ କରୁଥିଲେ। ଏହା ସତ୍ତ୍ୱେ ମହାଦେବ ପ୍ରକଟ ନ ହେବାରୁ ଉକ୍ତ ଦମ୍ପତି ତାନ୍ତ୍ରିକ ବୋଲାଇ ଲୋକଙ୍କୁ ଭୂଆଁ ବୁଲାଉଥିବା ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ରାଇପାଳ ଗ୍ରାମର ତ୍ରିନାଥ ବେହେରାଙ୍କ ଆଶ୍ରୟ ନେଇଥିଲେ। ଉକ୍ତ ମହୁଲ ଗଛମୂଳେ କୌଣସି ଶିଶୁକୁ ବଳି ଦେଲେ ସ୍ୱୟଂ ମହାଦେବ ଆବିର୍ଭାବ ହେବେ ବୋଲି ତାନ୍ତ୍ରିକ ତ୍ରିନାଥ ପରାମର୍ଶ ଦେଇଥିଲେ। ଏହାକୁ ସାକାର ରୂପ ଦେବାପାଇଁ ଯୋଜନା



ଶିଶୁ ବଳି ପାଇଁ ଖୋଳାଯାଇଥିବା ଗାତ।



ଶିଶୁ ବଳି ଯୋଜନା କରି ଗିରଫ ହୋଇଥିବା ନିରଞ୍ଜନ ନାୟକ ଓ ତ୍ରିନାଥ ବେହେରା।

ପ୍ରସ୍ତୁତ ହୋଇଥିଲା। ସେହିପରି ଏହି ଯୋଜନା ଅନୁଯାୟୀ ତଥାକଥିତ ତାନ୍ତ୍ରିକ ତ୍ରିନାଥ, ନିରଞ୍ଜନ ଓ ବନିତା ମିଳିତ ସହଯୋଗରେ ଉକ୍ତ ମହୁଲଗଛ ମୂଳେ ପ୍ରାୟ ୪ଫୁଟ ଗଭୀର ଓ ୩ ଫୁଟ ଓସାରର ଗାତ ଖୋଳିଥିଲେ। ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଖଣ୍ଡାଧୂଆଁ ଗ୍ରାମର ରାଜୁ ନାୟକଙ୍କ ସ୍ତ୍ରୀ ତାଙ୍କର ୬ ବର୍ଷର ଶିଶୁପୁତ୍ର ସହ ନିକଟସ୍ଥ ଏକ ନାଳକୁ ଯାଇଥିଲେ। ଶିଶୁ ପୁତ୍ରକୁ ରାସ୍ତାରେ ଠିଆ ହେବାକୁ କହି ସେ ନାଳକୁ ଯାଇଥିବାବେଳେ ଶୌଚ ସାରି ଫେରିବା ବେଳକୁ ଶିଶୁ ପୁତ୍ର ସେଠାରେ ନ ଥିଲା। ସେ ଏଣେତେଣେ ବହୁ ଖୋଜିଥିଲେ। ଶିଶୁଟିର କୌଣସି ସନ୍ଧାନ ନ ମିଳିବାରୁ ନିରାଶ ହୋଇ ଚିତ୍କାର କରି ଲୋକଙ୍କର ସହାୟତା ଲୋଡିଥିଲେ। ଖଣ୍ଡାଧୂଆଁ ସମେତ ଆଖପାଖ ଗ୍ରାମର ବହୁ ଲୋକ ସେଠାରେ ରୁଣ୍ଡ ହୋଇ ଶିଶୁକୁ ଖୋଜିବାକୁ ଯାଉଥିବାବେଳେ ଶିଶୁ କାନ୍ଦି କାନ୍ଦି ଫେରୁଥିବା ଦେଖି ଉଦ୍ଧାର କରିଥିଲେ। ଶିଶୁ ପାଟିରେ ହାତ ଚାପି ଅପହରଣ କରାଯାଇଥିବା, ଜୋରରେ କାନ୍ଦିବା ଏବଂ ଘଟଣାସ୍ଥଳ ଆଡକୁ ଗ୍ରାମବାସୀ ଯାଉଥିବା ଦେଖି ସେମାନେ ଛାଡିଦେଇଥିବା ଶିଶୁ ପ୍ରକାଶ କରିଥିଲେ। ଫଳରେ ଗ୍ରାମବାସୀ ସଦଳବଳେ ଉକ୍ତ ଶିଶୁକୁ ଧରି ମହୁଲ ଗଛ ମୂଳକୁ ଯିବାସହ ସେଠାରେ ଗାତ ଖୋଳାଯାଇଥିବା ଏବଂ ତହିଁରେ ଫୁଲ, ସିନ୍ଦୂର ଦେଇ ପୂଜାର୍ଚ୍ଚନା କରାଯାଇଥିବା ଦେଖିବାକୁ ପାଇ ଆଶ୍ଚର୍ଯ୍ୟ ହୋଇଥିଲେ। ଶିଶୁ ବଳି ପାଇଁ ଉକ୍ତ ଗାତ ଖୋଳାଯାଇଥିବା ନିରଞ୍ଜନ, ବନିତା ଓ ତ୍ରିନାଥ ସ୍ୱୀକାର କରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଉକ୍ତ ତିନିଜଣଙ୍କୁ ଘେରାଉ କରି ଅଟକ ରଖିବା ସହ ଦେବଗଡ଼ ଥାନା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଉକ୍ତ ତିନି ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବାବେଳେ ଘଟଣା ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ୨୦ ଜଣ ଲିଖିତ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ. ୮୬୫/୨୨) ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# କୁଶେଇ ସେତୁର ବିମ୍ ଖସିଲା

କେନ୍ଦୁଝର/ଆନନ୍ଦପୁର, ୨୧।୧୧ (ସ୍ୱ.ପ୍ର.)

**୩ ଗୁରୁତର, ଉଚ୍ଚସ୍ତରୀୟ ତଦନ୍ତ ଦାବି**



ଖସିପଡ଼ିଥିବା ବିମ୍

କେନ୍ଦୁଝର ଜିଲା ଘଷିପୁରା ଥାନା ଅନ୍ତର୍ଗତ ବେଲବାହାଲି ନିକଟସ୍ଥ କୁଶେଇ ନଦୀ ଉପରେ ନିର୍ମାଣାଧୀନ ଦ୍ୱିତୀୟ ସେତୁର ବିମ୍ ଖସି ପଡ଼ିଛି। ଦୁର୍ଘଟଣାରେ ୩ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁରର ସନାକର ଦାସ, ହିଞ୍ଜିଳିକାଟୁର ଗଗନ ମହାନ୍ତି ଓ ପଶ୍ଚିମବଙ୍ଗର ରାଜ୍ୟର ଉମାର ଫାରୁକ୍ ବୋଲି ଜଣାପଡ଼ିଛି। ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲେ ହେଁ ଏହାକୁ ନେଇ ତନାଘନା ଆରମ୍ଭ ହୋଇଛି। କ୍ରେନ୍‌ରେ ତ୍ରୁଟି ଦେଖାଦେବାରୁ ଏଭଳି ଘଟଣା ଘଟିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

ସୂଚନା ମୁତାବକ, କେନ୍ଦୁଝର ଜିଲାର ଲାଇଫ୍‌ଲାଇନ କୁହାଯାଉଥିବା ପାଣିକୋଇଲି-ରିମୁଳି ଏନ୍‌ଏଚ୍ ୨୦ର ବେଲବାହାଲି ନିକଟ କୁଶେଇ ନଦୀ ଉପରେ ଏହି ପୋଲ ନିର୍ମାଣ ହେଉଛି। ସୋମବାର ସକାଳ ୧୦। ସମୟରେ ଏକ କଂକ୍ରିଟ୍ ବିମ୍‌କୁ ପୋଲ ଉପରକୁ କ୍ରେନ୍‌ରେ ଉଠାଯାଉଥିଲା। ଏହି ସମୟରେ ପୋଲର ପିଲାର ଓ ପିଲାର କ୍ୟାପ ଭାଙ୍ଗିଯାଇଥିଲା। ଫଳରେ ବିମ୍‌ଟି ପ୍ରାୟ ୩୦ ଫୁଟ ତଳକୁ ଖସି ଧ୍ୱସ୍ତ ହୋଇଯାଇଛି। କାର୍ଯ୍ୟରତ ୩ ଶ୍ରମିକ ଗୁରୁତର ହୋଇଛନ୍ତି। ଏ ନେଇ ଘଷିପୁରା ଥାନା ଅଧିକାରୀ ବିକ୍ରମ ଭୂୟାଁ କହିଛନ୍ତି, ତିନି ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। କିନ୍ତୁ ଅଦ୍ୟାବଧି କୌଣସି ଲିଖିତ ଅଭିଯୋଗ ହୋଇନି। ଅଭିଯୋଗ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ଏଆରଏସଏସ ସଂସ୍ଥାର ଅଧିକାରୀ ନୀହାର ଦାସ କହିଛନ୍ତି, କାମ ଠିକ୍‌ଭାବରେ ଚାଲିଛି। ବିମ୍‌କୁ ଉଠାଯାଇ ରଖାଯାଉଥିବା ବେଳେ କ୍ରେନ୍‌ର ଚେନ୍ ଛିଣ୍ଡି ଯିବାରୁ ବିମ୍‌ଟି ଖସି ପଡ଼ିଥିଲା।

ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଅସୀମା ମିଶ୍ର କହିଛନ୍ତି, ଦୀର୍ଘ ବର୍ଷ ହେଲା କାମ ଚାଲିଥିଲେ ହେଁ ନିର୍ମାଣ ସରୁନାହିଁ। ନିମ୍ନମାନର କାମ ଓ ଉପଯୁକ୍ତ ତଦାରଖ ଅଭାବରୁ ଏଭଳି ଘଟିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଏଥିସହ ଦୁର୍ଘଟଣା ପରେ ପୋଲଟି ସମ୍ପୂର୍ଣ୍ଣ ଭାବରେ ଦୁର୍ବଳ ହୋଇ ପଡ଼ିଥିବାରୁ ଏହାକୁ ପୁଣିଥରେ ନିର୍ମାଣ କରିବାକୁ ସେ ଦାବି କରିଛନ୍ତି।

## କୁଷ୍ଠରୋଗୀ ବୋଲି ଛୁଇଁଲେନି ମୃତଦେହ

ସମ୍ବଲପୁର,୨୧।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଧମା ଥାନା ଅଞ୍ଚଳରେ କୁଷ୍ଠରୋଗରେ ପୀଡିତ ହେବା ପରେ ଜଣେ ବ୍ୟକ୍ତି ଗ୍ରାମରୁ ବାସନ୍ଦ ହୋଇଥିଲେ। ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସମାଜ ଓ ଜାତିଠାରୁ ଦୂରେଇ ରହି ବହୁ କଷ୍ଟରେ ଜୀବନ କାଟିଲେ। ଗାଁ ବାହାରେ ଏକ କୁଡିଆରେ ଶୋଇଥିବା ସମୟରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ମଧ୍ୟ ମୃତଦେହ ଯାତନାର ଶିକାର ହୋଇଥିଲା। ପ୍ରାୟ ୮ଘଣ୍ଟା ଧରି କୁଡିଆ ଭିତରେ ପଡିରହିଥିଲା ମୃତ ଶରୀର। ନିକଟରେ ବନ୍ଧୁ, ପରିଜନ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ହେଲେ ସାମାଜିକ ବାସନ୍ଦ ଭୟରେ ଅନ୍ତିମ ସଂସ୍କାର ପାଇଁ କେହି ଆଗେଇଆସି ନ ଥିଲେ। ଶେଷରେ ପରିବାର ଲୋକଙ୍କ ସହମତିରେ ସାମାଜିକ ଅନୁଷ୍ଠାନ ସମ୍ବଳ ପକ୍ଷରୁ ସୋମବାର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ହୀରାଖଣ୍ଡ ସ୍ୱତନ୍ତ୍ର ରାଜ୍ୟ ଦାବି | ଡିସେମ୍ବର ୬ରେ ଯନ୍ତରମନ୍ତରଠାରେ ଧାରଣା

ସମ୍ବଲପୁର,୨୧।୧୧(ବ୍ୟୁରୋ)

ହୀରାଖଣ୍ଡ ରାଜ୍ୟ ଦାବି ଓ ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ଦାବି ତେଜିବାରେ ଲାଗିଛି। ଏହି ଦାବି ନେଇ ସମ୍ବଲପୁର ଅଞ୍ଚଳର ଶତାଧିକ ବ୍ୟକ୍ତି ଆସନ୍ତା ୫ ତାରିଖରେ ଦିଲ୍ଲୀ ଯାଇ ସେଠାରେ ବିଭିନ୍ନ ନେତୃବର୍ଗ ତଥା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଭେଟିବେ। ଏଥିସହ ୬ ତାରିଖରେ ଯନ୍ତରମନ୍ତରଠାରେ ଧାରଣା ଦେବେ। ଏଥିରେ ୨୫ରୁ ଅଧିକ ମହିଳା ଅଛନ୍ତି। ଏହି ପରିପ୍ରେକ୍ଷୀରେ ହୀରାଖଣ୍ଡ ସାମ୍ମୁଖ୍ୟ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଦିଲ୍ଲୀ ଯିବାକୁ ଥିବା ବ୍ୟକ୍ତିବିଶେଷ ସମ୍ବଲପୁରୀ ପୋଷାକ ପରିଧାନ କରି ଧାରଣାରେ ସାମିଲ ହେବେ।

## ଗାଁକୁ ଗାଁ ମାଡୁଛି ଲମ୍ପି

ଖଇରା, ୨୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ଗ୍ରାମରେ ଲମ୍ପିବା ଗୋବସନ୍ତ ଭାଇରସ ସଂକ୍ରମଣ ଯୋଗୁ ମୃତ୍ୟୁସଂଖ୍ୟା ବଢିଚାଲିଛି। ଅଧିକାଂଶ ସ୍ଥାନରେ ଗୋରୁଙ୍କୁ ସଂକ୍ରମିତ ଏବଂ ମୃତ୍ୟୁ ଆଶଙ୍କାକୁ ନେଇ ଗୋପାଳକମାନଙ୍କ ମନରେ ଭୟ ସୃଷ୍ଟି ହୋଇଛି। ତୁରନ୍ତ ସଚେତନତା ପୂର୍ବକ ରୋଗ ସଂକ୍ରମଣକୁ ରୋକିବାକୁ ଗୋପାଳକମାନେ ଦାବି କରିଛନ୍ତି। ଗତ ୭ଦିନ ହେବ ଏହି ରୋଗରେ ଗୋରୁ ସଂକ୍ରମିତ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବ୍ଲକର ନାରଣପୁର, ଡାଲଙ୍ଗ, କୁରୁଣ୍ଟା, ମାଣିତ୍ରୀ, ଅନ୍ତରା, ଝିଙ୍କିରିଆ, ଅଳିପୁର, ତୋଟାପଡା, କୁରୁଣ୍ଟା ଆଦି ଗ୍ରାମରେ ଏହି ରୋଗ ବ୍ୟାପକ ଆକାର ଧାରଣ କରିଥିବା ନେଇ ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଗତ ସପ୍ତାହରେ ପାଖାପାଖି ୨୦ରୁ ଅଧିକ ଗୋରୁଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ପ୍ରାଣୀଧନ ନିରୀକ୍ଷକମାନଙ୍କ ଚିକିତ୍ସା ସତ୍ତ୍ୱେ ବିଶେଷ କିଛି ସୁଫଳ ମିଳିନାହିଁ। ଏହି ରୋଗରେ ଗୋରୁ ଆକ୍ରାନ୍ତ ହେବା ପରେ ଦେହସାରା ଚେକଡା ଚେକଡା ହୋଇ ଫଳିଯିବା ସହ ଖଣ୍ଡିଆ ମଧ୍ୟ ହୋଇଯାଉଛି। ଏ ସମ୍ପର୍କରେ ଖଇରା ବ୍ଲକ ପ୍ରାଣୀ ଚକିତ୍ସାଧିକାରୀ ରଘୁନାଥ ସିଂଙ୍କୁ ଯୋଗାଯୋଗ କରିବାରେ ଏହି ରୋଗ ସମ୍ପର୍କରେ ବହୁ ସ୍ଥାନରୁ ଫୋନ ଆସୁଛି। ହେଲେ ଏହି ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ। କେବଳ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଯିବା ସହ ସଚେତନତାର ଆବଶ୍ୟକତା ଅଛି।

## 'ମନ୍ତ୍ରୀ ଭାଙ୍ଗୁଛନ୍ତି ନିର୍ବାଚନ ଆଚରଣବିଧି'

### ଧାରଣାରେ ବସିବାକୁ ଭାଜପାର ଚେତାବନୀ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ନିଜ କ୍ଷମତାର ଅପବ୍ୟବହାର କରି ସରକାରୀ କର୍ମଚାରୀଙ୍କୁ ଶାସକ ବିଜେଡି ସପକ୍ଷରେ ଭୋଟ କରାଇବା କାର୍ଯ୍ୟରେ ଲାଗି ପଡିଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଦଣ୍ଡନୀୟ ଅପରାଧ। ଏହାଦ୍ୱାରା ଅବାଧ, ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ ଅନୁଷ୍ଠିତ ହବାକୁ ନେଇ ସାଧାରଣରେ ବାରମ୍ବାର ପ୍ରଶ୍ନ ସୃଷ୍ଟି ହେଉଛି। ଏ ସମସ୍ତ ଅଗଣତାନ୍ତ୍ରିକ କାର୍ଯ୍ୟକୁ ରୋକ ଲଗାଇବା ଏବଂ ଆଇନ ଅମାନ୍ୟକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ। ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ତେବେ ଏନେଇ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଏହି ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ତଥ୍ୟ ଓ ପ୍ରମାଣ ସହିତ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଏଭଳି ଅଗଣତାନ୍ତ୍ରିକ ଏବଂ ଦଣ୍ଡନୀୟ କାର୍ଯ୍ୟ ଉପରେ ରୋକ ନ ଲାଗିଲେ ଭାଜପା ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ରବିବାର ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏବଂ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସରକାରୀ କଳର ଅପବ୍ୟବହାର କରି ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ ରଂଜନ ସିଂହ ବରିହାଙ୍କ ବାସଭବନରେ ପଦ୍ମପୁର ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତରେ କାର୍ଯ୍ୟରତ ଜିଆରଏସ, ଏମବିକେ ଏବଂ ମିଶନ ଶକ୍ତି କର୍ମଚାରୀଙ୍କ ସହିତ ବୈଠକ କରିଛନ୍ତି। ଏହି ବୈଠକରେ ଭୋଟରଙ୍କୁ ପ୍ରଭାବିତ କରି ଶାସକ ବିଜେଡି ସପକ୍ଷରେ ଭୋଟ କରାଇବାକୁ ନିର୍ଦ୍ଦେଶ ଦେଇଥିବା ଲେଖାଶ୍ରୀ ଅଭିଯୋଗ କରିଛନ୍ତି।


**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
**E-mail ID: rourkelamunicipality@gmail.com**

No.15248 Date:19.11.22

**Quotation Call Notice for Supply of Safety Equipments for Sanitary Workers**

**No.C-1613:** Sealed quotations are invited from the intending reputed Agency/ Firms/ Stockist/ Suppliers for supply of following Safety Equipments for use of Sanitation Workers of Rourkela Municipal Corporation. All quotations in the following format accompanied with self attested photo copy of PAN and valid GST Registration certificate should be sent through Speed Post/ Registered Post/ Courier/ or Drop in the Tender Box in the Chamber of Dy. Commissioner, RMC (Room No. 29) so as to reach on or before 01.12.2022 by 1.00 PM and will be opened on the same day at 4.30 PM in presence of the Bidders or their authorized representatives who wish to attend. Quotation received after stipulated date & time shall summarily be rejected. The Bidders are required to deposit Rs.2240/- (Rupees Two Thousand Two Hundred Forty only) including of GST towards document fee cost & EMD Rs.10,000/- (Rupees Ten Thousand only) in shape of DD separately drawn in favour of Commissioner, Rourkela Municipal Corporation payable at Rourkela along with the quotation. At the time of opening of bids, the samples of each category items should be presented otherwise the bid will not be accepted.

| Sl. No. | Name of the Item | Required Quantity | Unit | Rate excluding of GST in INR |
|---|---|---|---|---|
| 1 | Hand Gloves (Nitrile with Polyester lining Gloves) | 2000 | Pair | |
| 2 | Reflective Jacket (High visibility safety vests with printed RMC name & Logo) | 2000 | Nos. | |
| 3 | Ankle Length Safety Gumboot (Different Size) | 1200 | Pair | |
| 4 | Helmet (High density polyethylene with printed RMC name & Logo) | 1000 | Nos. | |
| 5 | Safety Glass (High impact resistant optical class-I anti-fog coated polycarbonate lens) | 1000 | Nos. | |
| 6 | Safety nose Mask | 2000 | Nos. | |

The rate will be valid for one year and successful bidder shall supply the materials within 07 days after placing of work order. The undersigned reserves the right to reject/cancel any or all the Quotations at any time without assigning any reason thereof. The Quotation Paper may be downloaded from RMC website rmc.nic.in.

Sd./- Commissioner
Rourkela Municipal Corporation

OIPR-13131/11/0137/2223



**PRESS NOTE FOR GRIEVANCE REDRESSAL BY OBSERVER**

1. Name of the Observer : Sri Manvendra Pratap Singh, IAS (General Observer)
i) Mobile No. : 9040283949
ii) E-mail ID : gobserverpadampur@gmail.com
iii) Time and Place of redressal of Grievance : From 10 A.M. to 11 A.M. daily at PWD IB, Padampur
2. Name of the Observer : Sri. Hemant Chauhan, IPS (Police Observer)
i) Mobile No. : 9040283936
ii) E-mail ID : pobserverpadampur@gmail.com
iii) Time and Place of redressal of Grievance : From 10 A.M. to 11 A.M. daily at PWD IB, Padampur
3. Name of the Observer : Sri. D.M. Ramprasad Gupta,IRAS (Expenditure Observer)
i) Mobile No. : 6372441210
ii) E-mail ID : eobserverpadampur@gmail.com

Sd./- Returning Officer
01-Padampur AC
OIPR-24042/11/0003/2223



**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer**
**U.K.Head Works Division, Kolabnagar(K), Pin-764011**

**e-Procurement Notice-SE-UKHWD-05/2022-23,**
**No.A-750: Dated 17.11.2022 (ONLINE)**

1. No. of Work : 15 (Fifteen) Nos.
2. Type of Work : Civil Works
3. Value of Work : Rs.4.15 Lakhs to 46.32 Lakhs.
4. Class of Contractor : Registered & Licensed Contractors of Class 'B', 'C' & 'D'.
5. Period of Completion : 03 (Three) Calendar Months
6. Date & Time of availability of bid documents online : 22.11.2022 at 11.00 Hours to 01.12.2022 upto 17.30 Hours.
7. Date & Place of Opening of Bid Online : 02.12.2022 (11.30 Hours) at Office of the Superintending Engineer, UKHWD, Kolab Nagar
8. Name of the Officer Inviting Bids : Superintending Engineer, UKHWD Kolab Nagar

Further details can be seen in the Govt. of Odisha e-Procurement website http://www.tendersodisha.gov.in.

Sd./- Superintending Engineer
Upper Kolab Head Works Division
Kolabnagar (Koraput)
OIPR-32015/11/0014/2223



**SAMAGRA SHIKSHA, GANJAM, CHATRAPUR**
Ph.: 06811-260833/262799
E-mail: dpcganjamssa.opepa@nic.in

**TENDER CALL NOTICE**

No. 4067/IE/2022 Dated: 16.11.2022

No. n-72: Sealed quotations under two bid systems in the prescribed format are invited from desirous manufactures/ suppliers having PAN Card, GST Registration, IT Clearance etc. for supply of different resource materials and furniture for 23 Block Resource Centre under Inclusive Education of Ganjam District. The tender papers (Bid documents) containing detailed specification with terms and conditions, application of Technical Bid & application of Financial Bid, may be downloaded from website **www.ganjam.nic.in** and **www.osepa.gov.in**. The cost of tender paper is Rs.2,000/- which is to be deposited in shape of DD in favour of District Project Coordinator, Samagra Shiksha, Ganjam and enclosed in the technical bid of the tender. The last date and time for receipt of tender paper is on 07.12.2022 at 2.00 P.M. and the same will be opened on 07.12.2022 at 3.30 P.M. in presence of the tenderers or their authorized representatives in the DPO, SS, Ganjam, Chatrapur. The undersigned reserves the right to accept or reject any application without assigning any reason thereof.

By order of Collector-cum-Chairman
Sd./- District Education Officer-cum-DPC
Samagra Shiksha, Ganjam, Chatrapur
OIPR-27081/11/0002/2223



**ODISHA STATE SEED & ORGANIC PRODUCTS CERTIFICATION AGENCY**
**Govt. of Odisha (Agriculture & F.E. Department)**
**326, BARAMUNDA, BHUBANESWAR**

Ref.No.1754/ Date:19.11.22
File No.Vehicle-01/2013 E-mail:directorossca@rediffmail.com
Website: ossopca.nic.in

**AUCTION SALE NOTICE**

**No.CAD-2796:** Sealed tender/quotations are hereby invited from interested bidders for auction sale of two condemned office Vehicles bearing Registration Numbers OR-02-F-3908 (Mahindra Jeep) & OR-02-E-6829(ESCORT Tractor) of the Director of Odisha State Seed & Organic Certification Agency, 326, Baramunda, Bhubaneswar on "AS IS WHERE IS BASIS". The offset price of the condemned vehicles have been fixed at Rs 17,000/-(Rupees Seventeen Thousand) & Rs.25,000/-( Rupees Twenty Five Thousand) for Mahindra Jeep & Escort Tractor respectively.

The intending parties/bidders may inspect the vehicles in the premises of the Director of Odisha State Seed & Organic Certification Agency, 326, Baramunda, Bhubaneswar on any working days from 10:30 A.M. to 5:00 P.M. Last date for submission of the bid is 29.11.2022 by 03:00 PM. The bid shall be submitted to the Director, Odisha State Seed & Organic Certification Agency, 326, Baramunda, Bhubaneswar , in the enclosed format through Courier/Regd. Post Speed Post only. The envelope containing the bid should be superscribed on the top "Sealed quotations/ tenders for Auction Sale of the condemned Government vehicles". Bids receive beyond the last date/time shall not be accepted. The bids will be opened on at 29.11.2022 at 4.00 PM in the Conference Hall of OSSOPCA. Bidders or any of their authorized representatives can remain present at the time of opening the bids. The detail terms & conditions and bid format are available in the office website-www.ossopca.nic.in.

SD./- DIRECTOR
OIPR-01050/11/0005/2223



**OFFICE OF PANCHAYAT SAMITI, GHATGAON** No. i-137

**BID IDENTIFICATION No.: TCN No. - 01/2022-23**

No. 3820/DEV Dtd.21.11.2022

1. The **Block Development Officer, Ghatgaon** invites sealed percentage rate tenders in Single Cover System and Double Covers System on behalf of Govt. of Odisha for the construction of works/projects as notified by the undersigned from the registered and eligible "D", "C" & "B" Class Civil Contractor of the State registered under PWD/(R&B)/Water Resources/Rural Works/MI/CPWD Deptt. eventually to be drawn up in the P.W.D. P-1 Agreement form in conformity with the Detailed Tender Call Notice.
2. As per **Codal Provision works more than Rs.50.00 lakhs should be in Double Cover Mode** i.e. Cover - I contains (Technical Bid) and Cover - II contains (Financial Bid) to be fill up separately indicating therein as "Cover - I and Cover - II" respetively and finally put together in one cover. After due scrutiny the Cover - II will be opened. **For Sl. No. 13 & 15, Work Experience Certificate for last 02 years to be producted (Minimum upto Rs.40.00 lakhs)**. In case of bidders having no Experience Certificate, the tender will be rejected. **Technical Bid should contain Experience Certificate with Tools like (Shuttering Plate, Mixture Machine, Water Tanker) either Own or Lease Basis.**
3. The tender papers (including Tender Call Notice, Approved Tender Schedule & DTCN) will be available in the Office of the undersigned from **Dt.22.11.2022 to 06.12.2022 upto 4.00 P.M.** The Tender Call Notice is also available in the website of DIO, N.I.C., Keonjhar i.e. **https://kendujhar.nic.in**.
4. Bids should be reached to this office upto 4.00 P.M. on Dt.06.12.2022 through Registered Post/Speed Post only. The authority will not be held responsible for any postal delay in delivering of the bid documents or non-receipt of the same.
5. The bids will be opened on Dt.07.12.2022 at 11.00 A.M. in the Conference Hall of the Ghatgaon Block in the presence of the members of the District Level Tender/Tender Committee and the bidders or their authorized representative. If the office happens to be closed on the date of receipt/opening of the bids as specified above, then it will be received/opened on the next working day at the same time and venue.

Sd./- Block Development Officer, Ghatgaon
OIPR-19026/11/0003/2223



**BERHAMPUR MUNICIPAL CORPORATION,GANJAM**
**INVITATIONS FOR BIDS (IFB)**

Letter No.13545 Date:11.11.22

No.C-1607: **Invitation for Bids**
**NATIONAL COMPETATIVE BIDDING THROUGH E-PROCUREMENT**
**Bid Identification No.BMC(BAM):-267/2022-2023**

| | | |
|---|---|---|
| 1 | The Municipal Commissioner,Berhampur, invites percentage rate bids in ONLINE MODE only, as per annexure "A" | |
| 2 | Nature of Work | Civil |
| 3 | No. of Work | 8 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 0 % of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt of Odisha. as per Annexure "A" |
| 6 | Class of Contractor | As per the Annexure "A" |
| 7 | Availability of Bid documents in the website | From 10.00 hrs. of 18.11.22 to 17.00 hrs. of 05.12.22 |
| 8 | Date & Time of Opening of Technical Bids | 11.30 hrs. onwards on Dt.06.12.22 |
| 9 | Date & Time of opening of financial bids | Shall be intimated to the responsive Technically qualified bidder after evolution of Technical bids. |
| 10 | Mode of Submission of tender | Tender should submitted online in www.tendersorissa.gov.in. |
| 11 | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Commissioner
Berhampur Municipal Corporation,
Berhampur, Odisha
OIPR-13035/11/0054/2223

# ଲାଭା ଓକାଳିବ ଶିଭେଲୁଚ



**ମସ୍କୋ**

ରୁଷିଆର କାମଚାଟକା ପେନିନ୍‌ସୁଲାରେ ଥିବା ଶିଭେଲୁଚ ଭଲକାନୋର ସକ୍ରିୟ ହେବାରେ ଲାଗିଛି, ଯାହା ଫଳରେ ଶିଭୁଲେଚ ଆଗ୍ନେୟଗିରିରୁ ଉଦ୍‌ଗିରଣ ହେବା ଆଶଙ୍କା ଥିବା ବୈଜ୍ଞାନିକମାନେ କହିଛନ୍ତି। ଆଗ୍ନେୟଗିରି ମଧ୍ୟରେ ଥିବା ଲାଭା ଗମ୍ବୁଜରୁ ଗରମ ବାଷ୍ପ ବାହାରୁଥିବା ଦେଖାଯାଇଛି। ଶିଭେଲୁଚ ନିଜଠାରୁ ୧୫ରୁ ୨୦ କିଲୋମିଟର ଦୂର ପର୍ଯ୍ୟନ୍ତ ବ୍ୟାପିବା ଆଶଙ୍କା ଥିବବେଳେ କମ୍ ଉଚ୍ଚତାରେ ଉଡୁଥିବା ବିମାନ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି ଏକ ଅନୁସନ୍ଧାନୀ ଦଳ ପକ୍ଷରୁ କୁହାଯାଇଛି। ଦିନକୁ ଦିନ ଏହି ଆଗ୍ନେୟଗିରି ଉତ୍ତପ୍ତ ହେବାରେ ଲାଗିଛି। ରୁଷିଆ କାମଚାଟକାର ସବୁଠାରୁ ବଡ଼ ଆଗ୍ନେୟଗିରି ହେଉଛି ଶିବେଲୁଚ। ଏହାର ଉଚ୍ଚତା ୩,୨୮୩ ମିଟର। ପେନିନ୍‌ସୁଲାରେ ଥିବା ୬୦ ଆଗ୍ନେୟଗିରି ଭିତରୁ ଏହ ସବୁଠାରୁ ସକ୍ରିୟ ବୋଲି କୁହାଯାଉଛି। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥାର ସୂଚନାକ୍ରମେ ୨୦୦୭ରେ ଶିଭେଲୁଚରେ ସବୁଠାରୁ ଭୟାବହ ଅଗ୍ନେୟ ଉଦ୍‌ଗିରଣ ହୋଇଥିଲା।

# ସୁସ୍ଥ ଅଛନ୍ତି ମୁନ୍‌ମୁନ୍



**ମୁମ୍ବାଇ**

ଦୁର୍ଘଟଣା ପରେ ଏବେ ସୁସ୍ଥ ଅଛନ୍ତି ମୁନ୍‌ମୁନ୍। ଜର୍ମାନୀ ଛୁଟି କଟାଇବାକୁ ଯାଇଥିବା 'ତାରକ ମେହେତାକା ଉଲଟା ଚଷମା' ସିରିଏଲ୍ ଅଭିନେତ୍ରୀ ମୁନ୍‌ମୁନ୍ ଦତ୍ତା ନିକଟରେ ଏକ ଦୁର୍ଘଟଣାର ଶିକାର ହୋଇଛନ୍ତି। ବର୍ତ୍ତମାନ ସୁସ୍ଥ ହେବା ପରେ ସେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ନିଜ ଇନ୍‌ଷ୍ଟା ଷ୍ଟୋରୀରେ ମୁନ୍‌ମୁନ୍ ଲେଖିଛନ୍ତି ଯେ, 'ଜର୍ମାନୀରେ ଏକ ଛୋଟ ଦୁର୍ଘଟଣା ତାଙ୍କ ସହ ଘଟିଥିଲା। ଏଥିରେ ତାଙ୍କ ବାମ ଆଣ୍ଠୁରେ ଆଘାତ ଲାଗିଛି ଯେଉଁଥିଲାଗି ତାଙ୍କୁ ଛୁଟିକୁ ଅଧାରେ ଛାଡ଼ି ଘରକୁ ଫେରିବାକୁ ପଡ଼ିଛି। ଏହା ଲେଖିବା ସହ ସେ ବ୍ରୋକେନ୍ ହାର୍ଟର ଇମୋଜି ମଧ୍ୟ ପୋଷ୍ଟ କରିଛନ୍ତି। ପାରିବାରିକ କମେଡି ସୋ' 'ତାରକ ମେହେତା କା ଉଲଟା ଚଷମା' ରେ ବବିତା ଭୂମିକାରେ ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରଛନ୍ତି ମୁନ୍‌ମୁନ୍। ସିରିଏଲ୍‌ର ଗୋକୁଲଧାମ ସୋସାଇଟି ଏବଂ ଏଥିରେ ଅଭିନୟ କରୁଥିବା ପ୍ରତ୍ୟେକ ଚରିତ୍ରଙ୍କୁ ଦର୍ଶକ ବହୁତ ପସନ୍ଦ କରନ୍ତି। ଧାରାବାହିକରେ ଥିବା ଲୋକପ୍ରିୟ ଚରିତ୍ର ଭିତରୁ ବବିତାଜୀ ହେଉଛନ୍ତି ଅନ୍ୟତମ, ଯେଉଁଥିରେ ମୁନ୍‌ମୁନ୍ ଦତ୍ତା ବବିତାଜୀ ଚରିତ୍ରରେ ଅଭିନୟ କରନ୍ତି।

# ମ୍ୟାଚ୍ ଦେଖିବା ପାଇଁ କିଣାହେଲା ୨୩ ଲକ୍ଷର ଘର



**ଥିରୁଭାନନ୍ତପୁରମ୍**

କ୍ରୀଡ଼ାପ୍ରେମୀମାନେ ମ୍ୟାଚ୍ ଦେଖିବା ପାଇଁ ଅନେକ ସମୟରେ ବହୁ ବିଚିତ୍ର କାଣ୍ଡ କରି ବସନ୍ତି। ମ୍ୟାଚ୍ ଦେଖିବା ଲାଗି କେହି ଲକ୍ଷାଧିକ ଟଙ୍କା ଦେଇ ଘର କିଣିବା କଥା ପଢ଼ିଲାବେଳକୁ ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏ ପ୍ରକାର ଘଟଣା କେରଳ କୋଚିର ମୁଣ୍ଡାକାମୁଗଲ ଗ୍ରାମରେ ଘଟିଛି। ୧୭ ଜଣ ଯୁବ ଫୁଟବଲ ପ୍ରେମୀ ୱାର୍ଲ୍ଡକପ୍ ମ୍ୟାଚ୍ ଦେଖିବା ଲାଗି ୨୩ ଲକ୍ଷ ଟଙ୍କାରେ ଏକ ଘର କିଣିଛନ୍ତି। କାତାରରେ ୨୦୨୨ ଫିଫା ୱାର୍ଲ୍ଡକପ୍ ଆରମ୍ଭ ହୋଇଥିବାବେଳେ ଏଥିରେ ୩୨ଟି ଟିମ୍ ଭାଗ ନେଇଛନ୍ତି। ଯୁବକମାନେ କିଣିଥିବା ଏହି ନୂଆ ଘରକୁ ସେମାନେ ନିଜ ପ୍ରିୟ ଫୁଟବଲରଙ୍କ ଫଟୋ ଓ ପତାକାରେ ସଜାଇଥିବାର ଦେଖିବାକୁ ମିଳିଛି। ମ୍ୟାଚ୍‌କୁ ଭଲଭାବେ ଉପଭୋଗ କରିବା ସକାଶେ ସେମାନେ ଘରେ ଏକ ବିରାଟ ସ୍କ୍ରିନ୍ ଟିଭି ଲଗାଇଛନ୍ତି। ଦୀର୍ଘ ୧୫ରୁ ୨୦ ବର୍ଷ ହେବ ଏହି ଯୁବକମାନେ ଏକାଠି ଖେଳ ଦେଖି ଆସୁଛନ୍ତି। ଏକାଧିକ ପିଲା ଛୋଟ ସ୍ଥାନରେ ବସି ଖେଳ ଦେଖିବା ପାଇଁ ଅସୁବିଧା ହେବାରୁ ଉକ୍ତ ଯୁବକମାନେ ଗୋଟିଏ ଘର କିଣିବାର ନିଷ୍ପତ୍ତି ନେଇଥିଲେ।

## ପରଲୋକରେ ଜାସୋନ ଡେଭିଡ୍ ଫ୍ରାଙ୍କ



**ୱାଶିଂଟନ:** ହଲିଉଡ ଅଭିନେତା ଜାସୋନ ଡେଭିଡ୍ ଫ୍ରାଙ୍କ୍‌ଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ରିପୋର୍ଟ ମୁତାବକ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ତେବେ ସେ କାହିଁକି ଆତ୍ମହତ୍ୟା କଲେ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ ଡେଭିଡ୍ ଫ୍ରାଙ୍କଙ୍କ ହଲିଉଡ ସିରିଜ ପାୱାର ରେଞ୍ଜରର ୨୮ ଅଗଷ୍ଟ ୧୯୯୩ରେ ପ୍ରସାରିତ ହୋଇଥିଲା।ସେଥିରେ ସେ ଅଭିନୟ କରି ସେ ବେଶ ଲୋକପ୍ରିୟତା ସାଉଁଟିଥିଲେ। ଏହାପରେ ଦ୍ୱିତୀୟ ସିଜନରେ ସେ ଗ୍ରୀନ ରେଞ୍ଜର୍ ରୂପେ ନଜର ଆସିଥିଲେ।

## ଟଏଲେଟ୍ ପେପର୍‌ରେ ସତର୍କ ବାର୍ତ୍ତା

**ଟୋକିଓ:** ଆତ୍ମହତ୍ୟା ଏକ ଜଘନ୍ୟ ଅପରାଧ। ମଣିଷ କୌଣସି ଜଟିଳ ପରିସ୍ଥିତିରେ ପଡ଼ି ଶେଷରେ ଆତ୍ମହତ୍ୟାର ବାଟ ବାଛିଥାଏ। ଅନ୍ୟ ଦେଶଗୁଡ଼ିକ ତୁଳନାରେ ଜାପାନରେ ଆତ୍ମହତ୍ୟା ମାମଲା ଅଧିକ ଦେଖାଯାଉଛି। ବିଶେଷ କରି ଯୁବପିଢ଼ି ଏହି ପନ୍ଥା ଆପଣାଉଥିବାର ଦେଖାଯାଇଛି। ସ୍କୁଲ ଓ କଲେଜରେ ପାଠ ପଢୁଥିବା ପିଲାମାନେ ମଧ୍ୟ ଆତ୍ମହତ୍ୟା କରିବାରୁ ପଛାଉ ନାହାନ୍ତି। ତେବେ ଦେଶରେ ଦେଖାଯାଉଥିବା ଏ ପ୍ରକାର ବିପର୍ଯ୍ୟୟକୁ ଦୂର କରିବା ପାଇଁ ପ୍ରଶାସନ ଏକ ନିଆରା ବାଟ ଅପଣାଇଛନ୍ତି। ଟଏଲେଟ୍ ପେପର ଜରିଆରେ ସରକାର ଲୋକଙ୍କୁ ସତର୍କ କରିବା ଆରମ୍ଭ କରିଛନ୍ତି। ଆତ୍ମହତ୍ୟା ନ କରିବା ଲାଗି ସତର୍କ ବାର୍ତ୍ତା ଜାପାନର ଟଏଲେଟ ପେପରରେ ଛପା ହେଉଛି। ୨୦୨୦ରେ ଦେଶରେ ୪୯୯ ଜଣ ସ୍କୁଲ ଓ କଲେଜ ପଢୁଆ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ଜାପାନ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି। ଟଏଲେଟ ବା ଗାଧୁଆ ଘରେ ଏକୁଟିଆ ଥିବା ସମୟରେ ମନକୁ ଆତ୍ମହତ୍ୟା ଚିନ୍ତାଧାରା ଆସୁଥିବାବେଳେ ଏହାକୁ କେନ୍ଦ୍ର କରି ଟଏଲେଟ ପେପର୍‌ରେ ଏହି ବାର୍ତ୍ତା ଛପା ଯାଇଛି। ପେପର୍‌ରେ ବିଲେଇ ଓ ଛତାଧରି ଛିଡ଼ା ହୋଇଥିବା ଜଣେ ମହିଳାଙ୍କ ଛବି ଦେଖିବାକୁ ମିଳିଛି।



ମନକୁ ପରିବର୍ତ୍ତନ କଲାଭଳି ଅନେକ ମେସେଜ୍ ମଧ୍ୟ ଏହି ବିଶେଷ ପ୍ରକାର ଟଏଲେଟ ପେପରରେ ପ୍ରିଣ୍ଟ କରାଯାଇଛି।

## ରାଜ୍ୟ ଖବର

# ନିମିଷକରେ ଛାରଖାର

**ଯାଜପୁର ଜିଲା କୋରେଇ ଷ୍ଟେଶନରେ ସୋମବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି ଏକ ମାଲବାହୀ ଟ୍ରେନ୍। ଏହା ଏତେ ଭୟଙ୍କର ଥିଲା ଯେ, ୫୯ ବଗି ମଧ୍ୟରୁ ୧୪ଟି ଲାଇନଚ୍ୟୁତ୍ ହୋଇଥିଲା। ସେଥିମଧ୍ୟରୁ ୮ଟି ବଗି ପ୍ଲାଟ୍‌ଫର୍ମକୁ ଚଢ଼ିଯାଇଥିଲା। ଫଳରେ ନିମିଷକ ମଧ୍ୟରେ କୋରେଇ ଷ୍ଟେଶନ ଛାରଖାର ହୋଇଯାଇଥିଲା। ଟ୍ରେନ୍‌କୁ ଅପେକ୍ଷା କରିଥିବା ୩ ମହିଳା ଯାତ୍ରୀଙ୍କ ଜୀବନ ଚାଲିଯାଇଥିବାବେଳେ ୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।**



ମାଲ୍‌ବାହୀ ଟ୍ରେନ୍ ଦୁର୍ଘଟଣାର ଦୃଶ୍ୟ





### ବର୍ତ୍ତିଲେ ଅଢେଇ ମାସର ଶିଶୁପୁତ୍ର

କଣ୍ଢେଇ ବିନ୍ଧାଣୀ ତାଙ୍କ ଅଢେଇ ମାସର ଶିଶୁ ପୁତ୍ର ଓ ରୋଗିଣା ଶାଶୁ ପାର୍ବତୀ ବିନ୍ଧାଣୀଙ୍କୁ ନେଇ କଟକ ବଡ଼ ମେଡିକାଲକୁ ଯିବାକୁ ବାହାରିଥିଲେ। ଶାଶୁ ପାର୍ବତୀଙ୍କୁ ଟ୍ୟୁମର ରୋଗ ହୋଇଥିଲା। ତାଙ୍କ ଚିକିତ୍ସା କରି ଘରକୁ ଫେରିବାକୁ ଯୋଜନା ଥିଲା। ଏଥିପାଇଁ ଡିଏମୟୁ ଟ୍ରେନରେ କଟକକୁ ଯିବାକୁ ପ୍ଲାଟଫର୍ମରେ ଟିକେଟ କାଟି ଠିଆ ହୋଇଥିଲେ। କିନ୍ତୁ ଟ୍ରେନ ଦୁର୍ଘଟଣାରେ ପାର୍ବତୀ ଏବଂ କଣ୍ଢେଇଙ୍କ ଜୀବନ ଚାଲି ଯାଇଥିବାବେଳେ ସୌଭାଗ୍ୟବଶତଃ ଅଢ଼େଇ ମାସର ଶିଶୁପୁତ୍ର ବଞ୍ଚିଯାଇଛି। କଣ୍ଢେଇ ଉପସ୍ଥିତ ବୁଦ୍ଧି ଖଟାଇ ପୁଅକୁ ଫୋପାଡ଼ି ଦେବାରୁ ତା'ର ଜୀବନ ବଞ୍ଚି ଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି।

### ଅବ୍‌ଜୁଲ ବିବି ଏକମାତ୍ର ରୋଜଗାରକ୍ଷମ ଥିଲେ

କୋରେଇ ଥାନା ଅନ୍ତର୍ଗତ ଫାଜଲପୁର (ଶଙ୍ଖପାରି)ର ଅବଜୁଲ ବିବିଙ୍କ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ସେକ ମୟିଉଦ୍ଦିନ ଜଣେ ଭିନ୍ନକ୍ଷମ ହୋଇଥିବାରୁ ଘରେ ରୁହନ୍ତି। ତେଣୁ ଏକମାତ୍ର ରୋଜଗାରକ୍ଷମ ଅବଜୁଲଙ୍କ ମୃତ୍ୟୁପରେ ୨ ପୁଅ ଓ ୨ ଝିଅ ଅନାଥ ହୋଇଯାଇଛନ୍ତି। ଝିଅଙ୍କୁ ଏବେ କେମିତି ବିବାହ କରାଇବେ ସେହି ଚିନ୍ତାରେ ରହିଛନ୍ତି ମୟିଉଦ୍ଦିନ। ତେଣୁ ଅବଜୁଲିଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ଜଣଙ୍କୁ ରେଲୱେରେ ଚାକିରି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ରେଳ କର୍ମଚାରୀ ଆହତ

ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ରେଳ କର୍ମଚାରୀ ସୁନୀଲ ବିନ୍ଧାଣୀଙ୍କ ଉପରେ ଏକ ଲୁହା ଏଙ୍ଗେଲ ଖସି ପଡ଼ିବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ କୋରେଇ ମେଡିକାଲ ଓ ପରେ ଯାଜପୁର ସଦର ମହକୁମା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

### 'ଅବହେଳାରୁ ଦୁର୍ଘଟଣା ଘଟିଲା'

ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କ ଅବହେଳା ମନୋଭାବ ଯୋଗୁ ଟ୍ରେନ ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଗଲା ବୋଲି ଆମ୍ବେଦକର ଲୋହିଆ ବିଚାର ମଞ୍ଚ ଅଭିଯୋଗ କରିଛି। ମଞ୍ଚ ପକ୍ଷରୁ ଏକ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ମାଲବାହୀ ଟ୍ରେନରୁ ମାଲ୍ ଅନଲୋଡ୍ ଓ ଲୋଡିଂ ପରେ ବଗିଗୁଡ଼ିକର କବାଟ ବା ତାଲା ପକାଇବା ନିୟମ ରହିଛି। ମାତ୍ର ସମ୍ପୃକ୍ତ ଠିକାସଂସ୍ଥା ବଗିର କବାଟରେ ତାଲା ନ ପକାଇ ଜିଆଇ ତାର ବାନ୍ଧନ୍ତି। ଏହାକୁ ବିଭାଗୀୟ କର୍ତ୍ତୃପକ୍ଷ ତନଖି କରନ୍ତି ନାହିଁ, ଯାହା ଫଳରେ ଏହି ଦୁର୍ଘଟଣା ହେଲା। ତେଣୁ ସମ୍ପୃକ୍ତ ଠିକାସଂସ୍ଥା ଏବଂ ଅଧିକାରୀଙ୍କ ବିରୋଧରେ ଆଇପିସି ଦଫା ୩୦୨ ଅନୁଯାୟୀ ମାମଲା ଦାଏର କରାଯାଉ। ଏହାସହ ମୃତକଙ୍କ ପରିବାରଙ୍କୁ ଚାକିରି ଓ ୩୦ ଲକ୍ଷ ଟଙ୍କା ସହାୟତା ଓ ଆହତଙ୍କୁ ୧୦ ଲକ୍ଷ ସହାୟତା ଦିଆଯାଉ ବୋଲି ମଞ୍ଚର ରାଜ୍ୟନେତା ମନୋରଞ୍ଜନ ଜେନା କହିଛନ୍ତି।

### ନିଯୁକ୍ତି ଦାବି କଲା କୋରେଇ ସଂଗ୍ରାମ ସମିତି

କୋରେଇ ରେଳଷ୍ଟେଶନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କୁ ୨୫ଲକ୍ଷ ଟଙ୍କା ସହାୟତା ଓ ପରିବାରରୁ ଜଣକୁ ରେଲୱେରେ ନିଯୁକ୍ତି ଦିଆଯାଉ ବୋଲି କୋରେଇ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ଏହାସହିତ ଏହି ଦୁର୍ଘଟଣାର ବିଭାଗୀୟ ତଦନ୍ତ କରିବାକୁ ସମିତିର ସଭାପତି ବିଦ୍ୟାଧର ମହାନ୍ତି ଦାବି କରିଛନ୍ତି।

# ନେଦରଲାଣ୍ଡ୍ସ ୨-୦ରେ ଜିତିଲା

ଦୋହା,୨୧।୧୧

କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପରେ ଚିତାକର୍ଷକ ବିଜୟ ହାସଲ କରିଛି ନେଦରଲାଣ୍ଡ୍ସ। ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ହେଁ ନେଦରଲାଣ୍ଡ୍ସ ଗୋଲକିପର ଆଣ୍ଡ୍ରିସ୍ ନୋପର୍ଟ ଉଭୟ ଦଳ ମଧ୍ୟରେ ଫରକ ସାଜିଥିଲେ। ଏକାଧିକ ଶଟ୍‌କୁ ସେଭ୍ କରିବା ସହିତ ସେ ନେଦରଲାଣ୍ଡ୍ସ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଲ ଥୁମାମାରେ ଖେଳା ଯାଇଥିବା ମ୍ୟାଚରେ ନେଦରଲାଣ୍ଡ୍ସ ନିକଟରେ ୫୩ ଓ ସେନେଗାଲ ନିକଟରେ ୪୭ ପ୍ରତିଶତ ସମୟ ବଲ ରହିଥିଲା। ତେବେ ସେନେଗାଲ ଖେଳାଳି ୧୫ ଓ ନେଦରଲାଣ୍ଡ୍ସ ୧୦ଟି ଶଟ୍ ମାରିଥିଲେ। ସେନେଗାଲ୍‌ର ୪ଟି ଶଟ୍ ଟାର୍ଗେଟରେ ରହିଥିବା ବେଳେ ଅରେଞ୍ଜ ଆର୍ମିର ୩ ଶଟ୍ ଟାର୍ଗେଟରେ ରହିଥିଲା। ତେବେ ଆଣ୍ଡ୍ରିସ୍ ନୋପର୍ଟଙ୍କ ଚମତ୍କାର ଗୋଲ ରକ୍ଷଣ କାରଣରୁ ସେନେଗାଲ ଗୋଟିଏ ବି ଗୋଲ ସ୍କୋର କରିବାରେ ସମର୍ଥ ହୋଇନଥିଲା।

ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଗୋଲଶୂନ୍ୟ ଡ୍ର ଆଡକୁ ଯାଉଥିଲା। ତେବେ ମ୍ୟାଚର ୮୪ ତମ ମିନିଟରେ କୋଡି ଗାକ୍‌ପୋ ପ୍ରଥମ ଗୋଲ ସ୍କୋର କରିଥିଲେ। ଫେଙ୍କି ଡେ ଜଙ୍ଗ ଏକ ଲଙ୍ଗ ବଲ୍ ପାଶ୍ ଦେଇଥିଲେ। ସେନେଗାଲ ଗୋଲ ରକ୍ଷକ ମେଣ୍ଡି ଓ ଗାକ୍‌ପୋ ବଲ୍ ଆଡକୁ ଧାଇଁଥିଲେ। ଗାକ୍‌ପୋ ବଲ୍ ଉପରେ ନିୟନ୍ତ୍ରଣ ପାଇବା ସହିତ ଏହାକୁ ପୋଷ୍ଟ ମଧ୍ୟକୁ ପଠାଇ ଦେଇ ନେଦରଲାଣ୍ଡ୍ସକୁ ୧-୦ରେ ଆଗୁଆ କରିଥିଲେ। ଏହାପରେ ସେନେଗାଲ ପକ୍ଷରୁ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରାଯାଇଥିଲା। ମ୍ୟାଚଟି ଅତିରିକ୍ତ ସମୟକୁ ଯାଇଥିବା ବେଳେ ୯୦+୯ ମିନିଟରେ କ୍ଲାସେନ୍ ଦେଇଥିଲେ ଆଉ ଏକ ଗୋଲ୍। ଡିପେଙ୍କ ପାଶ୍‌କୁ କ୍ଲାସେନ୍ ଏକ ଜୋରଦାର ଶଟ୍ ମାରିଥିଲେ ହେଁ ମେଣ୍ଡି ଡାଇଭ୍ କରି ଏହାକୁ ଅଟକାଇ ଦେଇଥିଲେ। ମାତ୍ର ରିବାଉଣ୍ଡ ଶଟକୁ ଗୋଲ ପୋଷ୍ଟ ମଧ୍ୟକୁ ପଠାଇ ଦଳକୁ ୨-୦ରେ ବିଜୟୀ କରିଥିଲେ କ୍ଲାସେନ୍।


ନେଦରଲାଣ୍ଡ୍ସ ପକ୍ଷରୁ ପ୍ରଥମ ଗୋଲ୍ ସ୍କୋର କରିବା ପରେ ଆତ୍ମହରା କୋଡି ଗାକ୍‌ପୋ।

## ମ୍ୟାଚ ଦେଖିବାକୁ କାତାରରେ ମାରିଆମ୍

ଦୋହା, ୨୧।୧୧ (ଏପି): ବିଶ୍ୱକପ୍ ମ୍ୟାଚ ଟିକେଟ ୨୭ ବର୍ଷୀୟା ମାରିଆମ୍‌ଙ୍କ ପାଇଁ ଏକ ବହୁମୂଲ୍ୟ ଉପହାର। କ୍ରୀଡ଼ା ପ୍ରତି ତାଙ୍କର ରହିଛି ଅଶେଷ ଦୁର୍ବଳତା। କାତାରରେ ବିଶ୍ୱକପ୍ ଦେଖିବା ଲାଗି ତେହେରାନରୁ କାତାର ଗସ୍ତ କରିଛନ୍ତି। ସୋମବାର ଇଂଲଣ୍ଡ ବିପକ୍ଷରେ ଇରାନର ଓପନିଂ ମ୍ୟାଚ ସେ ଷ୍ଟାଡିୟମରେ ଉପସ୍ଥିତ ରହି ଉପଭୋଗ କରିଛନ୍ତି। ଇରାନରେ ମହିଳାମାନଙ୍କ ଲାଗି ପୁରୁଷ ମ୍ୟାଚ ଦେଖିବାରେ କଟକଣା ରହିଛି। ଇଣ୍ଟରନ୍ୟାଶନାଲ୍ ରିଲେଶନ ପାଠ୍ୟକ୍ରମର ଜଣେ ଛାତ୍ରୀ ମାରିଆମ୍ କହିଛନ୍ତି ସେ ତାଙ୍କ ଜୀବନ କାଳରେ କେବେ ଷ୍ଟାଡିୟମରେ ଫୁଟ୍‌ବଲ ମ୍ୟାଚ ଦେଖି ନ ଥିଲେ। ଇରାନରେ ବଡ଼ ଧରଣର ମହିଳା ଆନ୍ଦୋଳନ ଚାଲିଥିବା ବେଳେ ଦେଶ ଏପଟେ ବିଶ୍ୱକପ୍‌ରେ ଭାଗ ନେଇଛି। ମାନବାଧିକାର କର୍ମୀଙ୍କ ସୂଚନା ଅନୁସାରେ ଆନ୍ଦୋଳନକୁ ଦମନ ଲାଗି କାର୍ଯ୍ୟାନୁଷ୍ଠାନ ଫଳରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ଇତିମଧ୍ୟରେ ୪୧୯ ଲୋକ ନିହତ ହୋଇସାରିଲେଣି। ମହିଳା ଜଣକ ପ୍ରକୃତ ନାମ ମାରିଆମ୍ ନୁହେଁ। ଏହା ତାଙ୍କ ଛଦ୍ମ ନାମ। ଦେଶକୁ ଫେରିଲେ ଶାସକଙ୍କ ଦ୍ୱାରା ନର୍ଯ୍ୟାତନର ସମ୍ମୁଖୀନ ଆଶଙ୍କା କରି ସେ ନିଜ ନାମକୁ ଗୋପନ ରଖିଛନ୍ତି।

## ଆର୍ଜେଣ୍ଟିନା, ବ୍ରାଜିଲ, ଫ୍ରାନ୍ସ ଫେଭରାଇଟ୍

ଜର୍ଜ ବୁରୁଚାଗା

କାତାରରେ ପହଞ୍ଚିବା ପରେ ମୁଁ ବାସ୍ତବିକ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲି। ଅନେକ ପରିବର୍ତ୍ତନ ଦେଖିବାକୁ ପାଇଲି। ନବ ନିର୍ମିତ ସୁନ୍ଦର ଷ୍ଟାଡିୟମ, ହୋଟେଲ ସହ ପରିବହନ ବ୍ୟବସ୍ଥାରେ ବହୁ ଉନ୍ନତି ଘଟିଛି। ମୁଁ ୨୦୧୧ ଓ ୨୦୧୫ରେ ଏଠାକୁ ଆସିଥିଲି। ବିଶ୍ୱକପ୍ ଆୟୋଜନର ପରିଣାମ ସ୍ୱରୂପ ଏସବୁ ଦେଖିବାକୁ ମିଳୁଛି। ଆର୍ଥିକ ସମୃଦ୍ଧି ପାଇଁ କେବଳ ଏହା ସମ୍ଭବ ହୋଇପାରିଛି। ଦୋହା ସହର ନୂଆରୂପ ମୋତେ ସ୍ତମ୍ଭୀଭୂତ କରିଛି। ସମସ୍ତେ ମେଗା ଇଭେଣ୍ଟର ମଜା ଉଠାଇବେ ବୋଲି ମୁଁ ଆଶା କରୁଛି। ମୋ ମତରେ ବ୍ରାଜିଲ ଓ ଫ୍ରାନ୍ସ ସମେତ ଆର୍ଜେଣ୍ଟିନା ହେଉଛନ୍ତି ଟୁର୍ନାମେଣ୍ଟର ଫେଭରାଇଟ୍। କିନ୍ତୁ ବହୁତ ଭଲ ଟିମ୍ ରହିଛନ୍ତି। ଶୀର୍ଷରେ ପହଞ୍ଚିବା ଲାଗି ସେମାନଙ୍କର ଆଶା ରହିଛି। ତେଣୁ ଏହା ଏକ କଠିନ ବିଶ୍ୱକପ୍ ହେବ। ପ୍ରତିଦ୍ୱନ୍ଦ୍ୱୀ ଦୁର୍ବଳ ଅବା ଶକ୍ତିଶାଳୀ ହୋଇଥାନ୍ତୁ ଯେକୌଣସି ବିଶ୍ୱକପ୍‌ରେ ପ୍ରଥମ ଦୁଇଟି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ଏହା ଯେକୌଣସି ଦଳକୁ ସେମାନଙ୍କ ସକାରାତ୍ମକ ଓ ନକାରାତ୍ମକ ଦିଗ ଖୋଜିବାରେ ସାହାଯ୍ୟ କରିବ। ଏହା ସେମାନଙ୍କୁ ପିଚ୍ ଓ ପରିବେଶକୁ ବୁଝିବା ଏବଂ ପରବର୍ତ୍ତୀ ରାଉଣ୍ଡ ପାଇଁ ଆତ୍ମବିଶ୍ୱାସ ହାସଲ କରିବାରେ ସହାୟକ ହେବ। ଆର୍ଜେଣ୍ଟିନାର ବଳ ହେଲା ଏହାର ବେଞ୍ଚ୍ ଷ୍ଟ୍ରେଙ୍ଗ୍ଥ୍ ଶକ୍ତିଶାଳୀ। ଟିମ୍‌ରେ ବହୁ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ପ୍ରତିଯୋଗିତା ଲାଗି ପହଞ୍ଚିବା ପର୍ଯ୍ୟନ୍ତ ଲିଓ ବ୍ରିଜ୍ ଅପରାଜେୟ ଅଛନ୍ତି। କୋଚ୍ ଲିଓ ସ୍କାଲୋନୀ ସେମାନଙ୍କ ସହ ବହୁ ଦିନ ହେଲା ପରିଚିତ। କିନ୍ତୁ ମ୍ୟାଚ ସାରା ଭଲ ଖେଳି ଶେଷ ମୁହୂର୍ତ୍ତରେ ଦୁର୍ଭାଗ୍ୟଜନକ ପରାଜୟ ନେଇ ସତର୍କ ରହିବାକୁ ପଡ଼ିବ। ଜାତୀୟ ଦଳରେ ଯୋଗ ଦେଇଥିବା ଅଧିକାଂଶ ଖେଳାଳି ୟୁରୋପରେ କ୍ଲବ ଫୁଟ୍‌ବଲ ଖେଳୁଛନ୍ତି। ଏହା ନିଶ୍ଚିତ ସେମାନଙ୍କୁ ସାହାଯ୍ୟ କରିବ। ଫ୍ରାନ୍ସରେ ଖେଳିବା ମେସିଙ୍କ ପାଇଁ ଫାଇଦା ସାବ୍ୟସ୍ତ ହେବ। ବିଶ୍ୱକପ୍‌ରେ ରେଫରି ଖୁବ୍ କଡ଼ା, ବିପକ୍ଷ ଦଳ ମଧ୍ୟ ଶକ୍ତିଶାଳୀ। ଲିଓଙ୍କର କିନ୍ତୁ ପ୍ରଚୁର ଅଭିଜ୍ଞତା ରହିଛି। ବିଶ୍ୱକପ୍ ୧୯୮୬ ମୋ ପାଇଁ ଏବଂ ମୋର ସମସ୍ତ ଟିମ୍‌ମେଟ୍ ଲାଗି ଖୁବ୍ କଠିନ ଥିଲା। ମେକ୍ସିକୋରେ ପହଞ୍ଚିବା ବେଳେ ଆମେ ସମସ୍ତେ ଚାପରେ ରହିଥିଲୁ। କିନ୍ତୁ ୧୯୯୦ ବିଶ୍ୱକପ୍ ୧୯୮୬ ତୁଳନାରେ ଅଧିକ ଆବେଗପୂର୍ଣ୍ଣ ଥିଲା। ଇଞ୍ଜୁରି ସମସ୍ୟା ସହ ଆମେ ପହଞ୍ଚିଥିଲୁ। ଫାଇନାଲରେ ପ୍ରବେଶ କରି ମଧ୍ୟ ଦୁର୍ଭାଗ୍ୟଜନକ ଭାବେ ପରାଜିତ ହୋଇଥିଲୁ। ସେମିଫାଇନାଲରେ ଦଣ୍ଡିତ ହୋଇଥିବା ସେହି ଖେଳାଳିମାନେ ଯଦି ଥାନ୍ତେ ତେବେ ଫଳାଫଳ ନିଶ୍ଚିତ ରୂପେ ଭିନ୍ନ ହୋଇଥାନ୍ତା। କିନ୍ତୁ ମେସି ଓ ତାଙ୍କ ଦଳ ସାଉଥ ଆମେରିକାନ୍ କପ୍ ଜିତି ଏଠାରେ ପହଞ୍ଚିଛି। ଦଳ ବର୍ତ୍ତମାନ ଚାପରେ କିମ୍ବା ଇଞ୍ଜୁରି ସମସ୍ୟାରେ ନାହିଁ। ଏଥର ବିଶ୍ୱକପ୍ ଜିତି କପ୍‌କୁ ଡିଏଗୋ ମାରାଡୋନାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାକୁ ଅଭିଳାଷ କରିଛନ୍ତି ଲିଓ। ଫୁଟ୍‌ବଲ କିମ୍ବଦନ୍ତୀଙ୍କ ପ୍ରତି ଏହା ଉପଯୁକ୍ତ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ସେ କହିଛନ୍ତି। ଆର୍ଜେଣ୍ଟିନାର ବ୍ଲୁ-ହ୍ୱାଇଟ୍ ଜର୍ସି ପରିଧାନ କରି ବିଶ୍ୱକପ୍ ଖେଳିବା, ପ୍ରତ୍ୟେକ ଖେଳାଳିଙ୍କ ଏକ ସ୍ୱପ୍ନ ଥାଏ। ଏହାଦ୍ୱାରା ଜଣେ ନିଜକୁ ଗୌରବାନ୍ୱିତ ମନେ କରିଥାଏ। ୩୬ ବର୍ଷ ପରେ ପୁଣି ଥରେ ବିଶ୍ୱକପ୍ ଜିତିବା ମୋ ସମେତ ସମସ୍ତ ଆର୍ଜେଣ୍ଟିନାବାସୀ ଏକ ସ୍ୱପ୍ନ ଦେଖୁଛନ୍ତି। ଏହା ଯଦି ସମ୍ଭବ ହୁଏ ଡିଏଗୋ ମାରାଡୋନାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ। ଏହି ମହାନ ଫୁଟ୍‌ବଲ ଖେଳାଳିଙ୍କର ଦୁଇବର୍ଷ ପୂର୍ବେ ନଭେମ୍ବର ମାସରେ ହିଁ ଦେହାନ୍ତ ଘଟିଛି।

-(ଟିଭାକ୍ ସ୍ପୋର୍ଟ୍ସ)


ଜର୍ଜ ବୁରୁଚାଗା

## ଲିଓ୍ୱାଣ୍ଡୋସ୍କିଙ୍କ ମୁକାବିଲା ଲକ୍ଷ୍ୟରେ ମେକ୍ସିକୋ

ଦୋହା,୨୧।୧୧,(ପି.ଟି.)

ପୋଲାଣ୍ଡର ସର୍ବାକାଳୀନ ଶ୍ରେଷ୍ଠ ଗୋଲ ସ୍କୋରର ରବର୍ଟ ଲିଓଣ୍ଡୋସ୍କିଙ୍କ ମୁକାବିଲା କରିବ ମେକ୍ସିକୋ। ବୁଧବାର ଲୁସେଲ ଷ୍ଟାଡିୟମରେ ଏହି ମ୍ୟାଚଟି ଖେଳାଯିବ। ପୋଲାଣ୍ଡର ସର୍ବାଧିକ ଗୋଲ ସ୍କୋରର ଲିଓ୍ୱାଣ୍ଡୋସ୍କି ଏଯାଏ ବିଶ୍ୱକପରେ ନିଜର ଗୋଲ ଖାତା ଖୋଲିବାକୁ ପ୍ରୟାସ କରିବ। ସେ ପୋଲାଣ୍ଡ ପାଇଁ ୧୩୪ ମ୍ୟାଚରେ ୭୬ ଗୋଲ ସ୍କୋର କରିଥିବା ବେଳେ ଚଳିତ ସିଜନରେ ୧୮ ଗୋଲ ସ୍କୋର କରିଛନ୍ତି। ୩୪ ବର୍ଷୀୟ ଲିଓ୍ୱାଣ୍ଡୋସ୍କିଙ୍କ ଏହା ଶେଷ ବିଶ୍ୱକପ ହେବାର ସମ୍ଭାବନା। ଏହାକୁ ସ୍ମରଣୀୟ କରିବାକୁ ସେ ପ୍ରୟାସ କରିବେ। ୪ ବର୍ଷ ପୂର୍ବେ ରୁଷିଆରେ ପୋଲାଣ୍ଡ ମାତ୍ର ଦୁଇଟି ଗୋଲ ସ୍କୋର କରିଥିବା ବେଳେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ୨୦୧୦ ଓ ୨୦୧୪ରେ ପୋଲାଣ୍ଡ ଯୋଗ୍ୟତା ହାସଲରେ ବିଫଳ ହୋଇଥିବା ବେଳେ ୧୯୮୬ ପରଠାରୁ ନକଆଉଟରେ ପହଞ୍ଚିନାହିଁ। ୧୯୭୪ ଓ ୧୯୮୨ରେ ପୋଲାଣ୍ଡ ତୃତୀୟ ସ୍ଥାନରେ ରହିଥିଲା। ଷ୍ଟାଡିୟମ ୯୭୪ରେ ଏହି ମ୍ୟାଚ ଖେଳାଯିବ। ଅନ୍ୟପକ୍ଷରେ ମେକ୍ସିକୋ ଦଳ ବେଶ ଶକ୍ତିଶାଳୀ ରହିଥିଲେ ହେଁ ଦଳ ଆଘାତ ସମସ୍ୟା ସହିତ ଲଢେଇ କରୁଛି। ଦଳର ଏକାଧିକ ଫରୱାର୍ଡ ଖେଳାଳି ଆହତ ଥିଲେ ହେଁ ଦଳ ପ୍ରତ୍ୟାବର୍ତ୍ତନ ଆଶାରେ ରହିଛି।

### ଫିଫା ବିଶ୍ୱକପ

(ଆଜିର ମ୍ୟାଚ)

**ଆର୍ଜେଣ୍ଟିନା ବନାମ ସୌଦୀ ଆରବ**
ସ୍ଥାନ: ଲୁସେଲ ଷ୍ଟାଡିୟମ
ସମୟ: ଦିନ ୩.୩୦

**ଡେନ୍‌ମାର୍କ ବନାମ ଟ୍ୟୁନିସିଆ**
ସ୍ଥାନ: ଏଜୁକେଶନ୍ ସିଟି ଷ୍ଟାଡିୟମ
ସମୟ: ସନ୍ଧ୍ୟା ୬.୩୦

**ମେକ୍ସିକୋ ବନାମ ପୋଲାଣ୍ଡ**
ସ୍ଥାନ: ରସ୍ ଅବୁ ଅବୌଦ ଷ୍ଟାଡିୟମ
ସମୟ: ରାତି ୯.୩୦

**ଫ୍ରାନ୍ସ ବନାମ ଅଷ୍ଟ୍ରେଲିଆ**
ସ୍ଥାନ: ଅଲ ରାୟାନ ଷ୍ଟାଡିୟମ
ସମୟ: ରାତି ୧୨.୩୦



ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍ ବେଳେ ଉପସ୍ଥିତ ସେନେଗାଲ ସମର୍ଥକ।

### ଟିକେଟିଂ ଆପ୍‌ରେ ସମସ୍ୟା

ଦୋହା, ୨୧।୧୧ (ଏପି): ବିଶ୍ୱକପ୍ ମ୍ୟାଚ ଟିକେଟ ପାଇଁ ଉଦ୍ଦିଷ୍ଟ ଫିଫାର ମୋବାଇଲ ଆପ୍ଲିକେଶନରେ ସମସ୍ୟା ଦେଖା ଦେବାରୁ ସୋମବାର ଇଂଲଣ୍ଡ-ଇରାନ ମଧ୍ୟରେ ମ୍ୟାଚ ଦେଖିବା ଲାଗି ଷ୍ଟାଡିୟମରେ ଦର୍ଶକ ପ୍ରବେଶରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ଦୋହାସ୍ଥିତ ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳ ଆରମ୍ଭର ଘଣ୍ଟାକ ପୂର୍ବରୁ ଷ୍ଟାଡିୟମ ବାହାରେ ଲୋକେ ଧାଡ଼ି ଲଗାଇଥିଲେ। ଟିକେଟ କିପରି ଆକ୍ସେସ କରିବାକୁ ହୁଏ ସେ ନେଇ କିଛି ଲୋକ ନୂଆ ଅଭିଜ୍ଞତା ହାସଲ କଲେ। ଖେଳପ୍ରେମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା ସେମାନେ ବ୍ୟବହାର କରୁଥିବା ଇ-ମେଲ୍ ଆକାଉଣ୍ଟ ଜରିଆରେ ଫିଫା ଟିକେଟିଂ ଆପ୍ ରେଜିଷ୍ଟ୍ରି କରିପାରିବେ।

## ପ୍ରଥମ ମ୍ୟାଚ ଖେଳିବ ଆର୍ଜେଣ୍ଟିନା

ଦୋହା,୨୧।୧୧,(ପି.ଟି.): ଅଧିନାୟକ ଲିଓନେଲ ମେସିଙ୍କ ଅନ୍ତିମ ବିଶ୍ୱକପରେ ଆର୍ଜେଣ୍ଟିନା ମଙ୍ଗଳବାର ସାଉଦି ଆରବ ବିପକ୍ଷରୁ ଏହାର ଅଭିଯାନ ଆରମ୍ଭ କରିବ। କ୍ରମାଗତ ୩୬ ମ୍ୟାଚ ଧରି ଅପରାଜେୟ ରହିଥିବା ଆର୍ଜେଣ୍ଟିନା ଏହାର ଅପରାଜେୟ ଧାରା ବଜାୟ ରଖିବାକୁ ପ୍ରୟାସ କରିବ। ଲିଓନେଲ ମେସି ୫୧ଟି ଅନ୍ତର୍ଜାତୀୟ ଗୋଲ ସ୍କୋର କରିଥିବା ବେଳେ ଏହି ସଂଖ୍ୟାକୁ ବୃଦ୍ଧି କରିବାକୁ ସେ ପ୍ରୟାସ କରିବେ। ଟୁର୍ନାମେଣ୍ଟର ସବୁଠୁ କମ୍ ର୍ୟାଙ୍କ ହାସଲକାରୀ ଦଳଙ୍କ ମଧ୍ୟରେ ସାଉଦି ଆରବ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଆର୍ଜେଣ୍ଟିନା ବୃହତ ବିଜୟ ହାସଲ କରିବାକୁ ପ୍ରୟାସ କରିବ। ଲୁସେଲ୍ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ୮୦ ହଜାର ଦର୍ଶକଙ୍କ ବସିବାର ସୁବିଧା ରହିଥିବା ଷ୍ଟାଡିୟମରେ ମେସିଙ୍କୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ ହେବା ନେଇ ଆଶା କରାଯାଉଛି। ତେବେ ସେ ଏହି ମ୍ୟାଚରେ ଖେଳିବେ ତାହାକୁ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ମସଲ୍ ଓଭରଲୋଡ୍ କାରଣରୁ ସେ ଶୁକ୍ରବାର ଓ ଶନିବାର ଦଳ ସହିତ ଅଭ୍ୟାସ ମଧ୍ୟ କରିନଥିଲେ। ଏସୀୟ କୋଟାରୁ ଆସିଥିବା ସାଉଦି ଆରବ ୨୦୧୮ ବିଶ୍ୱକପରେ ଆୟୋଜକ ରୁଷିଆ ନିକଟରୁ ୫-୦ରେ ପରାଜିତ ହୋଇଥିଲା। ଏହା ସହିତ ମେକ୍ସିକୋ ବିପକ୍ଷ ମ୍ୟାଚ ପୂର୍ବରୁ ଏକ ବୃହତ ବିଜୟ ଦଳର ମନୋବଳ ବୃଦ୍ଧିରେ ସହାୟକ ହେବ ବୋଲି କହିଛନ୍ତି ମେସି। ଏହି ମ୍ୟାଚ ଖେଳିବା ଦ୍ୱାରା ସେ ପ୍ରଥମ ଆର୍ଜେଣ୍ଟିନା ଖେଳାଳି ଭାବରେ ପଞ୍ଚମ ବିଶ୍ୱକପ ଖେଳିବେ।


ଇଂଲଣ୍ଡ ଫୁଟବଲ ଦଳକୁ ଉତ୍ସାହିତ କରୁଛନ୍ତି ସମର୍ଥକ।

## ଇଂଲଣ୍ଡର ବୃହତ ବିଜୟ

ଦୋହା,୨୧।୧୧

କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ୨୦୨୨ର ଦ୍ୱିତୀୟ ମ୍ୟାଚରେ ବୃହତ ବିଜୟ ହାସଲ କରିଛି ଇଂଲଣ୍ଡ। ଓ୍ୱିଙ୍ଗର ବୁକାୟୋ ସାକାଙ୍କ ଡବଲ ଗୋଲ ବଳରେ ୬-୨ରେ ଇରାନକୁ ପରାସ୍ତ କରିଥିଲା ଇଂଲଣ୍ଡ। ଖଲିଫା ଷ୍ଟାଡିୟମରେ ଆତସବାଜି ପ୍ରଦର୍ଶନ ପରେ ମ୍ୟାଚ ଆରମ୍ଭ ହୋଇଥିଲା। ଇଂଲଣ୍ଡ ୪-୨-୩-୧ ଓ ଇରାନ ୫-୪-୧ କମ୍ବିନେଶନରେ ପଡିଆକୁ ଓହ୍ଲାଇଥିଲେ। ମ୍ୟାଚ ଆରମ୍ଭରୁ ବିଶ୍ୱ ମାନ୍ୟତାରେ ୫ମ ସ୍ଥାନରେ ଥିବା ଇଂଲଣ୍ଡ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲା। ପ୍ରଥମାର୍ଦ୍ଧର ୩୬ ମିନିଟ ଯାଏ ଉଭୟ ଦଳ ଗୋଲ ସ୍କୋର କରିବାରେ ଅସମର୍ଥ ହୋଇଥିଲେ। ମ୍ୟାଚର ୩୬ ତମ ମିନିଟରେ ଇଂଲଣ୍ଡ ପକ୍ଷରୁ ଜୁଡ ବେଲିଂହାମ ପ୍ରଥମ ଗୋଲ ସ୍କୋର କରିଥିଲେ। ଲୁକ୍ ଶଙ୍କ ପାଶକୁ ହେଡର କରିଥିଲେ ବେଲିଂହାମ୍। ୪୩ ତମ ମିନିଟରେ ଓ୍ୱିଙ୍ଗର ସାକା ନିଜର ପ୍ରଥମ ଗୋଲ ସ୍କୋର କରିବା ସହିତ ଇଂଲଣ୍ଡକୁ ୨-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବା ବେଳକୁ ଫରୱାର୍ଡ ରହିମ ଷ୍ଟର୍ଲିଂ ଆଉ ଏକ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଇଂଲଣ୍ଡ ୩-୦ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ପରେ ଉଭୟ ଦଳ ପକ୍ଷରୁ ଆକ୍ରମଣ ଜୋରଦାର କରାଯାଇଥିଲା। ମାତ୍ର ଇଂଲଣ୍ଡ ଦଳ ମ୍ୟାଚର ୭୯ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲେ। ୬୨ ମିନିଟରେ ସାକା ବ୍ୟକ୍ତିଗତ ଦ୍ୱିତୀୟ ଓ ଇଂଲଣ୍ଡ ପକ୍ଷରୁ ଚତୁର୍ଥ ଗୋଲ ସ୍କୋର କରିଥିଲେ। ଏହାର ୩ ମିନିଟ ପରେ ଇରାନ ପକ୍ଷରୁ ଫରୱାର୍ଡ ଖେଳାଳି ମେହଦୀ ଟାରେମୀ ପ୍ରଥମ ଗୋଲ ପରିଶୋଧ କରିଥିଲେ।

### ସାକାଙ୍କ ଡବଲ୍ ଗୋଲ୍

୭୧ ତମ ମିନିଟରେ ମାର୍କସ ରାସଫୋର୍ଡ ଓ ୮୯ ତମ ମିନିଟରେ ଜ୍ୟାକ୍ ଗ୍ରୀଲିସ୍ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରୁ ଇଂଲଣ୍ଡ ୬-୧ରେ ଆଗୁଆ ରହିଥିଲା। ମାତ୍ର ମ୍ୟାଚ ଇଞ୍ଜୁରୀ ଟାଇମରେ ରହିଥିବା ବେଳେ ଇରାନ ପକ୍ଷରୁ ତଥା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ମେହଦୀ ଟାରେମୀ। ବକ୍ସ ମଧ୍ୟରେ ସାର୍ଟ ଟଣାଯାଇଥିବା ବେଳେ ଇରାନକୁ ଏକ ପେନାଲ୍ଟି ମିଳିଥିଲା। ଟାରେମୀ ଏହାକୁ ଗୋଲରେ ପରିଣତ କରିଥିଲେ ହେଁ ଇଂଲଣ୍ଡ ବୃହତ ବିଜୟ ହାସଲ କରିଥିଲା।


ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ ଇଂଲଣ୍ଡର ବୁକାୟୋ ସାକା।

**ଆଇଆଇଏଫ୍ଏଲ୍‌ର 'ଗୋଲ୍ଡ ଲୋନ୍ ଧମାକା'**

ନୂଆଦିଲ୍ଲୀ: ଦେଶର ପ୍ରମୁଖ ଅଣବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ ଆଇଆଇଏଫ୍ଏଲ୍ ଫାଇନାନ୍ସ ପକ୍ଷରୁ 'ଗୋଲ୍ଡ ଲୋନ୍ ମେଳା ବମ୍ପର୍ ଧମାକା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର୍ ଚଳିତ ବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏ ସମ୍ପର୍କରେ ଆଇଆଇଏଫ୍ଏଲ୍ ଫାଇନାନ୍ସ ଗୋଲ୍ଡ ଲୋନ୍ସ ବିଭାଗର ବିଜନେସ୍ ହେଡ୍ ସୌରଭ କୁମାର କହିଛନ୍ତି, ଆଇଆଇଏଫ୍ଏଲ୍ ଗୋଲ୍ଡ ଲୋନ୍ ଅତ୍ୟଧିକ ଉଚ୍ଚ ଗ୍ରାହକ ବିଶ୍ୱସନୀୟତା ସହ ଭାରତରେ ଅନ୍ୟତମ ପସନ୍ଦ ଯୋଗ୍ୟ ଗୋଲ୍ଡ ଲୋନ୍ ବ୍ରାଣ୍ଡ ଭାବେ ପରିଚିତ ରହିଛି। ଏପରିକି କୃତଜ୍ଞତା ଜଣାଇବା ପାଇଁ ଆମେ 'ଗୋଲ୍ଡ ଲୋନ୍ ଧମାକା'ର ଶୁଭାରମ୍ଭ କରିଛୁ, ଯେଉଁଠାରେ ଗ୍ରାହକଙ୍କ ପାଇଁ କୋଟି କୋଟି ଟଙ୍କା ମୂଲ୍ୟର ଉପହାର ରହିଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହଲ୍ ଅଫ୍ ଫେମ୍ ୨.୦ ରେ ୨୫ ଷ୍ଟାର୍ଟଅପ

ଭୁବନେଶ୍ୱର,୨୧।୧୧

ଷ୍ଟାର୍ଟଅପ ଓଡ଼ିଶା ଓ ଟିଆଇଇ ଭୁବନେଶ୍ୱର ପକ୍ଷରୁ 'ହଲ୍ ଅଫ୍ ଫେମ୍ ୨.୦'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସୋମବାର ସ୍ଥାନୀୟ ଜୟଦେବ ବିହାର ନିକଟସ୍ଥ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ ଓଡ଼ିଶାର ଏକଜିକ୍ୟୁଟିଭ ଚେୟାରମ୍ୟାନ ଓମକାର ରାୟ, ଓଡ଼ିଶା ସରକାରଙ୍କ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗର ଶାସନ ସଚିବ ମନୋଜ ମିଶ୍ର, ଟିଆଇଇ ଭୁବନେଶ୍ୱରର ସଭାପତି ଦେବାଶିଷ ପଟ୍ଟନାୟକ ଏବଂ ଉପସଭାପତି ସୁନୀଲ ତନେଜା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମଗ୍ର ରାଜ୍ୟରୁ ୨୫ ଟି ଷ୍ଟାର୍ଟଅପ ୟୁନିଟ ସେମାନଙ୍କର ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିଥିଲେ।

ଏ ସମ୍ପର୍କରେ ଓମକାର ରାୟ କହିଥିଲେ, ରାଜ୍ୟରେ ଷ୍ଟାର୍ଟଅପ ପରି ବ୍ୟବସ୍ଥା ବେଶ ଉଚ୍ଚତର ସ୍ତରରେ ପହଞ୍ଚିଛି। ଚଳିତ ବର୍ଷ ଓଡ଼ିଶାରେ ଷ୍ଟାର୍ଟଅପ ପରିବ୍ୟବସ୍ଥାକୁ ରାଜ୍ୟର ବିବିଧ ଷ୍ଟାର୍ଟଅପଗୁଡ଼ିକ ନିମନ୍ତେ ପ୍ରାୟ ୧୦୦କୋଟି ଟଙ୍କାର ପାଣ୍ଠି ମିଳିଛି ଏବଂ ଆଞ୍ଜେଲ ନିବେଶକ ଓ ଭେଞ୍ଚର କ୍ୟାପିଟାଲିଷ୍ଟମାନଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ପାଣ୍ଠିକୁ ନେଇ ଏହା ୩୫୯କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସମଗ୍ର ରାଜ୍ୟରେ ଷ୍ଟାର୍ଟଅପଗୁଡ଼ିକ ନିକଟରୁ କାର୍ଯ୍ୟ କ୍ଷେତ୍ରରେ ଆମେ ଅତ୍ୟନ୍ତ ଉତ୍ସାହଜନକ ପ୍ରତିକ୍ରିୟା ପାଉଛୁ। ନିକଟରେ ସମାପ୍ତ ହୋଇଥିବା ଓଡ଼ିଶା ଷ୍ଟାର୍ଟଅପ ଗ୍ରୋଥ ଫଣ୍ଡ, ଫଣ୍ଡ ଅଫ ଫଣ୍ଡସ ୧୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଲାଭ କରିଛି, ଯାହା ଷ୍ଟାର୍ଟଅପଗୁଡ଼ିକ ପାଇଁ ଉପଲବ୍ଧ କରାଯିବ ଏବଂ ଆଗାମୀ ୫ବର୍ଷ ମଧ୍ୟରେ ତାହା ନିବେଶ କରାଯିବ। ମୁଁ ନିଶ୍ଚିତ ଯେ ହଲ୍ ଅଫ ଫେମ ୨.୦ କାର୍ଯ୍ୟକ୍ରମରେ ମନୋନୀତ ୨୫ଟି ଷ୍ଟାର୍ଟଅପ ଆମ ପରିବ୍ୟବସ୍ଥାକୁ ଅଧିକ ପୁଞ୍ଜି ଆକୃଷ୍ଟ କରିପାରିବେ।

ସେହିଭଳି ମନୋଜ ମିଶ୍ର କହିଥିଲେ, ଅଧିକ ଭଲ ପାଇଁ ଓଡ଼ିଶାରେ ଆଇଟି କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି ଏବଂ ଏ କ୍ଷେତ୍ରରେ ଷ୍ଟାର୍ଟଅପଗୁଡ଼ିକ ବୃହତ୍ତର ଭୂମିକା ଗ୍ରହଣ କରିବେ। ହଲ୍ ଅଫ ଫେମ ୨.୦ ପାଇଁ ୨୫ଟି ଷ୍ଟାର୍ଟଅପ ଦ୍ୱାରା ପ୍ରଦର୍ଶନୀ ରାଜ୍ୟରେ ସମୁଦାୟ ଷ୍ଟାର୍ଟଅପ ପରିବ୍ୟବସ୍ଥାର ପ୍ରତିନିଧିତ୍ୱକାରୀ ଉଭୟ ଆଇଟି ଓ ଅଣଆଇଟି କ୍ଷେତ୍ରର ବହୁବିଧ ଉତ୍ପାଦ ପ୍ରଦର୍ଶନ ବେଶ ପ୍ରଭାବୀ ହୋଇପାରିଛି। ଅପରପକ୍ଷରେ ଦେବାଶିଷ କହିଥିଲେ ଯୋଗ୍ୟ ଷ୍ଟାର୍ଟଅପଗୁଡ଼ିକ ଯେଉଁମାନଙ୍କର ବିଦ୍ୱତାକୁ ସ୍ୱୀକୃତି ମିଳିନାହିଁ,ସେଗୁଡ଼ିକର ସମ୍ପୂର୍ଣ୍ଣ ନୂତନ ଚିନ୍ତାଧାରା ଓ ସୃଜନଶୀଳତାକୁ ପ୍ରଦର୍ଶିତ କରିବା ସକାଶେ ହଲ ଅଫ ଫେମ ପକ୍ଷରୁ ଯୋଜନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଶେଷରେ ଧନ୍ୟବାଦ ଅର୍ପଣ କରି ସୁନୀଲ ତନେଜା କହିଥିଲେ ଟିଆଇଇ ଉଦ୍ୟୋଗୀମାନଙ୍କୁ ସମର୍ଥନ ଯୋଗାଇଦେବା ଦିଗରେ କାର୍ଯ୍ୟ କରୁଛି। ଉଦ୍ୟୋଗୀ ଭାବେ ବିବେଚିତ ହେବା ନିମନ୍ତେ ଆପଣଙ୍କୁ କର୍ମଚାରୀ ନିଯୁକ୍ତ କରିବାକୁ ହେବ।




# '୧୨୫ କୋଟିର ଋଣ ମଞ୍ଜୁରୀ ପତ୍ର ବଣ୍ଟନ'




ଭୁବନେଶ୍ୱର,୨୧।୧୧

ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ସିବିଓଆଇ) ପକ୍ଷରୁ ନିକଟରେ ଏକ ଗ୍ରାହକ ସମ୍ମିଳନୀ ତଥା ମେଗା ଋଣ ଶିବିରର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ ୧୨୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ ହୋଇଥିଲା। ଏହି ଅବସରରେ ସିବିଓଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଲୋକ ଶ୍ରୀବାସ୍ତବଙ୍କ ସମେତ ବ୍ୟାଙ୍କର କୋଲକାତା ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଅଜୟ କୁମାର ସିଂ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଅନାଦି ବିଶ୍ୱାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସ ସମ୍ପର୍କିତ ବ୍ୟାଙ୍କର କାର୍ଯ୍ୟଦକ୍ଷତା ଉପରେ ଶ୍ରୀବାସ୍ତବ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ପିସିଏରୁ ବାହାରି ବ୍ୟାଙ୍କ ବର୍ତ୍ତମାନ ଅତ୍ୟନ୍ତ ଭଲ ସ୍ଥିତିରେ ରହିଛି ଏବଂ ଏହା ଗ୍ରାହକମାନଙ୍କ ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ସେ ମତପ୍ରକାଶ କରିଥିଲେ। ସେହିପରି ବ୍ୟାଙ୍କ ପାଖରେ ଯଥେଷ୍ଟ ପରିମାଣର ପୁଞ୍ଜି ମହଜୁଦ ସାଙ୍ଗକୁ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ ଏହାର ସର୍ବନିମ୍ନ ସୁଧ ହାର ରହିଛି ବୋଲି ସେ କହିଛନ୍ତି। ବିଶେଷ କରି ଗ୍ରାହକଙ୍କ ସହିତ ଭାବବିନିମୟ କରିବା ସହ ସେମାନଙ୍କୁ କିପରି ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇ ଦେଇ ହେବ ସେ ନେଇ ଗ୍ରାହକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ବ୍ୟାଙ୍କର ବିଭିନ୍ନ ଶାଖା ମୁଖ୍ୟମାନଙ୍କ ସହ ସେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ପ୍ରତ୍ୟେକ ଜରୁରୀ ଗ୍ରାହକଙ୍କ ପାଖରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବାକୁ ଶ୍ରୀବାସ୍ତବ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିବିଓଆଇ ଭୁବନେଶ୍ୱର କ୍ଷେତ୍ରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ନିକଟରେ ସିବିଓଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଲୋକ ଶ୍ରୀବାସ୍ତବ ପ୍ରଥମ ଥର ପାଇଁ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି।

# ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୨୧।୧୧

କ୍ରମାଗତ ୩ଦିନ ଲାଗି ଷ୍ଟକ୍ ବଜାରର କାରବାର ହ୍ରାସ ପାଇଥିବା ଜଣାପଡ଼ିଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନର କାରବାର ମଧ୍ୟ ଆଶା ଓ ଆଶଙ୍କା ମଧ୍ୟରେ ଶେଷ ହୋଇଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ମଧ୍ୟ ହରାଇଛନ୍ତି। ସୋମବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୫୧୯ (୫୧୮.୬୪) ପଏଣ୍ଟ ହ୍ରାସ ଘଟି ୬୧,୧୪୫(୬୧,୧୪୪.୮୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୮ (୧୪୭.୭୦) ପଏଣ୍ଟ ଖସି ୧୮,୧୬୦ (୧୮,୧୫୯.୯୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ୧୬,୫୦୦ କୋଟିର ଅଧିଗ୍ରହଣ କାର୍ଯ୍ୟ ସମ୍ପନ୍ନ

ଭୁବନେଶ୍ୱର,୨୧।୧୧

AM/NS INDIA

ଦେଶର ବାଣିଜ୍ୟିକ ସଂସ୍ଥା (କମ୍ପାନୀ) ଆର୍ସେଲମିତ୍ତଲ୍-ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍ଏସ୍ ଇଣ୍ଡିଆ) ଏସାର ଗ୍ରୁପଠାରୁ ୨ଟି ପୋର୍ଟସେଟ୍ ଏବଂ ଏକ ପାୱାର ପ୍ଲାଣ୍ଟ ଅଧିଗ୍ରହଣ କରିବା ସହ କର୍ପୋରେଟ୍ ଏବଂ ନିୟାମକ ଅନୁମୋଦନ ପାଇଁ ପ୍ରାୟ ୧୬,୫୦୦ କୋଟିର ଚୁକ୍ତି ଅନୁଯାୟୀ ଅଧିଗ୍ରହଣର ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଛି। ଏପରିକି ଏଏମ୍-ଏନ୍ଏସ୍ ଇଣ୍ଡିଆ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଅଧିଗ୍ରହଣ ହୋଇଥିବା (ଆର୍ଥିକ ଅନୁଦାନ ପ୍ରାପ୍ତ ଏହି ଚୁକ୍ତିନାମା ଅନୁସାରେ) ଏସାର ଗ୍ରୁପର ପାୱାର ପ୍ଲାଣ୍ଟ ଏବଂ ସମସ୍ତ ପ୍ରକାରର ଭିତ୍ତିଭୂମି ଭିତ୍ତିକ ଆସେଟ୍ସ ୨୦୨୨ଅଗଷ୍ଟରେ ଏଏମ୍ଏନ୍ଏସ୍ ଇଣ୍ଡିଆ ହାସଲ କରିଛି। ଯଦ୍ୱାରା କମ୍ପାନୀର ଉତ୍ପାଦନ ଏବଂ ପରିବହନ ସୁବିଧାକୁ ଅଧିକ ଦୃଢ଼ କରାଯାଇପାରିବ। ସେହିଭଳି ଗୁଜରାଟର ହାଜିରାଠାରେ ବର୍ଷତମାମ କାର୍ଯ୍ୟକ୍ଷମ ଗଭୀର ଡ୍ରାଫ୍ଟ ବଲ୍କ ପୋର୍ଟ ଟର୍ମିନାଲ୍ ଏବଂ ଏଏମ୍-ଏନ୍ଏସ୍ ଇଣ୍ଡିଆର ଫ୍ଲାଗସିପ୍ ଷ୍ଟିଲ୍ ପ୍ଲାଣ୍ଟ ସହିତ ଜଡିତ ୨୫ଏମ୍‌ଟିପିଏ ବନ୍ଦର,ପାରାଦୀପଠାରେ ଏକ ୧୨ଏମ୍‌ଟିପିଏ ଗଭୀର ଜଳ ବନ୍ଦର ସହ ଏକ ଉତ୍ସର୍ଗୀକୃତ କନଭେୟର ରହିଛି। ଯାହାକି ଏଏମ୍-ଏନ୍ଏସ୍ ଇଣ୍ଡିଆର ପାରାଦୀପ ପେଲେଟ୍ ପ୍ଲାଣ୍ଟରୁ ଶତପ୍ରତିଶତ ପେଲେଟ୍ ପରିବହନକୁ ନିୟନ୍ତ୍ରଣ କରିଥାଏ। ହାଜିରାଠାରେ ଅବସ୍ଥିତ ୨୭୦ ମେଗାୱାଟ ମଲ୍ଟି ଫୁଏଲ୍ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ରହିଛି, ଯାହା ସହ ଏଏମ୍ଏନ୍ଏସ୍ ଇଣ୍ଡିଆର ଷ୍ଟିଲ୍ ପ୍ଲାଣ୍ଟକୁ ଦୀର୍ଘମିଆଦୀ ବିଦ୍ୟୁତ ଯୋଗାଣର ଚୁକ୍ତି ମଧ୍ୟ ରହିଛି। ଯାହା ବର୍ତ୍ତମାନ ଏଏମ୍ଏନ୍ଏସ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ଏବଂ କମ୍ପାନୀ ପାଇଁ କାର୍ଯ୍ୟକ୍ଷମରେ ଉତ୍ତମ ତାଳମେଳ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଏଏମ୍-ଏନ୍ଏସ୍ ଇଣ୍ଡିଆର ସିଇଓ ଦିଲୀପ୍ ଓମେନ୍ କହିଛନ୍ତି,କମ୍ପାନୀ ଭାରତରେ ଶକ୍ତି ଏବଂ ପରିବହନ ସୁବିଧାକୁ ମଜବୁତ କରିବା ପାଇଁ ଆମର ପ୍ରୟାସରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ନିକଟଅତୀତରେ ଆମେ ଘୋଷଣା କରିଥିଲୁ ଯେ ହାଜିରାଠାରେ ୬୦,୦୦୦କୋଟି ଟଙ୍କାର ସଂପ୍ରସାରଣ ଯୋଜନା କାର୍ଯ୍ୟକାରୀ କରିବୁ। ଯେଉଁଥିରେ ଉଭୟ ଓଡିଶା ଓ ଗୁଜରାଟରେ ବନ୍ଦରଭିତ୍ତିକ ଆସେଟ୍‌ସର ବୃଦ୍ଧି କରାଯିବ। ତେଣୁ ସମସ୍ତ ଅଧିଗ୍ରହଣ କରିବା ଦ୍ୱାରା ଆମର ନିକଟ ଅତୀତରେ ନିଆଯାଇଥିବା ଘୋଷଣାକୁ କାର୍ଯ୍ୟକାରୀ କରିବା ଦିଗରେ ସହାୟକ ହୋଇପାରିଛୁ। ୨୦୨୨ଅଗଷ୍ଟ ଚୁକ୍ତିରେ ଅବଶିଷ୍ଟ ସମ୍ପତ୍ତିଗୁଡ଼ିକର ଅଧିଗ୍ରହଣକୁ ଅନ୍ତର୍ଭୁକ୍ତ କରାଯାଇଛି। ବିଶେଷ କରି ହାଜିରାଠାରେ ୫୧୫ମେଗାୱାଟ୍ ଗ୍ୟାସ୍ ଆଧାରିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର,ବିଶାଖାପାଟଣାଠାରେ ୧୬ ଏମ୍‌ଟିପିଏ ସର୍ବକାଳୀନ ଗଭୀର ଡ୍ରାଫ୍ଟ ଟର୍ମିନାଲ, ୧୦୦କି.ମି. ଗାନ୍ଧାର-ହାଜିରା ଟ୍ରାନ୍ସମିଶନ ଲାଇନ ଆବଶ୍ୟକ ନିୟାମକ ଅନୁମୋଦନ ପାଇବା ପରେ ଠିକ୍ ସମୟରେ ଶେଷ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ଏସ୍‌ଭିଜିଓଆଇର ସ୍ୱାଗତ ସମାରୋହ ଉତ୍ସବ




ଭୁବନେଶ୍ୱର,୨୧।୧୧

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ (ଏସ୍‌ଭିଜିଓଆଇ)ର ଏମବିଏ, ବିବିଏ, ବିସିଏ ଓ ପିଏମଆଇଆର ବିଭାଗର ବାର୍ଷିକ ସ୍ୱାଗତ ସମାରୋହ ଉତ୍ସବ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦାଶରଥି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଷୟିକ ଶିକ୍ଷା ଓ ତା'ର ମାନ ଉପରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ସେହିଭଳି ଆଇଜିଆଇଟି ସରାଙ୍ଗର ସଂଯୁକ୍ତ ପ୍ରଫେସର ଧୀରେନ କୁମାର ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷାର ବ୍ୟବହାରିକ ଜ୍ଞାନ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସେହିପରି ଉକ୍ତ ସମାରୋହରେ ଅନୁଷ୍ଠାନର ଚେୟାରମ୍ୟାନ ଇଂ. ଆଶିଷ କୁମାର ପାତ୍ର, ଭାଇସ ଚେୟାରପର୍ସନ ଶର୍ମିଷ୍ଠା ଜେନା, ନିର୍ଦ୍ଦେଶକ ସୁବ୍ରତ ଚୌଧୁରୀ, ଅଧ୍ୟକ୍ଷ ପ୍ରଫେସର ଡ. ରମେଶ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଚେୟାରମ୍ୟାନ ଶିକ୍ଷାନୁଷ୍ଠାନର ନବାଗତ ଛାତ୍ରୀଛାତ୍ରଙ୍କୁ ଜୀବନର ମାର୍ଗଦର୍ଶନ ଉପରେ କହିଥିଲାବେଳେ ଭାଇସ ଚେୟାରପର୍ସନ ଶିକ୍ଷାର ଶୃଙ୍ଖଳା ଉପରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ଅପରପକ୍ଷରେ ଅଧ୍ୟକ୍ଷ କଲେଜର ନୀତିନିୟମ ଓ ଛାତ୍ରୀଛାତ୍ରଙ୍କର କର୍ତ୍ତବ୍ୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ପରିଶେଷରେ ନିର୍ଦ୍ଦେଶକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଗୋଦରେଜ୍ ଲକ୍ସର 'ହର୍ ଘର୍ ସୁରକ୍ଷିତ'

ନୂଆଦିଲ୍ଲୀ,୨୧।୧୧




ଗୋଦରେଜ୍ ଲକ୍ସ ପକ୍ଷରୁ ନିକଟରେ ଗୃହ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ନୂଆ କାର୍ଯ୍ୟକ୍ରମ 'ଲାଇଭ୍ ସେଫ୍ ଓ ଲାଇଫ ଫ୍ରି'ର ଶୁଭାରମ୍ଭ ମଧ୍ୟ କରାଯାଇଛି। ଏପରିକି ଗାଦରେଜ୍ ଲକ୍ସର ଜାତୀୟସ୍ତରର ଜନ ସଚେତନତା ଅଭିଯାନ 'ହର୍ ଘର୍ ସୁରକ୍ଷିତ'ର ୪ର୍ଥ ବାର୍ଷିକ ଉତ୍ସବ ମଧ୍ୟ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁମ୍ବାଇର ଡେପୁଟି ପୋଲିସ କମିଶନର୍ (ଜୋନ୍ ୭) ପ୍ରଶାନ୍ତ କଦମ୍ ଏବଂ ଲୋକପ୍ରିୟ ଟିଭି ଶୋ' ସିଆଇଡିର ଚର୍ଚ୍ଚିତ ଚେହେରା ଦୟାନନ୍ଦ ସେଟ୍ଟୀଙ୍କ ଉପସ୍ଥିତିରେ ଗୋଦରେଜ୍ ଲକ୍ସର ଗୃହ ସୁରକ୍ଷା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ଜରିଆରେ ଦେଶର ସବୁଠୁ ଅସୁରକ୍ଷିତ ୧୦ ସହରର ୫୨ଟି ସ୍ଥାନ ଅଥବା ୫୨ସପ୍ତାହରେ ସୁରକ୍ଷା ପ୍ରଦାନ କରିବା ଲାଗି କମ୍ପାନୀ ଗୃହ ସୁରକ୍ଷା ସଚେତନତା ଅଭିଯାନର ଆୟୋଜନ କରିବ।

ଏ ସମ୍ପର୍କରେ ଗୋଦରେଜ୍ ଲକ୍ସର ବ୍ୟବସାୟ ମୁଖ୍ୟ ଶ୍ୟାମ୍ ମୋତୱାନି କହିଛନ୍ତି,'ଲାଇଭ୍ ସେଫ୍, ଲାଇଭ୍ ଫ୍ରି' ବିଷୟରେ ଘୋଷଣା କରି ଆମେ ଅତ୍ୟନ୍ତ ଆନନ୍ଦିତ। ଯାହାର ଲକ୍ଷ୍ୟ ହେଉଛି ଅତ୍ୟଧିକ ଚୋରି ଭଳି ଘଟଣା ଘଟୁଥିବା ୫୨ଟି ସ୍ଥାନକୁ ଚିହ୍ନଟ କରି ସାରା ଦେଶରେ ସୁରକ୍ଷାକୁ ନେଇ ରହିଥିବା ଚିନ୍ତାର ମୁକାବିଲା କରିବା। ଏହାଦ୍ୱାରା ନାଗରିକମାନେ ସେମାନଙ୍କ ସୁରକ୍ଷାର ମାନ ବିଷୟରେ ଜାଣିପାରିବେ ଏବଂ ଘର ସୁରକ୍ଷାରେ ରହିଥିବା ଅଭାବର ମୁକାବିଲା କରିବା ଲାଗି ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିପାରିବେ।


# Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1 K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ ( Sqft.-370/699) ରେ ମିଳୁଛି। 9658891108, 8114994259. D-2054

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

Buy/ Sale. 5BHK Duplex Apollo Hospital-2.3cr, 4BHK Duplex Nandankanan-85Lakh, 3BHK Apartment Rasulgarh Square- 89Lakh, 2BHK Simplex Nakhara-39Lakh. 8984071303. D-2061

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

**ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067.** D-74127

Luxurious 4BHK Duplex near Balianta Bazar. Land-1400 Construction- 2200-85lakh. 9938219397, 9861022055. D-2056

କଟକ-ଭୁବନେଶ୍ୱର Twincityର Middle pointରେ ନିର୍ମିତ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 8249422604. D-74150

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145




**Full body massage by smart/expert therapist @999 only. 9078484455.** D-73660

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**
ମୁଁ ବିଭୂତିଭୂଷଣ ପଣ୍ଡା, ବୟସ-୫୧, ନିବାସୀ- ଜଗଲପାଟ, ଗାଇସିଲେଟ, ବରଗଡ଼ ଘୋଷଣା କରୁଛି ଯେ ମୋର ଖାତା ନଂ.୧୩୭/୯୩ ମୌଜା ଜଗଲପାଟର ରେଜିଷ୍ଟ୍ରି ଦଲିଲ ନଂ.୧୫୯୪/୧୯୯୬ ତା ୦୩।୧୧।୨୦୨୨ରେ ଆମ୍ଭ ପାଖରୁ ହଜିଯାଇଥିଲା। ଆମ୍ଭେ ତା ୦୫।୧୧।୨୦୨୨ରେ ଗାଇସିଲେଟ ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲୁ। ଏଣୁକରି ଯଦି କେହି ସହୃଦୟ ବ୍ୟକ୍ତି ତାକୁ ପାଆନ୍ତି ତେବେ ନିମ୍ନ ଲିଖିତ ମୋବାଇଲ ନମ୍ବରରେ ସମ୍ପର୍କ କରିବେ। ଆଶୁତୋଷ ପଟ୍ଟନାୟକ (ଆଡଭୋକେଟ) ମୋବାଇଲ ନମ୍ବର- ୭୦୦୮୦୪୩୯୦୭. ଧ-୨୦୬୨

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LEGAL NOTICE**
In the Honourable Court of the Additional Senior Civil Judge at Srikakulam (A.P).
M.OP.110/2022.
Between:-
Gude Rajeswara Rao ......Petitioner
And:-
Gude (Munikoti) Swapna, W/o- Rajeswara Rao, Hindu, aged 33 years, business, residing at D/o- M.Srinivasa Rao, Goleela Street, near Bahapur Bazar, Berhampur- 760001, Odisha State ...... Respondent
Notice
Please take notice that the above case M.OP. 110/2022 stands posted on 16.12.2022 for your appearance before the Court, therefore as per orders of honourable Court you are hereby directed to appear before the Court on 16.12.2022 at 10.30 A.M. either in person or through an advocate, failing which the matter will be decided your absence.
(By the order of Court)
M.V. Kameswara Rao, Advocate, Srikakulam, Cell: 9441568879. D-2055

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ଦେବରାଜ ବରିସଲ**
କୁଦିଆରୀ, ଜଟଣୀ
ଆବିର୍ଭାବ: ୧୪।୦୪।୧୯୫୫
ତିରୋଧାନ: ୧୨।୧୧।୨୦୨୨
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପତ୍ନୀ: ପ୍ରଭାତୀ ବରିସଲ, ପୁଅ-ବୋହୂ: ଚିନ୍ତୁ,ରେଶମା,ଝିଅ-ଜ୍ୱାଇଁ:ଅଶୋକ-ଡଲି, ମାନସ-ରିଙ୍କି, ନାତି-ନାତୁଣୀ-ନମନ,ରକି,ରାକ୍ଷୀ ଏବଂ ବରିସଲ ପରିବାର। ଧ-୨୦୬୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୁଲୋଚନା ପରିଡ଼ା**
ଚଣ୍ଡିଆପଲ୍ଲୀ, କେନ୍ଦ୍ରାପଡ଼ା
ଚାହୁଁଚାହୁଁ ବର୍ଷେ ବିତିଗଲା। ଏବେ ବି ଲାଗୁଛି ତୁମେ ଆମମାନଙ୍କ ପାଖରେ ଅଛ। ତୁମ ଆଶୀର୍ବାଦ ସଦାସର୍ବଦା ଆମମାନଙ୍କ ଉପରେ ରହିଥାଉ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ହତଭାଗ୍ୟ ସ୍ୱାମୀ, ଦିଅର, ଯା, ପୁଅ, ଝିଅ, ଜ୍ୱାଇଁ, ପୁତ୍ରବଧୂ, ପୁତୁରା, ପୁତୁରାବୋହୂ, ଝିଆରୀ, ଝିଆରୀ ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି-ନାତୁଣୀ ତଥା ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୭୪୬୦୨

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE

**ନ୍ୟାଶନାଲ ଫାଇନାନ୍ସ**
ଭାରତର ନଂ.୧ ବିଶ୍ୱସନୀୟ କମ୍ପାନୀ ନ୍ୟାଶନାଲ ଫାଇନାନ୍ସ ସବୁ ସରକାରୀ ଯୋଜନା ଅଧୀନରେ ପର୍ସନାଲ, ଆଧାର କାର୍ଡ। ସମସ୍ତ ଋଣ 2% ସୁଧ, 40% ଛାଡ଼ (ମହିଳାଙ୍କ ପାଇଁ ବିଶେଷ ରିହାତି)
ଏଜେଣ୍ଟ ଆମନ୍ତ୍ରିତ -
9807641532

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ବିୟୁଟି ଟ୍ରିଟ୍‌ମେଣ୍ଟ

ସୌନ୍ଦର୍ଯ୍ୟ

ବିୟୁଟି ପାର୍ଲର ଯାଇ ମହିଳାମାନେ ନିଜ ନିଜର ବିୟୁଟି ଟ୍ରିଟ୍‌ମେଣ୍ଟ କରାଇଥାନ୍ତି। କିନ୍ତୁ ପାର୍ଲରକୁ ନ ଯାଇ ବିଭିନ୍ନ ଘରୋଇ ସାମଗ୍ରୀ ବ୍ୟବହାରକରି ଆପଣ ନିଜର ବିୟୁଟି ଟ୍ରିଟ୍‌ମେଣ୍ଟ କରିପାରିବେ। ଏଥିପାଇଁ କ'ଣ କରିବେ ଜାଣିରଖନ୍ତୁ।



➡ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିକରିବାକୁ ଚାହୁଁଥିଲେ ଆଳୁକୁ ବାଟି ତା'ର ରସ ବାହାରକରି ମୁହଁରେ ଲଗାନ୍ତୁ। କିଛି ସମୟ ରହିବା ପରେ ଟିସୁ ପେପରରେ ପୋଛି ତା'ପରେ ଧୋଇ ଦିଅନ୍ତୁ।

➡ ମୁହଁରେ ଯଦି ବ୍ରଣ ସମସ୍ୟା ଥାଏ ଓ ତ୍ୱଚାରେ କୁଞ୍ଚନ ପଡ଼ି ଆସୁଥାଏ ତେବେ ତୁଳସୀପତ୍ରକୁ ବାଟି ମୁହଁରେ ଲଗାନ୍ତୁ। ଲଗାତର ଏହାର ବ୍ୟବହାର କରିବା ଫଳରେ ତ୍ୱଚାର ସମସ୍ତ ପ୍ରକାର ଦାଗ ଦୂର ହେବା ସହ ଅନ୍ୟ ସମସ୍ୟା ବି ଦୂରହେବ।

– ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ ଭଲଭାବରେ ଘଷନ୍ତୁ। ଲଗାତର କିଛି ସମୟ ଏପରି କରିବା ଫଳରେ ମୁହଁରେ ଥିବା ସମସ୍ତ ପ୍ରକାର ମଇଳା ସଫା ହୋଇଥାଏ ଏବଂ ସମସ୍ତ ଦାଗ ମଧ୍ୟ କିଛିଦିନ ପରେ ଚାଲି ଯାଇଥାଏ। ଏପରି କରିବା ଫଳରେ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯାଏ ଓ କୋମଳ ମଧ୍ୟ ହୋଇଥାଏ।

➡ ଚନ୍ଦନ ପାଉଡରକୁ ଗୋଲାପ ଜଳରେ ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ପାଣିରେ ଧୋଇଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।

➡ ତ୍ୱଚାରେ ଯଦି ବୟସର ଛାପ ଦେଖାଗଲାଣି ତେବେ ଆଳୁର ପେଷ୍ଟକରି ସେଥିରେ ଅଣ୍ଡାର ଧଳା ଅଂଶ ମିଶାଇ ପ୍ୟାକ୍ ତିଆରି କରି ମୁହଁ ଏବଂ ବେକରେ ଲଗାନ୍ତୁ।

➡ ଆଳୁକୁ ବାଟି ସେଥିରେ ହଳଦୀ ମିଶାଇ ଲଗାଇଲେ ତ୍ୱଚାର ଉଜ୍ଜ୍ୱଳତା ବଢ଼ିବ।

➡ ବ୍ରଣ ସମସ୍ୟାରୁ ମୁକ୍ତି ପାଇଁ ଆଳୁକୁ ବାଟି ସେଥିରେ ଅଳ୍ପ ମୁଲତାନୀ ମାଟି ଏବଂ ଗୋଲାପ ଜଳ ମିଶାଇ ଫେସ୍ ପ୍ୟାକ୍ କରି ଲଗାନ୍ତୁ।

ଫ୍ୟାଶନ

# ଟାଟୁ

ଫ୍ୟାଶନେବୁଲ ଦେଖାଯିବା ପାଇଁ ଆଜିକାଲି ଅନେକେ ଟାଟୁ କରୁଛନ୍ତି। ଟେମ୍ପୋରାରି ଟାଟୁ ସାଧାରଣତଃ କିଛିଦିନ ପରେ ଆପେ ଆପେ ଛାଡ଼ିଯାଇଥାଏ। ତେବେ ସହଜରେ ଟାଟୁର ଦାଗ ଛଡ଼ାଇବା ପାଇଁ ଜାଣିରଖନ୍ତୁ କିଛି ସହଜ ଉପାୟ।



➢ ବଡି ସ୍କ୍ରବ୍ ମାଧ୍ୟମରେ ଟେମ୍ପୋରାରି ଟାଟୁକୁ ସହଜରେ ଛଡ଼ାଇହେବ। ତେଣୁ ଅଧାକପ୍ କଫିରେ ଅଧାକପ୍ ନଡ଼ିଆ କିମ୍ବା ଜଡ଼ାତେଲ ମିଶାଇ ସ୍କ୍ରବ୍ କରନ୍ତୁ। ମାର୍କେଟରେ ମିଳୁଥିବା ବଡିସ୍କ୍ରବ୍ ମଧ୍ୟ ବ୍ୟବହାର କରିପାରିବେ। ତେବେ ସପ୍ତାହକୁ ଥରେ ବଡ଼ି ସ୍କ୍ରବ୍ କରନ୍ତୁ।

➢ ମାଉଥ୍‌ୱାଶ୍‌କୁ ନେଇ ଟାଟୁ ଦାଗ ଉପରେ ଲଗାନ୍ତୁ। କିଛି ସମୟ ଘଷିବା ପରେ ଧୀରେ ଧୀରେ ଟାଟୁ ଛାଡ଼ି ଆସିଲେ ପାଣିରେ ଧୋଇଦିଅନ୍ତୁ।

➢ ଟାଟୁ ଦାଗ ଶୀଘ୍ର ଛଡ଼ାଇବା ପାଇଁ କୋଲ୍ଡ କ୍ରିମ୍ ଲଗାନ୍ତୁ। କ୍ରିମ୍ ଲଗାଇବାର ୧୦ ମିନିଟ୍ ପରେ କପଡ଼ାରେ ପୋଛି ଉଷୁମପାଣିରେ ଧୋଇ ଦିଅନ୍ତୁ।

➢ ନେଲ୍‌ପଲିସ୍ ରିମୁଭରକୁ ତୁଳାରେ ବୁଡ଼ାଇ ଟାଟୁ ଦାଗରେ ଲଗାଇଲେ ଅନେକାଂଶରେ ଟାଟୁର ଦାଗ ଛାଡ଼ି ଯାଇଥାଏ। କିନ୍ତୁ ସେନ୍‌ସିଟିଭ୍ ତ୍ୱଚା ହୋଇଥିଲେ ରିମୁଭର ଲଗାଇବା ଉଚିତ ନୁହେଁ।

➢ ଟାଟୁ ଛଡ଼ାଇବାକୁ ଚାହୁଁଥିଲେ ସେହି ସ୍ଥାନରେ ବେବି ଅଏଲ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାପରେ ହାତରେ ଧୀରେ ଧୀରେ ଘଷି ମାଲିସ୍ କରନ୍ତୁ। ଟାଟୁ ଦାଗ ଛାଡ଼ିବା ସହଜ ହେବ।

➢ ଘରୋଇ ଉପାୟରେ ଟାଟୁ ଛଡ଼ାଇବା ପାଇଁ ଅଧିକ ସମୟ ଲାଗିଥାଏ। ତେଣୁ ଶୀଘ୍ର ଟାଟୁ ଛଡ଼ାଇବା ପାଇଁ ଚାହୁଁଥିଲେ ଟାଟୁ ରିମୁଭାଲ ୱାଇପ୍‌ସର ସାହାଯ୍ୟ ନେଇପାରିବେ।

# ଶୀତଦିନେ ପିଲାଙ୍କ ତ୍ୱଚାର ଯତ୍ନ



ପିଲାଙ୍କ ତ୍ୱଚା ଶୁଷ୍କ ହୋଇଥିଲେ ଶୀତଦିନେ ଅଧିକ ରୁକ୍ଷ ହୋଇଯାଏ। ତେଣୁ ଏହିଦିନେ ପିଲାଙ୍କ ତ୍ୱଚାର ଯତ୍ନ କିପରି ନେବେ ଜାଣିରଖନ୍ତୁ।

⇨ ଡ୍ରାଏ ସ୍କିନ୍ ନିମନ୍ତେ ତେଲ ଲଗାଇବା ହିଁ ସବୁଠୁ ଭଲ ଘରୋଇ ଉପାୟ। ପିଲାଙ୍କ ତ୍ୱଚା ଶୁଷ୍କ ହୋଇଥିଲେ ଘରୋଇ ଉପାୟ ଆପଣାନ୍ତୁ। ପିଲାଙ୍କ ଗାଧୋଇବା ପାଣିରେ କିଛି ନଡ଼ିଆତେଲ ପକାଇ ଦିଅନ୍ତୁ। ଉଷୁମ ପାଣିରେ ପିଲାଙ୍କୁ ଗାଧାନ୍ତୁ।

⇨ ଆଲୋଭେରା ଜେଲ୍‌ରେ ଆଣ୍ଟି ଫଙ୍ଗଲ ଓ ଆଣ୍ଟି ବାକ୍ଟେରିଆ ତତ୍ତ୍ୱ ରହିଛି। ତେଣୁ ପିଲାଙ୍କ ତ୍ୱଚାରେ ଆଲୋଭେରା ଜେଲ୍ ଲଗାନ୍ତୁ।

⇨ ପିଲାଙ୍କର ତ୍ୱଚା ଶୁଷ୍କ ହୋଇଥିଲେ ଯଥେଷ୍ଟ ପାଣି ପିଆନ୍ତୁ।

⇨ ପିଲାଙ୍କ ତ୍ୱଚାର ରୁକ୍ଷପଣ ଦୂରକରିବା ପାଇଁ ଦିନକୁ ଦୁଇ ତିନି ଥର ତେଲ ମାଲିସ କରନ୍ତୁ।

⇨ ଶିଶୁଙ୍କ ତ୍ୱଚାର ରୁକ୍ଷପଣ ଦୂର କରିବା ପାଇଁ କେମିକାଲ ଥିବା ଲୋସନ ଲଗାନ୍ତୁ ନାହିଁ। ତେଣୁ ଘରେ ପିଲାଙ୍କ ପାଇଁ ଲୋସନ ତିଆରି କରନ୍ତୁ। ଅଲିଭ ଅଏଲରେ ମହୁ ଓ ଆଲୋଭେରା ଜେଲ୍ ମିଶାଇ ଲୋସନ ଭଳି ପିଲାଙ୍କ ତ୍ୱଚାରେ ବ୍ୟବହାର କରିହେବ।

⇨ ଶୁଷ୍କ ତ୍ୱଚାଥିବା ପିଲାଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଗାଧାନ୍ତୁ ନାହିଁ।

⇨ ପିଲାମାନଙ୍କୁ ଗାଧୋଇବା ପାଇଁ ସଫ୍ଟ ସାବୁନ ବ୍ୟବହାର କରନ୍ତୁ ଏବଂ ସ୍ନାନ କରାଇବା ପରେ ତଉଲିଆରେ ରଗଡ଼ିକରି ପୋଛନ୍ତୁ ନାହିଁ ବରଂ ନରମ କପଡ଼ାରେ ଧୀରେ ପୋଛନ୍ତୁ।

# ପିଲା ଯାଉଥିଲେ ପଡ଼ିଶା ଘର...



ହସ ଖେଳ ଆଉ ମଜାମସ୍ତି କରିବା ପାଇଁ ପିଲାମାନେ ସବୁବେଳେ ଖୋଜନ୍ତି ତାଙ୍କ ସାଙ୍ଗ ପିଲାମାନଙ୍କୁ। କିନ୍ତୁ ଆଜିକାଲିର ଅଧିକାଂଶ ଏକାନ୍ନବର୍ତ୍ତୀ ପରିବାରରେ ପିଲାମାନେ ଘରେ ଏକୁଟିଆ ରହି ଚିଡ଼ିଚିଡ଼ା ହୋଇ ଯାଉଛନ୍ତି। ଅନେକ ସମୟରେ ପିଲା ଜିଦିଆ, ପ୍ରତିକ୍ରିୟାଶୀଳ ହେଉଥିବା ବି ଦେଖିବାକୁ ମିଳୁଛି। ଏହି ଦୃଷ୍ଟିରୁ ପିଲାଙ୍କୁ ସମ୍ଭାଳିବା ପାଇଁ ଢେର୍ ଉପାୟ ଚିନ୍ତା କରୁଛନ୍ତି ମା'ମାନେ। ତେବେ ମା' ଯଦି କର୍ମଜୀବୀ ହୋଇଥାନ୍ତି ପିଲାଙ୍କ ସମୟକୁ ଖୁସିରେ ଅତିବାହିତ କରାଇବା ଆହୁରି କଷ୍ଟକର ମନେ ହୋଇଥାଏ। ଏଭଳି କ୍ଷେତ୍ରରେ ପିଲାଙ୍କ ପାଇଁ ବେଶ୍ ସହାୟକ ହୋଇଥାନ୍ତି ପଡ଼ୋଶୀ। ପିଲାମାନେ ପଡ଼ୋଶୀଙ୍କ ଘରକୁ ଯାଇ ସେମାନଙ୍କ ପିଲାଙ୍କ ସହ କିଛି ସମୟ ଅତିବାହିତ କରି ଖୁସି ହୋଇଯାନ୍ତି। ହେଲେ ପଡ଼ୋଶୀଙ୍କ ଘରେ ପିଲାମାନେ ଯେମିତି କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ନ କରନ୍ତି ଏଥିପାଇଁ ମା'ମାନଙ୍କୁ ହିଁ କେତେକ ଦିଗ ପ୍ରତି ଦୃଷ୍ଟିଦେବାକୁ ହେବ।

ବନ୍ଧୁତା ହେଉ କି ଶତ୍ରୁତା ବୁଝନ୍ତି ନାହିଁ ପିଲା। ସେଥିପାଇଁ ସେମାନେ ପଡ଼ୋଶୀ ଘରକୁ ବି ନିଜର ଭାବନ୍ତି। ନିଶ୍ଚିତରେ ସେଠି ଖେଳନ୍ତି ଆଉ ବୁଲନ୍ତି। ପିଲାଙ୍କର ଏହି ଅଭ୍ୟାସ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରୁ ସେଥିପାଇଁ ମା' ମାନେ ସେମାନଙ୍କୁ କିଛି ବ୍ୟବହାରିକ ଗୁଣ ଶିଖାଇବା ଆବଶ୍ୟକ...

## ଗୁରୁଜନଙ୍କୁ ସମ୍ମାନ

ନିଜ ଘରେ ହେଉ କି ପଡ଼ୋଶୀଙ୍କ ଘରେ ସବୁଠି ଗୁରୁଜନମାନଙ୍କୁ ସମ୍ମାନ ଦେବା ଉଚିତ। ଏକଥା ପ୍ରଥମେ ନିଜ ପିଲାଙ୍କୁ ଶିଖାନ୍ତୁ। ଫଳରେ ପଡ଼ୋଶୀଙ୍କ ଘରକୁ ଯିବା ସମୟରେ ପିଲାଟି ସେଠାରେ ବଡ଼ମାନଙ୍କ କଥା ମାନିବ ଏବଂ ସେହି ଅନୁସାରେ ଭଲ ବ୍ୟବହାର ବି ଦେଖାଇବ। ପଡ଼ୋଶୀଙ୍କ ଘରେ ସମସ୍ତେ ପିଲା ପ୍ରତି ଭଲ ଭାବନା ରଖିବେ ଓ ଦୁଇ ପରିବାର ମଧ୍ୟରେ ଭଲ ସମ୍ପର୍କ ସୃଷ୍ଟି ହୋଇପାରିବ।



## ଜିନିଷ ନଷ୍ଟ ନ ହେଉ

ପିଲାମାନେ ସାଧାରଣତଃ ନିଜ ଘରେ ବିଭିନ୍ନ ଜିନିଷକୁ ଧରି ଖେଳନା କରି ଖେଳନ୍ତି। ବେଳେବେଳେ ଅନେକ କିଛି ନଷ୍ଟ ବି କରିଥାନ୍ତି। କିନ୍ତୁ ପଡ଼ୋଶୀଙ୍କ ଘରେ ଥିବା ସବୁ ଜିନିଷକୁ ଯେମିତି ପିଲା ଖେଳନା ନ କରୁ, ଏନେଇ ପିଲାଙ୍କୁ ଶିକ୍ଷା ଦେବା ଉଚିତ। ତାଙ୍କ ଘରେ ପିଲା ଯେପରି କୌଣସି ଜିନିଷରେ ହାତ ନ ଲଗାଇବ ଏବଂ କୌଣସି ଜିନିଷ ଆଣିବା ପାଇଁ ଜିଦ୍ ନ କରିବ ସେଥିପ୍ରତି ପୂର୍ବରୁ ଶିକ୍ଷା ଦେବା ଉଚିତ।

## ପେଟପୂରା ଖୁଆନ୍ତୁ

ପଡ଼ୋଶୀଙ୍କ ଘରକୁ ପିଲା ଖେଳିବାକୁ ଯିବା ପୂର୍ବରୁ ତାକୁ ପେଟ ପୂରା ଖାଇବା ପାଇଁ ଦିଅନ୍ତୁ। ଫଳରେ ପଡ଼ୋଶୀଙ୍କ ଘରେ ସେ ଆଉ ଅନ୍ୟ କିଛି ଖାଇବା ପାଇଁ ଜିଦ୍ କରିବ ନାହିଁ। ଏହା ସହ ଅନ୍ୟ କାହା ଘରେ ଅନୁମତି ନ ନେଇ କୌଣସି ଖାଇବା ଜିନିଷ ପିଲା ଯେପରି ହାତ ନ ଲଗାଇବ ସେଥିପ୍ରତି ସତର୍କ କରାଇଥାନ୍ତୁ।

## ସମୟକୁ ଧ୍ୟାନ ଦିଅନ୍ତୁ

ପଡ଼ୋଶୀଙ୍କ ଘରକୁ ପିଲା ହୁଏତ ବାରମ୍ବାର ଖେଳିବାକୁ ଯିବା ପାଇଁ ଜିଦ୍ କରିପାରେ, କିନ୍ତୁ ଅତି ସକାଳୁ କିମ୍ବା ଖାଇବା ଅଥବା ଶୋଇବା ସମୟରେ ପିଲାଙ୍କୁ ପଡ଼ୋଶୀଙ୍କ ଘରକୁ ପଠାନ୍ତୁ ନାହିଁ। କେଉଁ ସମୟରେ ପଡ଼ୋଶୀଙ୍କ ଘରକୁ ଗଲେ ସେମାନେ ଡିଷ୍ଟର୍ବ ହେବେ ନାହିଁ ସେକଥା ଜଣାନ୍ତୁ। ଏହା ସହ କାହା ଘରକୁ ଯିବା ପୂର୍ବରୁ ତାଙ୍କୁ ଜଣାଇବା ମଧ୍ୟ ନିହାତି ଦରକାର। ତେଣୁ ଆପଣଙ୍କ ପିଲା ଯଦି ପଡ଼ୋଶୀଙ୍କ ଘରକୁ ଯାଉଥାଏ ତାଙ୍କୁ ଆଗୁଆ ଜଣାଇଦେବା ଭଲ। ଏହା ସହିତ ଖେଳିବା ପରେ ପିଲା ନିଜ ଘରକୁ ଫେରିବା ସମୟରେ ମଧ୍ୟ ପଡ଼ୋଶୀଙ୍କ ଘରେ କୌଣସି ଗୁରୁଜନଙ୍କୁ ଜଣାଇ ଆସିବା ପାଇଁ ପିଲାକୁ କୁହନ୍ତୁ।

## ଏମାନେ କ'ଣ କରନ୍ତି

### ପଡ଼ିଶାଘରକୁ ସବୁଦିନ ଯାଏ



ମୋ ଝିଅ ଏବେ ଦଶମ ଶ୍ରେଣୀରେ ପଢୁଛି, ହେଲେ ଛୋଟବେଳରୁ ସେ ପଡ଼ିଶା ଘରକୁ ସବୁଦିନ ଯାଏ। ତା' ସାଙ୍ଗେ ଖେଳିବା ପାଇଁ ବି କେହି ଭାଇଭଉଣୀ ନ ଥିବାରୁ ମୁଁ ତାକୁ ପଡ଼ୋଶୀଙ୍କ ଘରକୁ ଯିବାକୁ ମନା କରିପାରେ ନାହିଁ। ମୁଁ ଗୃହିଣୀ ହୋଇଥିବାରୁ ସବୁବେଳେ ତା' ପାଖରେ ରହୁଥିଲେ ବି ତାଙ୍କ ଘରକୁ ନ ଗଲେ ସେ ବିରକ୍ତ ହୋଇଯାଏ। ସେଥିପାଇଁ ମୁଁ ଛୋଟବେଳରୁ ତା' ନିତ୍ୟକର୍ମ ଶେଷ କରିବା ପରେ ତାକୁ ତାଙ୍କ ଘରକୁ ପଠାଇଥାଏ। ଆଉ ଆମ ପଡ଼ୋଶୀ ବି ଭାରି ଭଲ ଲୋକ। ତାଙ୍କ ଝିଅ ବି ଆମ ଘରକୁ ଆସେ ଓ ମୋ ଝିଅ ସହ ମିଶି ଏକାଠି ଖେଳେ। ଏବେ ବଡ଼ ହେବା ପରେ ବି ସେମାନେ ଏକାଠି ଅନେକ ସମୟରେ ପଢ଼ାପଢ଼ି କରିବା ସହ ବୁଲିବାକୁ ବି ଯାଆନ୍ତି।

–ମମତା ଦାସ, ଗୃହିଣୀ,
ବରଗଡ଼ ବ୍ରିଟ୍ କଲୋନି, ଭୁବନେଶ୍ୱର

### ତାଙ୍କ ଘରେ ବଡ଼ ହେଇଛି



ମତେ ଲାଗେ ଆମ ପଡ଼ିଶାଘର ମହାନ୍ତିବାବୁ ନ ଥିଲେ ମୁଁ ବୋଧେ ମୋ ଦୁଇ ଛୁଆଙ୍କୁ ଏକା ରଖି ପାରି ନ ଥାନ୍ତି। ପିଲାଙ୍କୁ ବଡ଼ କରିବା ପାଇଁ ଚାକିରି ଛାଡ଼ିବା ପରେ ବି ସେମାନଙ୍କୁ ଘର ଭିତରେ ସବୁବେଳେ ରଖିପାରେନି। ମଝିରେ ମଝିରେ ପାର୍କ କି ମାମୁଘର ବୁଲାଇବାକୁ ନିଏ, ହେଲେ ମହାନ୍ତି ବାବୁଙ୍କ ଘରକୁ ନ ଗଲେ ସେମାନେ ରହିପାରନ୍ତି ନାହିଁ। ମହାନ୍ତିବାବୁଙ୍କ ପୁଅ ବି ଆମ ଘରକୁ ଆସି ମୋ ଛୁଆଙ୍କ ସହ ଖେଳେ। ଅନେକ ସମୟରେ ମୁଁ କାମ ବ୍ୟସ୍ତ ଥିଲେ ତାଙ୍କ ଘରେ ଛୁଆଙ୍କୁ ଛାଡ଼ି ନିଶ୍ଚିତରେ ରହି ଯାଇଥାଏ କିମ୍ବା ବାହାରକୁ କୌଣସି କାମରେ ବି ଯାଇଥାଏ। ମୋ ଛୁଆଙ୍କୁ ବଡ଼ କରିବାରେ ସେମାନଙ୍କର ବି ବହୁତ ବଡ଼ ଅବଦାନ ରହିଛି।

–ସୁରଶ୍ରୀ ପ୍ରିୟଦର୍ଶିନୀ, ଗୃହିଣୀ, କଟକ

### ପଡ଼ୋଶୀଙ୍କ ଘରକୁ ପଠାଏ



କର୍ମଜୀବୀ ହୋଇ ପଡ଼ୋଶୀଙ୍କ ସହ ଭଲ ସମ୍ପର୍କ ନ ରଖିଲେ ଭୁବନେଶ୍ୱରରେ ରହି ହେବନି। ଚାକିରି କରି ଛୁଆକୁ ବଡ଼ କରିବା ପାଇଁ ମତେ ତ ପଡ଼ୋଶୀ ଘର ଲୋକେ ବହୁତ ସାହାଯ୍ୟ କରିଛନ୍ତି। ସ୍କୁଲରେ ଚାକିରି କରିଥିବାରୁ ମୁଁ ଘରୁ ଯିବାପରେ ଅଧିକାଂଶ ସମୟରେ ପଡ଼ୋଶୀ ଘର ଲୋକେ ହିଁ ମୋ ପୁଅକୁ ତାଙ୍କ ପାଖରେ ରଖିଥାନ୍ତି। ତାଙ୍କ ଘରେ ତାଙ୍କ ଛୁଆଙ୍କ ସହ ସେ ବେଶ୍ ଖୁସିରେ ଖେଳୁଥାଏ। ପୁଅ ଏବେ ସ୍କୁଲ ଗଲାଣି, ହେଲେ ପଡ଼ୋଶୀ ଘରେ ଥିବା ପିଲାଙ୍କ ପାଖକୁ ସେ ସବୁଦିନ ଯାଇଥାଏ।

–ଅନୀତା ଦାସ, ଶିକ୍ଷୟିତ୍ରୀ,
ଚକେଇସିହାଣୀ, ଭୁବନେଶ୍ୱର

ଖାଦ୍ୟରୁଚି

# ଟମାଟୋ ପନିର



**ଆବଶ୍ୟକସାମଗ୍ରୀ:** ପନିର– ୫୦୦ ଗ୍ରାମ୍, ଟମାଟୋ– ୪ଟି (ବଡ଼), ଗ୍ରୀନ୍ ମଟର– ୨୦୦ ଗ୍ରାମ୍, ପିଆଜ– ୨ଟି (ବଡ଼), ଅଦା ରସୁଣ ପେଷ୍ଟ– ୨ ଚାମଚ, କଞ୍ଚା ଲଙ୍କା– ୪ଟି, ଘିଅ– ୨ ଚାମଚ, ବଟର– ୧ ଚାମଚ, ଜିରା– ଅଳ୍ପ, ଗୋଲମରିଚ ଗୁଣ୍ଡ– ଅଧା ଚାମଚ, ଲଙ୍କାଗୁଣ୍ଡ– ଅଳ୍ପ, ଚିନି– ୨ ଚାମଚ, ଆବଶ୍ୟକ ଅନୁସାରେ କସ୍ତୁରୀ ମେଥି, ତେଜପତ୍ର ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ମଟରକୁ ସିଝାଇ ରଖନ୍ତୁ। ଏହାପରେ ପନିରକୁ ଛୋଟ ଛୋଟ କାଟି ଅଳ୍ପ ଭାଜି ଦିଅନ୍ତୁ। ଏବେ ଗ୍ୟାସ୍‌ରେ ମଧ୍ୟମ ଆଞ୍ଚରେ କଡ଼େଇ ବସାନ୍ତୁ। କଡ଼େଇ ଗରମ ହେବା ପରେ ସେଥିରେ ଘିଅ ପକାନ୍ତୁ। ଘିଅ ଗରମ ହେଲେ ସେଥିରେ ଦୁଇ ଚାରୋଟି ତେଜପତ୍ର ପକାନ୍ତୁ। ଏହାପରେ ପିଆଜ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ସେଥିରେ ପକାନ୍ତୁ। ପିଆଜ ଭାଜିହୋଇ ଆସିଲେ ସେଥିରେ ଟମାଟୋ ପେଷ୍ଟ ଓ ଅଧା ଚାମଚ ଚିନି ପକାଇ କମ୍ ଆଞ୍ଚରେ କିଛି ସମୟ କଷନ୍ତୁ। ଟମାଟୋ ପେଷ୍ଟ ଅଧା ହୋଇଯିବା ପରେ ସେଥିରେ କିଛି ବଟର ପକାନ୍ତୁ। ଏହା ପରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ ଏବଂ କିଛି ସମୟ ପରେ ସେଥିରେ କିଛି କସ୍ତୁରୀ ମେଥି, ଗୋଲମରିଚ ଗୁଣ୍ଡ ଓ ଲୁଣ ପକାନ୍ତୁ। କିଛି ସମୟ ପରେ ସେଥିରେ ପାଣି ଦେଇ ଫୁଟାନ୍ତୁ। ପାଣି ଫୁଟିବା ପରେ ସେଥିରେ ସିଝା ମଟରକୁ ପକାନ୍ତୁ। ତରକାରି ହୋଇଆସିବା ବେଳକୁ ପନିର ପକାଇ, ଅଳ୍ପ ଫୁଟାଇ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଟମାଟୋ ପନିର।

# ରୋଷେଇ ଟିପ୍ସ

➔ ଟମାଟୋକୁ ବାଟି ସେହି ପେଷ୍ଟକୁ ଆଇସ୍ ଟ୍ରେ ଭିତରେ ରଖି ବରଫ କରି ରଖି ଦିଅନ୍ତୁ। ଆବଶ୍ୟକ ସମୟରେ ଏହାକୁ ତରକାରିରେ ବ୍ୟବହାର କରି କମ୍ ସମୟରେ ରୋଷେଇ କରିପାରିବେ।

➔ ତରକାରିରେ ଲୁଣ ଅଧିକ ହୋଇ ଯାଇଥିଲେ ସେଥିରେ କିଛି ଆଳୁକୁ କାଟି ରଖି ଅଳ୍ପ ସମୟ ଗରମ କରି ଦିଅନ୍ତୁ। ଏହିପରି ଟମାଟୋକୁ କାଟି ରଖିପାରିବେ।

➔ ଘରେ ପନିର ତିଆରି କରିବା ପରେ ବଳକା ପାଣିକୁ ଅଟା ଚକଟିବା ପାଇଁ ବ୍ୟବହାର କରିପାରିବେ। ଏହାଫଳରେ ରୁଟି ନରମ ଏବଂ ସ୍ୱାଦିଷ୍ଟ ହେବ।

➔ ବଳକା ରୁଟିକୁ ଫ୍ରେଶ୍ କରିବା ପାଇଁ ଏହାକୁ ଏକ ସଫା କପଡ଼ାରେ ଗୁଡ଼ାଇ ଏକ ଡବା ଭିତରେ ମୁହଁ ବନ୍ଦ କରି ରଖନ୍ତୁ ଯାହା ପ୍ରେସର କୁକର ଭିତରେ ରହି ପାରୁଥିବ। ଏହାପରେ ପ୍ରେସର କୁକରରେ ପାଣି ଦେଇ ଭିତରେ ଡବାକୁ ରଖି ୨–୩ଟି ସିଟି ଦେଇ ଦିଅନ୍ତୁ। ଏହାପରେ ରୁଟି ପୂରା ଫ୍ରେଶ୍ ଲାଗିବ।



➔ ବାଦାମ, ଟମାଟୋ ଆଦି ପତଳା ଚୋପାକୁ ବାହାର କରିବା ପାଇଁ ଚାହୁଁଥିଲେ ଏହାକୁ କିଛି ସମୟ ଗରମ ପାଣିରେ ଭିଜାଇ ଦିଅନ୍ତୁ।

➔ ନୁଡଲ୍ସ କିମ୍ବା ପାସ୍ତାକୁ ପାଣିରେ ଫୁଟାଇବା ସମୟରେ ଅଳ୍ପ ତେଲ ପକାଇ ଦିଅନ୍ତୁ। ଛାଣିବା ପରେ ଏହା ଖୋଲା ଖୋଲା ରହିବ।

➔ ନନ୍‌ଭେଜ୍ କରିବା ପୂର୍ବରୁ ମାରିନେଟ୍ କରି ୧–୨ ଘଣ୍ଟା ପର୍ଯ୍ୟନ୍ତ ରଖି ଦିଅନ୍ତୁ, ତାହା ଅଧିକ ସ୍ୱାଦିଷ୍ଟ ଲାଗିବ।

➔ ରସୁଣରୁ ଚୋପା ଛଡ଼ାଇବା ପୂର୍ବରୁ କିଛି ସମୟ ଉଷୁମ ପାଣିରେ ଭିଜାଇ ଦିଅନ୍ତୁ। ସହଜରେ ଚୋପା ଛାଡ଼ିଯିବ।



# ସାମସନ୍, ଉମ୍ରାନଙ୍କୁ ମିଳିବ ସୁଯୋଗ

**ନାପିୟର,୨୧।୧୧,(ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜର ଅନ୍ତିମ ମ୍ୟାଚ ମଙ୍ଗଳବାର ନାପିୟରରେ ଖେଳାଯିବ।ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ଜିତି ନେଇଥିଲା ଭାରତ। ତେବେ ଅନ୍ତିମ ମ୍ୟାଚ ପାଇଁ ଭାରତ ସଞ୍ଜୁ ସାମସନ୍ ଓ ଉମ୍ରାନ୍ ମଲିକଙ୍କ ପରି ଖେଳାଳିଙ୍କୁ ସୁଯୋଗ ମିଳିପାରେ।

## ଆଜି ଅନ୍ତିମ ଟି୨୦



ଉମ୍ରାନ୍ ମଲିକ ଓ ସଞ୍ଜୁ ସାମସନ୍।

ବିଶ୍ୱକପରେ ଭାରତର ବିପର୍ଯ୍ୟୟ ପରେ ଏକ ନୂତନ ମାନସିକତା ଏବଂ ନୂତନ ଅଧିନାୟକଙ୍କ ନେତୃତ୍ୱରେ ପଡିଆକୁ ଓହ୍ଲାଇଛି ଟିମ୍ ଇଣ୍ଡିଆ। ସୂର୍ଯ୍ୟକୁମାରଙ୍କ ଶତକକୁ ବାଦ ଦେଲେ ଭାରତ ୧୬୦ ରନରେ ପହଞ୍ଚିବା ମଧ କଷ୍ଟକର ହୋଇ ପଡିଥାନ୍ତା। ଦ୍ୱିତୀୟ ଟି ୨୦ରେ ଓପନର ଭାବରେ ପନ୍ତଙ୍କୁ ସୁଯୋଗ ମିଳିଥିଲା। ମାତ୍ର ପନ୍ତ ବିଫଳ ହୋଇଥିବାରୁ ଏହି ମ୍ୟାଚରୁ ସେ ବାଦ ପଡିବାର ସମ୍ଭାବନା ରହିଛି। ଉଭୟ ଟପ୍ ଓ ମିଡିଲ ଅର୍ଡରରେ ସଞ୍ଜୁ ସାମସନ୍ ବେଶ ପ୍ରଭାବଶାଳୀ। ତେବେ ଭାରତ ଏଯାଏ ସାମସନ୍‌ଙ୍କୁ ସୁଯୋଗ ଦେଇନାହିଁ। ତେବେ ଦ୍ୱିତୀୟ ମ୍ୟାଚ ପରେ ଦଳରେ ଅଧିକ ପରିବର୍ତ୍ତନ ସପକ୍ଷରେ ନଥିବା ପ୍ରକାଶ କରିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଯଦିଓ ସମସ୍ତଙ୍କୁ ସୁଯୋଗ ଦେବାକୁ ମ୍ୟାନେଜମେଣ୍ଟର ଇଚ୍ଛୁକ ମାତ୍ର ଗୋଟିଏ ମ୍ୟାଚ ବାକି ଥିବାରୁ ଏହା ସମ୍ଭବ ହେବ ନାହିଁ ବୋଲି ପାଣ୍ଡ୍ୟା କହିଛନ୍ତି। ପାଣ୍ଡ୍ୟାଙ୍କୁ ୨୦୨୪ ଟି ୨୦ ବିଶ୍ୱକପ ପାଇଁ ଅଧିନାୟକ ଭାବରେ ମଧ ବିବେଚନା କରାଯାଉଛି। ଓପନର ଶୁବମାନ ଗିଲ୍ ମଧ ସୁଯୋଗ ଅପେକ୍ଷାରେ ରହିଛନ୍ତି। ତେବେ ପ୍ରଥମ ମ୍ୟାଚରେ ଗିଲ୍‌ଙ୍କ ଅପେକ୍ଷା କିଶନ୍ ଓ ପନ୍ତଙ୍କୁ ସୁଯୋଗ ଦେଇଥିଲା ମ୍ୟାନେଜମେଣ୍ଟ। ଏହା ସହିତ ବୋଲିଂ କରି ପାରୁଥିବା ଖେଳାଳିଙ୍କୁ ସୁଯୋଗ ଦେବା ସପକ୍ଷରେ ପାଣ୍ଡ୍ୟା ଥିବାରୁ ଦୀପକ ହୁଡାଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ତେବେ ସ୍ୱିଡଷ୍ଟର ଉମ୍ରାନ ମଲିକଙ୍କୁ ଦଳରେ ସାମିଲ କରାଯାଇନାହିଁ। ଉମ୍ରାନଙ୍କ ପେସ୍ ତାଙ୍କର ଶକ୍ତି ହୋଇଥିବା ବେଳେ ତାଙ୍କୁ ଏହି ଦଳରେ ବୁମରାଙ୍କ ବିକଳ୍ପ ଭାବରେ ବିବେଚନା କରାଯାଏ। ଅନ୍ତିମ ମ୍ୟାଚରେ ମହମ୍ମଦ ସିରାଜଙ୍କ ସ୍ଥାନରେ ତାଙ୍କୁ ସୁଯୋଗ ମିଳିପାରେ। ବିଶ୍ୱକପରେ ଗୋଟିଏ ମ୍ୟାଚ ଖେଳିବାର ସୁଯୋଗ ପାଇ ନ ଥିବା ଯୁଜବେନ୍ଦ୍ର ଚହଲ ପ୍ରଭାବୀ ପ୍ରଦର୍ଶନ କରିଥିବା ବେଳେ କୁଲଦୀପ ଯାଦବଙ୍କୁ ଗୋଟିଏ ସୁଯୋଗ ମିଳିପାରେ।

ଏହି ମ୍ୟାଚ ପୂର୍ବରୁ ପୂର୍ବ ନିର୍ଦ୍ଧାରିତ ମେଡିକାଲ ଆପଏଣ୍ଟମେଣ୍ଟ କାରଣରୁ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ୍ ବାଦ ପଡିବେ।ଏହା ଫିନ୍ ଆଲେନ୍ ଏବଂ ଗ୍ଲେନ୍ ଫିଲିପ୍ସଙ୍କ ପରି ଖେଳାଳିଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି ହେବ। ଡେଥ୍ ଓଭରରେ ସୂର୍ଯ୍ୟକୁମାରଙ୍କ ବିରୋଧରେ ନ୍ୟୁଜିଲାଣ୍ଡ ଦଳ ରନ୍ ବ୍ୟୟ କରିଥିବା ବେଳେ ଏହି ମ୍ୟାଚରେ ତ୍ରୁଟି ସଧାରିବାକୁ ପ୍ରୟାସ କରିବ।

# କାର୍ତ୍ତିକଙ୍କ ଶତକ ସତ୍ତ୍ୱେ ହାରିଲା ଓଡ଼ିଶା

**ଭୁବନେଶ୍ୱର,୨୧।୧୧, (ସ୍ପୋର୍ଟ୍ସ ବ୍ୟୁରୋ)**

ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର କ୍ରମାଗତ ୪ର୍ଥ ପରାଜୟ। ମଧ୍ୟକ୍ରମ ବ୍ୟାଟର୍ କାର୍ତ୍ତିକ ବିଶ୍ୱାଳଙ୍କ ଅପରାଜିତ ଶତକ ସତ୍ତ୍ୱେ ଓଡ଼ିଶା ପଞ୍ଜାବ ନିକଟରୁ ୫ ଉଇକେଟରେ ପରାଜିତ ହୋଇଛି। ଡି ୱାଇ ପାଟିଲ ଷ୍ଟାଡିୟମରେ ଖେଳା ଯାଥଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା କାର୍ତ୍ତିକଙ୍କ ଅପରାଜିତ ୧୦୭ ରନ୍ ବଳରେ

## ବିଜୟ ହଜାରେ ଟ୍ରଫି



ଜାଗୃତି ଏକାଡେମୀରେ କୋଚ୍ କ୍ଷୀରୋଦ ବେହେରାଙ୍କ ସହିତ କାର୍ତ୍ତିକ୍ ବିଶ୍ୱାଳ।

୭ ଉଇକେଟରେ ୨୫୧ ରନ କରିଥିଲା। ଜବାବରେ ପଞ୍ଜାବ ଅଧିନାୟକ ମନଦୀପ୍ ସିଂଙ୍କ ଅପରାଜିତ ୯୧ ରନ୍ ବଳରେ ୪୬.୪ ଓଭରରେ ୫ ଉଇକେଟ ହରାଇ ଜିତି ନେଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫୧ ରନରେ ଦୁଇ ଓପନରଙ୍କୁ ହରାଇଥିଲା। ଶୁଭ୍ରାଂଶୁ ସେନାପତି ୧୮ ଦଳୀୟ ସ୍କୋର ୯୦ରେ ପ୍ୟାଭିଲିୟନ ଫେରିଥିଲେ।ଏହାପରେ କାର୍ତ୍ତିକ (୧୦୭) ଓ ଭେଟେରାନ୍ ବିପ୍ଳବ ସାମନ୍ତରାୟ(୫୨)ଙ୍କ ମଧ୍ୟରେ ୧୦୮ ରନର ଭାଗିଦାରୀ ଓଡ଼ିଶାକୁ ସଙ୍କଟର ଉଦ୍ଧାର କରିଥିଲା। କାର୍ତ୍ତିକ ୧୧୨ ବଲ ଖେଳି ୧୦ ଚୌକା ଓ ୧ ଛକା ସହ ନିଜର ପ୍ରଥମ ଶତକ ହାସଲ କରିଥିଲେ। ୫୨ ବଲର ଇନିଂସରେ ବିପ୍ଳବ ୪ ଚୌକା ଓ ୧ ଛକା ମାରିଥିଲେ। ବିପ୍ଳବ ଓ ରାଜେଶ ଧୂପର ଲଗାତାର ବଲରେ ଆଉଟ ହେବା କାରଣରୁ ଓଡ଼ିଶା ୨୫୧ ରନ୍ କରିଥିଲା। ଜବାବରେ ପଞ୍ଜାବ ୭୮ ରନରେ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଅଧିନାୟକ ମନଦୀପ୍ ସିଂ ୯୮ ରନରେ ଅପରାଜିତ ରହିବା ସହିତ ଦଳକୁ ବିଜୟୀ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରୟାସ ସିଂ ସଫଳ ବୋଲର ଭାବେ ୪ ଉଇକେଟ ନେଇଥିଲେ।

# ଏକାମ୍ର କପ୍ ସେମିରେ ସହିଦ ନଗର

**ଭୁବନେଶ୍ୱର,୨୧।୧୧,(ସ୍ପୋର୍ଟ୍ସ ବ୍ୟୁରୋ):** କେଶୁରା ଖେଳ ପଡିଆରେ ଅନୁଷ୍ଠିତ ଏକାମ୍ର କପ୍ ଟେନିସ ବଲ ଟୁର୍ନାମେଣ୍ଟର ସେମି ଫାଇନାଲଲେ ପ୍ରବେଶ କରିଛି ସହିଦ ନଗର। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କଟକର ଚାର୍ଜ ଏକାଦଶକୁ ୮ ଉଇକେଟରେ ପରାସ୍ତ କରିଥିଲା ସହିଦ ନଗର। ପ୍ରଥମେ ବ୍ୟାଟିଂ କରି ଚାର୍ଜ ଏକାଦଶ ୧୦ ଓଭରରେ ୧୦୭ ରନରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ସହିଦ ନଗର ୭.୧ ଓଭରରେ ୨ ଉଇକେଟ ହରାଇ ଜିତିବା ସହିତ ସେମିରେ ପ୍ରବେଶ କରିଥିଲା। ଆଇନଜୀବୀ ଅଶୋକ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ତପନ ଭୋଳ ଓ ଅଚ୍ୟୁତାନନ୍ଦ ପ୍ରଧାନ ଅମ୍ପାୟାରିଂ କରିଥିଲେ। ଫ୍ରେଣ୍ଡସ କ୍ରିକେଟ କ୍ଲବ ପକ୍ଷରୁ କୃତାର୍ଥ ପ୍ରଧାନ ଖେଳ ଆୟୋଜନ କରିଥିଲେ।



ସହିଦ ନଗର ଟିମ୍‌ର ଚୁଇଁ କାଳିଆ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜଗଦିଶାନଙ୍କ ବିଶ୍ୱରେକର୍ଡ

**ବେଙ୍ଗାଲୁରୁ, ୨୧।୧୧, (ପି.ଟି.):** ବିଜୟ ହଜାରେ ଟ୍ରଫିରେ ଏକାଧିକ ବିଶ୍ୱରେକର୍ଡ ଭାଙ୍ଗିଛନ୍ତି ତାମିଲନାଡୁର ନାରାୟଣ ଜଗଦିଶାନ। ସୋମବାର ଅରୁଣାଚଳ ପ୍ରଦେଶ ମ୍ୟାଚରେ ଉଭୟ ତାମିଲନାଡୁ ଦଳ ଓ ଜଗଦିଶାନ ଏହି ସବୁ ରେକର୍ଡ ଭାଙ୍ଗିଥିଲେ। ସେ ୧୪୫ ବଲରୁ ୨୭୭ ରନ୍ କରିଥିବା ବେଳେ ତାମିଲନାଡୁ ୨ ଉଇକେଟରେ ୫୦୬ ରନ କରିଥିଲା। ଭାରତୀୟ ଦଳଙ୍କ ମଧ୍ୟରେ ଲିଷ୍ଟ ଏରେ ମୁମ୍ବାଇ ୪୭୫ ରନ୍ କରିଥିବା ବେଳେ ସରେ ୪୯୬ ରନ୍ କରିଥିଲା। ପ୍ରଥମ ଦଳ ଭାବରେ ତାମିଲନାଡୁ ୫୦୦ ରନ ଅତିକ୍ରମ କରିଥିଲା। ୨୬ ବର୍ଷୀୟ ଜଗଦିଶାନ ୨୭୭ ରନ୍ ସ୍କୋର କରିବା ସହିତ ୨୦୦୨ରେ ଆଲେଷ୍ଟୟାର ବ୍ରାଉନଙ୍କ ୨୬୮ ରନର ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର ରେକର୍ଡ ଭାଙ୍ଗିଥିଲେ। ଏହି ମ୍ୟାଚକୁ ତାମିଲନାଡୁ ୪୩୫ ରନରେ ଜିତିଥିଲା ଯାହାକି ଏକ ବିଶ୍ୱ ରେକର୍ଡ। ୧୯୯୦ ମସିହାରେ ଡେଭନକୁ ୩୪୬ ରନରେ ପରାସ୍ତ କରିଥିଲା ସମରସେଟ୍। ପ୍ରଥମ ଉଇକେଟରେ ୪୧୬ ରନ୍ ସଂଗ୍ରହ କରିଥିବା ବେଳେ ବିଶ୍ୱ ରେକର୍ଡ କରିଛି ତାମିଲନାଡୁ ଦଳ।






E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**SKY AUTOMOBILES**
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 7381045357. NARSINGHPUR: 7381045357.
KAMAKHYANAGAR: 7381045357. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

**TUSHI MOTORS**
CUTTACK: 9078076450.
PANIKOILI: 9078076450.
ATHAGARH: 9078076450.

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

*Offer includes consumer offer, exchange bonus, institutional offer or rural offer, Gold voucher and spot booking offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. ##As certified by Test agency under Rule 115(G) of CMVR 1989. ^^1.0 L VXI AGS petrol variants. For more details, please contact your nearest ARENA dealership. **Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th November, 2022.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ